

ଧରଣୀ ପୋର୍ଟାଲ ସୁରକ୍ଷା ପାଇଁ କେସିଆରଙ୍କ ଆହ୍ୱାନ | ୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଲିଙ୍ଗଗତ ସମାନତା ଉପରେ ସ୍ପିଚ୍ ଦେଇ ଆଲିଆ ଟ୍ରୋଲ୍ | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୭୬ Vol. 20 No-76 7 JUNE 2023 WEDNESDAY BHUBANESWAR ବୁଧବାର, ୭ ଜୁନ୍ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ବାହାନଗା ଟ୍ରେନ ଟ୍ରାଜେଡ଼ି

# ସିବିଆଇର ଖୋଳତାଡ଼



ବାହାନଗା/ଭୁବନେଶ୍ୱର,୬।୬ (ଭାସ୍କର ନ୍ୟୁଜ): ଗତ ୨ତାରିଖ ଶୁକ୍ରବାର ରାତିରେ ବାଲେଶ୍ୱର ଜିଲ୍ଲା ବାହାନଗା ଷ୍ଟେସନ ନିକଟରେ ଘଟିଥିବା ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି ସିବିଆଇ। ରେଳ ମନ୍ତ୍ରଣାଳୟର ଆବେଦନ ଉପରେ ସିବିଆଇ ଏହି ତଦନ୍ତ ଦାୟିତ୍ୱ ନେଇଛି। ଦିଲ୍ଲୀରୁ ଆସିଥିବା ସିବିଆଇର ଏକ ୧୦ ଜଣିଆ ଟିମ୍ ମଙ୍ଗଳବାର ଦୁର୍ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛନ୍ତି। ଜଣେ ଆଇଜି ର୍ୟାଙ୍କର ଅଧିକାରୀ ଏହି ତଦନ୍ତର

### ସିଗନାଲ ରୁମରୁ ତଦନ୍ତ ଆରମ୍ଭ
### ତଦନ୍ତ ଦାୟିତ୍ୱରେ ଆଇଜି ର୍ୟାଙ୍କ ଅଧିକାରୀ
### ଚାଲିଛି ଦୁର୍ଘଟଣାର କାରଣ ଖୋଜା
### ଅନ୍ତର୍ଘାତୀ ଦିଗ ଉପରେ ନଜର

ନେତୃତ୍ୱ ନେଉଛନ୍ତି। ବାଲେଶ୍ୱର ଜିଆର୍‌ପି ଥାନାଠାରୁ ତଦନ୍ତ ଦାୟିତ୍ୱ ସିବିଆଇ ନେବା ପରେ ଜୋରଦାର ଛାନଭିନ ଚଳାଇଛି। ପୂର୍ବରୁ ଜିଆର୍‌ପି ନିଜ ତରଫରୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସିବିଆଇ ବାହାନଗାରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣା ଆକସ୍ମିକ ଥିଲା ନା ଅପରାଧିକ ଷଡ଼ଯନ୍ତ୍ର ଥିଲା ସେନେଇ ତଦନ୍ତ ଚଳାଇଛି। ସିବିଆଇ ଟିମ୍ ସହ ସେଣ୍ଟ୍ରାଲ ଫୋରେନସିକର କେତେକ ସଦସ୍ୟ ମଧ୍ୟ ତଦନ୍ତରେ ସାମିଲ ହୋଇଛନ୍ତି। ପ୍ରଥମେ ସିବିଆଇ ଟିମ୍ ସିଗନାଲ ରୁମକୁ ଯାଇ ଖୋଳତାଡ଼ କରିବା ସହ କାଗଜପତ୍ର ଯାଞ୍ଚ କରିଥିବା ସୂଚନା ମିଳିଛି। ୧୦ ଜଣିଆ ଟିମ୍ ଦୁର୍ଘଟଣାସ୍ଥଳର ବିଶେଷ ଭାବେ ଲୁପ୍ ଲାଇନ ଓ ମେନ ଲାଇନକୁ ଯାଇ ତଦନ୍ତ କରୁଛନ୍ତି। ଏତେବଡ଼ ଦୁର୍ଘଟଣା କାହିଁକି ଘଟିଲା, ଏଥିପାଇଁ କିଏ ଦାୟୀ, ଜାଣିଶୁଣି ତ୍ରୁଟି ହୋଇଛି ନା ଅବହେଳାରୁ ଏତେ ବଡ଼ ଅଘଟଣ ଘଟିଛି, ମେନ ଲାଇନରୁ ଲୁପ୍ ଲାଇନକୁ କରମଣ୍ଡଳ ଏକ୍ସପ୍ରେସ କାହିଁକି ଗଲା, କିଏ ସିଗନାଲରେ ଟାମ୍ପରିଂ କଲା ସେସବୁ ପ୍ରଶ୍ନର ଉତ୍ତର ଖୋଜିବାରେ ଲାଗିଛି ସିବିଆଇ। ଏଥିସହ ବାହାନଗା ଷ୍ଟେସନ ମାଷ୍ଟର ଏସ ବି ମହାନ୍ତିଙ୍କୁ ସାଙ୍ଗରେ ନେଇ ସିବିଆଇ ତଦନ୍ତକୁ ଆଗକୁ ବଢାଉଛି। କିପରି ଦୁର୍ଘଟଣା ଘଟିଥିଲା ଓ ଦୁର୍ଘଟଣା ସମୟରେ କେଉଁମାନେ ଡ୍ୟୁଟିରେ ରହିଥିଲେ ସେନେଇ ମଧ୍ୟ ଅଧିକାରୀଙ୍କୁ ସିବିଆଇ ଟିମ ପଚରାଉଚରା କରିଥିବା ସୂଚନା ମିଳିଛି। ଏହାସହ ରିଲେ ରୁମକୁ ଯାଇ ମଧ୍ୟ ତଦନ୍ତ କରିଛି। ଅନ୍ୟପକ୍ଷରେ ରେଲୱେ ବୋର୍ଡ • ପୃଷ୍ଠା ୮ ଦେଖନ୍ତୁ

# ଚୂଡ଼ାନ୍ତ ମୃତ୍ୟୁ ସଂଖ୍ୟା ୨୮୮: ମୁଖ୍ୟ ସଚିବ



- ଓଡ଼ିଶାର ୩୯ ମୃତ ଯାତ୍ରୀ ଚିହ୍ନଟ
- ୧.୯୫ କୋଟିର ସହାୟତା ପ୍ରଦାନ
- ଚିହ୍ନଟ ହୋଇନି ୮୫ ମୃତଦେହ

ଭୁବନେଶ୍ୱର,୬।୬(ଭାସ୍କର ନ୍ୟୁଜ): ଗତ ୨ ତାରିଖ ରାତିରେ ବାଲେଶ୍ୱର ଜିଲ୍ଲା ବାହାନଗାଠାରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୨୮୮ରେ ପହଞ୍ଚିଛି ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଜିଲ୍ଲାପାଳମାନଙ୍କ ଚୂଡ଼ାନ୍ତ ରିପୋର୍ଟ ଆଧାରରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ସେ ଆହୁରି କହିଥିଲେ ଯେ ୨୮୮ ମୃତଦେହ ମଧ୍ୟରୁ ୨୦୫ ଜଣଙ୍କ ମୃତଦେହ ଚିହ୍ନଟ କରାଯାଇ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଭୁବନେଶ୍ୱରକୁ ଆସିଥିବା ୧୯୩ଟି ମୃତଦେହରୁ ୧୧୦ଟି ଚିହ୍ନଟ କରାଯାଇଥିଲା। ତେବେ ସମସ୍ତ ପ୍ରକାର ଯାଞ୍ଚ ପରେ ୧୧୦ ମୃତଦେହ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ବାଲେଶ୍ୱରରେ ଚିହ୍ନଟ ହୋଇଥିବା ୯୪ଟି ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର ହୋଇଛି। ଭଦ୍ରକ ହସ୍ପିଟାଲରେ ମୃତ୍ୟୁବରଣ କରିଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଚିହ୍ନଟ ପରେ ପରିବାରବର୍ଗଙ୍କୁ ଦିଆଯାଇଛି। ତେବେ ବାକି ରହିଥିବା ୮୩ଟି ମୃତଦେହକୁ ସୁରକ୍ଷିତ ରଖାଯିବା ସହ ସେମାନଙ୍କ ଡିଏନ୍‌ଏ ସାମ୍ପଲ ରଖାଯାଇଛି। ପରିବାରବର୍ଗ ଆସିଲେ ଡିଏନ୍‌ଏ ସହ ମେଳ କରାଯାଇ ହସ୍ତାନ୍ତର କରାଯିବ। ସେ ଆହୁରି କହିଥିଲେ ଯେ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଓଡ଼ିଶାର ୩୯ ଜଣ ରହିଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ ବାଲେଶ୍ୱରର ୧୪ ଜଣ, ମୟୂରଭଞ୍ଜର ୯ ଜଣ, ଭଦ୍ରକର ୮ ଜଣ, ଯାଜପୁରର ୨ ଜଣ, ଖୋର୍ଦ୍ଧାର ୨ ଜଣ, କଟକର ୩ ଜଣ ଓ କେନ୍ଦୁଝରର ଜଣେ ଅଛନ୍ତି। ଏହି ୩୯ ଜଣଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ୫ ଲକ୍ଷ ଲେଖାଏଁ ସହାୟତା ରାଶି ଯୋଗାଇ ଦିଆଯାଇଛି। ମୋଟ ୧.୯୫ କୋଟି ଟଙ୍କା ସହାୟତା ଆକାରରେ ଯୋଗାଇ ଦିଆଯାଇଥିବା ଶ୍ରୀ ଜେନା କହିଥିଲେ।

## ସଂକ୍ଷେପରେ...

### ହାତୀ ଆକ୍ରମଣରେ ୩ ମୃତ

ଭୁବନେଶ୍ୱର,୬।୬(ଭାସ୍କର ନ୍ୟୁଜ): ମଙ୍ଗଳବାର ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନରେ ହାତୀ ଆକ୍ରମଣରେ ୩ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଦୁଇଜଣ ମହିଳା ରହିଛନ୍ତି। ଅନୁଗୋଳ ବନଖଣ୍ଡ ବନ୍ତଲା ହମାମିରା ଗାଁ ନିକଟରେ ହାତୀ ଆକ୍ରମଣରେ ଚମ୍ପାବତୀ ସାହୁ ନାମକ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ବାରିପଦା ରେଞ୍ଜ ଶରତଚନ୍ଦ୍ରପୁର ଗଜଡ଼ି ଜଙ୍ଗଲରେ ସୀତା ଟୁଡୁ ନାମକ ଜଣେ ମହିଳାଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ରେଞ୍ଜ ଦଲକ ଗାଁରେ ଦେବରାଜ ହରିଚନ୍ଦନଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

### ୪୩ ଡିଗ୍ରୀ ଉପରେ ୩ ସହର

ଭୁବନେଶ୍ୱର,୬।୬(ଭାସ୍କର ନ୍ୟୁଜ): ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ମଙ୍ଗଳବାର ୩ ସହରର ତାପମାତ୍ରା ୪୩ ଡିଗ୍ରୀ ଉପରେ ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୪୩.୮ ଡିଗ୍ରୀ ସହ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର ହୋଇଥିବାବେଳେ ତା ତଳକୁ ସମ୍ବଲପୁରର ତାପମାତ୍ରା ୪୩.୬, ହୀରାକୁଦର ତାପମାତ୍ରା ୪୩.୩ ଡିଗ୍ରୀ ରହିଛି। ସେହିପରି ୪୨ ଡିଗ୍ରୀ ଉପରେ ମଧ୍ୟ ୩ଟି ସହର ରହିଛି। ରାଉରକେଲାର ତାପମାତ୍ରା ୪୨.୪ ଡିଗ୍ରୀ ରହିଥିବାବେଳେ ବରଗଡ଼ରେ ୪୨.୧ ଓ ବାରିପଦାରେ ୪୨ ଡିଗ୍ରୀ ରହିଛି। ତେବେ ଭୁବନେଶ୍ୱରର ତାପମାତ୍ରା ୪୧.୯ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ସୋନପୁରର ତାପମାତ୍ରା ୪୧.୮, ବଲାଙ୍ଗୀରରେ ୪୧.୭, ସୁନ୍ଦରଗଡ଼ରେ ୪୧.୨ ଡିଗ୍ରୀ ଥିବା ରେକର୍ଡ ହୋଇଛି।

ସେନ୍‌ସେକ୍ସ: ୬୨,୭୯୨.୮୮
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୪୧.୯ ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

### ୬।୬ର ମତାମତ

ଟ୍ରେନ୍ ଦୁର୍ଘଟଣାକୁ ନେଇ ରାଜନୀତି କରାଯିବା ଗ୍ରହଣୀୟ କି?




### ଆଜିର ପ୍ରସଙ୍ଗ

ହାତୀ-ମଣିଷ ମଧ୍ୟରେ ଚାଲିଥିବା ଲଢେଇ ରୋକାଯିବା ସମ୍ଭବପର କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

# ପଶ୍ଚିମବଙ୍ଗର ୩୧ ନିଖୋଜ: ମମତା

## ଏସ୍‌ସିବିରେ ଆହତଙ୍କୁ ଭେଟିଲେ



କଟକ,୬।୬(ଭାସ୍କର ନ୍ୟୁଜ): ଗତ ଶୁକ୍ରବାର ବାଲେଶ୍ୱର ଜିଲ୍ଲା ବାହାନଗାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ଆହତ ହୋଇ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପଶ୍ଚିମବଙ୍ଗର ଯାତ୍ରୀଙ୍କୁ ମଙ୍ଗଳବାର ସାକ୍ଷାତ କରିଥିଲେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ମମତା ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ଆହତମାନଙ୍କୁ ସାକ୍ଷାତ କରି ସାରିବା ପରେ ଗଣମାଧ୍ୟମକୁ ମମତା କହିଥିଲେ ଯେ ତାଙ୍କ ରାଜ୍ୟର ୩୧ ଜଣ ଯାତ୍ରୀ ନିଖୋଜ ରହିଛନ୍ତି। ସେମାନଙ୍କ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ମିଳିପାରି ନାହିଁ। ପଶ୍ଚିମବଙ୍ଗର ୧୦୩ ଜଣଙ୍କ ମୃତଦେହକୁ ଚିହ୍ନଟ କରାଯାଇଥିବାବେଳେ ୮୭ ମୃତଦେହ ପଶ୍ଚିମବଙ୍ଗରେ ପହଞ୍ଚି ସାରିଛି। ଓଡ଼ିଶାର ବିଭିନ୍ନ ହସ୍ପିଟାଲରେ ଏବେ ୯୭ ଜଣ ଚିକିତ୍ସାଧୀନ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଏସସିବିରେ କେବଳ ୫୩ ଜଣ ଚିକିତ୍ସିତ ହେଉଛନ୍ତି। ତେବେ ପୂର୍ବରୁ ସିବିଆଇ ତଦନ୍ତକୁ ନାପସନ୍ଦ କରୁଥିବା ମମତା ମଙ୍ଗଳବାର ଏ ସମ୍ପର୍କରେ କୌଣସି ମନ୍ତବ୍ୟ ଦେଖାକୁ ସ୍ପଷ୍ଟ ମନା କରିଦେଇଥିଲେ। ସେ କେବଳ କହିଥିଲେ ସତ ଦବି ନଯାଉ, ଯାହା ସତ ତାହା ସାମ୍ନାକୁ ଆସୁ। ଏହି ଦୁର୍ଘଟଣାରେ ବହୁ • ପୃଷ୍ଠା ୮ ଦେଖନ୍ତୁ

## ବାତ୍ୟା ଯୋଗୁ ମୌସୁମୀରେ ବିଳମ୍ବ

# ୧୫ ପରେ ଓଡ଼ିଶା ଛୁଇଁବ



ଭୁବନେଶ୍ୱର,୬।୬(ଭାସ୍କର ନ୍ୟୁଜ): ଆରବ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ମୌସୁମୀ ବିଳମ୍ବରେ ଆସିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଆସନ୍ତା ୧୫ ତାରିଖ ପରେ ମୌସୁମୀ ବାୟୁ ଓଡ଼ିଶା ଉପକୂଳ ଛୁଇଁବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କେରଳ ଅଭିମୁଖେ ବଢୁଥିବା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଲଘୁଚାପ ଯୋଗୁଁ ବିଳମ୍ବ ହେଉଛି। ଏହାର ପ୍ରଭାବରେ ଆସନ୍ତା ୮ ତାରିଖରୁ ଆଭ୍ୟନ୍ତରୀଣ ଓଡ଼ିଶାର ପ୍ରଚଣ୍ଡ ତାତିର ସମ୍ଭାବନା ରହିଛି। ଏପରିକି ୪୦ରୁ ୪୫ ଡିଗ୍ରୀ ପାରଦ ଛୁଇଁପାରେ ବୋଲି କୁହାଯାଇଛି। ସେପଟେ ଆରବ ସାଗରରେ ସୃଷ୍ଟି ହୋଇଥିବା ଅବପାତ ବାତ୍ୟାର ରୂପ ନେଇଛି। ଏହା ଏବେ ପୂର୍ବ ମଧ୍ୟ ଏବଂ ଦକ୍ଷିଣ ପୂର୍ବ ଆରବ ସାଗର ମଧ୍ୟରେ ଗୋଆ ଉପକୂଳ ଠାରୁ • ପୃଷ୍ଠା ୮ ଦେଖନ୍ତୁ

## ସତର୍କ ସୂଚନା ଜାରି

### ଯେକୌଣସି ମୁହୂର୍ତ୍ତରେ ଛଡ଼ାଯିବ ହୀରାକୁଦରୁ ବନ୍ୟାଜଳ

ସମ୍ବଲପୁର,୬।୬(ଭାସ୍କର ନ୍ୟୁଜ): ଯେକୌଣସି ମୁହୂର୍ତ୍ତରେ ହୀରାକୁଦ ଜଳ ଭଣ୍ଡାରରୁ ବନ୍ୟା ଜଳ ଛଡ଼ା ଯିବାର ସମ୍ଭାବନା ରହିଛି। ଏନେଇ ମଙ୍ଗଳବାର ସତର୍କ ସୂଚନା ଜାରି କରିଛନ୍ତି ହୀରାକୁଦ ଡ୍ୟାମର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ। ଏନେଇ ତଳମୁଣ୍ଡର ୧୨ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଆଗୁଆ ସତର୍କ କରି ଦିଆଯାଇଛି। ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ମହାନଦୀରେ ଚଳପ୍ରଚଳ ଓ ବ୍ୟବହାରରେ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି। ହୀରାକୁଦ • ପୃଷ୍ଠା ୮ ଦେଖନ୍ତୁ

# ବିଦ୍ୟୁତ ଆଘାତରେ ଗଲା ୪୦ ଜୀବନ

ବାହାନଗା,୬।୬(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ବାହାନଗାରେ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣା ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଥିବାବେଳେ ଏଥିରେ ୨୮୮ଜଣଙ୍କର ଅକାଳ ମୃତ୍ୟୁ ଘଟିଛି। ତେବେ ସେଥିମଧ୍ୟରୁ ବିଦ୍ୟୁତ ଆଘାତ ଯୋଗୁ ୪୦ଜଣଙ୍କର ଜୀବନ ଯାଇଥିବା ଏହି ଦୁର୍ଘଟଣାର ତଦନ୍ତ କରୁଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଶୁକ୍ରବାର ରାତିରେ ଭୟଙ୍କର ଦୁର୍ଘଟଣାରେ ପ୍ରଥମେ ଲୁପ୍ ଲାଇନରେ ଥିବା ଏକ ମାଲବାହୀ ଟ୍ରେନ୍‌ରେ କରମଣ୍ଡଳ ଏକ୍ସପ୍ରେସ୍ ପିଟି ହୋଇଯାଇଥିଲା। ଏହାପରେ ଅନ୍ୟଏକ ମୁଖ୍ୟ ଲାଇନରେ କରମଣ୍ଡଳ ଏକ୍ସପ୍ରେସର ଦୁଇଟି ବଗି ଛିଟିକି ପଡ଼ିଥିବାବେଳେ ଯଶୋବନ୍ତପୁର ଏକ୍ସପ୍ରେସ୍‌କୁ ତାହାକୁ ଧକ୍କା ଦେଇଥିଲା। ଏହି ଧକ୍କାପରେ ବିଦ୍ୟୁତ ତାର ଛିଡି ବଗିଗୁଡ଼ିକ ଉପରେ ପଡ଼ି ଯାଇଥିଲା। ଦୁର୍ଘଟଣା ପରେ ଟ୍ରାକ୍ ତଥା ବଗିରେ ଶହଶହ ମୃତଦେହ ପଡ଼ିଥିବାବେଳେ ବହୁ ମୃତଦେହରେ କ୍ଷତଚିହ୍ନ ଦେଖିବାକୁ ମିଳିଥିଲା। ମାତ୍ର କେତେକଙ୍କ ମୃତଦେହରେ କିଛି ବି କ୍ଷତ ଚିହ୍ନ ନଥିବାରୁ ସେମାନଙ୍କ ମୃତ୍ୟୁ ବିଦ୍ୟୁତ ଆଘାତରେ ହୋଇଥିବା ଏହି ଅଧିକାରୀଜଣକ କହିଥିଲେ। ସେହିପରି ପୂର୍ବତଟ ରେଳପଥର ଜଣେ ଅବସରପ୍ରାପ୍ତ ଅଧିକାରୀ କହିଛନ୍ତି ଯେ ବିଦ୍ୟୁତ ତାର ଟ୍ରେନ୍ ବଗି ସଂସ୍ପର୍ଶରେ ଆସିବା ସମୟରେ ଯାତ୍ରୀମାନେ ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି। ସୂଚନାଯୋଗ୍ୟ ଯେ ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ମୋଟ ୨୮୮ଜଣଙ୍କର ମୃତ୍ୟୁ ହୋଇଥିବା ନେଇ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ

# ଏକକାଳୀନ ୭ ସ୍ଥାନରେ ଚଢଉ



ସୁନ୍ଦରଗଡ,୬।୬(ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଆର୍‌ଡବ୍ଲ୍ୟୁଡି ସହକାରୀ ଯନ୍ତ୍ରୀ ସଞ୍ଜୟ ବେହେରାଙ୍କ ଘରେ ଭିଜିଲାନ୍ସ ଚଢଉ ଚାଲୁ ରହିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶ୍ରୀ ବେହେରାଙ୍କ ବାସଭବନ ସମେତ ଏକକାଳୀନ ୭ଟି ସ୍ଥାନରେ ଚଢଉ ଚାଲୁ ରହିଛି। ଶ୍ରୀ ବେହେରାଙ୍କ ସୁନ୍ଦରଗଡ଼ସ୍ଥିତ କେନ୍ଦୁପଦା ଭଡ଼ାଘର, ଲେଫ୍ରିପଡ଼ାସ୍ଥିତ କାର୍ଯ୍ୟାଳୟ, ସୁନ୍ଦରଗଡ଼ ଡିଭିନ ଅଫିସ, ଭଦ୍ରକ ସହରରେ ଥିବା ଦୁଇ ମହଲା କୋଠା, ଭଦ୍ରକ ଜିଲ୍ଲା ବନ୍ତରେ ଥିବା ପୈତୃକ ବାସଭବନ, ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ସିନ୍ଦୋଲସ୍ଥିତ ଶ୍ୱଶୁର ଘର ଓ ଲେଫ୍ରିପଡ଼ା ଅଫିସ ପରିସରରେ ଥିବା ସରକାରୀ ବାସଭବନରେ ଚଢଉ ଚାଲିଛି। ଏହି ଚଢଉରେ ଭିଜିଲାନ୍ସର ୭ଟି ଟିମ୍ ସାମିଲ ହୋଇଛନ୍ତି। ଏହି ଟିମ୍‌ରେ ୪ ଜଣ ଡିଏସ୍‌ପି, ୧୦ ଜଣ ଇନିସପେକ୍ଟର, ୪ ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ହୋଇଛନ୍ତି। ଶ୍ରୀ ବେହେରା ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ନିକଟରେ ପୂର୍ବରୁ ଅଭିଯୋଗ ହୋଇଥିଲା। ଚଢଉ ସମୟରେ ତାଙ୍କ ଘରୁ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ବିପୁଳ ପରିମାଣର ସମ୍ପତ୍ତି ଠାବ କରାଯାଇଥିବା ସୂଚନା ମିଳିଛି। ତାଙ୍କ ଘରୁ ୧.୬୧ କୋଟି ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା ସଂପର୍କିତ • ପୃଷ୍ଠା ୮ ଦେଖନ୍ତୁ

# ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ୍‌ରେ ନିଆଁ



ବ୍ରହ୍ମପୁର,୬।୬(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ବାହାନଗାରେ ଘଟିଥିବା ଭୟଙ୍କର ଟ୍ରେନ ଦୁର୍ଘଟଣା ଲୋକଙ୍କ ମନରୁ ଲିଭିନଥିବା ବେଳେ ମଙ୍ଗଳବାର ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସରେ ନିଆଁ ଲାଗିଥିବା ସୂଚନା ମିଳିଛି। ଏହି ଏକ୍ସପ୍ରେସର ବି-୫ ବଗିରୁ ଧୂଆଁ ବାହାରୁଥିବା ଜଣା ପଡ଼ିବା ପରେ ଯାତ୍ରୀମାନେ ଭୟଭୀତ ହୋଇ ଟ୍ରେନରୁ ଓହ୍ଲାଇ ପଡ଼ିଥିଲେ। ଏଥିରେ କେହି ମୃତାହତ ହୋଇ ନାହାନ୍ତି କିମ୍ବା କାହାରି କିଛି କ୍ଷତି ହୋଇଥିବା ସୂଚନା ମିଳିନାହିଁ। ଟ୍ରେନଟି ସିକନ୍ଦରାବାଦରୁ ତ୍ରିପୁରାରର ଅଗରତାଲାକୁ ଯାଉଥିଲା। ବ୍ରହ୍ମପୁର ଷ୍ଟେସନରେ ଟ୍ରେନଟି ଅଟକି ଥିବା ବେଳେ ଏସି ବଗିରୁ ଧୂଆଁ ବାହାରୁ ଥିବା ଯାତ୍ରୀମାନେ ଦେଖିଥିଲେ। ଏନେଇ ସେମାନେ ଭୟଭୀତ ହୋଇ ବଗିରୁ ଓହ୍ଲାଇ ପଡ଼ିଥିଲେ। ରେଳ ବିଭାଗ ପକ୍ଷରୁ ଅଗ୍ନିଶମ ବାହିନୀକୁ ଖବର ଦିଆଯିବା ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। • ପୃଷ୍ଠା ୮ ଦେଖନ୍ତୁ

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



କୁଆଡେ ଗଲା ସେ କବଚ ଫବଚ
ମନଗଢା ଭୂତ କାହାଣୀ,
କେତେ କେତେ ଲୋକ ଶବ ପାଲଟିଲେ
ଟାଣି ନେଇଗଲା ମଶାଣୀ ।
ନେତାମାନଙ୍କର ଫୁଟାଣି,
ପାଣିର ଫୋଟକା ପରି ଫାଟିଗଲେ
ଲାଗନ୍ତି ସତେକି ଡାହାଣୀ !!



ପାରାଦ୍ୱୀପ, (ଭାସ୍କର ନ୍ୟୁଜ):ବାଲେଶ୍ୱରର ବାହାନଗା ଠାରେ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଏବଂ ମେଡିକାଲରେ ଚିକିତ୍ସାଧୀନ ଥିବା ବ୍ୟକ୍ତିମାନଙ୍କର ଆଶୁ ଆରୋଗ୍ୟ କାମନା କରି ପାରାଦ୍ୱୀପରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଅସହାୟ କଲ୍ୟାଣ ସମିତିର ସମସ୍ତ ମେମ୍ବର ଏବଂ ତାଙ୍କର ସହଯୋଗୀ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଛନ୍ତି। ପାରାଦ୍ୱୀପ ଷଣ୍ଢକୁଦ ନିକଟ ହନୁମାନ ମନ୍ଦିରରେ ମୃତ୍ୟୁ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ମହମବତୀ ପ୍ରଜ୍ୱଳନ କରି ନିରବ ପ୍ରାଥନା କରି ସହର ପରିକ୍ରମା କରାଯାଇଥିଲା। ଏଥିରେ ଅସହାୟ କଲ୍ୟାଣ ସମିତିର ଉପଦେଷ୍ଟା ଯୁଧିଷ୍ଠିର ସ୍ୱାଇଁ, ସଭାପତି ପଞ୍ଚାନନ ବେହେରା, ଉପସଭାପତି କୈଳାଶ ଗୋଛାୟତ, ଉପସଭାପତି ଧରିତ୍ରୀ ସାମଲ, ସମ୍ପାଦିକା ପ୍ରୀତିରେଖା ନାୟକ, ଜ୍ୟୋତ୍ସାରାଣୀ ଦାସ, ରୀନା ମଲିକ, ସୂର୍ଯ୍ୟ ଶିଖା ପଟ୍ଟନାୟକ, ମମତା ବିଶ୍ୱାଳ, ସୁଶାନ୍ତ ଜେନା, ରୁନିଆ ଜେନା, ସରୋଜିନୀ ଜେନା, ଶିବ ପ୍ରସାଦ ବାରିକ, ରଶ୍ମିତା ସାହୁ, ଲକ୍ଷ୍ମୀପ୍ରିୟା ମାଇତି, ରଶ୍ମିତା ଓଝା ଏବଂ ଛୋଟ ପିଲା ଓ ଯୁବଗୋଷ୍ଠୀ ସାମିଲ ହୋଇ ନିରବ ପ୍ରାର୍ଥନା କରିଥିଲେ।

# ଶିଶୁଙ୍କୁ ଯୌନ ନିର୍ଯାତନା, ଦୁଇ ଶିଶୁ ଉଦ୍ଧାର



ବାଲିପାଟଣା (ଭାସ୍କର ନ୍ୟୁଜ୍): ଏକ ସ୍ୱର୍ଶକାତର ଘଟଣା କ୍ରମ ରେ ଆଜି ବାଲିପାଟଣା ଥାନା ଅନ୍ତର୍ଗତ ଅପୁଜା ଠାରେ ଥିବା ଏକ ମଦ୍ରାସାରୁ ଲୁଚି ପଳାଇ ଯାଇଥିବା ଦୁଇ ଶିଶୁଙ୍କୁ ଉଦ୍ଧାର କଲା ବାଳ ସୁରକ୍ଷା ବିଭାଗ। ଝାଡଖଣ୍ଡର ଗୋଡା ଥାନା ଅନ୍ତର୍ଗତ ମୋହନପୁର ଏବଂ ବିହାରର ଭାଗଲପୁରା ଜିଲ୍ଲା ସାଗରଦିନାର ଦୁଇ ଶିଶୁ । ଜଣେ ଶିଶୁ ୧୩ ବର୍ଷର ଓ ଅନ୍ୟ ଜଣେ ୧୦ ବର୍ଷର। ସେମାନଙ୍କୁ ପ୍ରାୟ ଦେଢ ବର୍ଷ ହେବ ଝାଡଖଣ୍ଡର ରିଜୱାନ୍ ନାମକ ବ୍ୟକ୍ତି ଉକ୍ତ ମଦ୍ରାସାକୁ ପାଠ ପଢ଼ାଇବା ନାଁରେ ଆଣିଥିବା ଦୁଇ ଶିଶୁ ସୂଚନା ଦେଇଛନ୍ତି। ଉକ୍ତ ମଦ୍ରାସାରେ ପ୍ରାୟ ୭୦ ଜଣ ଶିଶୁ ଥିବା ସୂଚନା । ସେମାନଙ୍କୁ ରିଜୱାନ୍ ମାଡ ମାରିବା ସହିତ ସେମାନଙ୍କ ସହିତ ଜୋର ଜବରଦସ୍ତି ସମଲିଙ୍ଗୀ ଯୌନ ନିର୍ଯାତନା ଦଉଥିଲା। ଅତିଷ୍ଠ ହୋଇ ଉକ୍ତ ଦୁଇ ଶିଶୁ ଗତ କାଲି ସନ୍ଧ୍ୟାରେ ଲୁଚି କି ପଳାଇଯାଇ ନିଆଳି ସ୍ଥିତ ଏକ ଦୋକାନ ବାରଣ୍ଡାରେ ବସି କାନ୍ଦୁଥିବାର ଦୋକାନୀ ଜଣଙ୍କ ଦେଖି ତାଙ୍କୁ ଘରେ ଆଶ୍ରୟ ଦେଇ ବାଳ ସୁରକ୍ଷା ବିଭାଗକୁ ଜଣାଇଥିଲେ। ବାଳ ସୁରକ୍ଷା ବିଭାଗ ନିର୍ଦ୍ଦେଶକ ବେଣୁଧର ସେନାପତି ବାଲିପାଟଣା ଥାନାରେ ଖବର ଦେବାପରେ ବାଲିପାଟଣା ଥାନା ପୋଲିସ୍ ଦୁଇ ଶିଶୁଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ବାଳ ସୁରକ୍ଷା କର୍ମକର୍ତ୍ତା ହରପ୍ରିୟା ପତି, ଅଜୟ ମହାରଣା ଥାନାକୁ ଆସି ଉକ୍ତ ଦୁଇ ଶିଶୁଙ୍କୁ ନିଜ ହେପାଜତରେ ନେଇଥିବା ସୂଚନା।

# ବାଲିପାଟଣାରେ କାଳ ବୈଶାଖୀ ତାଣ୍ଡବ

ବାଲିପାଟଣା (ଭାସ୍କର ନ୍ୟୁଜ୍): ଆଜି ବାଲିପାଟଣାରେ ଦିନ ପ୍ରାୟ ୩ ଟା ସମୟରେ କାଳ ବୈଶାଖୀର ତାଣ୍ଡବରେ ଗଛ ଭାଙ୍ଗିଲା, ଘର ଆଜବେଷ୍ଟ ଉଡାଇଲା । ବର୍ଷା, ଘଡଘଡି , ପବନ ସହିତ କୁଆ ପଥର ମାଡ କିଛି ସମୟ ପାଇଁ ଲୋକଙ୍କ ମନରେ ବାତ୍ୟା ର ଭୟ କରିଦେଇଥିବା ଦେଖିବାକୁ ମିଳିଛି । ଜୋରରେ ପବନ ବହିବା ସାଙ୍ଗକୁ ବର୍ଷା ଏବଂ କୁଆପଥର ମାଡ ରେ ଲୋକ ମାନେ ଭୟଭୀତ ହୋଇପଡିଥିଲେ। ବହୁ ସ୍ଥାନରେ ଗଛ ଭାଙ୍ଗି ପଡିବା ସହିତ କିଛି ସ୍ଥାନରେ ଆଜବେଷ୍ଟ ଭାଙ୍ଗି ଯାଇଥିବା ସୂଚନା ମିଳିଛି। କିଛି ସମୟ ବାଲିପାଟଣା ରେ ଯାତାୟତ ଠପ୍ କରିଦେଇଥିଲା। ଏଥିଯୋଗୁ ବିଦ୍ୟୁତ୍ ସରବରାହ ମଧ ଠପ୍ ହୋଇଯାଇଛି।

# ଜାତୀୟ ରାଜପଥ କଡ଼ରେ ବିପଦଜନକ ଅବସ୍ଥାରେ ବିତୁଛି ବୃଦ୍ଧାଙ୍କ ଜୀବନ

ଖଇରପୁଟ,(ଭାସ୍କର ନ୍ୟୁଜ୍): ବୟସର ଅପରାହ୍ନରେ ଜରାଜୀର୍ଣ୍ଣ ଅବସ୍ଥାରେ ଜାତୀୟ ରାଜପଥ କଡ଼ରେ ବିପଦ୍ଜନକ ଅବସ୍ଥାରେ ବିତୁଛି ବୃଦ୍ଧାଙ୍କ ଜୀବନ। ଏଭଳି ଏକ ଦାରୁଣ ଦୃଶ୍ୟ ମିଳିଛି ମାଲକାନଗିରି ସଦର ଅନ୍ତର୍ଗତ ସୋରିଷମାଳ ଗାଁ ନିକଟବର୍ତ୍ତୀ ଏକ ଜଙ୍ଗଲରେ ଯାହା ମାଲକାନଗିରିକୁ ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ କଡରେ । ପ୍ରାୟ ୭୦/୮୦ ବର୍ଷ ବୟସର ବୃଦ୍ଧା ଅନ୍ଧାରର ଛାତି ଚିରି ଜହ୍ନ ରାତିର ଆକାଶକୁ ହିଁ ଛାତ ଭାବିନେଇ ଆଶ୍ରୟ ନେଇଛି। ନିଜର ନାମ ଓ ପରିଚୟ ମଧ କହିପାରୁ ନାହାନ୍ତି ବୃଦ୍ଧା ଜଣକ। ନିଶର୍ତ୍ତ ଗଣ ମାଧ୍ୟମର ଜିଲ୍ଲା ସ୍ୱତନ୍ତ୍ର ପ୍ରତିନିଧି ଦେବବ୍ରତ ବେହେରା ଦୀର୍ଘ ଚାରି ଘଣ୍ଟାର ଅପେକ୍ଷା ପରେ ମାଲକାନଗିରି ପୋଲିସର ସହାୟତା ଲୋଡିଥିଲେ। ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋଙ୍କୁ ଖବର ଦେବାପରେ ଗାଡି ଓ ଥାନା କର୍ମଚାରୀ ଙ୍କୁ ପଠାଇ ବୃଦ୍ଧାଙ୍କୁ ଉଦ୍ଧାର କରି ମାଲକାନଗିରି ଆଣିଥିଲେ।




ବିକାଶର ଡିମଡିମା ପିଟୁଥିବା ମୋ ସରକାର ତରଫରୁ ରାସ୍ତାରେ ଖଣ୍ଡେ ଆଲୋକ ଶିଖା ପାଇବା ମଧ ଆଶାତୀତ । ଏଭଳି ଅବସ୍ଥାରେ ବୃଦ୍ଧା ଜଣକ କିନ୍ତୁ କୌଣସି ଜଙ୍ଗଲ ଜନ୍ତୁ ଅବା ଅନ୍ଧାର କିମ୍ବା ଦୁର୍ଘଟଣାର କୌଣସି ସମ୍ଭାବନାକୁ ଭ୍ରୁକ୍ଷେପ ନକରି ନିଜର ଏହି ଅଲୋଡ଼ା ଜୀବନକୁ ବିତାଉଛନ୍ତି। ପ୍ରକାଶ ଥାଉ କି ବିଗତ ଅଳ୍ପ କିଛି ଦିନ ତଳେ ପ୍ରକୃତିର ତାଣ୍ଡବଲୀଳାରେ ଧ୍ୱସ୍ତ ବିଧ୍ୱସ୍ତ ମାଲକାନଗିରି ଜିଲ୍ଲା। ଗତକାଲି ମଧ ବେଶ୍ ଝଡ଼ ବତାସ ଦେଖିବାକୁ ମିଳିଥିଲା। ତା'ସତ୍ତ୍ୱେ ମଧ ଏସବୁ ଘଟଣାକୁ ଖାତିର ନକରି ମୃତ୍ୟୁର ଅପେକ୍ଷାରେ ବୃଦ୍ଧା। ଜାତୀୟ ରାଜପଥରେ ସରକାରଙ୍କ ତରଫରୁ ଯଦିଓ ବିଜୁଳିବତୀ ଖଣ୍ଡିଏ ନାହିଁ କିନ୍ତୁ ରାତି ତମାମ୍ କାର, ଟ୍ରକ୍, ବସ୍, ମଟର ସାଇକେଲ କିନ୍ତୁ ପ୍ରତି ସମୟ ଅନ୍ତରାଳରେ ଯାଆ ଆସ କରୁଛି। କିନ୍ତୁ କାହାର ନଜର ପଡୁନାହିଁ ଏହି ବୁଢ଼ୀ ମାଆଙ୍କ କରୁଣ ବଦନରେ। ବିକାଶ ଓ ପୁଞ୍ଜିବାଦର ସ୍ୱପ୍ନ ତଳେ ବନ୍ଧା ଆଜି ମାନବିକତା । କାହା ପାଖରେ କ୍ଷଣିକ ମାତ୍ର ସମୟ ନାହିଁ, ସମସ୍ତେ ଆଜି ବ୍ୟସ୍ତ। ଗଣମାଧ୍ୟମ ପ୍ରତିନିଧି ଟୋଲ୍ ଫ୍ରୀ ନଂ ୧୧୨କୁ ଯଦିଓ ଯୋଗାଯୋଗ କରିଥିଲେ କିନ୍ତୁ ପୁନଶ୍ଚ ଯୋଗାଯୋଗ କରିବାର ପ୍ରତିଶ୍ରୁତି ହିଁ କେବଳ ମିଳିଥିଲା କିନ୍ତୁ ଜିଲ୍ଲା ସାମାଜିକ ନିରାପତ୍ତା ଅଧିକାରୀ କି କାହାର ମଧ ଘଟଣା ସ୍ଥଳରେ ପହଞ୍ଚିବା ଲକ୍ଷ୍ୟ କରାଯାଇ ପାରିନାହିଁ। ବୃଦ୍ଧା ଜଣକ ନିଜ ଠିକଣା ସହ ନିଜ ପରିଚିତ ମଧ ନିଜେ କହି ପାରୁ ନଥିବା ସୂଚନା ମିଳିଛି ।

# ସମଲ ଓ ଏନ୍‌ଟିପିସି ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ




କଣିହାଁ,(ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ସମଲ ଓ ଏନଟିପିସି ଥାନାରେ ନୂତନ ଆଇଆଇସି ଯୋଗଦାନ କରିଛନ୍ତି ଗତ ୧ ତାରିଖରେ ଜିଲ୍ଲା ଆରକ୍ଷୀ ଅଧକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଆଇଆଇସି ଓ ଏସଆଇ ସ୍ତରରେ ଅଦଳବଦଳ ହୋଇଥିଲା ଏହି ଅଦଳବଦଳକୁ ନେଇ ସମଲ ଥାନାରେ ଜରପଡା ଥାନା ଆଇଆଇସି ସରୋଜକାନ୍ତ ସାମଲଙ୍କୁ ଓ ସମଲ ଥାନା ଆଇଆଇସି ଯାଜ୍ଞସେନୀ ପ୍ରଧାନଙ୍କୁ ନାଲକୋ ନଗର ଥାନାକୁ ବଦଳି ହୋଇଥିଲାବେଳେ ଏନଟିପିସି ଥାନା ଆଇଆଇସି ସ୍ମିତାଞ୍ଜଳୀ ପ୍ରଧାନଙ୍କୁ ନିଶା ଶିଙ୍ଖାଞ୍ଚଳ ଥାନା ଓ ବାଗେଡ଼ିଆ ଥାନା ଆଇଆଇସି ମାନସ କୁମାର ମହାକୁଳଙ୍କୁ ଏନଟିପିସି ଥାନା ବଦଳି ହୋଇଥିଲା ଦୁଇ ଆଇଆଇସି ସରୋଜକାନ୍ତ ସାମଲ ସମଲ ଥାନାରେ ଓ ଆଇଆଇସି ମାନସ କୁମାର ମହାକୁଳ ଏନଟିପିସି ଥାନାରେ ଯୋଗଦାନ କରି କାର୍ଯ୍ୟଭାର ଗ୍ରହଣ କରିଛନ୍ତି ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସହ ବେଆଇନ ନିଶା କାରବାର ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଉଭୟ ଆଇଆଇସି ମତ ପ୍ରକାଶ କରିଛନ୍ତି।

# ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ କେନ୍ଦ୍ରର ମାନପତ୍ର ବର୍ଣ୍ଟନ ଉତ୍ସବ

ବେଲପାହାଡ଼, (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ ଏସ୍‌ବିଆଇ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ କେନ୍ଦ୍ରର ୪୪୫ତମ ମାନପତ୍ର ବର୍ଣ୍ଟନ ଉତ୍ସବ ପାଳିତ ହୋଇଯାଇଛି। ଏହି ବ୍ୟାଚ୍‌ରେ ମୋଟ ୨୮ ଜଣ ଗ୍ରାମୀଣ ଯୁବତୀ ୧ ମାସ ଧରି ବ୍ୟୁଟି ପାର୍ଲର୍ ମ୍ୟାନେଜ୍‌ମେଣ୍ଟ ତାଲିମ ନେଇଥିଲେ। ପ୍ରଶିକ୍ଷିକା ରେବତୀ ବେହିରା ଏହି ତାଲିମ କେନ୍ଦ୍ରରେ ଯୋଗଦେଇ ଯୁବତୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମଙ୍ଗଳବାର କେନ୍ଦ୍ର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ ସାହୁ ଓ ସମ୍ମାନୀୟ ଅତିଥି ଭାବେ ସେଣ୍ଟ୍ରାଲ ବ୍ୟାଙ୍କ ମ୍ୟାନେଜର




ପ୍ରଦିପ ପଣ୍ଡା ଯୋଗଦେଇ ତାଲିମ ପ୍ରାପ୍ତ ଯୁବତୀମାନଙ୍କୁ ମାନପତ୍ର ପ୍ରଦାନ କରିବା ସହ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ତାଲିମ କେନ୍ଦ୍ରର ଅନ୍ୟାନ୍ୟ ସଦସ୍ୟଙ୍କ ମଧ୍ୟରେ ରଜନୀ ରାଣୀ ନାୟକ, ସାଜିତ କୁଜୁର , ଅରୁଣ ପୁରୋହିତ, ସୌଭାଗ୍ୟ ରଞ୍ଜନ ସାହୁ, ରଶ୍ମି ରଞ୍ଜନ ମହାନ୍ତି ଓ ସନ୍ଧ୍ୟାରାଣୀ ବାଗ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। କେନ୍ଦ୍ର ସମୁଦାୟ ୧୦୧୭୪ ଜଣକୁ ଅଦ୍ୟାବିଧ ତାଲିମ ପ୍ରଦାନ କରିସାରିଥିବା ବେଳେ ୮୬ ପ୍ରତିଶତ ତାଲିମ ପ୍ରାପ୍ତ ଯୁବକ ଯୁବତୀ ଇତିମଧ୍ୟରେ ସ୍ୱରୋଜଗାରକ୍ଷମ ହୋଇ ଆତ୍ମନିର୍ଭରଶୀଳ ହୋଇପାରିଥିବା କେନ୍ଦ୍ର ନିର୍ଦ୍ଦେଶକ ରାଜ କୁମାର ସାହୁ ସୂଚନା ଦେଇଛନ୍ତି।

# ଦହିଖିଆ ଦଧିଚି ଆଶ୍ରମରେ ସ୍ନାନ ପୂର୍ଣ୍ଣିମା

କାକଟପୁର,(ଭାସ୍କର ନ୍ୟୁଜ୍): ନିକଟସ୍ଥ ଦହିଖିଆ ଦଧିଚି ଆଶ୍ରମ ତେର ବର୍ଷ ଧରି ଆଶ୍ରମର ପ୍ରତିଷ୍ଠାତା ବାବୁ ସାହୁଙ୍କ ପରିଚାଳନାରେ ଶ୍ରୀ ଜଗନ୍ନାଥଙ୍କର ସ୍ନାନ ପୂର୍ଣ୍ଣିମା ଉତ୍ସବ ଶତାଧିକ ଶ୍ରଦ୍ଧାଳୁଙ୍କ ଯୋଗଦାନରେ



ପାଳିତ ହୋଇଯାଇଛି। ପୂଜକ କାଶୀନାଥ ଦାଶ ସମସ୍ତ ନୀତିକାନ୍ତି ଓ ପୂଜା କାର୍ଯ୍ୟ କରିଥିଲେ। ଏହି ଉତ୍ସବରେ ଜଗତସିଂହପୁର ସନ୍ତୋଷୀ ମା'ପିଠାଦ୍ଧିଶ ସେବିକା (ମାନୁ ମା') ପ୍ରଭାତ ପଣ୍ଡା, ବାବାଜୀ ଲୋଚନ, ନିଲୁ ଭାଇନା, ଲିପୁନ, ସୂର୍ଯ୍ୟ ନାରାୟଣ ଓ ଗ୍ରାମବାସୀଙ୍କ ସହଯୋଗରେ ଶ୍ରଦ୍ଧାଳୁ ମାନେ ଦର୍ଶନ ଓ ପ୍ରସାଦ ସେବନ କରିଥିଲେ।

# ବିମଳାଗଡ଼ରେ ଟନେଲ ନିର୍ମାଣ



କଣିହାଁ ,(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା କାଣିହାଁ ପବିତ୍ର ନଗର, ମଣ୍ଡଳର ଆଜି ଭାରତୀୟ ଜନତା ପାର୍ଟି, କାର୍ଯ୍ୟକର୍ତ୍ତା ମୋଦୀଙ୍କ ନିର୍ମିତ ତାଳଚେର, ବିମଳା ଗଡ଼ ରେଳ, ପଥରେ ନିର୍ମାଣ ବାରୁଆଁ ଟନେଲ ଓ ଗହମ ସ୍ଥିତ ସମଲ ରେଳ ଷ୍ଟେସନ ପରିଦର୍ଶନ କରି ଥିଲେ। ନଅ ଶହ ମିଟର ନିର୍ମାଣ ହୋଇଥିବା ହୋଇ ଥିବା, ଐତିହାସିକ ଟନେଲ ନୂତନ ଇଞ୍ଜିନିୟରିଂ ଜ୍ଞାନ କୌଶଳରେ ନିର୍ମିତ ହୋଇଅଛି। ସେପରି ଷ୍ଟେସନ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ୧୭ କିଲୋମିଟର ସୁନାଖଣି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସରି ଥିବାବେଳେ ଟ୍ରାଏଲରନ ମଧ ସମ୍ପୂର୍ଣ୍ଣ ହୋଇଛି। ପବିତ୍ର ନଗର ଠାରୁ ଖମାର ପର୍ଯ୍ୟନ୍ତ ଦୃତ ଗତିରେ ନିର୍ମାଣ କାମ ଚାଲୁଛି। ରେଳ ପାଇଁ ସ୍ୱପ୍ନ ଦେଖୁଥିବା ପାଲଲହଡ଼ା ନିର୍ବାଚନମଣ୍ଡଳୀ , ୨୦୨୪ ମସିହା ସୁଦ୍ଧା ପାଲଲହଡ଼ା ପର୍ଯ୍ୟନ୍ତ ରେଳ ଚାଲିବ ବୋଲି, ବିଜେପି କାର୍ଯ୍ୟ କର୍ତ୍ତା ଆଶା ପ୍ରକଟ କରିଛନ୍ତି। ଏହା ଆମ ଅଞ୍ଚଳ ପାଇଁ ମୋଦୀଙ୍କ ବିକାଶର ତୀର୍ଥ ବୋଲି ପ୍ରକାଶ କରି ତୁରନ୍ତ ଏହାର ଦ୍ରୁତ ନିର୍ମାଣ ପାଇଁ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଧନ୍ୟବାଦ ଦେବାସହ ଆନୁସଙ୍ଗିକ କାମସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରାଯିବ, ବୋଲି କାର୍ଯ୍ୟ କ୍ରମରେ ଯୋଗଦେଇଥିବା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଅଶୋକ ମହାନ୍ତି ପ୍ରକାଶ କରିଥିଲେ କାର୍ଯ୍ୟକ୍ରମରରେ ମଣ୍ଡଳ ସଭାପତି ପ୍ରହଲ୍ଲାଦ ସାମଲ, ଜିଲ୍ଲା କମିଟିସଦସ୍ୟ ରମେଶପ୍ରଧାନ ସରପଞ୍ଚ ଧରଣୀ ବେହେରା, ସମିତିସଭ୍ୟ ପ୍ରିୟରଞ୍ଜନ ମହାନ୍ତି, ସମବାୟ ସଭକ୍ଷପତି ଗଣେଶ ମାଝୀ,ରଞ୍ଜନ ସାମଲ ପୂର୍ବତନ ସରପଞ୍ଚ ପବିତ୍ର ବେହେରା , ପ୍ରଭାକର ସାମଲ, ଦୟାନିଧି ସାହୁ ଶତ୍ରୁଘ୍ନ ସାମଲ, ଦୁଃଖବନ୍ଧୁ ସାହୁ ବିରଞ୍ଚି ବେହେରା ବୁଲୁ ସାହୁ, ମନୋଜ ବିଶ୍ୱାଳ ଡମ୍ବରୁ ପ୍ରଧାନ କମଳଲୋଚନ ନନ୍ଦ, ଅନିଲ ନନ୍ଦ ପ୍ରିୟବ୍ରତ ସାହୁ କୃଷ୍ଣ ଚନ୍ଦ୍ରନାୟକ ସନ୍ତୋଷ ଖିଲାର ସୁଦର୍ଶନ ପ୍ରଧାନ, ପଙ୍କଜ ପ୍ରଧାନ, ମିଟୁସାହୁ, ପ୍ରଦୀପ ସାମଲ ପ୍ରାଣବନ୍ଧୁ ମହାନ୍ତି. ପ୍ରହ୍ଲାଦ ସାମଲ ପ୍ରମୁଖ ଶତାଧିକ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ।

# ଜଗଦଳପୁର ଗ୍ରାମରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ବ୍ରହ୍ମପୁର ସହର ତଳି ଅଞ୍ଚଳ ଜଗଦଳପୁର ଗ୍ରାମର ଶିବ ମନ୍ଦିର ପରିସରରେ ସ୍ଥିତ କଲ୍ୟାଣମଣ୍ଡପ ଠାରେ ଜଗଦଳପୁର ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ତଥା ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସହଯୋଗ ଓ ଲାଇଫ କ୍ୟୁର ପଥୋଲାବ ସମର୍ଥନରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଉକ୍ତ ରକ୍ତ ଦାନ ଶିବିରକୁ ସ୍ଥାନୀୟ ସରପଞ୍ଚ କାନ୍ତି କୁମାରୀ ଦେବୀ, କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଓ ସ୍ୱେଚ୍ଛାସେବୀ ସୁବାଷ ପାତ୍ର ପ୍ରମୁଖ ରିବିନ କାଟି ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି କେ. ସୁଦାମ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ କାନ୍ତି କୁମାରୀ ଦେବୀ, ସମିତି ସଭ୍ୟ ରବୀନ୍ଦ୍ର ପାତ୍ର,



ଜିଲ୍ଲା ପରିଷଦ ସଭ୍ୟା ଭାରତୀ ନାୟକ, କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ଓ ସ୍ୱେଚ୍ଛାସେବୀ ସୁବାଷ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଥିଲେ ଯେ ରକ୍ତ ଦାନ ଠାରୁ ଶ୍ରେଷ୍ଠ ଦାନ ଏ ଦୁନିଆରେ କିଛି ନାହିଁ । ରକ୍ତ ଦାନ କରି ଆମେ କେବଳ ପୁଣ୍ୟ କାମ କରୁନେ ଜଣଙ୍କୁ ଜୀବନ ଦାନ କାରୁଛେ। ରକ୍ତ ଦାନ ନେଇ ଲୋକଙ୍କ ମଧ୍ୟରେ ରହିଥିବା ଭ୍ରାନ୍ତ ଧାରଣା ଓ ଅନ୍ଧ ବିଶ୍ୱାସକୁ ଦୂର କରିବାକୁ ପଡ଼ିବ ବୋଲି କହିଥିଲେ। ସମାରୋହରେ ଆଜି ପର୍ଯ୍ୟନ୍ତ ୩୫ ଥର ରକ୍ତ ଦାନ କରିଥିବା ସ୍ୱେଚ୍ଛାସେବୀ ସୁବାଷ ପାତ୍ରଙ୍କୁ ଅଙ୍ଗବସ୍ତ୍ର ଓ ମାନ ପତ୍ର ଦେଇ ସ୍ୱତନ୍ତ୍ର ଭାବେ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏମ୍ କେ ସି ଜି ମେଡିକାଲ କଲେଜ ରକ୍ତ ଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ଏଠାରେ ୨୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅନେକ ସ୍ୱେଚ୍ଛାସେବୀ ରକ୍ତ ଦାନ ପାଇଁ ଅପେକ୍ଷା କରିଥିବା ବେଳେ ବର୍ଷା ତତ୍ ଜନିତ କରେଣ୍ଟର ବାରମ୍ବାର ବିଭ୍ରାଟ ଯୋଗୁଁ ନିରାଶ ହୋଇ ଫେରି ଯାଇଥିଲେ। ଏଥିରେ ଗ୍ରାମ୍ୟ କମିଟିର କାର୍ଯ୍ୟକର୍ତ୍ତା ସୁଦାମ ପାତ୍ର, ଲାବଣ୍ୟ ପାତ୍ର, ସୁନିଲ ପାତ୍ର ବିନୋଦ ପାତ୍ର, ଦଣ୍ଡପାଣି ପାତ୍ର, ଏଲ୍, ରଞ୍ଜି ଦାସ, ସନ୍ତୋଷ ପାତ୍ର ଓ କାଳିଆ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲା ବେଳେ ସହର ତଳି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଯୁଗ୍ମ ସମ୍ପାଦକ ଟି. ସୁଦେଶ ପାତ୍ର, ସହ ସମ୍ପାଦକ ବି ଭି ସାଗର , ସାଂଗଠନିକ ସମ୍ପାଦକ ଶ୍ରୀକାନ୍ତ ପଢିହାରୀ, ଅଜିତ ପଟ୍ଟନାୟକ, ଗଣେଶ ଦାସ ଓ ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଡାଲମିଆ ସିମେଣ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ): ପରିବେଶ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବାର ଉଦ୍ଦେଶ୍ୟ ସହିତ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ ରାଜଗାଙ୍ଗପୁରରେ ବିଶ୍ୱ ପରିବେଶ ଦିବସକୁ ଅନେକ ପଦକ୍ଷେପ ସହ ପାଳନ କରାଯାଇଛି। ଏହି ଅବସରରେ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏକ ମିନି ସାଇକ୍ଲୋଥନ୍ ସହିତ ବିଶ୍ୱ ପରିବେଶ ଦିବସ ଆରମ୍ଭ ହୋଇଥିଲା ଯେଉଁଥିରେ କମ୍ପାନୀର ୭୦ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସାଇକ୍ଲୋଥନ୍ ବିର୍ ବିର୍ସା ଖେଳ ପଡିଆରୁ ଆରମ୍ଭ କରାଯାଇଥିଲା ଏବଂ ସମଗ୍ର ସହରର ପରିକ୍ରମା କରି ରାଜଗାଙ୍ଗପୁର କ୍ଲବ ଠାରେ ସମାପ୍ତ ହୋଇଥିଲା। ଡାଲମିଆ ସିମେଣ୍ଟ ରାଜଗାଙ୍ଗପୁର କାରଖାନା ପରିସରରେ ମୋଟ ୪୬୬ ଟି ବୃକ୍ଷ ଚାରା ରୋପଣ କରାଯାଇଥିଲା। ଏହା ବ୍ୟତୀତ ଡାଲମିଆ ବିଦ୍ୟା ମନ୍ଦିର (ଡିଭିଏମ୍) ରାଜଗାଙ୍ଗପୁର ଏବଂ ଲାଞ୍ଜିବେର୍ଣ୍ଣକ୍ଷ ଚୂନପଥର ଖଣି କଲୋନୀରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଲାଞ୍ଜିବେର୍ଣ୍ଣା ଚୂନପଥର ଖଣିରେ ବୃକ୍ଷରୋପଣ, ପାନୀୟ ଜଳ ସୁବିଧା




ଉଦ୍‌ଘାଟନ ଏବଂ ପୁରସ୍କାର ବିତରଣ ପରି ଅନ୍ୟାନ୍ୟ କାର୍ଯ୍ୟକଳାପ ମଧ ଆୟୋଜନ କରାଯାଇଥିଲା । କ୍ଲିନ୍ ଡ୍ରାଇଭ୍ ପଦକ୍ଷେପର ଏକ ଅଂଶ ଭାବରେ ରାଜଗାଙ୍ଗପୁର ରେଳ ଷ୍ଟେସନରେ ଯାତ୍ରୀମାନଙ୍କୁ କପଡା ବ୍ୟାଗ ବର୍ଣ୍ଟନ କରାଯାଇଥିଲା ତତ୍ସହିତ ଷ୍ଟେସନ ପରିସର କୁ ସଫା କରିବା ସହିତ ବୃକ୍ଷରୋପଣ କରାଯାଇଥିଲା । "ସେଭ୍ ଏନର୍ଜି" ପଦକ୍ଷେପ ଅନ୍ତର୍ଗତ ଡିଭିଏମ୍ ବିଦ୍ୟାଳୟକୁ ସୋଲାର ବିଦ୍ୟାଳୟରେ ପରିଣତ କରିବା ପାଇଁ ସୋଲାର ପ୍ୟାନେଲ୍ ଉଦ୍‌ଘାଟନ କରାଯାଇଥିଲା। ୩ଜ ଧାରଣା ଉପରେ ସଙ୍ଗମ ମହିଳା ମଣ୍ଡଳର ସଦସ୍ୟମାନଙ୍କ ଦ୍ୱାରା କୃତ୍ରିମ ଉଦ୍ୟାନ ପ୍ରସ୍ତୁତ କରାଯାଇଥିଲା ଏବଂ ରାତ୍ରିରେ ମୋବାଇଲ୍ ଫ୍ଲାସ୍ ଲାଇଟ୍ ଜଳାଇ ଜିରୋ ଲାଇଟ୍ ଆୱାର ପାଳନ କରିବା ସହିତ ବିଶ୍ୱ ପରିବେଶ ଦିବସ ସମାପ୍ତ ହୋଇଥିଲା। କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱ ନିର୍ବାହ (ସିଏସ୍‌ଆର) ପକ୍ଷରୁ ମଧ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ୪୦ ଟି ଏସ୍‌ଏଚ୍‌ଜି ମହିଳା ସଦସ୍ୟ ଏବଂ ନିକଟସ୍ଥ ଗାଁର ଛାତ୍ରମାନଙ୍କ ଦ୍ୱାରା ୨ କିଲୋମିଟର ସାଇକେଲ୍ ରାଲି ଆୟୋଜନ କରାଯାଇଥିଲା ଯାହା ବିହାବନ୍ଧ ଗ୍ରାମରୁ ଆରମ୍ଭ ହୋଇ ଜ୍ଞାନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ସହି ପରି ଜ୍ଞାନପାଲି, ଦମ୍ପସ, ଭେଲାୱାଡ଼ିହି ଏବଂ ଗୁଣ୍ଡିପଡ଼ା ନାମକ ଚାରିଟି ଗାଁର ୧୨୦ ଏସଏଚଜି ମହିଳା ସଦସ୍ୟଙ୍କ ଦ୍ୱାରା ଏକ ପଦ ଯାତ୍ରା ଜ୍ଞାନପାଲି ଗ୍ରାମରୁ ଆରମ୍ଭ ହୋଇ ଜ୍ଞାନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଓମପ୍ରକାଶ ଖେଲକର ଅତିରିକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲାଞ୍ଜିବେର୍ଣ୍ଣା ଚୂନପଥର ଖଣି,ସରୋଜ ଶ୍ରୀବାସ୍ତବ ଅଧକ୍ଷ ଜାଗୃତି ମହିଳା ମଣ୍ଡଳ, ପୁଷ୍ପା କେର୍କେଟା ସରପଞ୍ଚ କଟାଙ୍ଗ ଜିପି, କମଳା କୁଜୁର ସରପଞ୍ଚ ଜ୍ଞାନପାଲୀ ଜିପି ଏବଂ ସୁବାଷ ଚନ୍ଦ୍ର ରାଣା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ଞାନପାଲି ଜିପି ଅତିଥି ଭାବରେ ଏହି ଉତ୍ସବରେ ଯୋଗ ଦେଇଥିଲେ। ବିଶ୍ୱ ପରିବେଶ ଦିବସ ଅବସରରେ ଅତିଥିମାନେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଫଳ ଗଛ ଚାରା ରୋପଣ କରିଥିଲେ ଏବଂ ପରେ ବୃକ୍ଷରୋପଣ ପାଇଁ ଜ୍ଞାନପାଲି ଗ୍ରାମପଞ୍ଚାୟତର ସମ୍ପ୍ରଦାୟ ମଧ୍ୟରେ ଆମ୍ବ, ଲିଚି, ସାପେଟା ଏବଂ ଲେମ୍ବୁ ପରି ୫୦୦ ଫଳ ଗଛ ଚାରା ବୃକ୍ଷରୋପଣ ପାଇଁ ବର୍ଣ୍ଟନ କରାଯାଇଥିଲା। ବୃକ୍ଷରୋପଣ ପରେ ଅତିଥିମାନେ ପ୍ରଦର୍ଶନୀ କକ୍ଷ ପରିଦର୍ଶନ କରିଥିଲେ ଏବଂ ଆଖପାଖ ଗାଁର ଶିଶୁ ଏବଂ ଏସଏଚଜି ସଦସ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ସର୍ବୋତ୍ତମ ପରିବେଶ ଚିତ୍ର ଚୟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରେଷ୍ଠ ୱାଡି କୃଷକ ଭାବେ ୫ କୃଷକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଡିସିବିଏଲ୍‌ର ଆର ଆଣ୍ଡ ଆର ଟିମ୍ ମଧ କାଟାଙ୍ଗ ଆର ଆଣ୍ଡ ଆର କଲୋନୀରେ ବିଶ୍ୱ ପରିବେଶ ଦିବସ ପାଳନ କରିଥିଲେ ଯେଉଁଠାରେ ଚେତନ ଶ୍ରୀବାସ୍ତବ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ୍ ଏବଂ ୟୁନିଟ ହେଡ-ରାଜଗାଙ୍ଗପୁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଓମପ୍ରକାଶ ଖେଲକର ଅତିରିକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲାଞ୍ଜିବେର୍ଣ୍ଣକ୍ଷ ଚୂନପଥର ଖଣି, ବିଶ୍ୱଜିତ୍ ସାମନ୍ତରାୟ ଜେନେରାଲ୍ ମ୍ୟାନେଜର (ହେଡ୍-ସିଭିଲ୍) ଏବଂ ପୁଷ୍ପା କେର୍କେଟା ସରପଞ୍ଚ କଟାଙ୍ଗ ଜିପି ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ହାତ ତିଆରି ଫାଉଣ୍ଟେନ ଉଦ୍ଘାଟନ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ପରେ ଅତିଥିମାନେ ଆର ଆଣ୍ଡ ଆର କଲୋନୀ ପରିସରରେ ଫଳ ଗଛ ଚାରା ରୋପଣ କରିଥିଲେ ଏବଂ ଆଖପାଖ ଗାଁର ୬-୧୨ ଶ୍ରେଣୀର ଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ (ଥିମ୍-ବିଟ୍ ପ୍ଲାଷ୍ଟିକ୍ ସେଭ୍ ଏନଭାଇରମେଣ୍ଟ) ପ୍ରଦର୍ଶନୀ ପରିଦର୍ଶନ କରିଥିଲେ । ଲିଚି, ଆମ୍ବ, ପିଜୁଳି ଏବଂ ଡାଳିମ୍ବ ପରି ପ୍ରାୟ ୩୨୦ ଫଳ ଗଛ ଚାରା ଆର ଆଣ୍ଡ୍ ଆର ଟିମ୍ ଦ୍ୱାରା ରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୧୦୦ ରୁ ଅଧିକ ମହିଳା ନିର୍ମାଣ ଶ୍ରମିକଙ୍କୁ ଅତିଥିମାନଙ୍କ ଦ୍ୱାରା ଆର୍ ଆଣ୍ଡ ଆର୍ କଲୋନୀର ସବୁଜତା ବଜାୟ ରଖିବା ପାଇଁ ଏବଂ ରଙ୍ଗୋଲି ପ୍ରତିଯୋଗିତାରେ ଭାଗ ନେବା ପାଇଁ ସମ୍ମାନିତ କରାଯାଇଥିଲା। ନିର୍ମାଣ ସହଭାଗୀମାନଙ୍କୁ ଆର୍ ଆଣ୍ଡ୍ ଆର୍ କଲୋନୀ ତିଆରି କରିବାରେ ସେମାନଙ୍କର ମୂଲ୍ୟବାନ ଅବଦାନ ପାଇଁ ଅତିଥିମାନେ ପ୍ରଶଂସା କରିବାସହିତ ଇକୋ-ଫ୍ରେଣ୍ଡଲି ଉତ୍ପାଦ ଦେଇ ସମ୍ମାନିତ କରିଥିଲେ । ଚେତନ ଶ୍ରୀବାସ୍ତବ, "ବୃକ୍ଷର ଉପକାରିତା ତଥା ପରିବେଶ ପରିଷ୍କାର ପରିଛନ୍ନତା ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଏହା ସହିତ ଗ୍ରାମବାସୀଙ୍କୁ ବୃକ୍ଷ ରୋପଣ କରିବା ପାଇଁ ଉତ୍ସାହିତ କରିଥିଲେ। ସେ ଆହୁରି ମଧ କହିଛନ୍ତି ଯେ ଡାଲମିଆ ସିମେଣ୍ଟ ପରିବେଶର ସୁରକ୍ଷାକୁ ନେଇ ସର୍ବଦା ଗମ୍ଭୀର ରହିଆସିଛି, ଯେଉଁଥିପାଇଁ କାରଖାନା ସବୁ ପ୍ରକାର ପଦକ୍ଷେପ ପ୍ରତି ଧ୍ୟାନ ଦେଉଛି।

# ୩ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ମାଲକାନଗିରି,(ଭାସ୍କର ନ୍ୟୁଜ): ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଭିନ୍ନ ପ୍ରକାରର ଦାବି ନେଇ ଜିଲ୍ଲା ପାଳଙ୍କ ନିକଟରେ ପହଁଚି ଥିଲେ। ଦାବି ଗୁଡ଼ିକ ହେଲା ମାଲକାନଗିରିରେ ଚାଲି ଥିବା ଏୟାରଷ୍ଟ୍ରିପ କାମ ବହୁତ ନିମ୍ନମାନର ହେଉଥିବା ସହ ଏଥିରେ ସମ୍ପୃକ୍ତ ଥିବା ଇଞ୍ଜିନିୟରମାନଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯାଉ। ଏୟାରଷ୍ଟ୍ରିପ କାର୍ଯ୍ୟରେ କାମ କରୁଥିବା ସମୟରେ କାନ୍ହୁ ଭୁଶୁଡ଼ି ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ବର୍ଗଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ଦାବି । ଦ୍ୱିତୀୟ ଦାବି ମାଲକାନଗିରି ପ୍ରଶାସନ ଆଖି ଆଗରେ ଚାଲିଥିବା ଧଳା ପଥର ଚୋରା କାମକୁ ବନ୍ଦ କରିବା । ତୃତୀୟ ଦାବି ହେଲା ବିଭିନ୍ନ ଗ୍ରାମରେ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ ତରଫରୁ ତିଆରି କରାଯାଇଥିବା ପାଣିଟାଙ୍କି ଗୁଡିକରେ ବିଦ୍ୟୁତ କରଣ ନହୋଇ ଅକାମି ହୋଇ ପଡିରହିଥିବା ଯାହାକୁ ଶୀଘ୍ର କାଯ୍ୟକରି କରିବାକୁ ଦାବି। ଏହି ତିନି ଗୋଟି ଦାବି ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଥିଲେ ମାଲକାନଗିରି ଜିଲ୍ଲା ଭାରତୀୟ ଜନତା ପାର୍ଟିର କର୍ମୀମାନେ । ଜିଲ୍ଲାପାଳ ଦାବି ଗୁଡ଼ିକ ଶୁଣିବା ପରେ ଏହାର ସଠିକ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ଏବଂ ଏୟାର ଷ୍ଟ୍ରିପ କାମରେ କାନ୍ହୁ ଭୁଶୁଡ଼ି ମୃତ୍ୟୁ ବରଣ କରିଥିବା ଶ୍ରମିକଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି।

# ମହାନଗର





କଟକ(ଭାସ୍କର ନ୍ୟୁଜ୍): ଓଡ଼ିଆ ବିଶ୍ୱକୋଷ 'ଜ୍ଞାନମଣ୍ଡଳ'ର ରଚୟିତା, ପଣ୍ଡିତ, ଗବେଷକ, ସାମ୍ବାଦିକ, ସଂସ୍କାରକ ଓ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋଙ୍କ ୧୧୨ତମ ଜୟନ୍ତୀ ପାଳିତ ହୋଇଯାଇଅଛି । ସତୀଚୌରା ଶ୍ମଶାନଠାରେ ଥିବା ସ୍ମୃତିସ୍ତମ୍ଭଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିନୋଦ କାନୁନ୍‌ଗୋ ଶିଶୁ ସାହିତ୍ୟକୁ ନୂଆ ଧାରା ଦେଇଥିଲେ ଓ ନିରକ୍ଷରତା ଓ ଅଜ୍ଞତା ବିରୋଧରେ ନିରନ୍ତର ସଂଗ୍ରାମ ଚଳାଇଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଡ଼ଃ ବାବାଜୀ ପଟ୍ଟନାୟକ, ଡ଼ଃ ସତ୍ୟ ରାୟ, ଡ଼ଃ ପାବକ କାନୁନ୍‌ଗୋ, ରାଧାମୋହନ ସାହୁ, ପ୍ରସନ୍‌ଜୀତ ମହାନ୍ତି,, ଇଂ ଆକାଶ ଭୂୟାଁ, ଅଜୟ ମହାନ୍ତି, ପ୍ରଦୀପ ପଟ୍ଟନାୟକ, ଗଦାଧର ସାହୁ, ବୈଦ୍ୟନାଥ ବେହେରା, ଦୀପ୍ତିରନ ରାଏ, ବିଶ୍ୱନାଥ ଧୀର, ଆଲୋକ ପତି, ଡ଼ାକ୍ତର ରବି ରଞ୍ଜନ ସାହୁ ସରୋଜ ତ୍ରିପାଠୀ, ବିଭୂଦତ୍ତ ଖଣ୍ଡାୟତ ରାୟ, ନାରାୟଣ ମହାନ୍ତି, ଦେବୁ ଚାଟାର୍ଜୀ, ସୁଧୀର ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

# ୧୨୦୫ ଡାକ୍ତର ପାଇଲେ ନିଯୁକ୍ତିପତ୍ର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଛନ୍ତି ୧୨୦୫ ଜଣ ଡାକ୍ତର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ କଳିଙ୍ଗ ଷ୍ଟାଡିୟମ୍ ଠାରେ ଆୟୋଜିତ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ନବନିଯୁକ୍ତ ୧୨୦୫ ଜଣ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ୪ ବର୍ଷ ମଧ୍ୟରେ ୪ ହଜାର ୫୦୦ ମେଡିକାଲ ଅଫିସର ନିଯୁକ୍ତି ପାଇଛନ୍ତି। ଓଡିଶାରେ ସ୍ୱାସ୍ଥ୍ୟ ଭିତିଭୂମିକୁ ସୁଦୃଢ କରିବା ପାଇଁ ନିକଟରେ ୫ ହଜାର ମେଡିକାଲ ଅଫିସଷ୍ଟଦବୀ ସୃଷ୍ଟି କରାଯାଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ସମସ୍ତ ଏମ୍‌ବିବିଏସ୍ ପଦବୀ ପୂରଣ ହେବ । ଆଗାମୀ ବର୍ଷରୁ ଓଡ଼ିଶା ବଳକା ଡାକ୍ତର ରାଜ୍ୟ ଭାବେ ପରିଗଣିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ।

## ପରମବ୍ରହ୍ମ ମହୋତ୍ସବ ଅନୁଷ୍ଠିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଗ୍ରଣୀ ଅନୁଷ୍ଠାନ ନୃତ୍ୟାତ୍ମା ପକ୍ଷରୁ ଜୟଦେବ ଭବନଠାରେ ପରମବ୍ରହ୍ମ ମହୋତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ




ନାରାୟଣ ଜେନା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ତ୍ରିପାଠୀ ଏବଂ ଗୁରୁ ବିଜୟ କୁମାର ଜେନା ଯୋଗଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଗୁରୁ ରାମହରି ଦାସ, ମର୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ନିରଞ୍ଜନ ରାଉତଙ୍କୁ ଗୁରୁ କସ୍ତୁରୀ ଚରଣ ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ଏହାସହିତ ସୁରତରଙ୍ଗର ପ୍ରତିଷ୍ଠାତା ତଥା ବରିଷ୍ଠ ଫଟୋ-ସାମ୍ବାଦିକ ପୀୟୁଷ ମହାନ୍ତିଙ୍କୁ ନୃତ୍ୟାତ୍ମା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିଳ୍ପୀମାନେ କଳାଚାତୁରୀର ନିଦର୍ଶନ ଦେଇଥିଲେ। ଯାହାକି ସନ୍ଧ୍ୟା ଆସରକୁ ରସସିକ୍ତ କରିଥିଲା। ପରେ ଯୁଗଳବନ୍ଦୀରେ ମଧୁସ୍ମିତା ମହାନ୍ତି, ତନୀଶା ତନୁଶ୍ରୀ, ବିଚିତ୍ର କୁମାର ବେହେରା, ରୋନି ସ୍ୱାଇଁ ନୃତ୍ୟ ପରିବେଷଣ କରିଥିଲେ।

## ଅଲାରନାଥ ଦର୍ଶନ ପାଇଁ କଣ ପଦକ୍ଷେପ ନେଇଛ ଜଣାଅ: ହାଇକୋର୍ଟ

କଟକ(ଭାସ୍କର ନ୍ୟୁଜ୍): ପ୍ରସିଦ୍ଧ ଅଲାରନାଥ ଦର୍ଶନ ପାଇଁ କି ପ୍ରକାର ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଜବାବ ରଖିବାକୁ ଆଜି ହାଇକୋର୍ଟ ଏ ସମ୍ପର୍କିତ ଏକ ଆବେଦନର ଶୁଣାଣି କରି ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଏହି ମାମଲାରେ ରାଜ୍ୟ ସରକାର, ପୁରୀ ଜିଲ୍ଲାପାଳ, ପୁରୀ ଏସ୍‌ପି ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି । ହାଇକୋର୍ଟ ଏହି ମାମଲଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥିତ ଦର୍ଶନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ଦେବାକୁ ଆଦେଶ ଦେଇଛନ୍ତି ।

# ସିଏମ୍‌ସି ଓ ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର ପଦକ୍ଷେପ

# ଆହତଙ୍କ ୨ ମହିଳା ସଂପର୍କୀୟଙ୍କୁ ଟ୍ରେନ୍‌ରେ ପଠାଗଲା ଭାଗଲପୁର

କଟକ(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାର ଆହତମାନଙ୍କୁ ସ୍ଥାନୀୟ ଏସସିବି ମେଡିକାଲ କଲେଜ ଓ ହାସପାତାଳରେ ଚିକିତ୍ସା କରାଯାଉଥିବା ବେଳେ ସେମାନଙ୍କୁ ଦେଖିବାକୁ ଆସୁଥିବା ସଂପର୍କୀୟଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ସ୍ଥାନୀୟ ପ୍ରଶାସନ ଓ କଟକ ମହାନଗର (ସିଏମ୍‌ସି) ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ସିଏମ୍‌ସି ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଢାଯାଇ ଆହତଙ୍କ ବ୍ୟବସ୍ଥା କରି ମେଡିକାଲରୁ ଷ୍ଟେସନ ପର୍ଯ୍ୟନ୍ତ ପହଞ୍ଚାଇବାକୁ କମିଶନର ପଓ୍ୱନ କଲ୍ୟାଣ କର୍ମଚାରୀମାନଙ୍କୁ ଆଦେଶ ଦେଇଛନ୍ତି । ଆଜି ବିହାରର ଭାଗଲପୁରରୁ ଆସିଥିବା ୫ ଜଣ ଆହତଙ୍କ ସଂପର୍କୀୟଙ୍କ ମଧ୍ୟରୁ ୩ ଜଣ ଆହତ ବ୍ୟକ୍ତିଙ୍କ ନିକଟରେ ଆଟେଣ୍ଡାଣ୍ଟ ଭାବେ ରହିବା ପରେ ଗାଁକୁ ଫେରିଯିବାକୁ ବାହାରିଥିବା ୨ ଜଣ ମହିଳାଙ୍କୁ ବାଟ ଖର୍ଚ୍ଚ ବାବଦରେ ୨ ହଜାର ଟଙ୍କା ପ୍ରଦାନ କରାଯିବା ସହ ସେମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଥିଲା । ତା'ଛଡା ଦୁଇଟି ରେଳ ପାସ୍ ମଧ ଯୋଗାଇ ଦିଆଯାଇଥିଲା । ସିଏମ୍‌ସିର ଉକ୍ତ ସ୍ୱତନ୍ତ୍ର ଦଳ ଉଭୟଙ୍କୁ ଏକ ଏ/ସି କାରରେ ନେଇ କଟକ ରେଳ ଷ୍ଟେସନରେ ପହଂଚାଇବା ପରେ ସେମାନେ ଭାଗଲପୁର ଅଭିମୁଖେ ଯାତ୍ରା କରିଥିଲେ । ଡେପୁଟି କମିଶନର ଅମୃତ ସରକାର ସିଏମ୍‌ସି ପକ୍ଷରୁ ଗଠନ କରାଯାଇଥିବା ଉକ୍ତ ଟିମ୍‌ର ନେତୃତ୍ୱ ନେଉଥିବା ବେଳେ ପ୍ରଫୁଲ୍ଲ ମଙ୍ଗଲ ଓ ମହମ୍ମଦ ସକିଲ ସହଯୋଗୀ ଭାବେ କାର୍ଯ୍ୟ ତୁଲାଉଛନ୍ତି ।

## ଏମସ୍‌ରେ କଣ୍ଟେନରରେ ୪୧ ମୃତଦେହ ସଂରକ୍ଷିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୭୫ ଜଣଙ୍କ ମଧ୍ୟରୁ ୧୨୩ ଜଣଙ୍କର ମୃତଦେହ ସଂରକ୍ଷଣ ପାଇଁ ଭୁବନେଶ୍ୱର ଏମସ୍ ଅଣାଯାଇଥିଲା। ସେଥିରୁ ୬୬ ଟି ମୃତଦେହ ଚିହ୍ନଟ ପରେ ସେମାନଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ବାକି ୫୭ଟି ମୃତଦେହ ମଧ୍ୟରୁ ୪୧ ଟିକୁ ୨ ଟି କଣ୍ଟେନର ମଧ୍ୟରେ ସଂରକ୍ଷିତ କରି ରଖାଯାଇଛି ବୋଲି ଏମସ୍ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଏମସ୍ ପରିସରରେ ଏତେ ସଂଖ୍ୟାରେ ମୃତଦେହ ସଂରକ୍ଷଣ ପାଇଁ ଡିପ୍ ଫ୍ରିଜ୍ ନଥିବାରୁ ଗତକାଲି ପାରାଦ୍ୱିପରୁ ୫ ଟି କଣ୍ଟେନର ମଗାଯାଇଥିଲା। ପ୍ରତି କଣ୍ଟେନରରେ ୩୦ରୁ ୪୦ ମୃତଦେହ ସଂରକ୍ଷିତ ରହିପାରିବ। କଣ୍ଟେନରରେ ଦୁଇମାସ ପର୍ଯ୍ୟନ୍ତ ମୃତଦେହ ସଂରକ୍ଷିତ ରଖାଯାଇପାରିବ।

## ଆହତଙ୍କୁ ଭେଟିଲେ ଅପରାଜିତା



କଟକ(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ ଦୁର୍ଘଟଣାରେ ଆହତ ହୋଇ କଟକ ଏସସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଲୋକଙ୍କୁ ମଙ୍ଗଳବାର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଭେଟିଛନ୍ତି। ସେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହା ସହ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। । ଏସିବିରେ ଆହତଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ଆହତମାନଙ୍କୁ ଭଲ ଚିକିତ୍ସା ଯୋଗାଇ ଦିଆଯାଉଛି । ଏସ୍‌ସିବିରେ ସବୁ ବିଭାଗରେ ଡାକ୍ତରମାନେ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି । ସବୁ ଆହତ ଧୀରେ ଧୀରେ ସୁସ୍ଥ ହେଉଛନ୍ତି। ଅପରପକ୍ଷରେ ଏବେ ରାଜନୀତି କରିବାର ସମୟ ନୁହେଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଆହତମାନଙ୍କୁ ସମସ୍ତ ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡଙ୍ଗୀ।

ସଂପର୍କୀୟଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା, ସେମାନଙ୍କୁ ଶୁଖିଲା ଖାଦ୍ୟ ଯୋଗାଇଦେବା ସହ ଗାଡି



ଭୁବନେଶ୍ୱର ଏମ୍ସରେ ପଶ୍ଚିମବଙ୍ଗ ସ୍ୱାସ୍ଥ୍ୟମନ୍ତ୍ରୀ

## ରେଳ ଷ୍ଟେସନରେ ଖୋଲିଲା ସିଏମ୍‌ସିର ସହାୟତା କେନ୍ଦ୍ର

କଟକ(ଭାସ୍କର ନ୍ୟୁଜ୍): ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ଆହତଙ୍କ ନିକଟକୁ ଆସୁଥିବା ସେମାନଙ୍କ ଆତ୍ମୀୟସ୍ୱଜନ ଓ ସଂପର୍କୀୟଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ନିମନ୍ତେ ସିଏମ୍‌ସି ପକ୍ଷରୁ କଟକ ରେଳ ଷ୍ଟେସନରେ ଏକ ସହାୟତା କେନ୍ଦ୍ର ଖୋଲାଯାଇଛି । ଏହି ଡେସ୍କ ଦିବାରାତ୍ର ୨୪ ଘଣ୍ଟା ଖୋଲା ରହିବା ସହ କଟକ ରେଳ ଷ୍ଟେସନରେ ପହଞ୍ଚୁଥିବା ଆହତଙ୍କ ସଂପର୍କୀୟମାନଙ୍କୁ ତାଲିକା ଓ ଫଟୋ ଦେଖାଇବା, ସଠିକ୍ ସୂଚନା ପ୍ରଦାନ କରିବା ଓ ଡାକ୍ତରଖାନାରେ ସହଜରେ ସଂପର୍କୀୟମାନେ ଯେପରି ପହଞ୍ଚିପାରିବେ ସେଥିପାଇଁ ବ୍ୟବସ୍ଥା କରିବା ଆଦି କାର୍ଯ୍ୟ କରୁଛନ୍ତି ।

## ସଚିବାଳୟ ସେବା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨.୫ ଲକ୍ଷ ଟଙ୍କା ପ୍ରଦାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରେଳ ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ ପରିପ୍ରେକ୍ଷୀରେ ରାଜ୍ୟ ସଚିବାଳୟ ସେବା ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦୁଇ ଲକ୍ଷ ପଚାଶ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ସଂଘର କର୍ମକର୍ତ୍ତାମାନେ ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଏହି ସହାୟତା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି।

ନିବେଦନ

ଧ୍ୟାନ ଦିଅନ୍ତୁ - ବାଲେଶ୍ୱର ରେଳ ଦୁର୍ଘଟଣା

ଓଡ଼ିଶା ରେଳ ଦୁର୍ଘଟଣାରେ ପୀଡ଼ିତମାନଙ୍କୁ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଇବାରେ ସହାୟତା ପାଇଁ ଦୟାକରି ଆଗେଇ ଆସନ୍ତୁ

ଦୟାକରି ଡାଏଲ୍ କରନ୍ତୁ

139 — ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍

1929 କିମ୍ବା 1800-3450061 — ଓଡ଼ିଶା ରାଜ୍ୟ ସରକାରଙ୍କ ଦେୟମୁକ୍ତ ଯୋଗାଯୋଗ ନମ୍ବର

ନିମ୍ନ ପ୍ରଦତ୍ତ ଲିଙ୍କ୍ ମଧ ଦେଖିପାରିବେ

www.osdma.org - ସମସ୍ତ ସୂଚନା ଉପଲବ୍ଧ

www.srcodisha.nic.in - ମୃତକଙ୍କ ଫଟୋ

www.bmc.gov.in - ଏସ୍.ସି.ବି. ମେଡିକାଲ କଲେଜ୍ ଓ ହସ୍‌ପିଟାଲ୍, କଟକରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କ ସୂଚୀ

ନିମ୍ନ ୱେବ୍‌ସାଇଟ୍‌ରେ ଉପଲବ୍ଧ ଲିଙ୍କ୍‌ଗୁଡ଼ିକ ମଧ ଦେଖିପାରିବେ

www.indianrailways.gov.in
www.irctc.co.in

ଦୟାକରି ଏହି ବାର୍ତ୍ତାକୁ ପ୍ରସାର କରି ନିଜର ପ୍ରିୟଜନଙ୍କୁ ଚିହ୍ନଟ କରିବାରେ ପୀଡ଼ିତ ପରିବାରଗୁଡ଼ିକୁ ସହାୟତା କରନ୍ତୁ

D-1/23

## ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର ମାମଲା ଖାରଜ

କଟକ(ଭାସ୍କର ନ୍ୟୁଜ୍): ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ନିଆଯାଇଥିବା ନିଷ୍ପତିକୁ ବିରୋଧ କରି ଓଡିଶା ହାଇକୋର୍ଟରେ ରୁଜୁ ଜନହିତ ମାମଲାକୁ ଆଜି ହାଇକୋର୍ଟ ଖାରଜ କରି ଦେଇଛନ୍ତି । ଆବେଦନକାରିଣୀ ଜୟନ୍ତୀ ଦାସଙ୍କ ତରଫରୁ ରୁଜୁ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି । ସୂଚନାଥାଉକି ୨୦୨୩, ମଇ ୧୯ ତାରିଖରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୨ ହାଜର ଟଙ୍କିଆ ନୋଟ୍ ପ୍ରତ୍ୟାହାର କରିବା ପାଇଁ ଘୋଷଣା କରିଥିଲେ । ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ଏହି ନୋଟ୍‌କୁ ବଦଳାଇ ପାରିବ ବୋଲି କୁହାଯାଇଛି । ସେହିପରି ୨ହାଜର ଟଙ୍କିଆ ନୋଟକୁ ଲୋକମାନେ ନିଜ ନିଜ ବ୍ୟାଙ୍କ ଖାତାରେ ଜମା କରି ପାରିବେ । ସେହିପରିଭାବେ ଏହି ନୋଟ୍‌କୁ ଅନ୍ୟ ବ୍ୟାଙ୍କ ଶାଖାରେ ମଧ୍ୟ ବଦଳାଇ ଉପରୋକ୍ତ ମୂଲ୍ୟର ନୋଟ୍ ନେଇପାରିବେ । ତେବେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର କେଉଁ ବୈଠକରେ ଏପରି ନିଷ୍ପତି ନେଇଛଇ ସେ ସମ୍ପର୍କରେ ହାଇକୋର୍ଟ ଆର୍‌ବିଆଇକୁ ରିପୋର୍ଟ ତଲବ କରନ୍ତୁ ବୋଲି ପ୍ରାର୍ଥନା କରି ଆବେଦନକାରୀଙ୍କ ତରଫରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା ।





ହିଞ୍ଜିଳିକାଟୁ, (ଭାସ୍କର ନ୍ୟୁଜ୍): ହିଞ୍ଜିଳିକାଟୁ ପୌରପରିଷଦ ତରଫରୁ ଅଞ୍ଚଳରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ସ୍ଥାନୀୟ ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀମାନଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଛି। ଗରିମା ଯୋଜନା ଅନ୍ତର୍ଗତ ପ୍ରମୁଖ ପରିମଳ କର୍ମଚାରୀଙ୍କୁ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ପୌର ପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ, କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା ଉପସ୍ଥିତ ରହି ସହରର ବିଭିନ୍ନ ୱାର୍ଡରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଗରିମା ଯୋଜନା ଅନ୍ତର୍ଗତ ପ୍ରମୁଖ ପରିମଳ କର୍ମଚାରୀଙ୍କୁ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ପୌର ପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପୋଲାଇ, କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା ଉପସ୍ଥିତ ରହି ସହରର ବିଭିନ୍ନ ୱାର୍ଡରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ପରିଷଦର ପରିମଳ ଅଧିକାରୀ, ସ୍ୱଚ୍ଛତା ପର୍ଯ୍ୟବେକ୍ଷକ, ସ୍ୱଚ୍ଛ ସାଥି ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଭିନ୍ନମୋଡ ନେଲା ଟିନାରାଣୀ ବିବାଦ

# ଶଶୁରଙ୍କୁ ହତ୍ୟା ଧମକ ଅଭିଯୋଗରେ ବାପା ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ବୋହୁର ଅଧିକାର ପାଇବା ପାଇଁ ଶଶୁର ଘର ଆଗରେ ଧାରଣା ଦେଇ ଚର୍ଚ୍ଚାରେ ରହିଥିବା ଟିନାରାଣୀଙ୍କ ବାପା ନାରାୟଣ ସାହୁ ଶେଷରେ ଗିରଫ ହେଲେ। ହତ୍ୟା ଧମକ ଦେଇଥିବା ନେଇ, ଗାଲେରୀ ଗାଁ ର ଶାଶୁ ନମିତା ସାହୁ ତାରାସିଙ୍ଗି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାସହ ଟିନାରାଣୀ ଏବଂ ମା' ରଞ୍ଜିତା ସାହୁଙ୍କ ନାମରେ ମଧ ଥାନାରେ ଅଭିଯୋଗ ହୋଇଛି। ବାପା ଗିରଫ ହେବାପରେ ଉଭୟ ମା' ଓ ଝିଅ ଫେରାର ଅଛନ୍ତି। ବିଗତ ଦିନର ଘଟଣା ପ୍ରକାରେ, ଗାଲେରୀ ଗାଁର ସୁବାସ ସାହୁଙ୍କ ପୁଅ ଦୁଷ୍ମନ୍ତ ସାହୁ, ବ୍ରହ୍ମପୁରର ଟିନାରାଣୀଙ୍କୁ ପ୍ରେମ କରୁଥିଲେ। ଗତ ଡିସେମ୍ବର ୨୯ ତାରିଖ ଦିନ ଟିନାରାଣୀ ଗାଲେରୀ ଗାଁକୁ ଆସି ପ୍ରେମିକ ଦୁଷ୍ମନ୍ତଙ୍କ ଘର ଆଗରେ ଧାରଣା ଦେଇଥିଲେ। ଘଟଣାର କିଛିଦିନ ପରେ, ଗାଁ ଦାଣ୍ଡରେ ମହିଳା ସମାଜସେବୀ ପ୍ରମିଳା ତ୍ରିପାଠୀ ଏବଂ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଦୁଷ୍ମନ୍ତ ଏବଂ ଟିନାରାଣୀଙ୍କ ମଧ୍ୟରେ ବାହାଘର କରାଇଥିଲେ। ପରଦିନ ଉଭୟ ଟିନାରାଣୀ ଏବଂ ଦୁଷ୍ମନ୍ତ ବ୍ରହ୍ମପୁର ଯାଇଥିଲେ। ସେଠାରେ ଟିନାରାଣୀଙ୍କୁ ଛାଡି ଦୁଷ୍ମନ୍ତ ଚାଲିଯିବା ପରେ ପୁଣି ଗାଲେରୀ ଗାଁକୁ ଆସି ଶଶୁରଙ୍କ ଘର ଆଗରେ ଧାରଣା ଦେଇଥିଲେ ଟିନାରାଣୀ। କିନ୍ତୁ ଘର ଭିତରକୁ ଯିବାକୁ ଦେଇନଥିଲେ ଶଶୁର ସୁବାସ ସାହୁ ଏବଂ ଶାଶୁ ନମିତା ସାହୁ। ପରିସ୍ଥିତି ଧୀରେଧୀରେ ଗୋଳମାଳିଆ ଅବସ୍ଥାକୁ ଗଲା। ସ୍ଥାନୀୟ ଲୋକେ ଟିନାରାଣୀକୁ ସମର୍ଥନ ଦେଲେ। ଶେଷରେ ଶଶୁରଙ୍କ ଘର ଭିତରକୁ ଗଲା ଟିନାରାଣୀ। ପୁଣି ପରଦିନ ପୁଣି ବିବାଦ ଦେଖାଦେଲା। ଶଶୁରଙ୍କ ଘରେ ନରହି ନିକଟରେ ଥିବା ଶଶୁରଙ୍କ ଦୋକାନ ଘର ତାଲା ଭାଙ୍ଗି ସେଠାରେ ଟିନାରାଣୀ ରହିଲେ। ତଥାପି ସମସ୍ୟାର ସମାଧାନ ହେଲାନି। ଦୋକାନ ଘରେ ରହିଥିବା ଟିନାରାଣୀଙ୍କୁ ଦୁଇ ନଣନ୍ଦ ଏବଂ ଶାଶୁ ନମିତା ଟଣାଓଟରା କରିବା ସହ ମାଡ଼ ମାରିଥିବା ନେଇ ଥାନାରେ ଅଭିଯୋଗ କଲେ ଟିନାରାଣୀ। ଯାଭିତର ଦୁଷ୍ମନ୍ତଙ୍କ ଆଉ ଦେଖା ମିଳିଲା ନାହିଁ। ସୂଚନା ପ୍ରକାରେ ଗୋଟିଏ ପଟେ ଟିନାରାଣୀ ତାଙ୍କ ପରିବାର ଏବଂ ସମାଜ ସେବୀ ପ୍ରମିଳା ତ୍ରିପାଠୀ। ଅନ୍ୟପଟେ ଦୁଷ୍ମନ୍ତଙ୍କ ପରିବାର ତଥା ଶଶୁର ସୁବାଷ ଏବଂ ଶାଶୁ ନମିତା। ଉଭୟଙ୍କ ଭିତରେ କାଁଟେ କା ଟକ୍କର ନୀତି ଚାଲିଲା। ଉଭୟେ ଆଇନ୍‌ର ଦ୍ୱାରସ୍ଥ ହେଲେ। ଶେଷରେ ଘଟଣା ସମ୍ପୂର୍ଣ୍ଣ ଭିନ୍ନମୋଡ ନେଲା। ଟିନାରାଣୀଙ୍କ ବାପା ନାରାୟଣ ସାହୁ ଆସି ଶଶୁର ସୁବାଷ ସାହୁଙ୍କ ପରିବାରକୁ ଗାଳିଗୁଲଜ, ହତ୍ୟା ଧମକ, ଘରକୁ ପଥର ମାରିବା ଏବଂ ୨୦ ଲକ୍ଷ ଟଙ୍କା ମାଗିବା ନେଇ ଥାନାରେ ଅଭିଯୋଗ କଲେ ଶିଶୁ ନମିତା। ଏନେଇ ତାରାସିଙ୍ଗି ଥାନା ପୋଲିସ ୧୮୮/୨୩ ପ୍ରକାରେ ଟିନାରାଣୀ ବାପା ନାରାୟଣ ଏବଂ ମା' ରଞ୍ଜିତାଙ୍କ ନାମରେ ମାମଲା ରୁଜୁ କଲା। ବାପା ନାରାୟଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଟିନାରାଣୀ ଏବଂ ତାଙ୍କ ମା ଫେରାର ରହିଛନ୍ତି। ପ୍ରକାଶଥାଉକି ଦୀର୍ଘ ୬ ମାସ ଧରି ଟିନାରାଣୀ ପ୍ରସଙ୍ଗକୁ ନେଇ ତାରାସିଙ୍ଗି ଥାନା ଗାଲେରୀ ଗାଁ ଚର୍ଚ୍ଚାରେ ରହିଥିବା ବେଳେ ସମସ୍ତେ ଚାହିଁଥିଲେ ଟିନାରାଣୀଙ୍କୁ କେବେ ନ୍ୟାୟ ମିଳିବ। ଶାଶୁଘର ଲୋକଙ୍କ ଉପରେ ପୋଲିସ କି କାର୍ଯ୍ୟାନୁଷ୍ଠାନ ନେଉଛି। ହେଲେ ଆଇନ୍‌ର ଗଣିତ ପାଖରେ ସବୁ ଓଲଟପାଲଟ ହୋଇଗଲା। ହିସାବ ନିକାଶର ସବୁ ଅଙ୍କ ଭୁଲ୍ ହୋଇଗଲା। ଏବେ ସ୍ଥାନୀୟ ଅଞ୍ଚଳରେ ଟିନାରାଣୀ ବିବାଦ ଚାପି ହୋଇ ରହିଯାଇଥିବା ବେଳେ, ଟିନାରାଣୀଙ୍କ ପାଇଁ ଆଗକୁ ଆସୁଥିବା ପ୍ରମିଳା ତ୍ରିପାଠୀଙ୍କ ଆଉ ଦେଖା ନାହିଁ। ସ୍ୱୀର ଅଧିକାର ପାଇବା ପାଇଁ ମୁହଁତୋଡ ଜବାବ ରଖୁଥିବା ଟିନାରାଣୀ ଏବେ ଗିରଫ ଭୟରେ ଅନ୍ତର୍ଦ୍ଧାନ। ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଇଛି।

# ନୂତନ ପୋଲ ନିର୍ମାଣ ପାଇଁ ଦାବି



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଦସମନ୍ତପୁର ବ୍ଲକ୍ ପୋଡ଼ାଗଡ଼ ପାଖ ଜାତୀୟ ରାଜପଥରେ ଥିବା ବଙ୍ଗଲାଗୁଡା ଗ୍ରାମ ପାଖ ପୋଲ ଭୁସୁଡି ପଡି ୮ ମାସରୁ ଊର୍ଦ୍ଧ୍ୱ ଦିନ ବିତିବାକୁ ବସିଲାଣି। ତଥାପି ବିଭାଗୀୟ ଅଧିକାରି ଚୁପ ବସିଛନ୍ତି। ଉକ୍ତ ପୋଲ ନିର୍ମାଣ ହେବାର ୫୪ ବର୍ଷ ବିତିବାପରେ ଭୁସୁଡି ପଡିବାରୁ ଜାତୀୟ ରାଜପଥ ଦେଇ କୋରାପୁଟ ରାୟାଗଡ଼ା ପର୍ଯ୍ୟନ୍ତ ୧୦୯ କୋଲିମଟର ରାସ୍ତାରେ ୨୦ କିଲୋମିଟର ବୁଲିକି ଜିବାକୁ ପଡୁଥିଲା। ପ୍ରାୟ ଏକ ମାସ ଧରି ସବୁ କ୍ଷେତ୍ରରେ ବାଧା ଉପୁଜୁଥିବା ଦେଖି ଉକ୍ତ ବ୍ରିଜ କଡରେ ଏକ ଡାଇଭର୍ସନ୍ ରାସ୍ତା କରି ଦାଇତ୍ୱ ସାରି ଦେଇଛି ଜାତୀୟ ରାଜପଥ ବିଭାଗ। ଏଥିପ୍ରତି ଜିଲ୍ଲା ପ୍ରଶାସନର ଦାଇତ୍ୱ ରହିଥିଲେ ମଧ ଜିଲ୍ଲା ପ୍ରଶାସନ ମଧ ନିଘୋଡ ନିଦରେ ସୋଇ ରହିଛି। ଏବେ ସେହି ରାସ୍ତାରେ ଦୈନିକ ହଜାରହଜାର ସଂଖ୍ୟାରେ ଯାନ ବାହାନ ଚଳପ୍ରଚଳ କରୁଛି। ବର୍ତମାନ ବର୍ଷା ଦିନ ଆସି ଯାଇଛି। ନଦୀରେ ପାଣି ଆସିଲେ ଉକ୍ତ ଡାଇଭର୍ସନ ପୋଲ ବୁଡି ତା' ଉପର ଦେଇ ପାଣି ବହିବା ଫଳରେ ଯାନବାହାନ ଚଳ ପ୍ରଚଳରେ ବାଧା ଉପୁଜିବ। ଏବେବି ମୁସଳ ଧାରରେ ବର୍ଷା ହେଲେ ପାଣି ଛାଡିବା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଏନେକ ଯାନବାହାନ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ହେଲେ ବର୍ତମାନ ସୁଧା ନୂତନ ପୋଲର ଟେଣ୍ଡର ପ୍ରକ୍ରିଆ ଆରମ୍ଭ ହୋଇ ନଥିବା ବେଳେ କେବେ କାମ ଆରମ୍ଭ ହେବ କେବେ ସରିବ ତାହା ବୁଝା ପଡୁ ନାହିଁ। ତେଣୁ ବିଭାଗୀୟ ଅଧିକାରୀମାନେ ବଙ୍ଗଲାଗୁଡ଼ା ବ୍ରିଜ ଉପରେ ତୁରନ୍ତ ଦୃଷ୍ଟି ଦେଇ ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

## ବିଶ୍ୱ ପରିବେଶ ଦିବସ ପାଳିତ

କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ବନଖଣ୍ଡ ପକ୍ଷରୁ କୋରାପୁଟଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋରାପୁଟ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସଚେତତନା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲା। ଏହାପରେ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ କୋଟସ୍ ନିର୍ଦ୍ଦେଶକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କୋରାପୁଟ ସହକାରୀ କଲେଜ ଅଧ୍ୟକ୍ଷ ଦୀପକ ପଟ୍ଟନାୟକ, ଡେପୁଟି କଲେକ୍ଟର ଏନ୍ ଜଗଜୀବନ ଚୌଧୁରୀ, ବାନ୍ୟପ୍ରାଣୀ ତତ୍ତ୍ୱାବଧାରକ ରାମନାଥ ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ନାରାୟଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ଲାଷ୍ଟିକ ମୁକ୍ତ ସମାଜ ଗଠନ ନିମନ୍ତେ ସମସ୍ତ ଶପଥ ନେଇଥିଲେ। ଏହି ଅବସରରେ ଆସନ୍ତୁ ଗଛ ଚିହ୍ନିବା କାର୍ଯ୍ୟକ୍ରମ ଆୟୋଜନ କରି ପୁରସ୍କୃତ କରାଯାଇଥିଲା। ସେହିପରି ଦସ୍ତଖତ ଅଭିଯାନ ମାଧ୍ୟମରେ ପରାମର୍ଶ ସଂଗ୍ରହ କରାଯାଇଥିଲା। ସେମିଳଗୁଡ଼ାର ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ତ୍ରୀପତି ପଣ୍ଡା କାର୍ଯ୍ୟକର୍ମକୁ ପରିଚାଳନା କରିଥିଲେ।

# ବିଶ୍ୱ ପରିବେଶ ଦିବସ ପାଳିତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଲାଲ ସିଂ ନର୍ସରୀ ପରିସରରେ ସୋମବାର ଉତ୍ତର ଘୁମୁସର ବନଖଣ୍ଡ ଓ ଦକ୍ଷିଣ ଘୁମୁସର ବନଖଣ୍ଡର ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଡିଏଫ୍‌ଓ ସୁଦର୍ଶନ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପ୍ରଫେସର କୃତିବାସ ବିଶ୍ୱାଳ, ସାଂସଦ ପ୍ରତିନିଧି ପଞ୍ଚାନନ ପାଳ,




ଏସିଏଫ୍ ବିକ୍ରମ ଦେବ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥୀ, ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜୀ, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ଆମ ପରିବେଶ ଆମ ହାତରେ ନ୍ୟସ୍ତ। ଆମେ ନିଜେ ନିଜକୁ ସଜାଡିବା ସହ ବିଭିନ୍ନ ଉତ୍ସବ ଅନୁଷ୍ଠାନମାନଙ୍କରେ ପ୍ରତ୍ୟେକ ବ୍ୟକ୍ତି ବିଶେଷ ଗୋଟିଏ ଲେଖାଏଁ ଚାରା ଲଗାଇବାକୁ ସଂକଳ୍ପ କରିବା ସହ ବ୍ୟାପକ ବୃକ୍ଷ ରୋପଣ ଦିଗରେ ମନୋନିବେଶ କରିବାକୁ ସଂକଳ୍ପବଦ୍ଧ ହେବା ଜରୁରୀ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ସେହିପରି ଚତୁଃପାର୍ଶ୍ୱର ପରିବେଶକୁ ଆମେ ହିଁ ବିଗାଡି ଦେଉଥିବା ଦେଖିବାକୁ ମିଳୁଛି। ଏବେ ରାସ୍ତା ଘାଟ ସବୁଠି କଂକ୍ରିଟ ଜଙ୍ଗଲରେ ପରିଣତ ହେଲାଣି। ଏହା ଦ୍ୱାରା ସବୁଜ ପରିବେଶ ନଷ୍ଟ ହେବା ସହ ଭୂତଳ ଜଳ ସଂରକ୍ଷଣର ଦ୍ରୁତ ଅବନତି ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ଉନ୍ନତି ନଘଟିଲେ ଜୀବ ଜଗତ ଧ୍ୱଂସ ହେବାକୁ ଆଉ ବେଶୀ ଦିନ ଲାଗିବ ନାହିଁ ବୋଲି ଡକ୍ଟର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଆଶଙ୍କା ବ୍ୟକ୍ତ କରିଥିଲେ। ଶେଷରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଜପୁର ଗ୍ରାମରେ ରାସ୍ତାରୋକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗତ ଏପ୍ରିଲ ୭ ତାରିଖରେ ଏକ୍ସପାୟର ଔଷଧ ଦେବା ଫଳରେ ୧୧ ମାସର ଶିଶୁ ସଚିତ୍ ସହିଂସା ଗୁରୁତର ହୋଇ ପଡ଼ିଥିଲା। ମେଡିକାଲରେ ହଟଗୋଳ ପରେ ଗତ ୨୩ ମେ'ରେ ଏନେଇ ପାରଳାଖେମୁଣ୍ଡି ଥାନାରେ ମାମଲା ରୁଜୁ ହୋଇଥିଲା। କଟକ ଶିଶୁ ଭବନରେ ଚିକିତ୍ସା ସମୟରେ ଦୀର୍ଘ ଦୁଇମାସ ପରେ ଚିକିତ୍ସା ଅବସ୍ଥାରେ ଗତକାଲି ପ୍ରାଣତ୍ୟାଗ କରିବା ଫଳରେ ତା'ର ପ୍ରତିବାଦ କରି ଶିଶୁର ଶବ ରଖି ଯାଜପୁର ଗ୍ରାମରେ ଆଜି ସକାଳୁ ୭ଟାରୁ ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ। ପାରଳାଖେମୁଣ୍ଡି ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି। ପ୍ରାୟ ପାଞ୍ଚ ଘଣ୍ଟା ପରେ ପାରଳାଖେମୁଣ୍ଡି ତହସିଲଦାର ଓ ପାରଳାଖେମୁଣ୍ଡି ଆଦର୍ଶ ଥାନା ଆଇଆଇସି ବୁଝେଇବା ପରେ ରାସ୍ତା ଅବରୋଧ ହଟିଥିଲା। ପରିବାର ବର୍ଗ ଏବଂ ଗ୍ରାମବାସୀଙ୍କ ଦାବି ଅନୁଯାୟୀ ଛୁଆର ମା'କୁ ସରକାରୀ ଚାକିରୀ ଏବଂ ଭରଣପୋଷଣ ପାଇଁ ୧୦ଲକ୍ଷ ଦାବି କରିଥିବା ବେଳେ ରେଡ଼କ୍ରସ ପକ୍ଷରୁ ୨୦ ହଜାର ଟଙ୍କା ଜିଲ୍ଲା ପ୍ରଶାସନ ପକ୍ଷରୁ ସହାୟତା ଦେଇଥିବା ବେଳେ ସରକାରଙ୍କ ପକ୍ଷରୁ ଯାହା ସହଯୋଗ ଦିଆଯାଇପାରିବ ତାହା ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ତହସିଲଦାର କହିଛନ୍ତି। ପରେ ଶବ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ଇଚ୍ଛାମୃତ୍ୟୁ ନେଇ ରାଷ୍ଟ୍ରପତିଙ୍କ ଅନୁମତି ଲୋଡିଲେ ଗୃହରକ୍ଷୀ

କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟର ଗୃହରକ୍ଷୀମାନେ ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କ ଅନୁମତି କାମନା କରିଛନ୍ତି। ଭତ୍ତା ବୃଦ୍ଧି ପାଇଁ ଆମେ ଦୀର୍ଘ ଦିନ ହେଲା ଦାବି କରି ଆସୁଥିଲେ ହେଁ ଆମ କଥା କେହି ଶୁଣୁ ନାହାନ୍ତି। ୨୦୧୬ରେ ଆମେ ଏହି ଦାବି କରି ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଥିଲୁ। ମାନ୍ୟବର ହାଇକୋର୍ଟ ଓ ସୁପ୍ରିମକୋର୍ଟ ଆମ ସପକ୍ଷରେ ରାୟ ଦେଇଥିଲେ। ମାତ୍ରା ଏହାକୁ ଗୁରୁତ୍ୱ ନଦେଇ ପ୍ରଶାସନ ଆମ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଆସୁଥିବା ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। କୋରାପୁଟର ଗୃହରକ୍ଷୀମାନେ ପୂର୍ବରୁ ୯ହଜାର ଟଙ୍କା ଦରମା ପାଉଥିଲେ।



ଏବେ ତାହା ବଢ଼ି ୧୨ ହଜାର ଟଙ୍କା ହୋଇଛି ମାତ୍ର ଏତେ କମ୍ ଦରମାରେ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି ବୋଲି ହୋମଗାର୍ଡ ପ୍ଲାଟୁନ କମାଣ୍ଡର ନରସିଂହ କମାର କହିଛନ୍ତି। ମାସିକ ଦରମା ୧୬ ହଜାର ପ୍ରଦାନ ପାଇଁ ବାରମ୍ବାର ଆମେ ଦାବି କରି ଆସୁଥିଲେ ହେଁ ଆମକଥା କେହି ଶୁଣିନଥିବା ସେ ଅଭିଯୋଗ କରିଛନ୍ତି। ଶେଷରେ କୌଣସି ଉପାନପାଇ ଆମେ ଆତ୍ମହୁତି ଦେବାକୁ ରାଷ୍ଟ୍ରପତିଙ୍କ ସମେତ ମୁଖ୍ୟମନ୍ତ୍ରୀ ଏବଂ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ପୋଷ୍ଟାଲ ମାଧ୍ୟମରେ ଅବଗତ କରି ଅନୁମତି ମାଗିଛୁ ବୋଲି ଗୃହରକ୍ଷୀ କୃଷ୍ଣଚନ୍ଦ୍ର ନାୟକ, ପଦ୍ମଚରଣ ପାତ୍ର, ପ୍ରବୀଣ ସାହୁ, ଏସ୍ ଭାସ୍କର ପଟ୍ଟନାୟକ କହିଛନ୍ତି।

## 'ଯ-ଟି' ସଚିବଙ୍କ ଗସ୍ତ ପାଇଁ ଚମ୍ପୁଆ ପ୍ରଶାସନର ପ୍ରସ୍ତୁତି



ଚମ୍ପୁଆ, (ଭାସ୍କର ନ୍ୟୁଜ୍): '୫-ଟି' ସଚିବ ଭିକେ ପାଣ୍ଡିଆନଙ୍କ ଚମ୍ପୁଆ ଗସ୍ତକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି ଚମ୍ପୁଆ ତଥା କେନ୍ଦୁଝର ପ୍ରଶାସନ। ସୂଚନା ଅନୁସାରେ ଆସନ୍ତା ୧୦ ତାରିଖ ଦିନ '୫-ଟି' ସଚିବ ଭିକେ ପାଣ୍ଡିଆନଙ୍କ ଚମ୍ପୁଆ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇ ଥିବାରୁ ସେଥିପାଇଁ ଏବେଠାରୁ ଚମ୍ପୁଆ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠିଥିବା ଦେଖିବାକୁ ମିଳିଛି। ଆଜି '୫-ଟି' ସଚିବଙ୍କ ଏହି ଗସ୍ତକୁ ଆଖି ଆଗରେ ରଖି ଚମ୍ପୁଆ ନେହେରୁ ଷ୍ଟାଡିୟମ୍‌ଠାରେ ନିର୍ମିତ ହେବାକୁ ଥିବା ଅସ୍ଥାୟୀ ହେଲିପ୍ୟାଡ ସ୍ଥଳକୁ ଚମ୍ପୁଆ ପ୍ରଶାସନ ପକ୍ଷରୁ ନିରୀକ୍ଷଣ କରାଯାଇଛି। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବୁଦ୍ଧିଆ ମାରାଣ୍ଡି, କନିଷ୍ଠ ଯନ୍ତ୍ରୀ ଧର୍ମେନ୍ଦ୍ର ସିଂ, କେନ୍ଦୁଝର ଏସ୍‌ପି କୁସଲକର ନିତିନ ଡାଗଡୁ, ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ ମାଝୀ, ଚମ୍ପୁଆ ଏସ୍‌ଡିପିଓ ରାମରାୟ ମୁର୍ମୁ ଓ ଚମ୍ପୁଆ ଥାନା ଅଧିକାରୀ ଗଗନ ନାଏକ ଚମ୍ପୁଆ ନେହେରୁ ଷ୍ଟାଡିୟମ୍ ଠାରେ ନିର୍ମିତ ହେଉଥିବା ହ୍ୟାଲିପାଡର ସ୍ଥାନ ନିରୀକ୍ଷଣ କରିବା ସହିତ '୫-ଟି' ସଚିବଙ୍କ ପରିଦର୍ଶନ ସୂଚୀରେ ଥିବା ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକୁ ନିରୀକ୍ଷଣ କରିବା ସହିତ ସୁରକ୍ଷା ବ୍ୟବସ୍ଥା ମଧ ଅନୁଧ୍ୟାନ କରିଥିଲେ।

## ରାଜପୁର ଗ୍ରାମ ପଞ୍ଚାୟତ ପରିସରରେ ଗ୍ରାମସଭା

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଆଜି ରାଜପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସରପଞ୍ଚ ସରସ୍ୱତୀ ନାଏକ ଅଧ୍ୟକ୍ଷତା କରିଥିଲେ। ଜିପିଓ ପ୍ରତିଭା ମେଡମ୍, ପିଇଓ ରବିନାରାୟଣ ମେହେର, ଯୋଗାଣ ଅଧିକାରୀ ନିହାର ରଞ୍ଜନ ମହାପାତ୍ର, ସମିତି ସଭ୍ୟ ସସ୍ମିତା ତନ୍ତୀ, ନାଏକ ସରପଞ୍ଚ କୌଶଲ୍ୟା ଦେହୁରୀ, ମତ୍ସ୍ୟ ଅଧିକାରୀ, ପୂର୍ବତନ ସମିତି ସଭ୍ୟ ଗଣେଷ ରାମ ବାଗ, ସମସ୍ତ ୱାର୍ଡସଭ୍ୟ ସଭ୍ୟା, ସମସ୍ତ ସିଆର୍‌ପି, ସମସ୍ତ ଏସ୍‌ଏଚ୍‌ଜି ମହିଳା, ଜିଆର୍‌ଏସ୍, ଯୋଗାଣ ସହାୟକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରଥମେ ଦ୍ୱାଦଶ ବିଜ୍ଞାନ ୨୦୨୩ରେ ଝାରସୁଗୁଡା ଜିଲ୍ଲାର ପ୍ରଥମ ସ୍ଥାନ ହେମଲତା ମହାବିଦ୍ୟାଳୟରେ ପଢୁଥିବା ରାଜପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦେଓଗାଁ ଗ୍ରାମର ଶ୍ରଦ୍ଧା ସାହୁଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ତା'ପରେ ୨୦୨୩-୨୪ ବର୍ଷର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଗଲା। ବିଶେଷ ଭାବରେ ପିଇବା ପାଣିର ସମସ୍ୟା ବିଷୟରେ ଆଲୋଚନା କରାଗଲା ଶେଷରେ ପିଇଓ ଧନ୍ୟବାଦ ଦେଇ ସଭା ସାଙ୍ଗ କଲେ।

## ଅମରେଶଙ୍କ ସ୍ମୃତିରେ ସ୍ମରଣିକା 'ପ୍ରତିଭୂ' ଏବଂ ମୋ-ଡାକ ଟିକଟ ଉନ୍ମୋଚିତ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ବରିଷ୍ଠ ଅଧିବକ୍ତା ଅମରେଶ ପ୍ରସାଦ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତି ଅବସରରେ ସ୍ମରଣୀକା 'ପ୍ରତିଭୂ' ଏବଂ ମୋ-ଡାକ ଟିକଟ ଉନ୍ମୋଚନ ହୋଇଛି। ଏହି ଆନୁଷ୍ଠାନିକ ସ୍ମୃତି ସାମାରୋହରେ ରାଜ୍ୟ ଶିଳ୍ପ ଓ ଖଣି ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥୀ ଭାବେ ଯୋଗଦେଇ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ପତ୍ରିକା ଓ ତାଙ୍କ ଡାକ ଲଫାଫା ଉନ୍ମୋଚନ କରି ଅମରେଶ ବାବୁଙ୍କ ପିଲାବେଳର ବନ୍ଧୁ, ତାଙ୍କ ଆଦର୍ଶତା ଉପରେ ପ୍ରତିପାଦନ କରି ତାଙ୍କ ପରିବାରବର୍ଗଙ୍କୁ ସାଧୁବାଦ ଜଣାଇଥିଲେ। ବିଶିଷ୍ଟ ଅତିଥୀ ହକି ତାରକା ପଦ୍ମଶ୍ରୀ ଦିଲୀପ ତିର୍କୀ, ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣର ଉପଦେଷ୍ଟା ତଥା ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଏନ୍.ନାରାୟଣ ରେଡ୍ଡୀ, ଛତ୍ରପୁର ବାର ସଭାପତି ପ୍ରଦୀପ କୁମାର ପାଢୀ, ବରିଷ୍ଠ ଡାକ ଅଧୀକ୍ଷକ ତାରିଣୀ ଚରଣ ପାଢ଼ୀ, ସାହିତ୍ୟିକ ବ୍ରଜମୋହନ ଆଚାର୍ଯ୍ୟ, ଡ଼ଃ.ରାଜେନ୍ଦ୍ର ଦାଶ୍ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱର୍ଗତ ଅମରେଶ ମିଶ୍ରଙ୍କର ଉତ୍ତମଗୁଣ ଆଚରଣ ଉପରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ମିଶ୍ରଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅମରେଶ ବାବୁଙ୍କ ଉପରେ ଆଧାରୀତ ବହୁ କବି କବିତା ଆବୃତ୍ତି କରିଥିଲେ। ଅମରେଶ ମିଶ୍ରଙ୍କ ସ୍ମୃତିରକ୍ଷା ନିମନ୍ତେ ସହରରେ ଯେକୌଣସି ସ୍ଥାନରେ ତାଙ୍କରି ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ମତ ପ୍ରକାଶ ପାଇଛି। ଅମରେଶ ବାବୁ ଜଣେ ଓଡ଼ିଆ ପ୍ରାଣର ସ୍ୱାଭିମାନର ବ୍ୟକ୍ତିତ୍ୱ ବୋଲି ଡ଼ଃ.ଭି.ରାଜେନ୍ଦ୍ର ରାଜୁ, ବ୍ରହ୍ମପୁରରୁ ଆସିଥିବା ବହୁ କବି ଓ ସାହିତ୍ୟିକ ଗଣ ମତପ୍ରକାଶ କରିଥିଲେ।

## ଓଡ଼ିଆରେ ନାମ ଫଳକ ଲେଖିବା ନେଇ ବୈଠକ

ଗୁଣପୁର, (ଭାସ୍କର ନ୍ୟୁଜ୍): ଗୁଣପୁର ଉପଜିଲ୍ଲାପାଳଙ୍କ ସଭାବନା ସଭାଗୃହଠାରେ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ଓଡ଼ିଆ ନାମ ଫଳକ ଲେଖିବା ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକର ପଞ୍ଜୀକରଣ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉପଜିଲ୍ଲାପାଳ ଲଳିତ କୁମାର କହଁର ଅଧ୍ୟକ୍ଷତା କରିଥିବା ବେଳେ ରାୟଗଡ଼ ସହକାରୀ ଶ୍ରମ ଅଧିକାରୀ ଗୋପାଳ କୃଷ୍ଣ ମଙ୍ଗରାଜ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ତହସିଲଦାର ଶ୍ରୀ ଶରତ ଚନ୍ଦ୍ର ନାୟକ, ଗୁଣପୁର ପୌରସଂସ୍ଥା ଉପାଧକ୍ଷ ସହକାରୀ ଶ୍ରମ ଅଧିକାରୀ ସୁଶ୍ରୀ ସ୍ୱାତୀଲଗ୍ନା ପାତ୍ର ମଞ୍ଚାସୀନ ଥିଲେ। ରାୟଗଡ଼ ସଦର ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ କୁମାର ରଇତ ପ୍ରତ୍ୟେକ ବାଣିଜ୍ୟିକ ଅନୁଷ୍ଠାନ ଅନ୍‌ଲାଇନ୍ ମାଧ୍ୟମରେ ନିଜ ନିଜର ଅନୁଷ୍ଠାନକୁ ଶ୍ରମ ବିଭାଗ ଅଧୀନରେ ପଞ୍ଜିକୃତ କରିବା ନିମନ୍ତେ ଅନୁରୋଧ କରିଥିଲେ। ତହସିଲଦାର ସମସ୍ତ ଅନୁଷ୍ଠାନଗୁଡିକରେ ଓଡ଼ିଆ ନାମ ଫଳକ ସୁନ୍ଦର ଓ ନିର୍ଭୁଲ ଭାବେ ଲେଖିବା ନିମନ୍ତେ ଅନୁରୋଧ କରିଥିଲେ। ଉପଜିଲ୍ଲାପାଳ କହିଥିଲେ ଯେ, ଉତ୍କଳ ଦିବସ ପୂର୍ବରୁ ପ୍ରଶାସନ ତରଫରୁ ପ୍ରତି ଦୋକାନକୁ ବୁଲି ଓଡ଼ିଆ ନାମ ଫଳକ ଲେଖିବା ନିମନ୍ତେ ଅନୁରୋଧ କରାଯାଇଥିଲା, ତାହା କିଛି ଲେଖା ହୋଇଛି ଓ ଯେଉଁମାନେ ଲେଖି ନାହାନ୍ତି ସେମାନଙ୍କୁ ସ୍ୱଳ୍ପ ଦିନର ସୂଚନା ଦେଇ ଆବଶ୍ୟକ ଜରିମାନା କରାଯିବ। ବିଭାଗ ତରଫରୁ ଚଢ଼ାଉ ହେଲେ ପ୍ରଥମ ଥର ପାଇଁ ୫୦୦୦ ଓ ଦୁଇରୁ ଅଧିକ ଥର ହେଲେ ୨୫୦୦୦ ପର୍ଯ୍ୟନ୍ତ ଜରିମାନା କରାଯାଇ ପାରିବ। ଆଜିର ଏହି ବୈଠକରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍ ସନ୍ତୋଷ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ସାହାରା ପରାମର୍ଶ କେନ୍ଦ୍ର ସଚିବ ପ୍ରମୋଦ କୁମାର ସାହୁ, ମିଲ୍ ମାଲିକ ସଂଘ ସଭାପତି ଶ୍ରୀଧର, ସମ୍ପାଦକ ପଙ୍କଜ ପାଣିଗ୍ରାହୀ, ଜୁଏଲର ସଂଘ ସଭାପତି, ବଣିକ ସଂଘ, ମୋଟର ଚାଳକ ସଂଘ, ବିଭିନ୍ନ ବାଣିଜ୍ୟିକ ପ୍ରତିଷ୍ଠାନ ମୁଖ୍ୟ ଉପସ୍ଥିତ ଥିଲେ।

## ମିଳିତ ଅମଲା ମଞ୍ଚ ପକ୍ଷରୁ ଶୋକସଭା

ଜୟପୁର, (ଭାସ୍କର ନ୍ୟୁଜ୍): ମିଳିତ ଅମଲା ମଞ୍ଚ କୋରାପୁଟ ଜିଲ୍ଲା ସଭାପତି ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ଜୟପୁର ଉପଖଣ୍ଡର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ଭାଇ ଭଉଣୀ ସରକାର ସେମାନଙ୍କ ଏକ ମାତ୍ର ଦାବି ଦୀର୍ଘ ୬ବର୍ଷ ପରେ ମଧ ଯେହେତୁ ବର୍ତ୍ତମାନ ସୁଦ୍ଧା ପୁରଣ କରି ନାହାନ୍ତି ସେମାନେ ଦୀର୍ଘ ୩ ଦିନ ଧରି ସମୁହ ଛୁଟିରେ ରହିବା ସହିତ କାର୍ଯ୍ୟ ବନ୍ଦ କରିଛନ୍ତି। ବାଲେଶ୍ୱର ବାହାନଗାରେ ଘଟି ଯାଇଥିବା ହୃଦୟ ବିଦାରକ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ପାଇଁ ସମସ୍ତେ ଗୋଭିର ଦୁଃଖ ପ୍ରକାଶ କରିବା ସହିତ ଆଜି ଧାରଣାର ତୃତୀୟ ଦିନରେ ସମସ୍ତ ଅମଲାମାନେ ଶୋକ ସଭା କରିବା ସହିତ ୨ ମିନିଟ୍ ପାଇଁ ନିରବ ପ୍ରାର୍ଥନା କରିବା ସହ ଶାନ୍ତି ପୁର୍ଣ୍ଣ ଧାରଣା ଦେଇଥିଲେ।

# ଗୁରୁ ଭଗବାନ ସାହୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ବରଗଡ଼, (ଭାସ୍କର ନ୍ୟୁଜ୍): ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ ଥିଲେ ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରକ, ନୂଆଁଖାଇ ପାଳନର ମହାନାୟକ ଓ ପଶ୍ଚିମ ଓଡ଼ିଶା ଲୋକ ମହୋତ୍ସବର ଜନକ ବୋଲି ରାଜ୍ୟସ୍ତରୀୟ ଗୁରୁ ଭଗବାନ ସାହୁ ସ୍ମୃତି କମିଟି ଓ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ମିଳିତ ଆନୁକୂଲ୍ୟରେ ପାଳିତ ଗୁରୁ ଭଗବାନ ସାହୁଙ୍କ ୯୩ତମ ରାଜ୍ୟସ୍ତରୀୟ ଜୟନ୍ତୀରେ ଯୋଗଦାନ କରି ବକ୍ତା ଗଣ ମତ ପ୍ରକାଶ କରିଛନ୍ତି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ୍‌ଠାରେ ଡକ୍ଟର ତପସ୍ୱିନୀ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ,




ସମ୍ମାନିତ ଅତିଥି ଭାବେ ବରଗଡ଼ ଜିଲ୍ଲା ବିଜେପିର ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ରବୀନ୍ଦ୍ର କୁମାର ଗଡତିଆ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର କେଶରଞ୍ଜନ ପ୍ରଧାନ ଓ ଅଶୋକ ବହିଦାର ଯୋଗଦାନ କରି ଗୁରୁ ଭଗବାନ ସାହୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ କଳାକାର ମାୟାଧର ପ୍ରଧାନ ଓ ସନ୍ତୋଷ ଭେସ୍ରାଙ୍କୁ ଭଗବାନ ସାହୁ ସ୍ମୃତି ସମ୍ମାନ-୨୦୨୩ରେ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠାତା ସଦସ୍ୟ ଯୁଗଳ ପ୍ରସାଦ ସିଂ ଗୁରୁ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ପାଇଁ ଚେଷ୍ଟା କରିବାକୁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ମନୋରଞ୍ଜନ ସାହୁ, ଡକ୍ଟର ଦୁର୍ବାଦଳ ମେହେର, ପ୍ରୀତମ ସିଂ, ଯଶବୀର ସିଂ ସୈନୀ, ଶଙ୍କର ପଟ୍ଟନାୟକ, ସୁଶୀଳା ନାୟାର, ସଂଗୀତା ପଣ୍ଡା, ଉତ୍ପଳ ଭୋଇ, ମାମରାଜ ସ୍ୱାଇଁ, ଗୋପବନ୍ଧୁ ପୁରୋହିତ ଓ ନେହେରୁ ସରାଫ ପ୍ରମୁଖ ଉପସ୍ଥିତ ଥିଲେ। ମାନପତ୍ର ପଢିଥିଲେ ଡକ୍ଟର ଶେଷାନ ବିଶି ଓ ପଞ୍ଚାନନ ବାରିକ। ଗୁରୁ ଭଗବାନ ସାହୁଙ୍କ ପଟ୍ଟଶିଷ୍ୟ ଦଧୀବାବନ ଶତପଥୀ ଗୀତ ମାଧ୍ୟମରେ ଗୁରୁଙ୍କ ସ୍ମୃତି ଚାରଣ କରିଥିଲେ। ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ କମିଟିର ଉପସଭାପତି ଡକ୍ଟର ରବିନାରାୟଣ ସାହୁ ଓ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସାହିତ୍ୟିକ ମନୋରଞ୍ଜନ ମେହେର। ଶିଶୁ ନୃତ୍ୟ ଶିଳ୍ପୀ ସୌମ୍ୟା ଶାଶ୍ୱତୀ ନାୟକ, ବୈଷ୍ଣବୀ ଷଡ଼ଙ୍ଗୀ ଓ ସ୍ୱାଗତିକା ସାହୁ ନୃତ୍ୟ ପରିବେଷଣ କରିଥିଲେ ଓ ଏଇଏମ୍ ସ୍କୁଲ୍‌ର ଶିକ୍ଷୟିତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ମଳୟ ମହାନ୍ତି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ଆବାହକ ରବୀନ ଚନ୍ଦ୍ର ଦାଶ (ଲୁଲୁ)ଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା।

# ରାଜ୍ୟ ଖବର




ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରାସ୍ଥିତ ଅଲଟ୍ରାଟେକ ସିମେଣ୍ଟ କାରଖାନା ପରିସରରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କାରଖାନା ୟୁନିଟ ହେଡ କିଶୋର ମାଣ୍ଡଭିଆଙ୍କ ଆତିଥ୍ୟ ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରୋଜେକ୍ଟ ମୁଖ୍ୟ ନରେଶ ଶର୍ମା , ଟେକ୍ନିକାଲ ହେଡ ଜେ ରେଡି , ଫାଇନାନ୍ସ ହେଡ ଅଭିଷେକ ସାରଦା , ଏଚ ଆର ମୁଖ୍ୟ ଚିନ୍ମୟ ଦାସ , ସୁରକ୍ଷା ଓ ପ୍ରଶାସନିକ ମୁଖ୍ୟ ସୁଶାନ୍ତ କୁମାର ମହାପାତ୍ର , ପରିବେଶ ବିଭାଗୀୟ ଡ.ତୁଷାର ଦାସ ସହ କାରଖାନାର ସମସ୍ତ କାର୍ଯ୍ୟକର୍ତ୍ତା ଓ ଅଧିକାରୀ ସାମିଲ ରହି ବୃକ୍ଷରୋପଣ କରିଥିଲେ । ଏହା ସହିତ ଏକ ହଜାର ଊର୍ଦ୍ଧ୍ୱ ବୃକ୍ଷରୋପଣ କରିବା ସହ କାରଖାନାକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ସଂକଳ୍ପ ନେଇଥିଲେ । ଏହି ବିଶ୍ୱ ପରିବେଶ ଦିବସ ପାଳନୀୟ କାର୍ଯ୍ୟକ୍ରମକୁ କାରଖାନାର ପି ମହାନ୍ତି ପରିଚାଳନା କରିଥିବା ବେଳେ ଏଚ ଆର ସହ ପରିବେଶ ବିଭାଗୀୟ କର୍ମକର୍ତ୍ତା ସହଯୋଗ କରିଥିଲେ ।



## ୬ କ୍ୱିଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ; ପୁଅ ଗିରଫ, ବାପ ଫେରାର



ସଇଁତଲା, (ଭାସ୍କର ନ୍ୟୁଜ୍): ଦୀର୍ଘ ବର୍ଷ ହେବ ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକରେ ବୋଧଡ଼କ ଭାବେ ଗଞ୍ଜେଇ ଚୋରା ଚାଲାଣ ବଢ଼ିବାରେ ଲାଗିଛି। କିନ୍ତୁ ଅବକାରୀ ବିଭାଗ ନିଦା ବିଷ୍ଣୁ ସାଜି ଥିବା ବେଳେ ପୋଲିସ ପ୍ରଶାସନ ଓ ଗଞ୍ଜେଇ ମାଫିଆଙ୍କ ସହ ସଲାସୁତୁରା କରିବାର ବଢ଼ିଚାଲି ଥିବା ଅଭିଯୋଗ ହେଉଛି। ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ବଡ଼ମାଲ ଗୋଲାବାରୁଦ କାରଖାନା ନିକଟରେ ଥିବା ଫପସି ଭିଆଇପି ଛକର ଘନ ଶ୍ୟାମ ଜେନାଙ୍କ ଘରୁ ବିପୁଳ ପରିମାଣରେ ଗଞ୍ଜେଇ ଗଚ୍ଛିତ ରହି ଥିବାବେଳେ ଟିଟିଲାଗଡ଼ ଅବକାରୀ ବିଭାଗ ଉକ୍ତବ୍ୟକ୍ତିଙ୍କ ଘରକୁ ଚଢ଼ାଉ କରି ବିପୁଳ ପରିମାଣରେ ଜବତ କରିଥିଲା। କିନ୍ତୁ ବଡ଼ମାଲ ପୋଲିସର ନାକ ତଳେ ଏହି ଗଞ୍ଜେଇ କରବାର ଚାଲୁ ଥିବା ବେଳେ କିଭଳି ଭାବେ ପୋଲିସ ଜାଣି ପାରିଲା ନାହିଁ। ପୋଲିସ ଜାଣି କି ଚୁପଚାପ୍ ରହିଥିଲା ନାଁ ଭିତିରିଆ ଡିଲ କରି ଖେଳ ଚାଲୁଥିଲା ବୋଲି ପ୍ରଶ୍ନ ବାଚି ସୃଷ୍ଟି କରିଛି। ଏହି ଅଞ୍ଚଳରେ ଅନେକ ଗଞ୍ଜେଇ ମାଫିଆ ରହିଥିବା ବେଳେ କାହିଁକି ପୋଲିସ ଧରିବାରେ ବିଫଳ ତାହାକୁ ନେଇ ଅନେକ ସନ୍ଦେହ ଦେଖା ଦେଇଛି। ଅନ୍ୟପଟେ ପୁଅକୁ ଅବକାରୀ ବିଭାଗ ଗିରଫ କରିଥିବା ବେଳେ ବାପା ଫେରାରମାରି ଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି ବ୍ୟକ୍ତି ଜଣକ ଗଞ୍ଜେଇ କାରବାର କରି କୋଟି ପତି ସାଜି ଥିବା ବେଳେ ଆହୁରୀ ଗଞ୍ଜେଇ ମାଫିଆମାନେ କାରବାର କରିଥିବା ବେଳେ ଅବକାରୀ ବିଭାଗ ଚଢ଼ାଉ କରିବା ନାଁ ନିଦା ବିଷ୍ଣୁ ସାଜିବ ତାହା ମଧ ପ୍ରଶ୍ନ ଉଙ୍କି ମାରୁଛି। ଦୀର୍ଘଦିନ ପରେ ଟିଟିଲାଗଡ ଅବକାରୀ ବିଭାଗକୁ ଏକ ବଡ ସଫଳତା ମିଳିଛି। ଟିଟିଲାଗଡ଼ ଅବକାରୀ ବିଭାଗ, ବଙ୍ଗୋମୁଣ୍ଡା ଅବକାରୀ ବିଭାଗ ସମେତ ଜିଲ୍ଲା ମୋବାଇଲ ଟିମର ମିଳିତ ଚଢ଼ାଉରେ ବଡ଼ମାଳ ଗୋଲାବାରୁଦ କାରଖାନା ମୁଖ୍ୟ ଗେଟ୍ ଭିଆଇପି ଛକ ନିକଟରେ ଥିବା ଘନଶ୍ୟାମ ଜେନାଙ୍କ ଘରୁ ବିପୁଳ ପରିମାଣର ଚୋରା ଚାଲାଣ ହେବାକୁଥିବା ୬୩୦ କେଜି ଗଞ୍ଜେଇ ଜବତ ହୋଇଛି। ସୂଚନା ମତେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗର ମିଳିତ ଟିମ୍ ଅକର୍ଟିତ ଭାବରେ ଚଡଉ କରିଥିଲା। ଚଢ଼ାଉ ସମୟରେ ବିପୁଳ ପରିମାଣର ଗଞ୍ଜେଇ ଭର୍ତ୍ତି ଥିବା ବସ୍ତା ଗୁଡ଼ିକୁ ଦେଖି ଅବକାରୀ ଅଧିକାରୀମାନେ ବିସ୍ମିତ ହୋଇଯାଇଥିଲେ। ସମ୍ପୃକ୍ତ ଗଞ୍ଜେଇ ବେପାରୀ ଘନଶ୍ୟାମ ଜେନାକୁ ଗିରଫ କରାଯିବା ସହ ଜବତ ଗଞ୍ଜେଇକୁ ରାତିରେ ଟିଟିଲାଗଡ ଅବକାରୀ କାର୍ଯ୍ୟାଳୟକୁ ଅଣାଯାଇଥିଲା। ତେବେ ପୂର୍ବରୁ ଏତେ ପରିମାଣରେ ଗଞ୍ଜେଇ ଜବତ ହୋଇନଥିବା ବେଳେ ଏହା ଅବକାରୀ ବିଭାଗର ବଡ ସଫଳତା ବୋଲି ଚର୍ଚ୍ଚା ଉଠିଛି। ଜବତ ଗଞ୍ଜେଇ ଗୁଡିକ ତୁଷୁରା ପଟରୁ ଆସୁଥିବା ଅବକାରୀ ବିଭାଗ ଅନୁମାନ କରିଛି। ଏହି ଚଢ଼ାଉରେ ବଙ୍ଗୋମୁଣ୍ଡା ଅବକାରୀ ଅଧିକାରୀ ସୁମିତ କୁମାର ସାହୁ, ଏ ଏସ୍ ଆଇ ସମୀର କୁମାର ଭୋଇ, ମୋବାଇଲ ଟିମର ଆଶିଷ ବାଗ, ଗଗନ ମିଶ୍ର, କୁମୁଦିନୀ ମଲ୍ଲିକ୍, ଲଳିତା ଭୋଇ, ସୁନୀଲ ବଡ଼େଇ, ଚନ୍ଦନ ପଟେଲ ପ୍ରମୁଖ ସାମିଲ ଥିଲେ। ଜବତ ଗଞ୍ଜେଇକୁ ବିଭାଗ ପକ୍ଷରୁ ଓଜନ କରାଯିବା ସହ ଅଭିଯୁକ୍ତ ଘନଶ୍ୟାମ ଜେନା (୨୮) ନାଁରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନ୍ତର୍ଗତ ମାମଲା ଦାୟର କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ବିଭାଗକୁ ବଡ଼ ସଫଳତା ମିଳିଥିବା ବେଳେ ବଡ଼ମାଲ ପୋଲିସର ନାକ ତଳେ ଚାଲି ଥିବା ବେଳେ ବିଫଳତା ପୋଲିସ ହୋଇଥିବା ଚର୍ଚ୍ଚା ଜୋର ଧରିଛି।

## କଂଗ୍ରେସ ତରଫରୁ ନୂତନ ବିଡ଼ିଓଙ୍କୁ ସ୍ୱାଗତ



ତେନ୍ତୁଳିଖୁଣ୍ଟି,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀଙ୍କୁ କଂଗ୍ରେସ ଦଳ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି । ବ୍ଲକ୍‌ର ୧୫ ଟି ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଛନ୍ତି। ସମସ୍ତଙ୍କ ସହଯୋଗରେ ରହିଥିବା ସମସ୍ୟା ଗୁଡ଼ିକ ସମାଧାନ କରାଯାଇ ପାରିବ ବୋଲି ନୂତନ ଭାବେ ଯୋଗ ଦେଇ ଥିବା ବିଡ଼ିଓ ମନୋଜ କୁମାର ପାଣିଗ୍ରାହୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ତେନ୍ତୁଳି ଖୁଣ୍ଟି ବ୍ଲକ୍ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ୍, ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାନେତ୍ରୀ ତଥା ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା ପି. ନାଗରତ୍ନମ୍, ଜିଲ୍ଲା କଂଗ୍ରେସ ଆଦିବାସୀ ସେଲ ସଭାପତି ଦିଲୀପ ପ୍ରଧାନୀ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଭୀମ ପାଣିଗ୍ରାହୀ, ବରିଷ୍ଠ କଂଗ୍ରେସ ନେତା ବସନ୍ତ ପାଣିଗ୍ରାହୀ, ବରିଷ୍ଠ କଂଗ୍ରେସ ନେତା କିଶୋର ସିଂ, ତେନ୍ତୁଳିଖୁଣ୍ଟି ବ୍ଲକ ଉପ ସଭାପତି ସୁନିଲ ସିଂ, ତେନ୍ତୁଳିଖୁଣ୍ଟି ସମିତି ସଭ୍ୟ ଶୁଭସ୍ମିତା ପାଣିଗ୍ରାହୀ, ସରପଞ୍ଚ ଟଭା ନାୟକ, ପୂଜାରୀ ଗୁଡା ସମିତି ସଭ୍ୟା ବିନୋଦିନୀ ସିଂ,ସରପଞ୍ଚ ଅନାଦି ମାଝୀ, ଦିଗି ସମିତି ସଭ୍ୟ ସୁଶୀଳା ପୂଜାରୀ, ପୂର୍ବତନ ସରପଞ୍ଚ କୁମର ପୂଜାରୀ, ଶଙ୍କର ନାୟକ, ନରସିଂହ, ଛାତ୍ର କଂଗ୍ରେସ ପ୍ରମୁଖ ଉପସ୍ଥିତ ରହି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## 'ନିଜ ସୃଷ୍ଟି-ନିଜ ଦୃଷ୍ଟି'ଶୀର୍ଷକ ସାହିତ୍ୟ ସମାରୋହ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା, ଝାରସୁଗୁଡ଼ା ଶାଖା ଆନୁକୂଲ୍ୟରେ ଗତ ସୋମବାର ଦିନ 'ନିଜ ସୃଷ୍ଟି -ନିଜ ଦୃଷ୍ଟି 'ଶୀର୍ଷକ ସାହିତ୍ୟ ସମାରୋହର ଦ୍ୱିତୀୟ ପର୍ବ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଅ ଭା ସା ପ , ଓଡ଼ିଶାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ଜିଲ୍ଲା ସଂପାଦିକା ଶିବପ୍ରିୟା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସଭପତିତ୍ୱ କରିଥିଲେ ପ୍ରଲ୍ଲଳିତ ମୋହନ ଦାଶ ।ସଭାର ଆଭିମୁଖ୍ୟ ଜ୍ଞାପନ କରି ଶ୍ରୀମତୀ ମିଶ୍ର କହିଲେ ଯେ ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ରଷ୍ଟା ସାହିତ୍ୟିକଙ୍କୁ ଭେଟି ,ତାଙ୍କ ଲେଖକଙ୍କ ଜୀବନ ଓ କାବ୍ୟ ସର୍ଜନାର ଆଦିଭୂମିକୁ ସହଜରେ ଛୁଇଁ ହେବ। ସ୍ରଷ୍ଟାଙ୍କ ମୁହଁରୁ ତାଙ୍କ ସୃଷ୍ଟିର ରହସ୍ୟକୁ ପ୍ରାଞ୍ଜଳ ଭାବେ ବୁଝି ହେବ।ଏହି ଅଭିନବ ଉଦ୍ୟମକୁ ଉପସ୍ଥିତ ସମସ୍ତ ସୁଧୀ ସାରସ୍ୱତବୃନ୍ଦ ସ୍ୱାଗତ କରିବା ସହ ଏ ଧାରାକୁ ଆଗକୁ ନେଇ ସର୍ଜନଶୀଳ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ସଭାପତି ଶ୍ରୀଯୁକ୍ତ ଦାଶ ଏହା ସମାଲୋଚନା ସାହିତ୍ୟକୁ ଋଦ୍ଧିମନ୍ତ କରିବ ବୋଲି ମତ ଦେଇଥିଲେ ।ସଭାର ମୁଖ୍ୟ ଆକର୍ଷଣ ବିଶିଷ୍ଟ ଲେଖିକା ଶ୍ରୀମତୀ ମାଧବୀ ପଟେଲ ତାଙ୍କ ସୃଜନ ସମ୍ଭାର ର ସୂଚନା ଦେବା ସହିତ ସ୍ୱୟଂସିଦ୍ଧା (କବିତା ପୁସ୍ତକ) ଏବଂ ପୀଢ଼ି ଓ ଅନ୍ୟାନ୍ୟ ଗଳ୍ପ ଉପରେ ନିଜସ୍ୱ ଆଲୋଚନା ରଖିଥିଲେ ।ଉକ୍ତ ସଭାରେ ବସନ୍ତ ନାଥ, ମନ୍ଦାକିନୀ ଶତପଥି, ଶୁଭ ନାରାୟଣ ସ୍ୱାଇଁ,ପ୍ରଣତି ପଟ୍ଟନାୟକ, ରାମଚନ୍ଦ୍ର ପଟେଲ ପ୍ରମୁଖ ମାଧବୀଙ୍କ ସୃଜନ ସମଗ୍ର ଉପରେ ମତ ରଖିଥିଲେ ।ସୁଜାତା ପାଣିଗ୍ରାହୀ, ଡଃ ସ୍ୱର୍ଣ୍ଣମୟୀ ପୁରୋହିତ, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ରାଜଶ୍ରୀ ମେହେର, ଗୀତା ପଟ୍ଟନାୟକ, ପ୍ରଜ୍ଞାଂଶୁ ମହାନ୍ତି ଅମ୍ବିକା ପ୍ରସାଦ ଦାଶ, ନିବେଦିତା ମିଶ୍ର, ସୁରେଶ ପ୍ରଧାନ, ଉମା ରାଣୀ ପାଢ଼ୀ, ସୁବୋଧ ଚନ୍ଦ୍ର, ସୌମ୍ୟରଞ୍ଜନ ସ୍ୱାଇଁ,ଗଉରୀ ପମା, ସୁସ୍ମିତା ପଟେଲଙ୍କ ସମେତ ଭୁବନେଶ୍ୱର, ସୁନ୍ଦରଗଡ଼, ବଲାଙ୍ଗିର ତଥା ଝାରସୁଗୁଡ଼ା ଜିଲ୍ଲାର ବହୁ ସାରସ୍ୱତ ସାଧକ/ସାଧିକା ଯୋଗ ଦେଇଥିଲେ। ପରିଷଦର ଉପ ସଭାପତି ଅଧାପିକା ପଦ୍ମାବତୀ ମହାପାତ୍ର ସଭା ସଞ୍ଚାଳନ କରିଥିବା ବେଳେ ସହ ସମ୍ପାଦକ ଅଧାପକ ହେମନ୍ତ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୌରବ ଭାରତୀୟ ମହିଳା କ୍ରିକେଟ ଦଳର ମ୍ୟାନେଜର ଶିବ ପ୍ରସାଦ ତ୍ରିପାଠୀ

କନ୍ଧମାଳ (ଭାସ୍କର ନ୍ୟୁଜ୍): ଭାରତୀୟ କ୍ରିକେଟ ବୋର୍ଡ଼ ଦ୍ୱରା କନ୍ଧମାଳ ଜିଲ୍ଲା ଆଥିଲେଟିକ ସଂଘର ସମ୍ପାଦକ, ଜିଲ୍ଲା ଦୌରା ଜଜ କୋର୍ଟରେ ଅତିରିକ୍ତ ପବ୍ଲିକ ପ୍ରୋସିକିଟର ଓ ସାମ୍ବାଦିକ ଭାବେ ଶିବ ପ୍ରସାଦ ତ୍ରିପାଠୀ ଉଦୀୟମାନ ଭାରତୀୟ ମହିଳା କ୍ରିକେଟ ଦଳର ମ୍ୟାନେଜର ଭାବେ ନିଯୁକ୍ତ ହେଇଛନ୍ତି। ଏହା ଗୌରବର କଥା। ଆସନ୍ତା ଗୁରୁବାର ଦିନ ଉଦୀୟମାନ ଭାରତୀୟ ମହିଳା କ୍ରିକେଟ ଦଳକୁ ଧରି ହଂକଂ ଗସ୍ତ କରି ସେଠାରେ ଏସିଆ କପ ଚାମ୍ପିଅନସିପ ରେ ଭାଗନେବେ ବୋଲି ପ୍ରକାଶ ପାଇଛି । ଉକ୍ତ ଚାମ୍ପିଅନସିପରେ ଭାରତ ସହ ଅନ୍ୟ ସାତ ଗୋଟି ଏସୀୟା ମହାଦେଶୀୟ ଦଳ ହଂକଂ, ବାଂଲାଦେଶ, ଥାଇଲାଣ୍ଡ, ପାକିସ୍ତାନ, ଶ୍ରୀଲଙ୍କା, ମାଲୟେସିଆ, ଉଇଟେଣ୍ଟ ଆରବ ଏମିରେଟ ଭାଗ ନେବେ । ଚାମ୍ପିଅନସିପ ୧୨ ତାରିଖରୁ ଆରମ୍ଭ ହୋଇ ୨୧ ତାରିଖ ରେ ଫାଇନାଲ ଖେଳ ହେବ । ଶ୍ରୀ ତ୍ରିପାଠୀ, ଓଡିଶା କ୍ରିକେଟ ଆସୋସିଏସନ ସଭାପତି ଶ୍ରୀ ପ୍ରଣବ ପ୍ରକାଶ ଦାସ , ସମ୍ପାଦକ ସଞ୍ଜୟ ବେହେରା ଓ ବିସିସିଆଇକୁ ଧନ୍ୟବାଦ ଜଣାଇଛନ୍ତି। ୨୯ ଗୋଟି ଜିଲ୍ଲାର ଏହି ପରି ମ୍ୟାନେଜର କିଏ ନାହାନ୍ତି। ଶ୍ରୀ ତ୍ରିପାଠୀ ଏହା ପୂର୍ବରୁ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚରେ ଭାରତୀୟ କ୍ରିକେଟ ଦ୍ୱାରା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ଏତିକି ସମସ୍ତ ସୁବିଧା ଥାଇ ମଧ କନ୍ଧମାଳ ଜିଲ୍ଲାରେ ଆଜି ପର୍ଯ୍ୟନ୍ତ କୌଣସି କିକ୍ରେଟ ଖେଳାଳି କଳାହାଣ୍ଡି କପ ପାଇଁ ଉଚିତ ଖେଳାଳି ଖେଳିବାର ସୁବିଧା ପାଇଁ ନାହାଁନ୍ତି କି ଜିଲ୍ଲାର କୌଣସି ଖେଳରେ ସଫଳ ମିଳିନାହିଁ। କିନ୍ତୁ ଏମିତି ରାଜନୀତି ହେଉଛି ଦୀର୍ଘ ବର୍ଷ ହେଲାଣି ଜିଲ୍ଲା ଆଟିଲେଟିକ ସଂଘର ସମ୍ପାଦକ ପାଇଁ କୌଣସି ଯୋଗ୍ୟ ବ୍ୟକ୍ତି ନାହାନ୍ତି।ଜଣେ ଏକ ମାତ୍ର ଏକୟର ବଳା ବିସିକେସନ ପରି ଦୀର୍ଘ ବର୍ଷ ସମ୍ପାଦକ ରହିବା ସହିତ କର୍ମଚାରୀ ମାନେ ସେମିତି ଅଛନ୍ତି। ଏହା ସହିତ ଖେଳ ପଡ଼ିଆର ଉନ୍ନତି ନାହିଁ କି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଟପ ପିଚ ଠିକ୍ ହୋଇପାରିଲା ନାହିଁ। ଏବେ ସେହି ସ୍ଥାନକୁ ଏତେ ଜାଗ୍ରତ ଯେ ଟପ ପିଚ ଉପରେ ଗଛ ଉଠିଗଲାଣି। ତେଣୁ ଖେଳ ଓ ପଦବୀକୁ ଧରି ରାଜନୀତି ନ ହେଉ ବରଂ ଜିଲ୍ଲାର ବିଭିନ୍ନ ଖେଳାଳିମାନଙ୍କ ପାଇଁ ଆସୁଥିବା ସୁବିଧା, ଆସବ କୀଟ, କୋଚିଙ୍ଗ ଦିଆଗଲେ ଆହୁରି ଜିଲ୍ଲାର ଗୌରବ ହୋଇପାରିବ।

## ବାଇକ୍ ଚୋରି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ



ସଇଁତଲା,(ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନାର ଅନେକ ଗାଁରୁ ବୋଧଡ଼କ ଭାବେ ବିଭିନ୍ନ ବାଇକ ଚୋରି ବଢ଼ିବାରେ ଲାଗିଥିଲା। ଖଲିଆପାଲି ଗାଁର ସୁଶାନ୍ତ ସାହୁଙ୍କ ବାଇକ ଚୋରି ହୋଇଥିବା ନେଇ ସୁଶାନ୍ତ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ପୋଲିସ ଭିତ୍ତି କରି କେସ ନମ୍ବର ୧୨୮/ ୨୩ଏକ ମାମଲା ରୁଜୁ କରିଥିଲେ ଏବଂ ତଦନ୍ତ ଜାରି ରଖିଥିଲା ସଇଁତଲା ପୋଲିସ । ଗତ ଶୁକ୍ରବାର ଦିନ କୁମ୍ଭାରୀ ଗାଁର ଖେଳ ପଡିଆରେ ରହୁଥିବା ଜଣେ ନାବାଳକ ଘରୁ ୫ ଟି ପାଇକକୁ ଉଦ୍ଧାର କରିଥିଲା ପୋଲିସ କିନ୍ତୁ ମୁଖ୍ୟ ଅଭିଯୁକ୍ତ ଫେରାର ମାରିବାରେ ସଫଳ ହୋଇ ଥିଲା। ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଟିଟିଲାଗଡ଼ ଏସଡ଼ିପିଓ ଅଙ୍କିତା କୁମ୍ଭାର ଏକ ସ୍ୱତନ୍ତ୍ର ଟିମ ଗଠନ କରିବା ସହ ଏଏସ୍‌ଆଇ ଥବୀର ମହାରଣା ତଦନ୍ତ ଜାରିରଖି ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ କରି ଏକ ବାଇକ ମଧ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ କୁମ୍ଭାରୀ ଗାଁ ଧୂମାମରାର ସୁବାଷ ବାଗ (ଆତା )ବୋଲି ଟିଟିଲାଗଡ଼ ଏସ୍‌ଡ଼ିପିଓ ଅଙ୍କିତା କୁମ୍ଭାର ସୂଚନା ଦେଇଛନ୍ତି। ଜାମିନ ନା ମଞ୍ଜୁର ହେବାରୁ ଟିଟିଲାଗଡ଼ କୋର୍ଟ ଚାଲାଣ କରିଛି ସଇଁତଲା ପୋଲିସ। ଅନ୍ୟପଟେ ଟିଟିଲାଗଡ଼ ଏସଡ଼ିପିଓ ଭାବେ ଅଙ୍କିତା କୁମ୍ଭାର ଯୋଗଦେବା ପରେ ଅଞ୍ଚଳରେ ଚୋରି, ଡକାୟତ କମିବାରେ ଲାଗି ଥିବା ବେଳେ ୨୪ ଘଣ୍ଟା ନ ପୂରୁଣୁ ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହେଉଥିବା ବେଳେ ଅଞ୍ଚଳବାସୀ ବେଶ ପ୍ରଶଂସା ମଧ କରୁଥିବା ଦେଖିବାକୁ ମିଳୁଛି।

## ୩୨୦ ବୋତଲ କଫ୍ ସିରଫ ଜବତ, ୧ ଗିରଫ



ନୂଆପଡ଼ା,(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଅବକାରୀ ବିଭାଗ ବେଆଇନ ଏସ୍‌କଫ୍ ସିରଫ୍ ବିକ୍ରି କରୁଥିବା ଅଭିଯୋଗରେ ସୋମବାର କୋମନା ଥାନା ପଣ୍ଡରାପଥର ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅବକାରୀ ବିଭାଗଠାରୁ ମିଳିଥିବା ସୂଚନା ଅନୁଯାୟୀ, କୋମନା ଥାନା ଉଦ୍ୟାନବନ୍ଧ ମହୁଲିପଡ଼ା ଗ୍ରାମର ଡିଗେଶ୍ୱର ଅହିର(୨୭) ବେଆଇନ ଭାବରେ ଏସ୍‌କଫ୍ ସିରଫ୍ ଚାଲାଣ କରୁଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗକୁ ସୂଚନା ଦେଇଥିଲା। ନୂଆପଡ଼ା ଅବକାରୀ ଅଧିକାରୀ ସଂଘମିତ୍ରା ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଇନ୍ସପେକ୍ଟର ହୀରାବତୀ ଥାଟିଳ, ଏସଆଇ ସଞ୍ଜିବ ବେହେରା, ଗୁପ୍ତେଶ୍ୱର ପଟେଲ, ରୀତା ଶବର ଓ ଦୀପାଞ୍ଜଳି ତିୱାରୀ କୋମନା ଥାନା ପଣ୍ଡରାପର ଛକରେ ଚଢ଼ଉ କରିଥିଲେ। ଚଢ଼ଉରେ ଡିଗେଶ୍ୱରଠାରୁ ୩୨୦ ବୋତଲ କପ୍ ସିରଫ ଜବତ ହୋଇଥିଲା। ପରେ ଅବକାରୀ ନିୟମାନୁଯାୟୀ ଏକ ମାମଲା ରୁଜୁକରି ଅଭିଯୁକ୍ତ ଡିଗେଶ୍ୱରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜବତ ଏସକଫ୍ ସିରଫର ମୂଲ୍ୟ ପ୍ରାୟ ୬୦ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା,କାରଣ ଅସ୍ପଷ୍ଟ

ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ୍): କିଛି ଦିନର ବ୍ୟବଧାନ ପରେ ଲକ୍ଷ୍ମୀପୁର ବ୍ଲକରେ ପୁଣି ଏକ ଆତ୍ମ ହତ୍ୟା ଘଟଣାକୁ ନେଇ ଚାଞ୍ଚଲ୍ୟ ଖେଳି ଯାଇଛି । କୁସୁମଗୁଡା ପଞ୍ଚାୟତ ଅନ୍ତର୍ଗତ କୁଟୁଣିପଦର ଗ୍ରାମର ଚୁନା ବୈପାରି ୪ ବର୍ଷ ତଳେ ରାୟଗଡା ଜିଲ୍ଲା ଟିକିରି ଥାନା ଅଧିନସ୍ଥ ମୁଣ୍ଡ ବିନ୍ଧା ଗ୍ରାମର ମିଲି ବୈପାରିଙ୍କୁ ଆଦିବାସୀ ରିତିନିତି ଅନୁଯାୟୀ ବିବାହ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଦୁହିଁଙ୍କର କୌଣସି ପିଲା ଛୁଆ ହୋଇ ନଥିବା ବେଳେ ଦୁହେଁ ହସ ଖୁସିରେ ରହିଆସୁଥିଲେ। ସୋମବାର ରାତି ୧୧ଟା ବେଳେ କୌଣସି କାରଣ ବସତଃ ମହିଳା ଜଣକ ଘରଭିତରେ ଦୌଡି ଲଗାଇ ଆତ୍ମହତ୍ୟା କରୁଥିବା ଦେଖି ତାଙ୍କ ସ୍ୱାମୀ ସାହି ପଡିଶାଙ୍କୁ ଡାକି ତାଙ୍କୁ ଉଦ୍ଧାର କରି ରାତି ୧୨ଟା ବେଳେ ଲକ୍ଷ୍ମୀପୁର ଡାକ୍ତରଖାନା ଆଣିଥିଲେ। ଡାକ୍ତର ଖାନାରେ ପହଁଞ୍ଚିବା ପୂର୍ବରୁ ତାଙ୍କର ମୃତ ହୋଇଥିବା ଡାକ୍ତର କହିଛନ୍ତି। ରାତି ଅନେକ ହୋଇଯିବାରୁ ଆଜି ସକାଳେ ମହିଳାଙ୍କ ଭାଇ ଭାଗିରଥୀ ମିଦୁଲି ଲକ୍ଷ୍ମୀପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ପାଇବା ପରେ ଲକ୍ଷ୍ମୀପୁର ଆଇଆଇସି ଶ୍ୱେତପଦ୍ମା ସେଠ୍ ସଦଳବଳେ ଘଟଣା ସ୍ଥଳକୁ ଯାଇ ଆତ୍ମହତ୍ୟାରେ ବ୍ୟବହୃତ ଦୌଉଡିକୁ ଯବତ କରିବା ସହ ଅଧିକ ତଦନ୍ତ କରି ଫେରି ଆସିଛନ୍ତି। ମିଳିର ମାନସିକ ଦୋଷ ଥିବା ସହ ଏଇ ଆତ୍ମ ହତ୍ୟାରେ ତାଙ୍କ ସ୍ୱାମୀର କୌଣସି ସମ୍ପର୍କ ନଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି । ଏହାକୁ ନେଇ ସବୁ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ଲିଖିତ ଅଭିଯୋଗକୁ ନେଇ ଲକ୍ଷ୍ମୀପୁର ପୋଲିସ୍ ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବର୍ତ୍ତମାନ ସୁଧା ଆତ୍ମହତ୍ୟାର କାରଣ ଜଣା ପଡି ନଥିଲେ ମଧ ବ୍ୟବଚ୍ଛେଦ ରିପୋର୍ଟକୁ ପୋଲିସ୍ ଅପେକ୍ଷା କରିଛି ।

## ଟ୍ରେନ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟ କ୍ୟାଣ୍ଡେଲ୍ ଯାତ୍ରା



ପଦ୍ମପୁର,(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲାର ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତକଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରାୟଗଡ ଜିଲ୍ଲା ପଦ୍ମପୁର ସଦରରେ ପଦ୍ମପୁର ବିକାଶ ପରିଷଦର ଓ ପଦ୍ମପୁର ଅଟୋ ଚାଳକ ସଂଘ ପକ୍ଷରୁ ଏକ କ୍ୟାଣ୍ଡାଲ ରାଲି ସ୍ଥାନୀୟ ଖିଲାମୁଣ୍ଡା ଗ୍ରାମ ଦେବୀଙ୍କ ପୀଠରୁ ବାହାରି ପଦ୍ମପୁର ସହର ଓ ମୁଖ୍ୟ ରାସ୍ତା ପରିକ୍ରମା କରି ବିଜୟାନନ୍ଦ ହାଇସ୍କୁଲ ନିକଟରେ ଥିବା ଗଣେଷ ମନ୍ଦିର ପର୍ଯ୍ୟନ୍ତ ଯାଇ ମୃତକଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଛି। ରାଲିରେ ବିକାଶ ପରିଷଦର ସଦସ୍ୟ, ସ୍ଥାନୀୟ କିଛି ଯୁବକ ଓ ବୁଦ୍ଧିଜୀବୀମାନେ ସାମିଲ ହୋଇଥିଲେ। ମୃତକ ପରିବାର ବର୍ଗଙ୍କୁ ଜଗତର ନାଥ ଜଗନ୍ନାଥ ସହାୟହୋଇ ଧାର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଛି। ଏହି ଘଟଣା ପାଇଁ ଅଞ୍ଚଳବାସୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ବିଶ୍ୱ ପରିବେଶ ଦିବସ ପାଳିତ



ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମା ସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ଅପାଧକ୍ଷା ଲିପିକା ବରୋଇ ସମ୍ମାନନୀୟ ଅତିଥି ରୂପେ ରାଇଘର ବ୍ଲକ ଅଧକ୍ଷା ନବୀନା ନାୟକ, ବ୍ଲକ ଉପାଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କାର, ୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ସ୍ଥାନୀୟ ସରପଞ୍ଚ ଲମ୍ବୋଦର ମାଝୀଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ଉପସ୍ଥିତ ଅତିଥମାନେ କହିଥିଲେ ଯେ, ଜଙ୍ଗଲ ଯେପରି ଭାବେ ଧ୍ୱଂସ ହେବାରେ ଲାଗିଛି ତାକୁ ନଜରରେ ରଖି ଜଙ୍ଗଲକୁ ସମସ୍ତେ ମିଶି ସୁରକ୍ଷା କରିବା ସହ ଗଛ ଲଗାଇ ଯତ୍ନର ତାକୁ ସୁରକ୍ଷା ଦେବା ଏବଂ ଆମ ପରିବେଶକୁ ଆମେ ସୁରକ୍ଷା ଦେଇପାରିବା ତା'ରି ଉପରେ ଅତିଥି ଗଣ ସଚେତନତା ବାର୍ତ୍ତା ଦେଇଥିଲେ। ତାପରେ ବନ ବିଭାଗ ତରଫରୁ ଅତିଥି ଗଣକୁ ଗୋଟାଏ ଗୋଟାଏ ଗଛ ପ୍ରଦାନ କରାଯାଇ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗନା ବନ ପାଳ କାମାକ୍ଷ ପ୍ରସାଦ ସ୍ୱାଇଁ ପରିଚାଳନା କରିଥିବା ବେଳେ ପାରା ଗାର୍ଡ, ବନ ସୁରକ୍ଷା କମିଟିର ସଦସ୍ୟ, ଲାଇଫ ସ୍ୱାଡ, ପ୍ରମୁଖ ଉପସ୍ଥିତ ଥିଲେ।

## ବସ୍‌ଷ୍ଟାଣ୍ଡ ଓ ଖେଳପଡ଼ିଆ ନିର୍ମାଣ ନେଇ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ



ତେନ୍ତୁଳିଖୁଣ୍ଟି,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ସଦର ମହକୁମାଠାରେ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଶାସନ ନିକଟରେ ବାରମ୍ବାର ଦାବି କରାଯାଉଛି କିନ୍ତୁ ଆଜି ପର୍ଯ୍ୟନ୍ତ ବସ ଷ୍ଟାଣ୍ଡ ଟିଏ ହୋଇ ପାରୁ ନାହିଁ । ତେନ୍ତୁଳି ଖୁଣ୍ଟି ସଦର ମହକୁମା ହୋଇ ସୁଦ୍ଧା ବସଷ୍ଟାଣ୍ଡ ନ ଥିବା ଫଳରେ ଯାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଇନ୍ଦ୍ରାବତୀ ଠାରୁ ନବରଙ୍ଗପୁର ଅଭିମୁଖେ ଯେତେ ସବୁ ଯାତ୍ରୀ ବାହି ବସ ଯାତାୟାତ କରୁଛି ସେଗୁଡ଼ାକ ତେନ୍ତୁଳି ଖୁଣ୍ଟି ଗାଁ ମଧକୁ ପ୍ରବେଶ ନ କରି କୂର୍ମା କୋଟ ଛକଦେଇ ଚାଲି ଯାଉଛି। ଫଳରେ ତେନ୍ତୁଳି ଖୁଣ୍ଟିର ଯାତ୍ରୀ ବସ ରେ ଯିବା ପାଇଁ କିମ୍ବା ବସ ରୁ ଓହ୍ଲେଇ ପ୍ରାୟ ୧ କିଲୋମିଟର ଚାଲି ଚାଲି ଯିବାକୁ ପଡୁଛି। ଏହା ସହିତ ତେନ୍ତୁଳିଖୁଣ୍ଟି ଠାରେ ଖେଳପଡ଼ିଆ ମଧ ନିର୍ମାଣ ହୋଇପାରିନି। ଏଥିଯୋଗୁଁ ଅଞ୍ଚଳର ଶତାଧିକ କ୍ରୀଡ଼ାବିତ୍ କ୍ରୀଡ଼ା ଅଭ୍ୟାସ କରି ପାରୁନାହାନ୍ତି। ଫଳରେ କ୍ରୀଡା ପ୍ରେମୀମାନଙ୍କ ପ୍ରତିଭା ଲୋକଲୋଚନକୁ ଆସି ନ ପାରି ଲୁକ୍କାୟୀତ ଭାବେ ରହିଯାଉଛି। ଏହି ସବୁ ସମସ୍ୟାକୁ ନେଇ ତେନ୍ତୁଳିଖୁଣ୍ଟି ବୀର ଯୁବକ ସଂଘର ଯୁବଗୋଷ୍ଠୀ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ମନୋଜ ପାଣିଗ୍ରାହୀ ସହ ଆଲୋଚନା କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଖେଳପଡ଼ିଆ ଏବଂ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅନୁରୋଧ କରାଯାଇଛି। ବିଡିଓ ଯୁବ ଗୋଷ୍ଠୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରି ନୂତନ ଖେଳପଡ଼ିଆ ଏବଂ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ଉପରିସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରି ଏହି ସବୁ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦିଆଯିବ ବୋଲି ବିଡିଓ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସମାଜସେବୀ ଭୀମସେନ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଶତପଥୀ, ପିଙ୍କୁ ସାହୁ, ଅଜିତ କର୍କରା, ନାଲୁ ସାମନ୍ତରାୟ, ବାବୁ ଜାନୀ, ଆପଲରାଜୁ ଦାସ, ଝିଲୁ ଦାସ, ରବି ପାଣିଗ୍ରାହୀ ସମେତ ବୀର ଯୁବକ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ୨୦୨୪ ନିର୍ବାଚନ ପାଇଁ ୩ ଦଳ ତରଫରୁ ସାଂଗଠନିକ ପ୍ରକ୍ରିୟା ଆରମ୍ଭ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ନିର୍ବାଚନ ସକାଶେ ତିନି ଦଳ ଅର୍ଥାତ୍ ବିଜେଡ଼ି, ବିଜେପି ଓ କଂଗ୍ରେସ ତରଫରୁ ସାଂଗଠାନିକ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତିନି ପ୍ରମୁଖ ଦଳର ନେତା ମାନେ ସଂଗଠନକୁ ଦୃଢ଼ କରିବା ଲଗିପଡ଼ିଥିବା ବେଳେ କଂଗ୍ରେସ ତରଫରୁ ବିଧାୟକ ପାର୍ଥି ରୁପେ ପ୍ରାୟତଃ ସ୍ଥିର ହୋଇସାରିଛି। ସେହିପରି ବିଜେପି ତରଫରୁ ବର୍ତ୍ତମାନର ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପାର୍ଟି ହେବା ନିଷ୍ଚିତ ମନେ ହଉଛି। ବର୍ତ୍ତମାନ ବିଜେଡ଼ି କାହାକୁ ପାର୍ଟି କରିବ ତାହା ଏବେ ସୁଦ୍ଧା ସ୍ଥିର ହୋଇନାହିଁ। ନିର୍ବାଚନ ଫଳା ଫଳ କୁ ଦେଖିଲେ ଗତ ୨୦୦୪ ନିର୍ବାଚନ ପର ଠାରୁ କଂଗ୍ରେସ ଆଉ କ୍ଷମତାକୁ ଫେରିନାହିଁ। ଏବେ କଂଗ୍ରେସର ନୁଆ ଚେହେରା ସନରଜ୍ ଗଣ୍ଡ ନିର୍ବାଚନ ପାରିହେବାକୁ ବିଭିନ୍ନ ପଞ୍ଚାୟତ ତଥା ଗ୍ରାମକୁ ଯାଇ ନିଜର ସଂଗଠନକୁ ବୃଦ୍ଧି କରିବାରେ ଲାଗିଛନ୍ତି। ସେହିପରି ବିଜେପି ର ସର୍ଗତ ଧର୍ମୁ ଗଣ୍ଡ ୨୦୦୪ ମସିହାରେ ବିଜେପି ଟିକେଟ ରେ ବିଜୟ ହାସଲ କରିଥିଲେ।୨୦୦୭ ପଞ୍ଚାୟତ ନିର୍ବାଚନ ରେ ରାଇଘର ବ୍ଲକ୍‌ରେ ଦଳିତ ସମାଜର ପର୍ଥୀ ବିପୁଳ ସଂଖ୍ୟାରେ ବିଜୟୀ ହୋଇ ବ୍ଲକ ଚେୟାର ମେନ୍ ଗଠନ କରିଥିଲେ। ତାପରେ ପରେ ଦଳିତ ସମାଜ ବିଜେଡ଼ି ରେ ମିଶି ୨୦୦୯ ସାଧାରଣ ନିର୍ବାଚନ ରେ ସର୍ଗତ୍ ଜଗବନ୍ଧୁ ମାଝୀ ପ୍ରଥମ ଥର ବିଜେଡ଼ି ଟିକେଟ ରେ ବିଜୟୀ ହୋଇଥିଲେ। ୨୦୧୧ ମସିହାରେ ଜଗବନ୍ଧୁ ମାଝୀଙ୍କ ମୃତ୍ୟୁ ପରେ ଉପ ନିର୍ବାଚନ ହୋଇଥଲା। ଏବଂ ସେହି ଉପ ନିର୍ବାଚନ ରେ ସୁବାଷ ଗଣ୍ଡ ବିଜେଡ଼ି ତରଫରୁ ଲଢି ୨୦,୦୦୦ ହଜାର ରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଥିଲେ। ତା' ପରବର୍ଷ ଅର୍ଥାତ୍ ୨୦୧୨ ପଞ୍ଚାୟତ ନିର୍ବାଚନ ରେ ମଧ ବିଜେଡ଼ି ୪ ଟି ଜିଲ୍ଲା ପରିଷଦ ଆସନ ହାତେଇବା ସହ ବ୍ଲକ ଅଧକ୍ଷ ପଦ ମଧ ହାତେଇ ଥିଲା। କିନ୍ତୁ ୨୦୧୭ ପଞ୍ଚାୟତ ନିର୍ବାଚନ ରେ ବିଜେଡ଼ିକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ବିଜେପି ୪ ଟି ଜିଲ୍ଲା ପରିଷଦ ସହ ବ୍ଲକ ଅଧକ୍ଷ ପଦ ମଧ ହାତେଇ ଥିଲା। ପୁଣି ୨୦୧୯ ସାଧାରଣ ନିର୍ବାଚନ ରେ ବିଜେପି ତରଫରୁ ନିତ୍ୟାନନ୍ଦ ଗଣ୍ଡ ପାର୍ଥୀ ହୋଇ ବିଜୟୀ ହୋଇ ଥିଲେ। ତାପରେ ୨୦୨୨ ପଞ୍ଚାୟତ ନିର୍ବାଚନ ରେ ବିଜେଡ଼ି ସମର୍ଥିତ ଜିଲ୍ଲା ପରିଷଦ ସହ ବ୍ଲକ ଅଧକ୍ଷ ପଦ ହାତେଇ ବାରେ ସକ୍ଷମ ହୋଇପାରିଥିଲା। ବର୍ତ୍ତମାନ ସାଧାରଣ ନିର୍ବାଚନ ଗୋଟାଏ ବର୍ଷରୁ କମ ଥିବା ବେଳେ ତିନି ଦଳର ନେତା ମାନେ ସଂଗଠନକୁ ସୁଧାରିବାରେ ଲାଗିପଡିଛନ୍ତି। ତାସହ ଦଳ ମଧରେ କିଛିଟା କନ୍ଦଳ ବାରିହଉଛି। ଏବଂ ଆଗାମୀ ନିର୍ବାଚନ ପ୍ରମୁଖ ତିନି ଦଳ ପାଇଁ ଏକ ଅଗ୍ନି ପରୀକ୍ଷା ହେବ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏପଟେ ଦୀର୍ଘ ଦିନ ଧରି କଂଗ୍ରେସ ବିଜୟୀ ହୋଇପାରି ନାହିଁ। ତଥାପି ଏଠାରେ କଂଗ୍ରେସର ପକେଟ୍ ଭୋଟ କିଛି ରହିଅଛି। ସେପଟେ ପ୍ରଧାନ ମନ୍ତ୍ରୀ ଙ୍କ ବିକାଶକୁ ଘରେ ଘରେ ପହଞ୍ଚିଇ ନିର୍ବାଚନ ବୈତରଣୀ ପାରି ହେବାକୁ ବିଜେପି ଆଶା ରଖିଛି। ଏପଟେ ବିଜେଡ଼ି ମଧ ମୂଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାସକୁ ନେଇ ଘରେ ଘରେ ପହଞ୍ଚିଇ ନିର୍ବାଚନ ମଇଦାନକୁ ଓଲାଇବ ହେବ ବୋଲି ସାଧାରଣରେ ଚର୍ଚ୍ଚା ହଉଥିବା ଦେଖିବାକୁ ମିଳିଛି।



ଯଦି ତୁମର ଖରାପ ସମୟ ଆସିଛି କଠିନ ପରିଶ୍ରମ କର ଯଦି ତୁମର ଭଲ ସମୟ ଆସିଛି ଅନ୍ୟକୁ ସାହାଯ୍ୟ କର।

-ମଦର ଟେରେସା



ଉତ୍ସାହ- ସବୁ ପ୍ରକାର କର୍ମ କରିବାକୁ ପ୍ରେରଣା ଦିଏ। ଶେଷରେ କାର୍ଯ୍ୟରେ ସଫଳତା ଆଣିଦିଏ।

-ବାଲ୍ମିକୀ



## ସାରୁ ଖୋଳୁ ଖୋଳୁ ମହାଦେବ

# ଅପରାଧିକ ଷଡ଼ଯନ୍ତ୍ରର ସଙ୍କେତ !

ବାଲେଶ୍ୱର ଜିଲ୍ଲାର ବାହାନଗା ଠାରେ ଘଟିଥିବା ହୃଦୟବିଦାରକ ଟ୍ରେନ୍ ଦୁର୍ଘଟଣାର ତଦନ୍ତ କାର୍ଯ୍ୟ ବିଧିବଦ୍ଧ ଭାବରେ ଆରମ୍ଭ ହୋଇଛି। ରେଳ ସୁରକ୍ଷା ଆୟୁକ୍ତ ଦୁର୍ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିବା ସହିତ ସ୍ଥାନୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଘଟଣା ସଂପର୍କରେ ପଚରାଉଚରା କରିଛନ୍ତି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇର ଏକ ଦଶଜଣିଆ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତନାଘନା ଖୋଳତାଡ଼ ଆରମ୍ଭ କରିଛନ୍ତି। ଏହି ଭୟଙ୍କର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିବା କରମଣ୍ଡଳ ଏକ୍ସପ୍ରେସ୍‌ର ଚାଳକ, ସହକାରୀ ଲୋକ ପାଇଲଟ୍ ଓ ଗାର୍ଡ ରେଳ ସୁରକ୍ଷା ଆୟୁକ୍ତଙ୍କୁ ଦେଇଥିବା ବୟାନ୍ ଯେତିକି ଚାଞ୍ଚଲ୍ୟକର ମନେହେଉଛି, ଦୁର୍ଘଟଣାର କାରଣ ନେଇ ସେତିକି ରହସ୍ୟ ସୃଷ୍ଟି କରୁଛି। ଶୁକ୍ରବାର ସନ୍ଧ୍ୟାରେ ବାହାନଗା ଷ୍ଟେସନରେ ମାଲଗାଡ଼ି ଛିଡ଼ା ହୋଇଥିବା ଲୁପ୍ ଲାଇନ୍‌ରେ ଯିବା ପାଇଁ କରମଣ୍ଡଳ ଏକ୍ସପ୍ରେସ୍‌କୁ ସବୁଜ ସଂକେତ କିପରି ମିଳିଲା, ତାହା ହିଁ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ନିୟମ ଅନୁସାରେ ସେହି ସମୟରେ ଲୁପ୍ ଲାଇନ୍‌ରେ ଲାଲ୍‌ବତୀ ଜଳିବା କଥା, ଯେପରି ଅନ୍ୟ କୌଣସି ଟ୍ରେନ୍ ସେହି ଲାଇନ୍‌ରେ ଆସିବ ନାହିଁ। ମାତ୍ର ସବୁଜ ବତୀ ଜଳିବାରୁ କରମଣ୍ଡଳ ଏକ୍ସପ୍ରେସ୍ ସେହି ଲାଇନ୍‌ରେ ଦ୍ରୁତ ବେଗରେ ମାଡି ଆସି ମାଲଗାଡ଼ିକୁ ଧକ୍କା ଦେଇଥିଲା। ରେଳବାଇର ସିଗ୍‌ନାଲ ବ୍ୟବସ୍ଥା ସଂପୂର୍ଣ୍ଣ ଭାବରେ ସ୍ୱୟଂଚାଳିତ ହୋଇଥିବା ଦୃଷ୍ଟିରୁ ଏଥିରେ ତ୍ରୁଟିର ସମ୍ଭାବନା ନଥାଏ। ଏପରିସ୍ଥଳେ ଲାଲ୍ ସିଗ୍‌ନାଲ ବଦଳରେ ସବୁଜ ସିଗ୍‌ନାଲ ଦିଆଯିବା ଅପରାଧିକ ଷଡ଼ଯନ୍ତ୍ର ଦିଗକୁ କିଛିଟା ଇଙ୍ଗିତ କରୁଛି। ସାରୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ବାହାନଗା ଟ୍ରେନ୍ ଦୁର୍ଘଟଣାର ନେପଥ୍ୟରେ କୌଣସି ଷଡଯନ୍ତ୍ରକାରୀଙ୍କ ହାତ ଯେ ଥାଇପାରେ, ତାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଖୋର୍ଦ୍ଧା ରୋଡ ଡିଆର୍‌ଏମ୍‌ଙ୍କ ବକ୍ତବ୍ୟ ମଧ୍ୟ ଏହି ଧାରଣାକୁ ଅଧିକ ଖୋରାକ୍ ଯୋଗାଇଛି। ସେ କହିଛନ୍ତି ଯେ, 'ମନ୍ଦ' ଉଦ୍ଦେଶ୍ୟ ରଖି କେହି ଇଣ୍ଟରଲକିଂ ବ୍ୟବସ୍ଥାରେ ପରିବର୍ତ୍ତନ କରିଥିବାରୁ ଏତେ ବଡ ଦୁର୍ଘଟଣା ଘଟିଥିବାର ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି। କୋଲକାତା, ହାଇଦ୍ରାବାଦ ଓ ନୂଆଦିଲ୍ଲୀରୁ ଆସିଥିବା ଫରେନ୍ସିକ୍ ଟିମ୍ ବାହାନଗା ଷ୍ଟେସନରେ ପହଞ୍ଚି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣ ସଂଗ୍ରହ କରିଛନ୍ତି। ବାହାନଗାର ଏହି ଭୟାବହ ଟ୍ରେନ୍ ଦୁର୍ଘଟଣା ପଛରେ ସିଗ୍‌ନାଲ୍ ବ୍ୟବସ୍ଥାରେ ତ୍ରୁଟି ମୁଖ୍ୟ କାରଣ ବୋଲି ଜଣାପଡିବା ପରେ ଏବେ ରେଳବାଇ ବୋର୍ଡର ଚେତା ପଶିଛି। ରେଳବାଇ ମନ୍ତ୍ରଣାଳୟ ଅଧିନରେ ଥିବା ୧୯ ଟି ଜୋନ୍‌ରେ ସିଗ୍‌ନାଲ ବ୍ୟବସ୍ଥାର ସୁରକ୍ଷା ଯାଞ୍ଚ ପାଇ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସୁରକ୍ଷା ଯାଞ୍ଚ ଅଭିଯାନରେ ସିଗ୍‌ନାଲ ବ୍ୟବସ୍ଥାର 'ସୁପର ଚେକ୍' ପାଇଁ ଗୁରୁତ୍ୱ ଦେବାକୁ କୁହାଯାଇଛି। ଭାରତର ମହାଲେଖାକାର ବା ସିଏଜି ଗତ ବର୍ଷ ଦାଖଲ କରିଥିବା ରିପୋର୍ଟରେ ଆମ ଦେଶର ରେଳ ବ୍ୟବସ୍ଥାରେ ରହିଥିବା ଗୁରୁତର ତ୍ରୁଟିଗୁଡ଼ିକୁ ବିସ୍ତୃତ ଭାବରେ ଦର୍ଶାଇଥିଲେ, ଯାହା ବାହାନଗା ଦୁର୍ଘଟଣା ପରେ ଚର୍ଚ୍ଚିତ ପ୍ରସଂଗ ହୋଇଛି। ଟ୍ରେନ୍ ଲାଇନ୍‌ଚ୍ୟୁତ୍ ହେବା ଘଟଣାକୁ ଏଡାଇବା ଲାଗି ସିଏଜି ଅନେକଗୁଡିଏ ସୁପାରିଶ କରିଥିଲେ। ଦେଶର ୬୨ ପ୍ରତିଶତ ରେଳବଗିରେ ଅଗ୍ନିନିର୍ବାପନ ବ୍ୟବସ୍ଥା ନଥିବା ଏହି ରିପୋର୍ଟରେ ଦର୍ଶାଯାଇଥିଲା। ମାତ୍ର ସିଏଜିଙ୍କ ସୁପାରିଶଗୁଡିକୁ କାର୍ଯ୍ୟକାରୀ କରିବାରେ ରେଳବାଇ କର୍ତ୍ତୃପକ୍ଷ ବିଫଳ ହେବାରୁ ଏବେ ବିଭିନ୍ନ ସ୍ଥାନରେ ଛୋଟବଡ ଅନେକ ଟ୍ରେନ୍ ଦୁର୍ଘଟଣା ଘଟିଚାଲିଛି। ବାହାନଗା ଦୁର୍ଘଟଣାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିବାବେଳେ ଦେଶର ଅଧିକାଂଶ ବିରୋଧୀ ଦଳ ସିବିଆଇ ତଦନ୍ତକୁ ବିରୋଧ କରି ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛନ୍ତି। ତେବେ ଏହି ମର୍ମନ୍ତୁଦ ଦୁର୍ଘଟଣାର ପ୍ରକୃତ କାରଣ ଖୋଜି ବାହାର କରିବାରେ ସମସ୍ତେ ସହଯୋଗ କରିବା ଆବଶ୍ୟକ।

# କରମଣ୍ଡଳର କରାଳ ବିଭୀଷିକା



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା

ସଭ୍ୟତାର ଅଗ୍ରଗତି ସହିତ ବିଶ୍ୱରେ ବିଜ୍ଞାନର ଅଶେଷ ଅଗ୍ରଗତି ହୋଇଛି ଏହା ସତ୍ତ୍ୱେ ଦେଶରେ ଅହରହ ବିଭିନ୍ନ ଦୁର୍ଘଟଣା ହେବାରେ ଲାଗିଛି। କୌଣସି ଦୁର୍ଘଟଣାରେ ମଣିଷର ହାତ ନଥାଏ, କିନ୍ତୁ କାଳର ଗତି ବଡ ବିଚିତ୍ର କାହାର କେତେବେଳେ ସମୟ ଆଗତ ହେବ ସେ କାଳର ଗ୍ରାସ ହେବ ତାହା ଆକଳନ କରିବା ମନୁଷ୍ୟର ସାମର୍ଥ୍ୟର ବାହାରେ। ଏ ଯେପରି ତିନଦିନ ତଳେ ବାଲେଶ୍ୱରର ବାହାନଗା ଠାରେ କରମଣ୍ଡଳର କରାଳ ଗତି ଶତାଧିକ ପରିବାରର ଅନେକ ବାପା, ମା, ଭାଇ, ଭଉଣୀ, ପୁଅ, ଝିଅ ଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଇ ଉକ୍ତ ପରିବାରକୁ ସର୍ବଶ୍ୱାନ୍ତ କରିଦେଇଛି। କେତେ ହୋଇଛନ୍ତି ମା' ଛେଉଣ୍ଡ, କେତେ ବାପା ଛେଉଣ୍ଡ। ବାର୍ଷିକ ୧.୫ ଲକ୍ଷ ଲୋକ ଭାରତରେ ସଡକ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଯଦି ଆଭରେଜ ହିସାବକୁ ନିଆଯାଏ ତେବେ ପ୍ରତ୍ୟେହ ୧୧୩୦ ଦୁର୍ଘଟଣା ଘଟୁଥିବାବେଳେ ୪୨୨ ଜଣଙ୍କର ପ୍ରତ୍ୟେକ ଦିନ ମୃତ୍ୟୁ ହେଉଥିବା ବେଳେ ପ୍ରତ୍ୟେକ ଘଣ୍ଟାରେ ୧୮ ଜଣ ଦୁର୍ଘଟଣା ଜନିତ ମୃତ୍ୟୁ କବଳରେ କବଳିତ ହେଉଛନ୍ତି। ଯଦି ରେଳ ଦୁର୍ଘଟଣାର ପରିସଂଖ୍ୟାନକୁ ଦେଖାଯାଏ ତେବେ ୨୦୨୧ ରେ ଭାରତରେ ୧୭,୯୯୩ଟି ରେଳ ଦୁର୍ଘଟଣା ଘଟି ୧୬,୪୩୧ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ନ୍ୟାସ୍‌ନାଲ୍ କ୍ରାଇମ୍ ରେକର୍ଡ କହେ। ଭାରତରେ ସବୁଠାରୁ ୫ଟି ବଡ ରେଳ ଦୁର୍ଘଟଣା ଘଟିଛି ଯାହା ହେଲା ୧-ବିହାର ରେଳ ଦୁର୍ଘଟଣା ମୃତ୍ୟୁ-୭୫୦ରୁ ଅଧିକ, ୨- ଫିରୋଜାବାଦ ରେଳ ଦୁର୍ଘଟଣା- ମୃତ୍ୟୁ ୩୮୫, ୩-ଓଙ୍ଗିଶା ରେଳ କ୍ରାସ୍ ମୃତ୍ୟୁ୨୯୫, ୪- ଗଇଶାଲ ରେଳ ଦୁର୍ଘଟଣା ମୃତ୍ୟୁ- ୨୮୫, ୫-ଖାନା ରେଳ ଦୁର୍ଘଟଣା- ମୃତ୍ୟୁ ୨୧୨। ଏହିପରି ଅନେକ ରେଳ ଦୁର୍ଘଟଣା ଘଟି ଅନେକ ନୀରିହ ଜୀବନ ସାଙ୍ଗକୁ ଅହେତୁକ କ୍ଷତି ଘଟିଛି। ଏହି ସବୁ ଦୁର୍ଘଟଣା ଅନେକ କାରଣରୁ ଘଟିଥାଏ, ଯାହାହେଲା:-ହେଡ ଅନ୍ କୋଲିଜନ, ରିଅର ଏଣ୍ଡ୍ କୋଲିଜନ, ସାଇଡ କୋଲିଜନ୍, ଟ୍ରାକ ଭେନ୍‌ଡାଲିଜିମ୍, ଫାୟାର ଏକ୍ସପ୍ଲଏଜନ, ମେକାନିକାଲ ଜନିତ ଏବଂ ରୋଲିଙ୍ଗ ଷ୍ଟ୍ରାକ୍ ଇତ୍ୟାଦି। କିନ୍ତୁ ଯଦି ବାହାନଗାରେ ଘଟିଥିବା ରେଳ ଦୁର୍ଘଟଣାକୁ ବିଚାରକୁ ନିଆଯାଏ ତେବେ ଏହା ରେଳ ବିଭାଗର ଅପାରଗତାର ସ୍ପଷ୍ଟ ଚିତ୍ର ପ୍ରତିପାଦିତ କରିଥାଏ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଆମ କେନ୍ଦ୍ର ସରକାର 'ଆଜାଦ୍ କା ଅମୃତ ମହୋତ୍ସବ' ପାଳନ କରିବା ସହ ରାଜ୍ୟବାସୀଙ୍କୁ 'ବୁଲେଟ ଟ୍ରେନ୍‌ର' ସୁନେଲି ସ୍ୱପ୍ନ ଦେଖାଉଥିବା ବେଳେ ରେଳ ବିଭାଗରେ ଥିବା ବିଭିନ୍ନ ଜିନିଷ ପଦାର୍ଥର ରକ୍ଷଣାବେକ୍ଷଣ ଠିକ୍ ଭାବରେ ହେଉନଥିବାର ଅନେକ ଅଭିଯୋଗ ହୋଇଛି। କିନ୍ତୁ ତା ସତ୍ତ୍ୱେ ଆମ ମୋଦି ସରକାର ଦେଶରେ ତଥା ରାଜ୍ୟରେ ବୁଲେଟ ଟ୍ରେନ୍ ଚଳାଇବାର ଭେଳିକି ଦେଖାଉଛନ୍ତି। ଆଜିର ଏକବିଂଶ ଶତାବ୍ଦୀରେ ଟେକ୍ନୋଲଜି ଅହେତୁକ ପ୍ରଗତି କରିଥିଲାବେଳେ ଏଭଳି ଦୁର୍ଘଟଣା କାହିଁକି ଘଟୁଛି ତାହା ଏକ ପ୍ରଶ୍ନବାଚୀ? ବର୍ତ୍ତମାନ ପରିସଂଖ୍ୟାନ କହେ ରେଳ ବିଭାଗରେ ୧ ଲକ୍ଷ ୨୦ ହଜାର ସିକ୍ୟୁରିଟ ଷ୍ଟାଫ ନାହାନ୍ତି ଯେଉଁମାନେ ଟ୍ରାକ୍, ସିଗନାଲ ଇତ୍ୟାଦିର ନିରୀକ୍ଷଣ କରିଥାନ୍ତି। ତଥାପି ବିଭାଗୀୟ ମନ୍ତ୍ରୀ ଛାତିଫୁଲାଇ ନିଜ ବିଭାଗର ବଡିମା ଗାଇବାରେ ଲାଗିଛନ୍ତି। ବର୍ତ୍ତମାନ ଆମର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୪ଟି ବିଭାଗର ମନ୍ତ୍ରୀ। ବିଶେଷ ଭାବରେ ଯାହା ଦେଖାଦେଇଛି ବର୍ତ୍ତମାନ ଅଶ୍ୱିନୀ ବୈଷ୍ଣବ ପ୍ରଧାନମନ୍ତ୍ରୀଙ୍କ ପ୍ରଚାରମନ୍ତ୍ରୀ ଭାବେ ନିଜର କାର୍ଯ୍ୟ କରିଚାଲିଛନ୍ତି। ଆମ ଦେଶରେ ଜଣେ ପୂର୍ଣ୍ଣକାଳୀନ ରେଳମନ୍ତ୍ରୀ ନାହାନ୍ତି। ଅଶ୍ୱିନୀ ବାବୁଙ୍କୁ ସାହାଯ୍ୟ କରିବା ପାଇଁ କେହି ରାଷ୍ଟ୍ରମନ୍ତ୍ରୀ ନାହାନ୍ତି। ଅଶ୍ୱିନୀ ବାବୁ ପ୍ରଧାନମନ୍ତ୍ରୀ କେଉଁଠି ୫ କିଲୋମିଟର ରେଳ ଲାଇନ ଚଳାଚଳ ପାଇଁ ପ୍ରଧାନମନ୍ତ୍ରୀ କିପରି ନୀଳ ଝଣ୍ଡା ଦେଖାଇବେ ସେଥିରେ ବ୍ୟସ୍ତ। ଅଶ୍ୱିନୀ ବାବୁଙ୍କ ସମୟରେ ଏହି ରେଳ ଦୁର୍ଘଟଣା ଘଟି ୩୦୦ରୁ ଅଧିକ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧୦୦ ରୁ ଅଧିକ ରେଳଯାତ୍ରୀ ଆଘାତପ୍ରାପ୍ତ। ଆମ ସମ୍ବିଧାନର ଆର୍ଟିକିଲ -୨୧ କହେ ଭାରତର ପ୍ରତ୍ୟେକ ଜନତାଙ୍କ ଜୀବନ ସୁରକ୍ଷା କରିବା ଭାରତ ସରକାରଙ୍କ ଦାୟିତ୍ୱ। ପ୍ରତ୍ୟେକ ଦିନ ୨୧ ଲକ୍ଷ ଯାତ୍ରୀ ରେଳରେ ଯାତାୟତ କରିଥାନ୍ତି , ସେମାନଙ୍କ ଧନ ଜୀବନର ସୁରକ୍ଷା ଦାୟିତ୍ୱ ଭାରତ ସରକାରଙ୍କର। କିନ୍ତୁ ତାହା ଆମର ଭାରତ ସରକାର କିପରି ନେଉଛନ୍ତି ପାଠକେ ବିଚାର କରିବେ। ଗତ ୫ ବର୍ଷ ଭିତରେ ଡିରେଲମେଣ୍ଟ ଘଟି ଚାଲିଛି। ତାହାର କାରଣ ଓ ପ୍ରତିକାର ପାଇଁ ସରକାର କ'ଣ କରୁଛନ୍ତି। ଯେଉଁ ଅବସ୍ଥା ୯୦ ଦଶକରେ ଥିଲା ଏବେ ମଧ୍ୟ ସେହି ଅବସ୍ଥା ଅଛି। ଆମ ରେଳମନ୍ତ୍ରୀଙ୍କର ଆନ୍ତରିକ ଇଚ୍ଛା ରେଳବିଭାଗକୁ ଘରୋଇକରଣ କରି ଆମ୍ବାନୀ, ଆଦାନୀ ଭଳି ବାବୁଙ୍କୁ ଟେକିଦେଇ ଜନସାଧାରଣଙ୍କ ଧନ ଜୀବନର ସୁରକ୍ଷାର ଭାରରୁ ମୁକ୍ତ ହେବା। ବଡ ଦୁଃଖର ବିଷୟ ୨୦୧୪ ମସିହାରେ ମୋଦି ସରକାର ଆସିବା ପରେ ରେଳ ବଜେଟକୁ ଉଚ୍ଛେଦ କରିଦେଇଥିଲେ। ରେଳ ବିଭାଗ ନିଜର ସ୍ୱତନ୍ତ୍ରତା ହରାଇ ଅର୍ଥ ବିଭାଗର ହାତଟେକା ଅର୍ଥ ଉପରେ ନିର୍ଭର କରେ। ଆମ ପ୍ରଧାନମନ୍ତ୍ରୀ ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ସ୍ଥାନକୁ ଯାଇ ଏହି ରେଳ ଦୁର୍ଘଟଣାରେ ଯେଉଁମାନେ ଦାୟୀ ସେମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ କରାହେବ ବୋଲି କହିଥିଲେ। ତତ୍ ସହିତ ସେଠାର ଲୋକାଲ ଜନସାଧାରଣ ତଥା ସ୍ୱେଚ୍ଛାସେବୀମାନେ ଯେଉଁପ୍ରକାରେ ରାତିଦିନ ଖିଆ,ପିଆ ଛାଡି ଦୁର୍ଘଟଣା ଗ୍ରସ୍ତ ଲୋକମାନଙ୍କୁ ଉଦ୍ଧାର କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରିଥିଲେ, ପ୍ରଧାନମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଥିବାବେଳେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନବାବୁ ଘଣ୍ଟାକ ଭିତରେ ପହଞ୍ଚି ରୋଗୀ ସ୍ଥାନାନ୍ତରିତ ପାଇଁ ୧୦୦ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ସହିତ ଚକିତ୍ସିତ ରୋଗୀମାନଙ୍କ ପାଇଁ ରକ୍ତ ବ୍ୟବସ୍ଥା କରିବା ସହିତ ବିବିନ୍ନ ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ଅବସ୍ଥା ବିଷୟରେ ବୁଝିଥିବା ବେଳେ ପ୍ରଧାନମନ୍ତ୍ରୀ ସୌଜନ୍ୟତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାକୁ ଭୁଲିଗଲେ।

ବର୍ତ୍ତମାନ ରେଳଭିଭାଗରୁ ମିଳିଥିବା ତଥ୍ୟ କହେ ସିଗ୍‌ନାଲ ଫେଲିଓର ଯୋଗୁ ଏହି ଘଟଣା ଘଟିଥିଲା। ତେବେ ସିଗନାଲ ଫେଲ ହେଲା କାହିଁକି ଏଥିପାଇଁ ଦାୟୀ କିଏ? କାହା ଉପରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ? ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯାଞ୍ଚ ରିପୋର୍ଟ ଆସିଲା ବେଳକୁ ଆମ ଲୋକ ଏ ଘଟଣାକୁ ଭୂଲିଯାଇଥିବେ। କରମଣ୍ଡଳ ଟ୍ରେନ୍‌ରେ ସୁରକ୍ଷା କବଚ ଥିଲା କି ବୋଲି ପ୍ରଶ୍ନ କରିଥିଲେ ୱେଷ୍ଟ ବେଙ୍ଗଲର ମୁଖ୍ୟମନ୍ତ୍ରୀ । କାରଣ ଯଦିଥାନ୍ତା ତେବେ ଏହା ୪୦୦ ମିଟର ପୂର୍ବରୁ ରହିଥାନ୍ତା। ୨୦୨୨ରେ ରେଳମନ୍ତ୍ରୀ କହିଥିଲେ ପ୍ରଧାନମନ୍ତ୍ରୀ ପୁରା ରେଳ ସିଷ୍ଟମରେ କବଚ ଲାଗିବ ବୋଲି ଦୃଢତା ପ୍ରକାଶ କରିଥିଲେ। ମାତ୍ର ୨୦୨୨-୨୩ ରେ ୨୨ କୋଟି ରେଳ କବଚ ପାଇଁ ଖର୍ଚ୍ଚର ଆକଳନ ହୋଇଛି। ଏକ ଲକ୍ଷ କୋଟି ଟଙ୍କା ରେଳ କବଚ ପାଇଁ ଦରକାର ଥିବାବେଳେ ସରକାର ୫୦୦ କୋଟି ଖର୍ଚ୍ଚ ମଧ କରିପାରିନାହାନ୍ତି। ତେଣୁ ଆମ ରେଳ ବିଭାଗ କେବଳ ଏଭଳି ଯୋଗ୍ୟ ମନ୍ତ୍ରୀ ତଥା ବରିଷ୍ଠ ରେଳ ଟେକ୍ନିସିଆନମାନଙ୍କୁ ନେଇ ଚାଲିଛି। ବର୍ତ୍ତମାନ ରେଳ ବିଭାଗରେ ଅନେକ ବରିଷ୍ଠ ପଦବୀ ଖାଲିପଡିଛି। ପୂରା ରେଳ ସିଷ୍ଟମ କଳୁଷିତ ହୋଇଯାଇଛି। ଏହି ବିଭାଗର ମା ବାପା କେହିନାହାଁନ୍ତି। ତେବେ ସେ ଯାହା ହେଉନା କାହିଁକି ଆମ ରେଳମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ଚାଟୁକାର ନୀତି ଛାଡି ନିଜ ବିଭାଗର କିପରି ବିକଶିତ ହେବ ସେଥିପ୍ରତି ଦୃଷ୍ଟି ଦେବା ଦରକାର। ସେ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ବିଶେଷଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ରାଶି ପ୍ରଦାନ ପାଇଁ ଘୋଷଣା କରିଥିବା ବେଳେ, ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ସାହାଯ୍ୟ ଦେବାପାଇଁ ଘୋଷଣା କରିଛନ୍ତି। ଏବଂ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ଦେବାପାଇଁ ମଧ ଘୋଷଣା କରିଛନ୍ତି। କିନ୍ତୁ ଏ ରାଶି କ'ଣ ମୃତକଙ୍କ ପରବାରର କ୍ଷତିକୁ ଭରଣା କରିବ? ଅତୀତର ପୃଷ୍ଠା କହେ ଯେତେବେଳେ ଜବାହାରଲାଲ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ରେଳ ଦୁର୍ଘଟଣା ଘଟିବାରୁ ମାନ୍ୟବର ରେଳମନ୍ତ୍ରୀ ଶାସ୍ତ୍ରୀ ନିଜର ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ। ସେହିପରି ମଧୁ ଦଣ୍ଡବତେ, ଜର୍ଜ ଫର୍ଣ୍ଣାଡିଶ୍ , ନୀତିଶ କୁମାର ମଧ ଏହି ରେଳ ଦୁର୍ଘଟଣା ଜନିତ କାରଣରୁ ନିଜ ପଦବୀରୁ ନୈତିକତା ଦୃଷ୍ଟିରୁ ଇସ୍ତଫା ପ୍ରଦାନ କରିତ୍ଲେ। ଆମେ ମାନ୍ୟବର ମନ୍ତ୍ରୀଙ୍କର ଇସ୍ତଫା ଚାହୁଁନୁ ମାତ୍ର ଦେଶର ନାଗରିକ ହିସାବରେ ସମ୍ବିଧାନର ଧାରା ୨୧ ଅନୁଯାୟୀ ଦେଶବାସୀଙ୍କ ଧନଜୀବନକୁ ଏଭଳି ବୀଭତ୍ସ ଭାବରେ ହତାଦର ନକରିବାକୁ ଅନୁରୋଧ କରୁଛୁ।



# ଲକ୍ଷ୍ମଣରେଖା: ମର୍ଯ୍ୟାଦାର ତିନିଗାର

ଉତ୍କଳିକା ଦାଶ
ଠାକୁରପାଟଣା, ଆଳି, କେନ୍ଦ୍ରାପଡ଼ା
ମୋ : ୭୦୦୮୫୫୯୬୯୩

ରାମାୟଣରେ ଲକ୍ଷ୍ମଣରେଖା ବିଷୟରେ ପ୍ରାୟତଃ ଆମେ ସମସ୍ତେ ଅବଗତ । ଲକ୍ଷ୍ମଣଙ୍କ ଦ୍ୱାରା ଟଣା ଯାଇଥିବା ତିନିଗାରକୁ ଅତିକ୍ରମ କରିଥିବାରୁ ମାତା ସୀତାଙ୍କୁ କିପରି ରାବଣ ହରଣ କରିଥିଲା ତାହା ମଧ ଜାଣୁ। ଏହା ଥିଲା ପ୍ରଭୁ ଶ୍ରୀରାମଙ୍କର ସମଗ୍ର ସଂସାର ନିମନ୍ତେ ଏକ ସଚେତନ ବାର୍ତ୍ତା । ସେହି ତିନି ରେଖା ହେଉଛି ମର୍ଯ୍ୟାଦାର ତିନିଗାର । ଯାହାକୁ ଡ଼େଇଁଲେ ଆମ ଜୀବନରେ ବିପତ୍ତି ମାଡ଼ି ଆସିବା ସହ ବିଶୃଙ୍ଖଳିତ ମଧ ହୋଇଯିବ । ଏଠାରେ ମୁଖ୍ୟ ଆଲେଖ୍ୟ ହେଉଛି ମର୍ଯ୍ୟାଦା ବିଷୟରେ। ଯାହା ଆମ ଜୀବନକୁ ଶୃଙ୍ଖଳିତ କରି ଗଢିତୋଳେ । ଏହା ବିଭିନ୍ନ ପ୍ରକାରର ଥାଏ, ବାଚନିକ, ସାମାଜିକ, ଧାର୍ମିକ, ପାରିବାରିକ ଆଦି । ମର୍ଯ୍ୟାଦାର ସମ୍ବନ୍ଧ ଶାଳୀନତା ଓ ଶିଷ୍ଟାଚାର ସହ ଥାଏ । ଏହାର ପ୍ରଯୁଜ୍ୟ କେବଳ ମନୁଷ୍ୟମାନଙ୍କ ନିମନ୍ତେ ହୋଇଥାଏ । କାରଣ ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ଏବଂ ପ୍ରତ୍ୟେକ ସମାଜରେ ଭିନ୍ନଭିନ୍ନ ନିୟମ ଓ ମାନ୍ୟତା ଥାଏ । ଏହି ନିୟମ ଓ ବିଚାରକୁ ଆଧାର କରି ମନୁଷ୍ୟ ନିଜର ଜୀବନକୁ ଶୃଙ୍ଖଳିତ କରିବା ସହ ନିର୍ଦ୍ଦିଷ୍ଟ ସୀମା ଭିତରେ ରହିବାକୁ ଚେଷ୍ଟା କରେ । ଯଦି ଏହି ସୀମାକୁ ଉଲ୍ଲଙ୍ଘନ କରାଯାଏ ତେବେ ନିଜ ଜୀବନ ସହ ସମାଜର ମଧ ଅନିଷ୍ଟ ହୋଇଥାଏ । ଯାହାର ଦୃଷ୍ଟାନ୍ତ ଆଜିର ଅତ୍ୟାଧୁନିକ ସମାଜରେ ଦେଖିବାକୁ ମିଳୁଛି । ସମ୍ଭ୍ରମ କହିଲେ କିଛି ନିୟନ୍ତ୍ରଣ ରେଖା ଯାହା ମନୁଷ୍ୟକୁ ଉତ୍ତମ ମଣିଷ ରୂପେ ଗଢିତୋଳେ । କିନ୍ତୁ ଅନେକ ସମୟରେ ଆମ ସମାଜରେ ବହୁଗୁଡ଼ିଏ ଭିନ୍ନ ନିୟମକୁ ମର୍ଯ୍ୟାଦାର ରୂପ ଦିଆଯାଏ । ଏବଂ ସେହି ନିୟମକୁ ଅବମାନନା କଲେ ଶାରୀରିକ ଓ ମାନସିକ ପୀଡ଼ା ମଧ ଭୋଗିବାକୁ ପଡ଼ିଥାଏ ତଥା କଥିତସମାଜ ଦ୍ୱାରା । ଯେମିତି ଅନେକ ସ୍ଥାନରେ ଶିକ୍ଷାର ଅଭାବ ଯୋଗୁଁ ନାରୀଶିକ୍ଷା ଓ ସ୍ୱାଧୀନତାକୁ ବିରୋଧ କରାଯାଏ ଆଉ ଯଦି ସେହି ଜାଗାରେ କେହି ନିଜ ଝିଅମାନଙ୍କୁ ଶିକ୍ଷିତ କରିବା ପାଇଁ ଚେଷ୍ଟା କରେ, ତେବେ ସେମାନଙ୍କ ପରିବାରକୁ ନିର୍ଦ୍ଦିଷ୍ଟ ସମାଜ ଦ୍ୱାରା ବିଭିନ୍ନ ନିର୍ଯାତନା ସହିବାକୁ ପଡ଼େ । ଏବଂ କେହି କେହି ସମାଜର ସେହି ଭୁଲ୍ ବିଚାରଧାରାକୁ ବଦଳାଇବାକୁ ଚାହିଁଲେ, ସେମାନଙ୍କୁ ବିଭିନ୍ନ ଲାଞ୍ଛନା ସହିବାକୁ ପଡ଼େ । ପ୍ରକୃତରେସେହି ଅନୁଚିତ ନିୟମ ମର୍ଯ୍ୟାଦାର ପରିସର ନୁହେଁ । କିନ୍ତୁ ବାସ୍ତବ କଥା ହେଉଛି ଆଜିର ଶିକ୍ଷିତ ଓ ସଭ୍ୟ ସମାଜରେ ପ୍ରକୃତ ଶାଳୀନତା ସମ୍ମାନ ନିୟମକୁ ଅଣଦେଖା କରୁଛନ୍ତି । ସେଥିପାଇଁ ଚାରିଆଡ଼େ ଅସ୍ଥିରତା ସୃଷ୍ଟି ହେଉଛି । ତେଣୁ ପ୍ରକୃତ ମର୍ଯ୍ୟାଦା କ'ଣ ତାହା ବୁଝିବାକୁ ପଡ଼ିବା ଉଚିତ୍ ଓ ଅନୁଚିତ୍ କାର୍ଯ୍ୟକୁ ଚୟନ କରି ମନୁଷ୍ୟ ସେହି ସୀମାରେଖାରେ ରହିଲେ ସମାଜ ଶୃଙ୍ଖଳିତ ହୋଇପାରିବ ।

ସାମ୍ପ୍ରତିକ ସମୟରେ ବାଣୀର ଗୌରବ ରହୁନଥିବାର ଦୃଷ୍ଟାନ୍ତ ଅନେକ ଦେଖିବାକୁ ମିଳୁଛି । ଅପାଠୁଆ ଲୋକ ଯେ, ବାଣୀର ମହତ୍ତ୍ୱ ବୁଝୁ ନାହାନ୍ତି ବରଂ ଆଜିର ଶିକ୍ଷିତ ବ୍ୟକ୍ତିମାନେ ଏହାର ଉଲ୍ଲଙ୍ଘନ କରୁଥିବାର ପ୍ରମାଣ ମଧ ରହିଛି । କୁହାଯାଏ ଯାହାର କଥା ଯେତେ ମଧୁର ସେ ସେତେ ଅଧିକ ଆଦର ପାଏ । ଯାହା କଥାରେ ମଧୁରତା ନଥାଏ ସେ ହୁଏ ଲାଞ୍ଛିତ । ଦିନ ଥିଲା ଆମ ସମାଜରେ ବାଣୀକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ସମସ୍ତଙ୍କ ସହ ସମ୍ମାନ ଓ ଶ୍ରଦ୍ଧାର କଥା ହେଉଥିଲେ ଯଦ୍ୱାରା ଏକ ସକରାତ୍ମକ ପ୍ରଭାବ ପଡୁଥିଲା ସାମ୍ନାରେ ଥିବା ବ୍ୟକ୍ତି ବା ପିଲାମାନଙ୍କ ଉପରେ । କିନ୍ତୁ ବର୍ତ୍ତମାନର ପିଢିମାନଙ୍କ ନିକଟରେ ବାଣୀର ସୀମାକୁ ଡ଼େଉଁ ଥିବାର ହୃଦବୋଧ ହେଉଛି । କଥାବାର୍ତ୍ତାରେ ଶାଳୀନତା ନରଖି ଯାହା ମନକୁ ଆସେ ତାହା ଗପି ଦେଇଯା'ନ୍ତି । ସେଥିପାଇଁ ସଂପର୍କରେ ସୃଷ୍ଟି ହେଉଛି ବିଶୃଙ୍ଖଳତା , ବାପା, ମା, ଭାଇ, ଭଉଣୀ, ପତି, ପତ୍ନୀ ଏପରିକି ଗୁରୁ-ଶିଷ୍ୟ ମଧରେଏହାର ରେଖାକୁ ଅତିକ୍ରମ କରାଯାଉଛି । ଯାହା ଫଳରେ ସୃଷ୍ଟି ହେଉଛି ଅସ୍ଥିରତା, ଏହି ବାଣୀ ଦ୍ୱାରା ସୃଷ୍ଟ ଉଚ୍ଛୃଙ୍ଖଳକୁ ଦୂର କରିବାକୁ ହେଲେ ପ୍ରଥମେ ନିଜ ବଚନରେ ସଂଯମତା ରଖିବାକୁ ପଡ଼ିବ । ସେଥିପାଇଁ ତ କୁହାଯାଏ । 'ମଧୁର ବିନୟ ବଚନ, କହି ତୋଷିବ ଜନମନ' ।

ସାମାଜିକ ମର୍ଯ୍ୟାଦା ମଧ ମନୁଷ୍ୟକୁ ଶୃଙ୍ଖଳିତ ହେବାରେ ଅନେକ ସହଯୋଗ କରିଥାଏ । ଯେହେତୁ ମନୁଷ୍ୟ ଏକ ସାମାଜିକ ପ୍ରାଣୀ ତାକୁ ସମାଜ ଦ୍ୱାରା ପ୍ରଚଳିତ ନିୟମ, ମାନବାକୁ ପଡ଼ିବ । ଯାହା ନିଜ ତଥା ଅନ୍ୟମାନଙ୍କ ପାଇଁ ଲାଭପ୍ରଦ ହେବ । ଚୋରି, ଭ୍ରଷ୍ଟାଚାର, ହିଂସା ଆଦି କୁକର୍ମଠାରୁ ଦୂରେଇ ରଖିବାକୁ ସମାଜ ସର୍ବଦା ପ୍ରୟାସ କରିଥାଏ । କିନ୍ତୁ ଅନେକ ଏବେ ସ୍ୱାଧୀନତାର ଦ୍ୱାହି ଦେଇ ସମାଜ ଗୌରବକୁ



କ୍ଷୁର୍ଣ୍ଣ କରୁଛନ୍ତି । ସେଥିପାଇଁ ସମାଜରେ ବ୍ୟଭିଚାର ବଢି ଚାଲିଛି । ସେହିପରି ପାରିବାରିକ ଓ ଧାର୍ମିକ ମର୍ଯ୍ୟାଦାକୁ ମଧ ଅସମ୍ମାନିତ କରାଯାଉଛି । ଯାହା ଫଳରେ ସର୍ବତ୍ର କଳହ ଓ ଅଶାନ୍ତିର ବୃକ୍ଷ ତା'ର କାୟା ମେଲାଇ ଚାଲିଛି । ହେଲେ ସମ୍ଭ୍ରମତା ଭିତରେ ରହୁଥିବା ବ୍ୟକ୍ତିମାନେ କିନ୍ତୁ ଅଶାନ୍ତି, ପରଶ୍ରୀକାତରତା, ଅସୂୟା ପରି କାର୍ଯ୍ୟଠୁ ଅନେକ ଦୂରରେ ରହିଥା'ନ୍ତି । ତତ୍‌ଦ୍ୱାରା ସେମାନଙ୍କ ପାରିବବାରିକ ଓ ସାମାଜିକ ଜୀବନ ଶାନ୍ତିପୂର୍ଣ୍ଣ ହୋଇଉଠେ । ନିୟମ ଭିତରେ କିପରି ରହିବାକୁ ହୁଏତା'ର ଶ୍ରେଷ୍ଠ ଉଦାହରଣ ହେଉଛନ୍ତି ପ୍ରଭୁ ଶ୍ରୀରାମ, ତାଙ୍କର ପ୍ରତ୍ୟେକଟି କାର୍ଯ୍ୟ ମର୍ଯ୍ୟାଦାଯୁକ୍ତ । ସେ ସଂସାରକୁ ଶିକ୍ଷା ଦେଇଛନ୍ତି, ଯେତେ ବାଧାବିଘ୍ନ ଆସିଲେ ମଧ ମନୁଷ୍ୟତା'ର ସମ୍ଭ୍ରମତାକୁ ଉଲ୍ଲଙ୍ଘନ କରିବା ଉଚିତ୍ ନୁହେଁ । ସେଥିପାଇଁ ତ ସେ ପାଲଟିଗଲେ ସଂସାର ପାଇଁ ଏକ ଦୃଷ୍ଟାନ୍ତ ।

ଲକ୍ଷ୍ମଣଙ୍କ ସେହି ରେଖା ମା' ସୀତାଙ୍କ ପାଇଁ ଉର୍ଦ୍ଦିଷ୍ଟ ନଥିଲା । ବରଂ ସମସ୍ତ ମାନବ ସମାଜ ନିମନ୍ତେ ଏକ ବାର୍ତ୍ତା ରହିଥିଲା । ଯେଉଁମାନେ ମର୍ଯ୍ୟାଦା ରୂପକ ରେଖାକୁ ଅତିକ୍ରମ କରିବେ, ସେମାନଙ୍କୁ ଅନେକ ଯନ୍ତ୍ରଣା ସହିବାକୁ ପଡ଼ିବ । ଏବଂ ସମାଜର ଲାଞ୍ଛନା ମଧ ସହିବାକୁ ପଡ଼ିବ । ତେଣୁ ଆଜିର ଆଧୁନିକ ଓ ଉଦ୍‌ଭ୍ରାନ୍ତ ସମାଜରେ ମର୍ଯ୍ୟାଦାର ଆବଶ୍ୟକତା ଅତ୍ୟନ୍ତ ପ୍ରୟୋଜନୀୟ ହୋଇପଡ଼ିଛି । ଯଦି ଏହାକୁ ନମାନି ସଂସାରରେ ଚଳିବା ତେବେ ନିଜ ଜୀବନର ଅଧୋଗତି ହେବା ସହ ପରିବାର ଓ ସମାଜର ମଧ ଅମର୍ଯ୍ୟାଦା ହେବ ।



# ଭଗବାନ.. ଆଉ କିଏ କି ?

ସୌମ୍ୟଶ୍ରୀ ପାଣିଗ୍ରାହୀ
'ଛାଇ' ଜଗନ୍ନାଥ ବିହାର, ଭଦ୍ରକ
ମୋ - ୭୦୦୮୬୦୧୧୬୧

ସତରେ ବାଲେଶ୍ୱରର ମାଟି..ସଂଗ୍ରାମର ମାଟି..ସଂଭ୍ରମର ମାଟି..ସ୍ୱତନ୍ତ୍ରତାର ମାଟି..ସ୍ୱାଧୀନତାର ମାଟି। ଏ ସହରର ପ୍ରତିଟି ଧୂଳିକଣାରେ ରହିଛି ଦେଶଭକ୍ତିର ନମୁନା। ସୁବର୍ଣ୍ଣରେଖାର ସୁବର୍ଣ୍ଣ ଭୂମି.. ବାଲେଶ୍ୱର। ଓଡ଼ିଶା ଗଳ୍ପର ଆଦ୍ୟ ଏକ୍ତୁଡ଼ିଶାଳ..ବାଲେଶ୍ୱର। ଓଡ଼ିଆ ଭାଷାର ଅସ୍ତିତ୍ୱକୁ ବଞ୍ଚେଇବା ପାଇଁ ନିଜ ଛାତି ପତେଇ ଛିଡ଼ା ହେଇଥିବା ମାଟି..ବାଲେଶ୍ୱର। କ୍ଷେପଣାସ୍ତ୍ର ଠାରୁ କ୍ଷୀରଚୋରା ଯାଏଁ, ପୁଣି ଦ୍ରୁତ ଶିଳ୍ପାୟନର ଧୂଷର ଧୂଆଁରୁ ରୁପେଲି ବେଳାଭୂମିର ସୁନା ଇଲିସି ଯାଏଁ..ସବୁର ପରିଚୟ..ବାଲେଶ୍ୱର। ଗତ ଶୁକ୍ରବାର ରାତିର ଭୟଙ୍କର ରେଳ ଦୁର୍ଘଟଣା ପରେ ସାରା ଦେଶର ନଜର ବାଲେଶ୍ୱର ଆଡ଼େ ମୁହେଁଇଲା ବେଳେ, ଓଡ଼ିଶାର ଏଇ ଛୋଟିଆ ସହର ବି ଦେଖାଇଲା ନିଜ ମାନବୀୟ ସମ୍ବେଦନାକୁ। ଯୁବ ବନ୍ଧୁମାନେ ଯେଉଁ ମାନବିକତାର ମହନୀୟତା ପ୍ରଦର୍ଶନ କଲେ, ତାହା ସବୁଦିନ ପାଇଁ ଝଟକୁଥିବ ଏ ମାଟିର ଇତିହାସରେ।

ରାତିପ୍ରାୟ ୧୨ ଟା ବେଳେବି ସାଇରନ ଦେଇ ଆମ୍ବୁଲାନ୍ସ ଦୌଡୁଛି ସାଇଁ ସାଇଁ, ଏଣେ ଡାକ୍ତରଖାନାର ବାରଣ୍ଡାରେ ଗଡୁଛନ୍ତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତମାନେ। ଡାକ୍ତର ନର୍ସ ସମସ୍ତେ ଧାଉଁଛନ୍ତି ଏ ବେଡ଼ରୁ ସେ ବେଡ଼କୁ। ପ୍ରାଣ ପଣେ ଚେଷ୍ଟା ଚାଲିଛି, କାଳେ ଗୋଟିଏ ଅମୂଲ୍ୟ ଜୀବନ ବଞ୍ଚିଯିବ କି? ସେପଟେ ହାସ୍‌ପାତାଳ ଲୋକାରଣ୍ୟ। ଆହତଙ୍କ ସମ୍ପର୍କୀୟ ତ ନୁହେଁ ବରଂ ଦେଖଣାହାରୀ ସଂଖ୍ୟା ଅଧିକ। ଏତେବଡ଼ ଡାକ୍ତରଖାନା ପରିସରରେ ପାଦ ପକେଇବାକୁ ଜାଗା ଚୋପାଏ ନାହିଁ। ଏତିକି ବେଳେ ଗୋଟେ ଆଡୁ ଶୁଭିଲା ପ୍ରବଳ ପାଟିତୁଣ୍ଡ। ବୁଝୁବୁଝୁ କଥା କ'ଣ ନା, ରକ୍ତଦାନ କରିବାର ପ୍ରତିଯୋଗିତା ଚାଲିଛି। ନିଜର ସ୍ୱାସ୍ଥ୍ୟକୁ ଖାତିର ନ କରି ସହରର ଗଳିକନ୍ଦିରୁ ଛୁଟି ଆସିଛନ୍ତି ଏହି ରକ୍ତବୀରମାନେ। ଏମାନଙ୍କୁ କେହି ଡାକିନାହିଁ ବରଂ କେବଳ ଟିଭି ନ୍ୟୁଜ୍ ଏବଂ ମୋବାଇଲରେ ମ୍ୟାସେଜ୍ ପାଇ ଏମାନେ ବାହାରି ଆସିଛନ୍ତି ଘରୁ। ଜିଦ୍ କେବଳ ଗୋଟିଏ ମୋ ଦେହରୁ ରକ୍ତ ନିଗିଡ଼ି ପଡୁପଛେ ଆଉ କାହାର ଜୀବନରେଖା ହୋଇ ଦୌଡୁ ଏବଂ ମୋର ଏଇ ସାମାନ୍ୟ ରକ୍ତ ବଦଳରେ ଆଉ ଗୋଟେ ଜୀବନ ବଂଚିଯାଉ। ଉଦ୍ଦେଶ୍ୟ କେବଳ ଗୋଟିଏ, ରକ୍ତ ଅଭାବରୁ ବାପ ଛେଉଣ୍ଡ ନ ହେଉ କୌଣସି ପୁଅ କିମ୍ବା କାହାରି ମଥାର ସିନ୍ଦୂର ଲିଭିନଯାଉ । ବଞ୍ଚିଯାଉ କେତେ କେତେ ଅନାଥ ହେବାକୁ ଯାଉଥିବା ଶିଶୁଙ୍କ ପରିବାର। ସେଇଥିପାଇଁ ରାତି ୧୨ଟାରେ ବି ରକ୍ତଦାନ କରିବା ପାଇଁ ବ୍ଲଡ୍‌ବ୍ୟାଙ୍କ ସାମ୍ନାରେ ଲମ୍ୱାଲାଇନ। ସତରେ ଧାଡ଼ିରେ ଛିଡ଼ା ହେଇଥିବା ଏଇ ରକ୍ତବୀର ଦେବଦୂତଙ୍କୁ ସଲାମ କରିବାକୁ ଇଚ୍ଛା ହେଉଥିଲା। ସତେଯେମିତି ରକ୍ତମାଂସଧାରୀ ଦେହରେ ଭଗବାନ ଛିଡ଼ା ହେଇଛନ୍ତି। ଏମାନେ ଭଗବାନ ନୁହେଁ ତ' ଭଗବାନ..ଆଉ କିଏ କି ?

ବାହାନଗା ବଜାର ପାଖରେ ରେଳ ଦୁର୍ଘଟଣା ହେଲା ପ୍ରାୟ ସନ୍ଧ୍ୟା ୭ ଟାରେ। ସରକାରୀ ସାହାଯ୍ୟ, ଆମ୍ବୁଲାନ୍ସ, ଦମକଳ, ଡାକ୍ତର,ପୋଲିସ, ଏନ୍‌ଡିଆରଏଫ ଦଳ..ଏ ସମସ୍ତେ ପହଞ୍ଚିଗଲେ ଖୁବ୍‌ଶୀଘ୍ର। ତୁରନ୍ତ ଆରମ୍ଭ ହେଲା

**ବିକଳ୍ପ ବିଚାର : ୮୭**

ଉଦ୍ଧାର କାର୍ଯ୍ୟ। ମାତ୍ର ଏସବୁ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ସେଠି ଦୌଡ଼ି ଦୌଡ଼ି ପହଞ୍ଚି ସାରିଥିଲେ ପାଖ କମାରିପୁର ଗାଁର ଯୁବକମାନେ। କିଏ ଶାବଳ ଧରି ଭଙ୍ଗା ଡବାର ଝରକା ତାଡ଼ି ଆହତଙ୍କୁ ବାହାର କରୁଛି ତ କିଏ ଟ୍ରେନ୍‌ର ଭଙ୍ଗା କବାଟକୁ ଷ୍ଟ୍ରେଚର କରି ମୃତାହତମାନଙ୍କୁ ବୋହି ନେଉଛି। କିଏ ପୁଣି ଅଟୋରିକ୍ସା, ଟ୍ରାକ୍ଟର ଯାହା ମିଳିଲା ସେଥିରେ ପରିବା ବ୍ୟାଗ ଭଳି ଲଦି ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ବୋହି ନେଇଯାଉଛି। ଏସବୁ ଯଦି ତୁରନ୍ତ ଆରମ୍ଭ ହୋଇନଥାନ୍ତା, ତାହାହେଲେ ମୃତକଙ୍କ ସଂଖ୍ୟା ନିଶ୍ଚୟ ଆହୁରି ବହୁଗୁଣିତ ହୋଇଥାଆନ୍ତା। ସେଇ ଶାବଳ ବାଡ଼ି ଧରିଥିବା ସ୍ଥାନୀୟ ଯୁବକମାନେହିଁ ପ୍ରଥମେ ବଢ଼େଇଥିଲେ ସହାୟତାର ହାତ। ଏମାନେ ନଥିଲେ କ'ଣ ଯେ ହେଇଥାଆନ୍ତା ତାହା କଳ୍ପନା କରିବା ମୁସ୍କିଲ୍। ଏମାନେ ତ ପୁଣି ନିଜ ଜୀବନକୁ ପାଣିଛଡ଼େଇ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ଏମାନେ କଣ ରକ୍ତ ମାଂସର ଦେହରେ ଦେବଦୂତ ନୁହେଁ। ଏମାନେ ଭଗବାନ ନୁହେଁ ତ' ଭଗବାନ..ଆଉ କିଏ କି ?

ଏଇ ଅଳ୍ପଦିନ ତଳେ ଆମ ଅଞ୍ଚଳରେ ବନ୍ୟା ହେଇଥିଲା । ଆମେ ସମସ୍ତେ ନିଜ ନିଜ ସ୍ତରରେ ଲାଗିଥାଉ ଉଦ୍ଧାର କାର୍ଯ୍ୟରେ। କିଏ ରନ୍ଧା ଖାଦ୍ୟ ପୁଡ଼ିଆ ବନାଉଥାଏ ତ'କିଏ ଡ଼ଙ୍ଗାରେ ନେଇ ପାଣିଘେରରେ ଥିବା ବନ୍ୟା ପିଡ଼ୀତଙ୍କ ପାଖରେ ପହଁଚାଉଥାଏ। କିଏ ବାଲି ବସ୍ତା ପକେଇ ବନ୍ଧରେ ହେଇଥିବା ଘଳିଆକୁ ବନ୍ଦ କରିବାକୁ ଚେଷ୍ଟା କରୁଥାଏ ତ' କିଏ ନିଜେ ଏକୁଟିଆ ନପାରିଲେ ବି ବଡ଼ବଡ ରିଲିଫ୍ ପ୍ୟାକେଟ୍ ନହେଲେ ଭାରି ଓଜନଦାର ଆସ୍କା ଲାଇଟ୍‌କୁ ଡଙ୍ଗା ନିକଟକୁ ଟାଣିନେବାର ପ୍ରୟାସ କରୁଥାଏ। କିଏ ନିଜେ ଲାଇଫ୍‌ଜ୍ୟାକେଟ୍ ନ ପିନ୍ଧି ମଧ୍ୟ ଅନ୍ୟମାନଙ୍କୁ ପିନ୍ଧାଉଥାଏ ଓ ଗଭୀର ଜଳରେ ପ୍ରଖର ସ୍ରୋତକୁ ଖାତିର ନକରି ଆହୁଲା ମାରି ନିଜ ହୁଲି ଡଙ୍ଗାରେ ବି ଲୋକଙ୍କୁ ପାରି କରେଇବାର ଚେଷ୍ଟା କରୁଥାଏ। କାହା ମୁହଁରେ ବୁମ୍ ଗେଞ୍ଜି କ୍ୟାମେରା ସାମ୍ନାରେ କିଛି ମତାମତ ଦେବାକୁ ଅନୁରୋଧ କଲାବେଳେ ସେ ବିନମ୍ର ଭାବେ ଏଡ଼ାଇଯାଇ ନିଜ କାମରେ ମନ ଦେଉଥାଏ ତ' ଆଉ କିଏ ଛୋଟପିଲା ଓ ସ୍ତ୍ରୀ ଲୋକଙ୍କୁ ଖାଦ୍ୟ ପୁଡ଼ିଆ ବାଣ୍ଟୁଥାଏ। ମୁଁ ଅତି ପାଖରୁ ଏମାନଙ୍କୁ ଦେଖି ଭାବୁଥାଏ,ଏମାନେ ତ କିଛି ତାଲିମ ନେଇନାହାନ୍ତି କି ସେମିତି କିଛି ନିର୍ଦ୍ଦିଷ୍ଟ ଆଦେଶ ଦିଆଯାଇନି। ଏମାନେ ବି ନିଜ ପରିବାର ସହ ରହି ସାହାଯ୍ୟର ଅପେକ୍ଷା କରିପାରିଥାନ୍ତେ। ଏମାନେ କାହିଁକି ନିଜ ଜୀବନକୁ ମରଣ ମୁହଁକୁ ଠେଲିଦେଇ ଆଗେଇ ଆସିଛନ୍ତି ଏଇ ଦୁର୍ଦ୍ଦିନରେ ଅନ୍ୟର ସାହା ହେବାକୁ। ଏଇ ମାନେହିଁ ପ୍ରକୃତରେ ନରରୂପୀ ନାରାୟଣ। ନିଜକୁ ପ୍ରଶ୍ନ କରୁଥିଲି, ଏମାନେ ଭଗବାନ ନୁହେଁ ତ' ଭଗବାନ..ଆଉ କିଏ କି ?

ଏମିତି ଅନେକ ଘଟଣା ଦୁର୍ଘଟଣା ଆମେ ଦେଖିଛୁ, ଯେଉଁଠି ଆନୁଷ୍ଠାନିକ ସହାୟତାର ହାତ ପହଞ୍ଚିବା ପୂର୍ବରୁ ମୃତ୍ୟୁର ଆଁ ଭିତରୁ ଅନେକ ଜୀବନକୁ ଉଦ୍ଧାର କରିସାରିଥାନ୍ତି କିଛି ସ୍ଥାନୀୟ ଉତ୍ସାହୀ ଯୁବକ। ସେଇ ଯୁବକମାନଙ୍କର ଉପସ୍ଥିତ ବୁଦ୍ଧି ଓ ତତ୍କାଳ ହସ୍ତକ୍ଷେପ ଫଳରେ ଅକାଳରେ ଝଡ଼ିପଡ଼ିଥିବାରୁ ବଞ୍ଚି ରହିଯାଏ ଅନେକ ଜୀବନ। ଘରପୋଡ଼ିଟେ ହେଲେ ଦମକଳ ଗାଡ଼ି ପହଞ୍ଚିବା ପୂର୍ବରୁ ଟଣାଓଟାରା କରି ଅନେକ ଜିନିଷ ଓ ଫସିଯାଇଥିବା ମଣିଷମାନଙ୍କୁ କାଢ଼ି ସାରିଥାଆନ୍ତି ଆଖପାଖର ପଡୋଶୀମାନେ। ରାସ୍ତାରେ ଦୁର୍ଘଟଣାଟିଏ ଘଟିଲେ, ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଡାକିବା କାମ ମଧ କରନ୍ତି ସେଇ ସ୍ଥାନୀୟ ଲୋକେ। ପୁଣି ଆମ୍ବୁଲାନ୍ସ ଯଦି ନ ମିଳିଲା ତେବେ ନିଜ ଗାଡ଼ିରେ ଲଦି ପାଖ ଡାକ୍ତରଖାନାକୁ ବି ନେବାକୁ ପଛାନ୍ତିନାହିଁ ଏଇ ମଣିଷ ରୂପୀ ଦେବଦୂତମାନେ। ସତରେ, ବେଳେବେଳେ ଆମକୁ ବି ସାହାଯ୍ୟ କରିଥିବା ସେଇ ଅଚିହ୍ନା ଅଜଣା ମଣିଷମାନଙ୍କ ପାଇଁ ଆପେ ଆମେ ହାତ ମଥା ଛୁଇଁଯାଏ। ପଚାରିବାକୁ ଇଚ୍ଛା ହୁଏ, ଏମାନେ ଭଗବାନ ନୁହେଁ ତ' ଭଗବାନ..ଆଉ କିଏ କି ?

ଆଜି ଖବରକାଗଜରେ ଫଟୋଟିଏ ଦେଖିଲି। ୨ ଦିନ ଲଗାତର ଉଦ୍ଧାର କାର୍ଯ୍ୟରେ ମାତିରହି ଭୋକ ଶୋଷ ଭୁଲିଯାଇଥିବା ଏନ୍‌ଡିଆରଫର ଯବାନମାନେ ଟିକେ ଥକ୍କା ମେଣ୍ଟେଇବା ପାଇଁ ସେଇ କମଳା ରଙ୍ଗ ଡ୍ରେସ୍ ପିନ୍ଧି ଖୋଲା ଆକାଶ ତଳେ ମାଟି ଉପରେ ଶୋଇଯାଇଛନ୍ତି। ସତକୁହ ଏମାନେ ଭଗବାନ ନୁହେଁ ତ' ଭଗବାନ..ଆଉ କିଏ କି ? ଆପଣ ବି ଯଦି କେବେ ସଶରୀରେ ଦେବଦୂତମାନଙ୍କୁ ଦେଖିବେ, ନିଜ ମନରୁ ଥରଟେ ପ୍ରଶଂସା କରିବେନି? ନିଜକୁ ନିଜେ ପ୍ରଶ୍ନ କରିବେନି, ଏମାନେ ଭଗବାନ ନୁହେଁ ତ' ଭଗବାନ..ଆଉ କିଏ କି ? ଆମେ ସିନା ଈଶ୍ୱର, ଆଲ୍ଲା, ଯୀଶୁ ଆଦି ନାମ ନେଇ ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜାରେ ଖୋଜୁଛୁ ଭଗବାନଙ୍କୁ, ହେଲେ ରକ୍ତମାଂସର ଦେହଧରି ପରା ଭଗବାନ ଆମରି ଭିତରେ ଏଇଠି କେଉଁଠି ଅଛନ୍ତି। ସେ ଭଗବାନ ଏଇମାନେ ନୁହେଁ ତ' ଆଉ କିଏ କି ?



# ଆମ କଳାହାଣ୍ଡି





## ନିଖିଳ ଓଡ଼ିଶା କେନ୍ଦୁପତ୍ର ଶ୍ରମିକ ସଂଘର ବିକ୍ଷୋଭ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ୍ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ସୋମବାର ଦିନ ନିଖିଳ ଓଡ଼ିଶା ଶ୍ରମିକ ସଂଘ ବିକ୍ଷୋଭ ପ୍ରଦର୍ଶନ ସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଧର୍ମଗଡ଼ ବସଷ୍ଟାଣ୍ଡରୁ ଏକ ବିରାଟ ଶୋଭାଯାତ୍ରା ବାହାରୀ ବଙ୍ଗଳା ଛକଦେଇ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ଉପଜିଲ୍ଲାପାଳଙ୍କ ମାଧମରେ ପ୍ରଦାନ କରାଯାଇଥିଲା। ଦାବି ମଧ୍ୟରେ କେନ୍ଦୁପତ୍ର ତୋଳାଳିଙ୍କୁ ୬୦ ବର୍ଷ ପରେ ପେନ୍ସନ୍ ବାବଦକୁ ୩ ହଜାର ଟଙ୍କା ପ୍ରଦାନ କରାଯିବା। ବିଭିନ୍ନ କେନ୍ଦୁପତ୍ର ଫଡିରେ ଘରୋଇ କମ୍ପାନୀ ଆସି ଲୋକଙ୍କୁ ଲୋଭ ଦେଖାଇ ବ୍ୟବସାୟ କରୁଛନ୍ତି ଏଥିପ୍ରତି ସରକାର ଦୃଷ୍ଟି ଦେଇ ଘରୋଇ କରଣ ବନ୍ଦ କରିବାକୁ ପଦକ୍ଷେପ ନେବା, ଲଡୁଗା ରେଞ୍ଜ ଅଧିନରେ ଥିବା ପାଇଁକ ପଡ଼ା ଫଡି ଗୃହ ନିର୍ମାଣ, କେନ୍ଦୁପତ୍ର ତୋଳାଳିମାନଙ୍କୁ ଯଥାଶିଘ୍ର କାର୍ଡ ଯୋଗାଇ ଦେବା, ରାଜ୍ୟ ସରକାର ତୋଳାଳିମାନଙ୍କୁ ଶତପ୍ରତିଶତ ବନସ ଯୋଗାଇ ଦେବା ସହ କେନ୍ଦ୍ର ସରକାରଙ୍କ ଦ୍ୱାରା କେନ୍ଦୁପତ୍ର ବ୍ୟବସାୟକୁ ସଂପୂର୍ଣ୍ଣ ରୂପେ ଜିଏସ୍‌ଟି ମୁକ୍ତ କରିବା ଓ ମୃତ୍ୟୁ କାଳି ସହାୟତାକୁ ସୁନିଶ୍ଚିତ କରାଯିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଜଗଦିଶ ଦୁର୍ଗା ସଭାପତିତ୍ୱ କରିଥିବା ବେଳେ ମୂଖ୍ୟ ବକ୍ତା ଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ କାର୍ଯ୍ୟକାରୀ କମିଟିର ସଦସ୍ୟ ସାଥି ଦାମୋଦର ବେହେରା, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ ସଂପାଦକ ସଞ୍ଜୟ ସୁନାନୀ, କେନ୍ଦୁପତ୍ର ଶ୍ରମିକ ସଂଘ ଜିଲ୍ଲା ସଭାପତି ସୁଶାନ୍ତ କୁମାର ଜାଲ, ଅକ୍ଷୟ ମେହେର, ଧବଳେ ଭୈଶାଲ, କୈଳାଶ ନାଏକ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଅହେତୁକ ମନ ଭାବ ଓ କେନ୍ଦୁପତ୍ର ତୋଳାଳିଙ୍କୁ ସଦା ଅବହେଳା କରୁଥିବା ନେଇ ନିଜ ବକ୍ତବ୍ୟରେ କହିଥିଲେ। ଏପରିକି ଉପସ୍ଥାପନ କରିଥିବା ଦାବି ଉପରେ ସରକାର ପଦକ୍ଷେପ ନନେଲେ ଆଗାମୀ ଦିନରେ ହଜାର ହଜାର କେନ୍ଦୁପତ୍ର ଶ୍ରମିକ ଲଡୁଗାଁ ରେଞ୍ଜ କାର୍ଯ୍ୟାଳୟ ଘେରାଓ କରିବା ପାଇଁ ଚେତାବନୀ ଦେଇଛନ୍ତି।

### ଭୂ'ବନ୍ଦୋବସ୍ତରେ ଜମି ଚିହ୍ନଟ ପ୍ରକିୟା ଆରମ୍ଭ

## ଟାଣ ଖରାରେ କାମ କରୁଛନ୍ତି କର୍ମଚାରୀ



ଜୁନାଗଡ଼, (ଭାସ୍କର ନ୍ୟୁଜ୍): ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ ଚିଲିଗୁଡ଼ା ଗ୍ରାମରେ ଚାଲିଥିବା ଭୁ ବନ୍ଦୋବସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। କର୍ମଚାରୀମାନଙ୍କ ଦ୍ୱାରା ଗ୍ରାମର ଅଧିକାଂଶ ଚାଷୀଙ୍କ ଜମି ଚିହ୍ନଟ ପ୍ରକ୍ରିୟା ଜୋର ସୋରରେ ଚାଲୁଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି, କର୍ମଚାରୀମାନେ ଖରାକୁ ଖାତିର ନ କରି ଟାଣ ଖରାରେ ମଧ ଜମି ଚିହ୍ନଟ ପ୍ରକିୟା ଜାରି ରହିଛି। ଜମି ମାଲିକଙ୍କ ଉପସ୍ଥିତିରେ ଜମି ଚିହ୍ନଟ କରାଯାଉଛି। ଚିଲିଗୁଡ଼ା ଆର୍‌ଆଇ ସସ୍ମିତା ରଣାଙ୍କ ନେତୃତ୍ୱରେ ଆଜି ଏଆର୍‌ଆଇ ପ୍ରତ୍ୟୁଷ ଧଙ୍ଗଡ଼ା ମାଝୀ ସମେତ ସେଟେଲ ମେଣ୍ଟ କର୍ମଚାରୀ ଲମ୍ବୋଧର ନାଗ, ସୁଶାନ୍ତ ନାଏକ, ତ୍ରିଗୁଣ ନାଏକ ପ୍ରମୁଖ ଜମି ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଏଥିରେ ଚାଷୀ ରଙ୍ଗାଧର ପଟେଲ, ସନ୍ତୋଷ ଛତ୍ରିଆ, ପଦ୍ମ ନାଭ ନାଗ, ବାସୁଦେବ ଛତ୍ରିଆ, ରୁଗନ ଛତ୍ରିଆ, ସୁନ୍ଦର ମୋହନ ଛତ୍ରିଆ, ବାସୁଦେବ ଛତ୍ରିଆ, ରାଜିନ୍ଦ୍ର ନାଏକ, ପବିତ୍ର ନାଏକ, ଇନ୍ଦ୍ରଜିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ୫ ତାରିଖ ସୋମବାର ଦିନ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲ୍ଲାପାଳ, ଭବାନୀପାଟଣା ଡ. ବିଶ୍ୱଜିତ୍ ଦାସଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୧୨୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୧୩ଟି ବ୍ୟକ୍ତିଗତ ସମସ୍ୟାର ଅଭିଯୋଗ ହୋଇଥିଲା ବେଳେ ୯ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଅଭିଯୋଗ ରହିଥିଲା। ୨୨ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ୍ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ କେସିଙ୍ଗା ବ୍ଲକ୍ ଅନ୍ତର୍ଗତ ଲଇତରା ପଞ୍ଚାୟତର ନିତ୍ୟ ନାଏକଙ୍କୁ ୫୦୦୦ ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରଯାଇଥିଲା।

## କଂଗ୍ରେସର ଦଳୀୟ ସ୍ଥିତିକୁ ମଜଭୁତ ପାଇଁ ଆହ୍ୱାନ



ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନର୍ଲା ଡାକବଙ୍ଗଳାଠାରେ କଂଗ୍ରେସର ସାଙ୍ଗଠନିକ ବୈଠକ ମାଧ୍ୟମରେ ଦଳୀୟ ସ୍ଥିତିକୁ ମଜଭୁତ କରିବା ସହିତ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ୍ କଂଗ୍ରେସ ସଭାପତି ସମୀର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ବିଭୂତି ଭୂଷଣ ମହାକୁଡ଼, ନର୍ଲା ଯୁବ କଂଗ୍ରେସ ସଭାପତି ଦୀପୁ ପାତ୍ର, ନର୍ଲା ନିର୍ବାଚନ ମଣ୍ଡଳୀର ସଭାପତି ନିରଜ ଶର୍ମା, ଜିଲ୍ଲା ମହିଳା ସଭାନେତ୍ରୀ ମାହେନ୍ଦ୍ରୀ ସାହୁ, ଜିଲ୍ଲା କଂଗ୍ରେସ କମିଟି ସଦସ୍ୟ ରଜନୀ କୁମାର, ମହିଳା କଂଗ୍ରେସର ମମିତା ସାହୁ, ନର୍ଲା ବ୍ଲକ୍ ଉପସଭାପତି ସୁଦାମ ଚରଣ ପଧାନ, କଂଗ୍ରେସ ନେତା ସୁରେଶ ଚୌଧୁରୀ, ଟିକେଚନ ଦୀପ, ଭଗବାନ ସାହୁ, ପ୍ରକାଶ ମାଝୀ, ଆଦିତ୍ୟ ସାହୁ, ମଳୟ ଦାସ, ପ୍ରକାଶ ମାଝୀ, ତନୁ ମାଝୀ, ରାଜ କୁମାର ସରାଫ ସହିତ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଗଣ ଏଥିରେ ଯୋଗଦାନ କରିଥିଲେ। ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନର୍ଲା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳର ସ୍ଥିତିକୁ ମଜଭୁତ କରିବା ସହିତ ସମସ୍ତ ମତଭେଦ ଭୁଲି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ବିଭିନ୍ନ ମତପ୍ରକାଶ ପାଇଥିଲା। ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ଶ୍ରୀ ମହାଖୁଡ ନର୍ଲା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ସ୍ଥିତି ସମୀକ୍ଷା କରିବା ସହ ଅଧିକରୁ ଅଧିକ ଲୋକଙ୍କୁ କଂଗ୍ରେସ ଦଳରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ନର୍ଲା କଂଗ୍ରେସ ବ୍ଲକ୍ ସଭାପତି ସମୀର ଚାନ୍ଦ ସଭା ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳୀୟ ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବାକୁ ସମସ୍ତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ପଞ୍ଚାୟତସ୍ତରୀୟ କର୍ମୀମାନେ ନିଜ ନିଜ ମତାମତ ଦେଇ ଆଲୋଚନାରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ନର୍ଲା ଅଞ୍ଚଳରେ ଦଳର ପୂର୍ବ ସୁଦୃଢ ସ୍ଥିତିକୁ ଫେରାଇ ଆଣିବାକୁ ଉଦ୍ୟମ ଜାରି ରଖିଛନ୍ତି ବୋଲି ମତପୋଷଣ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଡହଗାଁ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଲକ୍ଷ୍ମଣ କୁମାର ରାଉତଙ୍କ ଉଦ୍ଦେଶ୍ୟରେ ରବିବାର ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। କୋକସରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ସଂଘ ସଭାପତି ଗଗନ ବିହାରୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝୀ, ମୁଖ୍ୟବକ୍ତା ଭାବେ ରାଜ୍ୟ ସାଂଗଠନିକ ସଂପାଦକ (ୟୁପିଟିଏଫ୍) ସତ୍ୟବାନ ପାଣିଗ୍ରାହୀ ଯୋଗଦେଇ ଥିଲେ। କଳାହାଣ୍ଡି ଜିଲ୍ଲା ସଂପାଦକ ବୈକୁଣ୍ଠ ଜାଲ, ଜିଲ୍ଲା ସହ ସଂପାଦକ (ଏକ୍ସକ୍ୟାଡର) ରଞ୍ଜିତ ଖମାରୀ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀରାଉତଙ୍କୁ ଉପଢ୍ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି ମଞ୍ଚ ପରିଚାଳନା କରିଥିଲେ। କୋକସରା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂପାଦକ ଦେବିସିଂ ମାଝୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ସୁଜାତା ଜାଲ, ପଞ୍ଚାନନ ମାଝୀ, ତ୍ରିନାଥ ବାଗ, ସନାତନ ପଣ୍ଡା, ତୁଳସୀରାମ ପଟେଲ, ପରମେଶ୍ୱର ପଟ୍ଟନାୟକ, କ୍ଷୀରୋଦ କୁମାର ପଣ୍ଡା ସମେତ ଶିକ୍ଷକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶ୍ରୀ ରାମକୃଷ୍ଣ ଆଶ୍ରମର ବାର୍ଷିକ ଉତ୍ସବ



ମ.ରାମପୁର, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ମ.ରାମପୁର ସ୍ଥିତ ଶ୍ରୀ ରାମକୃଷ୍ଣ ଆଶ୍ରମ ପରିସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବ ସ୍ନାନ ପୂର୍ଣ୍ଣିମା ଓ ଆଶ୍ରମର ୩୧ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମର ସମ୍ପାଦକ ମହାରାଜ ସ୍ୱାମୀ ଅଶୋକା ନନ୍ଦ ମହାରାଜ ଏହି ଉତ୍ସବରେ ପୌରହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସ୍ୱାମୀ ସତ୍ୟ ବେଦଓ ନନ୍ଦ ସରସ୍ୱତୀ ଯୋଗ ଦେଇ ନିଜର ଅଭିଭାଷଣ ରଖିଥିବା ବେଳେ ସମ୍ମାନୀତ ଅତିଥି ଭାବେ ପର୍ଶୁରାମ ଦ୍ୱିବେଦୀ ନିଜର ସ୍ନାନପୂର୍ଣ୍ଣିମା ବିଷୟରେ ଆଲୋକପାତ କରିଥିଲେ। ଆଶ୍ରମର ସମ୍ପାଦକ ସ୍ୱାମୀ ଅଶୋକା ନନ୍ଦ ମହାରାଜ ଦେବ ସ୍ନାନ ପୂର୍ଣ୍ଣିମା ଓ ଆଶ୍ରମର ପ୍ରତିଷ୍ଠା ବିଷୟରେ ନିଜର ମତବ୍ୟକ୍ତ କରିବା ସହ ମହାପ୍ରଭୁଙ୍କ ଦେବ ସ୍ନାନ ପୂର୍ଣ୍ଣିମାର ମହତ୍ ଓ ମହାପ୍ରଭୁଙ୍କ ଲୀଳା ଅପାର ଓ ତାଙ୍କର କରୁଣା ସମସ୍ତଙ୍କ ମଙ୍ଗଳ ପାଇଁ ହୋଇଛି ବୋଲି କହିଥିଲେ। ଆଶ୍ରମର ଉପସଭାପତି ସ୍ୱାମୀ ଧିରେଶା ନନ୍ଦ ଓ ସହ ସମ୍ପାଦକ ସ୍ୱାମୀ ବିରେସାନନ୍ଦ ଓ ସନ୍ୟାସୀ ଶୁକଦେବଓ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଆଜି ସ୍ନାନପୂର୍ଣ୍ଣିମା ଓ ପ୍ରତିଷ୍ଠା ଦିବସ ଉତ୍ସବ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସୀତା ବଲ୍ଲଭ ମହାପାତ୍ର, ବିଶେଷ ଅତିଥିଭାବେ ରମାକାନ୍ତ ମିଶ୍ର ରାମନାରାୟଣ ମିଶ୍ର ଓ ବିରଜା ପ୍ରସାଦ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ଅନ୍ନଦା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଶେଷରେ ଆଶ୍ରମ ଭକ୍ତ ବଟ କିଶୋର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିପରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ମଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

## ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର

ଜୁନାଗଡ଼, (ଭାସ୍କର ନ୍ୟୁଜ୍): ମାନବ ସେବା ସଂସ୍ଥା ଦ୍ୱାରା ପରିଚାଳିତ କଳାବିକାଶ କେନ୍ଦ୍ରର ଗ୍ରୀଷ୍ମ କାଳୀନ ଶିକ୍ଷ୍ୟା ଶିବିର ସଂସ୍ଥାର ନିର୍ଦ୍ଦେଶକ ମାନସ ସେଠିଙ୍କ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଚିତ୍ର ଶିଳ୍ପୀ ତଥା ଶ୍ରୀ ଅରବିନ୍ଦ ଚିତ୍ରକଳା ପ୍ରଶିକ୍ଷକ ମୁକୁନ୍ଦ ରେଡ୍ଡୀ ଯୋଗଦେଇଥିଲେ। ସମ୍ମାନୀୟ ଅତିଥିଭାବେ ଅବସର ପ୍ରାପ୍ତ ବିଆରସି କୋରଡ଼ିନେଟର ରାଧେଶ୍ୟାମ ପଣ୍ଡା, ପିଆଇ ମହାବିଦ୍ୟାଳୟ ଖେଳ ଶିକ୍ଷକ ସମୀର ସାହୁ, କଳା ବିକାଶ କେନ୍ଦ୍ରର ପୃଷ୍ଟପୋଷକ ପଦ୍ମାବତୀ ସାହୁ, ସଂସ୍ଥା ଅଧ୍ୟକ୍ଷ ଦିଲ୍ଲିପ ସାହୁ, ଉପଦେଷ୍ଟା ସନ୍ଦୀପ ସାହୁ, ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିନୟ କୁମାର ସାହୁ ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମାନସ ରଞ୍ଜନ ପଣ୍ଡା, ଲିପ୍ସାରାଣୀ ବାରିକ, ଆଶିଷ କୁମାର ବିଶୋଇ, ଡି. ବଳରାମ ପ୍ରମୁଖ ଉପସ୍ଥିତ ହୋଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ଛାତ୍ର ଛାତ୍ରୀମାନଙ୍କୁ ଆଧୁନିକ ଓ ପୁରାତନ ନୃତ୍ୟ, ଚିତ୍ରଙ୍କନ ଟାଇକୋଣ୍ଡୋ, ପ୍ରଭୃତି ବିଷୟରେ ଶିକ୍ଷ୍ୟା ପ୍ରଦାନ କରାଯାଇଥିଲା।

## ଉତ୍କଳ ଆଲୁମିନା ପକ୍ଷରୁ ବିବିଧ ଗୋଷ୍ଠୀ ବିକାଶ ପ୍ରକଳ୍ପ ସମୂହ ଉନ୍ମୋଚିତ




ଥୁଆମୂଳ ରାମପୁର/କଲମପୁର, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା, ଥୁଆମୂଳ ରାମପୁରଠାରେ ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ଼ର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ଼ ଏହାର ପାରିପାର୍ଶ୍ୱିକ ଗ୍ରାମଗୁଡିକରେ ବାସକରୁଥିବା ଜନସାଧାରଣଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଉପାର୍ଜନ ଏବଂ ସାମାଜିକ ପ୍ରସଙ୍ଗଗୁଡ଼ିକର ସାମଗ୍ରିକ ବିକାଶ ଦିଗରେ ପ୍ରତିବଦ୍ଧ ରହିଛି। ଏହି ସମସ୍ତ କ୍ଷେତ୍ରରେ ପ୍ରଭାବକୁ ଶୀର୍ଷସ୍ତରେ ପହଞ୍ଚାଇବାକୁ ଉତ୍କଳ ଆଲୁମିନା କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍‌ରେ ଚଳିତବର୍ଷ ଜୁନ ମାସରେ ବହୁବିଧ ବିକାଶମୂଳକ ପ୍ରକଳ୍ପ ଉନ୍ମୋଚନ କରାଯାଇଛି। ଏହି ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି ଲେମନ୍ ଗ୍ରାମ୍ ତୈଳ ନିଷ୍କାସନ ୟୁନିଟ୍‌ର ଉଦ୍‌ଘାଟନ, ନିରୋଗଶାଳା ନାମରେ ଏକ ଗ୍ରାମ ସ୍ୱାସ୍ଥ୍ୟ ଦାତବ୍ୟ ଚିକିତ୍ସାଳୟର ଶୁଭାରମ୍ଭ ଏବଂ ଏକ ଉତ୍ସର୍ଗୀକୃତ ଆମ୍ବୁଲାନ୍ସ ସେବା। ଏଥିସହିତ ହାଲୁକା ମୋଟର ଯାନ ଡ୍ରାଇଭିଂ ତାଲିମ କାର୍ଯ୍ୟକ୍ରମର ସମାପନ ଉତ୍ସବ ମଧ ଅନୁଷ୍ଠିତ ହୋଇଥିଲା। ଶ୍ରୀ ମଜହର ବେଗ, ୟୁନିଟ୍ ହେଡ୍ ଓ ପ୍ରେସିଡେଣ୍ଟ, ଉତ୍କଳ ଆଲୁମିନା ଏହି ପ୍ରକଳ୍ପଗୁଡିକକୁ ଉଦ୍‌ଘାଟନ ଓ ଶୁଭାରମ୍ଭ କରିଥିବା ବେଳେ ତାଙ୍କ ସହିତ ବିଶିଷ୍ଟ ବ୍ୟକ୍ତିଗଣ ଓ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଏବଂ ଚିନ୍ତାଶୀଳ ଜନନେତା ପ୍ରମୁଖ ଉପସ୍ଥିତ ରହିଥିଲେ। ଗୁଜାମାଳିପଡ଼ା ଗ୍ରାମରେ ଉଦ୍‌ଘାଟିତ ଲେମନ୍ ଗ୍ରାସ ତୈଳ ନିଷ୍କାସନ ୟୁନିଟ୍ ୬୦ରୁ ଉର୍ଦ୍ଧ୍ୱ ପରିବାରକୁ ବଜାର ସଂଯୋଗୀକରଣ ସମାଧାନ ଯୋଗାଇଦେବ, ଯେଉଁମାନେ ସମ୍ପ୍ରତି ପ୍ରକଳ୍ପ ସୁଗନ୍ଧାରେ ତାଲିକାଭୁକ୍ତ ହୋଇ ୧୦୦ ଏକର ଜମିରେ ଲେମନ୍ ଗ୍ରାସ ଚାଷ କରୁଛନ୍ତି। ଗୋପୀନାଥପୁରଠାରେ ନିରୋଗଶାଳା ନାମରେ ଗ୍ରାମ ସ୍ୱାସ୍ଥ୍ୟ ଦାତବ୍ୟ ଚିକିତ୍ସା ପ୍ରତିଷ୍ଠାନ ଗ୍ରାମ ଏବଂ ତାହାର ନିକଟବର୍ତ୍ତୀ ଅଞ୍ଚଳ ଗୁଡିକରେ ବାସ କରୁଥିବା ଜନସାଧାରଣଙ୍କୁ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା। ଏଥିସହିତ ଆବଶ୍ୟକ ସମୟରେ ଜଟିଳ ସ୍ୱାସ୍ଥ୍ୟ ସେବା ସହାୟତା ଯୋଗାଇବା ତଥା ଉଚ୍ଚତର ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନକୁ ରୋଗୀଙ୍କୁ ସ୍ଥାନାନ୍ତର କରିବାକୁ ଏକ ଉତ୍ସର୍ଗୀକୃତ ଆମ୍ବୁଲାନ୍ସ ସେବା ମଧ ଉଦ୍‌ଘାଟିତ ହୋଇଥିଲା। ପ୍ରୋଜେକ୍ଟ ଦୃଷ୍ଟି ଅଧିନରେ କମ୍ ଦୃଷ୍ଟିଶକ୍ତି ଥିବା ୨୦ ଜଣ ବ୍ୟକ୍ତିଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ସେମାନେ ଅଧିକ ପରିପୂର୍ଣ୍ଣ ଜୀବନ କଟାଇ ପାରିବେ। ଏସବୁ ସହିତ ସମ୍ପ୍ରତି ପ୍ରୋଜେକ୍ଟ କୁଶଳୀ ଅଧିନରେ ଗୋପୀନାଥପୁରଠାରେ ଚାଲିଥିବା ହାଲୁକା ମୋଟର ଯାନ ଡ୍ରାଇଭିଂ ତାଲିମ୍ କାର୍ଯ୍ୟକ୍ରମର ସମାପନ ଉତ୍ସବ ମଧ ଆୟୋଜିତ ହୋଇଥିଲା। ସଫଳତାର ସହିତ ଡ୍ରାଇଭିଂ ତାଲିମ ସମ୍ପୂର୍ଣ୍ଣ କରିଥିବା ୩୦ ଜଣ ଉତ୍ସାହୀ ଯୁବବର୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ସମସ୍ତ ରୂପାନ୍ତରଣକାରୀ ପ୍ରୟାସଗୁଡିକର ସଫଳରୂପାୟନକୁ ନେଇ ଶ୍ରୀ ମଜହର ବେଗ୍ ଗଭୀର ଆନନ୍ଦ ପ୍ରକାଶ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ଏହି ସମସ୍ତ ପ୍ରୟାସ ଜରିଆରେ ଆମେ ଥୁଆମୂଳ ରାମପୁର ଅଞ୍ଚଳରେ ସ୍ଥାନୀୟ ଜନସାଧାରଣଙ୍କୁ ସଶକ୍ତ କରିବା, ସ୍ୱାସ୍ଥ୍ୟସେବା ସୁବିଧାରେ ବୃଦ୍ଧି ଘଟାଇବା ଏବଂ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ନିମନ୍ତେ ସୁଯୋଗ ସୃଷ୍ଟି ଦିଗରେ ପ୍ରୟାସ ଜାରି ରଖିଛୁ। କଳାହାଣ୍ଡି ଜିଲ୍ଲାରେ ପୂର୍ବରୁ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବିକା ଉପାର୍ଜନରେ ବିକାଶ କ୍ଷେତ୍ରରେ ଆମର ପ୍ରୟାସଗୁଡିକର ସକାରାତ୍ମକ ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହେଉଛି ଏବଂ ଏହି ଉଦ୍ଦେଶ୍ୟ ନିମନ୍ତେ ଉତ୍ସର୍ଗୀକୃତ ରହିଛୁ। ସ୍ଥାନୀୟ ଜନସମୁଦାୟଙ୍କ ସମର୍ଥନରେ ଆମ ପାରିପାର୍ଶ୍ୱିକ ଅଞ୍ଚଳକୁ ଅଧିକ ପ୍ରକଳ୍ପ ଆଣିବା ଆଶା କରୁଛୁ, ଯାହା ଅଭିବୃଦ୍ଧି ଓ ସମୃଦ୍ଧିକୁ ତ୍ୱରାନ୍ୱିତ କରିବ। ଦୀର୍ଘାବଧି ପରିବର୍ତ୍ତନ ସୃଷ୍ଟି କରିବା ଏବଂ ଆମର ସମସ୍ତ ସହଭାଗୀଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ଆଣିବା ନିମନ୍ତେ ଆମେ ପ୍ରତିବଦ୍ଧ ରହିଛୁ ବୋଲି ଶ୍ରୀ ବେଗ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସମୁଦାୟ କାର୍ଯ୍ୟକ୍ରମ ମନୋଜ ଦାସ, ଏଜିଏମ୍ ସିଏସଆର ମାଇନ୍ସ ଉତ୍କଳ ଆଲୁମିନାଙ୍କ ନେତୃତ୍ୱରେ ଖଣି ସିଏସଆର୍ ଟିମ୍ ଦ୍ୱାରା ଆୟୋଜିତ ହୋଇଥିଲା।

## ରାଶିଫଳ

ବୁଧବାର, ୦୭ ଜୁନ୍ ୨୦୨୩



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢିବ ଓ ପ୍ରଗତି ନିଶ୍ଚିତ ହେବ। ଆୟ ଅପେକ୍ଷା ଅଧିକ ବ୍ୟୟ ହେବ। ବ୍ୟପାରରେ ହାନି ସ୍ଥିତି ରହିବ। କୌଣସି କାମରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀମାନଙ୍କ ମନ ପଢାରେ ଲାଗିବ ନାହିଁ। ବ୍ୟପାରିକ ଯାତ୍ରା ସଫଳ ରହି ପରେ। ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ। ସୁଖ ସାଧନ ଉପରେ ଖର୍ଚ୍ଚ ହେବ।



**ବୃଷ:** ବାହାରକୁ ବାହାରିବା ପରେ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। କୌଣସି ମହିଳା ମିତ୍ରର ସାହାର୍ଯ୍ୟ କରି ପାରନ୍ତି। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ। ପିଲାମାନେ ଆପଣଙ୍କୁ ଘରର କାମ କାର୍ଯ୍ୟରେ ସାହାର୍ଯ୍ୟ କରିବେ। ପୂର୍ବରୁ କରିଥିବା କାମରେ ବର୍ତ୍ତମାନ ଲାଭ ମିଳିବ।



**ମିଥୁନ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢିବେ। ଆୟ ବ୍ୟୟରେ ସନ୍ତୁଳନ ରହିବ। ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ। ଯାହା ଆପଣଙ୍କ ଚିନ୍ତା ବଢାଇ ପାରେ। କାହାର ଅପେକ୍ଷା କରନ୍ତୁ ନାହିଁ।



**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ। ଆର୍ଥିକ ସମସ୍ୟା ଆସିବ। ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ କମଜୋର ରହିପାରେ। ବ୍ୟୟ ଅଧିକ ହେବ। କୌଣସି ଖବର ମିଳିପାରେ। କୌଣସି ବି ଝଗଡାରେ ଭାଗୀଦାରୀ ହୁଅନ୍ତୁ ନାହିଁ। କେଉଁଠି ଗୁପ୍ତ ଜିନିଷରୁ ଟଙ୍କା ମିଳିପାରେ। ଲକ୍ଷ ପ୍ରାପ୍ତି ପାଇଁ ଅଗ୍ରସର ରହିବେ। ଘର ପରିବାରରେ କିଛି ସ୍ଥିତି ଖରାପ ହୋଇପାରେ।



**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ। ମିତ୍ରଙ୍କୁ ନିଜର ଦୁଖ ବ୍ୟଥା କୁହନ୍ତୁ। ଘରର କିଛି ପରିସ୍ଥିତି ଖରାପ ହୋଇପାରେ। ଆପଣ ନିଜର କାମକାର୍ଯ୍ୟ ପାଇଁ କାହାର ସହଯୋଗ ନେଇ ପାରନ୍ତି। ନିଷ୍ପତି ନେବା ପୂର୍ବରୁ ବୁଝି ସୁଝି ନିଅନ୍ତୁ। ସ୍ଥାୟୀ ସମ୍ପତ୍ତିରୁ ଲାଭ ମିଳିପାରେ। ପ୍ରେମ ପ୍ରସଙ୍ଗରେ ସ୍ଥିତି ଭଲ ରହିବ। ବାହାରକୁ ଯାଅନ୍ତୁ ନାହିଁ।



**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ। ବିଦ୍ୟାଧାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ। ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି। ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ। ନିଜ ଜୀବନସାଥିଙ୍କ ସହିତ ପ୍ରେମ କରିବେ। ସମୟ ଅନୁକୂଳ ରହିବ। ଭରପୁର ପ୍ରୟାସ କରନ୍ତୁ। ବେରୋଜଗାରି ଦୂର କରିବା ଦ୍ୱାରା ପ୍ରୟାସରେ ସଫଳ ରହିବେ।



**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। ଜୋଖିମ ଉଠାନ୍ତୁ ନାହିଁ। କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ। ଚାକିରି ଯାଇ ପାରେ। ଆକସ୍ମିକ ଧନଲାଭ ହୋଇପାରେ। ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ। ଆୟର ନୂତନ ସ୍ରୋତ ମିଳିପାରେ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ। ଉତ୍ସାହ ବର୍ଧକ ସୂଚନା ପ୍ରାପ୍ତ କରିବେ। କୌଣସି ବଡ଼ କାମ କରିବାରେ ମନ ଲାଗିବ। ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନ ସମ୍ମାନ ବଢିବ। ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ। ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ। ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ। ବ୍ୟାପାରରେ ନୂତନ ଲାଭଦାୟକ ଅଫର ମିଳିବ।



**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ ସାଧାରଣ ରହିବ। ଖାଦ୍ୟପାନରେ ରୁଚି ବଢିବ। ଅଧିକାରୀମାନଙ୍କ ସହ ସମ୍ପର୍କ ଭଲ ରହିବ। ଏକ ଆଧାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ। ଅଟକିଥିବା ଟଙ୍କା ମିଳିବ। ଆର୍ଥିକ ଅବସ୍ଥା ଭଲ ହୋଇଯିବ। ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହସ ଖୁସିରେ ଦିନ ବ୍ୟତୀତ କରିବେ। ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ପୁରା ହେବ। କୌଣସି ଗରିବ ବ୍ୟକ୍ତିର ସେବା କରିବାର ଅବସର ପ୍ରାପ୍ତ ହେବ।



**ମକର:** ପ୍ରେମୀମାନଙ୍କୁ ପାଇଁ ଆଜି କିଛି ଶୁଭ ଖବର ମିଳିପାରେ। ଉଚ୍ଚ ବର୍ଗ ଲୋକମାନଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ। ଧର୍ମ ପ୍ରତି ଆସ୍ଥା ବଢିବ। ପୂଜା ପାଠରେ ମନ ଲାଗିବ। ରାଜକୀୟ ସହଯୋଗ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଲାଭରେ ବୃଦ୍ଧି ହେବ। ପାରିବାରିକ ସହଯୋଗ ପ୍ରାପ୍ତ ହେବ। ନିଜର ଚିନ୍ତାକଙ୍କୁ ଦୂର କରିବା ପାଇଁ ପରିବାର ଲୋକମାନଙ୍କ ସାହାର୍ଯ୍ୟ ନିଅନ୍ତୁ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ। ଦୁର୍ଘଟନାର ସମ୍ଭାବନା ଅଛି। କିଛି କାର୍ଯ୍ୟ ଖରାପ ହୋଇପାରେ। ବିବାଦକୁ ବଢାନ୍ତୁ ନାହିଁ। ଲାଭ ପାଇଁ ଅନ୍ୟଙ୍କ କ୍ଷତି କରନ୍ତୁ ନାହିଁ। ମୌସମର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ। ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ। ଆଜିର ଦିନ ଆପଣନଙ୍କୁ ବିଶ୍ରାମ କରିବା ଉଚିତ। ଧନ ପ୍ରାପ୍ତି ସୁଗମ ହେବ। ଭୂମି ଭବନ କାର୍ଯ୍ୟ ହେବ।



**ମୀନ:** ବ୍ୟାପାରିକ ଯୋଜନା ବିଫଳ ହୋଇପାରେ। ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ। ଜୀବନସାଥିଙ୍କ ମହତ୍ୱପୂର୍ଣ୍ଣ ସହଯୋଗ ମିଳିବ। ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ। ଆଜି ନିଜର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁ। ଜୋଖିମ ଉଠାନ୍ତୁ ନାହିଁ। ରଚନାତ୍ମକ କାର୍ଯ୍ୟରେ ରୁଚି ବଢିବ। କୌଣସି ଆବଶ୍ୟକ ବସ୍ତୁ ନ ମିଳିବା ଦ୍ୱାରା ଚିନ୍ତା ବଢିବ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯




ବୋଲଗଡ, (ଭାସ୍କର ନ୍ୟୁଜ): ସନ୍ଧ୍ୟାରେ ବାଲେଶ୍ୱର ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଅମର ସାରଥୀ ଓ ମେଡ଼ିକାଲରେ ଚିକିତ୍ସାଧିନ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା ଉଦ୍ଦେଶ୍ୟରେ ମହମବତୀ ଶୋଭାଯାତ୍ରା ବୋଲଗଡ଼ ବ୍ଲକର ସାନପଦର ଗ୍ରାମ ପଞ୍ଚାୟତର ପ୍ରଭୁ ବାବା ତାରେଶ୍ୱର ଦେବଙ୍କ ପୀଠରେ ବାବାଙ୍କ ଆଶିଷ ଭିକ୍ଷା କରି ଏକ ମହମବତୀ ଶୋଭାଯାତ୍ରା ଆରମ୍ଭ ହୋଇ ସାନପଦର ପରିକ୍ରମା କରି ସାନପଦର ଗ୍ରାମପଞ୍ଚାୟତ ଠାରୁ ଆରମ୍ଭ କରି ଭକ୍ତଚରଣ ସ୍ମୃତିସଦନ (ଦୁର୍ଗା ମଣ୍ଡପ )ଠାରେ ଶୋଭାଯାତ୍ରା ଶେଷ କରି ଏକ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାନପଦର ଗ୍ରାମପଞ୍ଚାୟତ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତି ସଭ୍ୟ ଦିଲ୍ଲିପ କୁମାର ମହାପାତ୍ର,ଶିକ୍ଷାବିତ ରାଜକିଶୋର ବ୍ରହ୍ମା , ଶିକ୍ଷାବିତ ବିଜୟ କୁମାର ସାହୁ, ଶିକ୍ଷାବିତ ଶ୍ରୀକାନ୍ତ କୁମାର ନାୟକ, ଯୁବ ସମାଜସେବୀ ସତ୍ୟନାରାୟଣ ବାରିକ, ସମାଜ ସେବୀ ଅଜୟ କୁମାର ମଙ୍ଗରାଜ, ଯୁବସମାଜ ସେବୀ ଦେବୀପ୍ରସାଦ ସିଂ, ଜିତେନ୍ଦ୍ର ବେହେରା ଓ ସାନପଦର ଗ୍ରାମପଞ୍ଚାୟତର ରାସୋଳ, ବୟାପଲ୍ଲୀ, କୃଷ୍ଣସରଣପୁରର ବହୁ ଜନସାଧରଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ରାସ୍ତା କଡ଼ରେ ଠିଆ ହେଇଥିବା ଲୋକ ଉପରେ ଚଢ଼ିଲା ଟ୍ରକ୍



କରଞ୍ଜିଆ,(ଭାସ୍କର ନ୍ୟୁଜ୍): ନମ୍ବର ଜାତୀୟ ରାଜପଥ ସିଙ୍ଗିଡା ଛକ ନିକଟରେ ଟ୍ରକ ଚଢିଗଲା ଜଣେ ଲୋକଙ୍କ ଗୋଡ଼ରେ।, ଆଜି ସିଙ୍ଗିଡା ହାଟ ଥିବାରୁ ରାସ୍ତା ଭିଡ଼ ଥିଲା, ରାସ୍ତା ରେ ଠିଆ ହେଇଥିବା ସମୟରେ ଆବଡ଼ାଖାବଡ଼ା ରାସ୍ତା ଯୋଗୁଁ ଟ୍ରକ୍ର ଚକ ଚଢ଼ିଗଲା।, ତୁରନ୍ତ ୧୦୮ ଯୋଗେ କରଞ୍ଜିଆ ହସ୍ପିଟାଲ କୁ ଅଣାଯାଇଛି । ସିଙ୍ଗଡ଼ା ଫାଣ୍ଡି ଅଧିକାରୀଙ୍କ ମୃତ ବାକ ଟ୍ରକ୍ ଡ୍ରାଇଭର ନିଶଗ୍ରସ୍ତ ଥିବାପରି ଜଣାପଡୁଥିଲା। ଗାଡି ନମ୍ବର ଙଡ ୦୪ଇ ୫୦୦୨ ଦୁର୍ଘଟଣା ଘଟାଇଥିବା ଜଣା ପଡ଼ିଛି। ଗୁରୁତ୍ୱର ଆହତ ହୋଇଥିବା ସୁନାପୋଷି ଗ୍ରାମର ଧନୁର୍ଜୟ ନାୟକ ଙ୍କ ପୁଅ ମଙ୍ଗଲୁ ନାୟକ ବୋଲି ଜଣାପଡିଛି। ଗୁରୁତର ଆହତ ହେଇଥିବାରୁ କରଞ୍ଜିଆରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# ଶ୍ରମିକ ବଦଳରେ ମେସିନ କରୁଛି କାମ



ରାଇଘର, (ଭାସ୍କର ନ୍ୟୁଜ୍): ରାଜ୍ୟସରକାର ଖଟିଖିଆ ଦିନ ମଜୁରିଆ ଗରିବ ଲୋକଙ୍କ ପାଇଁ ୧୦୦ ଦିନ ର କାମ ଯୋଗେଇ ଦେଇଛନ୍ତି ମନରେଗା ଯୋଜନା ମାଧ୍ୟମରେ । କୌଣସି ଗରିବ ଖଟିଖିଆ ବାହାର ଜିଲ୍ଲା କି ରାଜ୍ୟକୁ ଯିବେନାହିଁ ଦାଦନ ଖଟିବାକୁ। ହେଲେ ଉମରକୋଟ ବ୍ଲକ୍ର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଦେଖିବାକୁ ମିଳୁଛି ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚାନ୍ଦ୍ରିକା ଶହ ବ୍ଲକ ଅଧିକାରୀ ୫ ଟି କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି। ବିଭିନ୍ନ ପଞ୍ଚାୟତରେ ମନରେଗା ଯୋଜନାରେ ମାଟି ରାସ୍ତା ନିର୍ମାଣ, ପୋଖରୀ ଖନନ ଭଳି ବିଭିନ୍ନ କାର୍ଯ୍ୟ କେବଳ ଖଟିଖିଆ ଦିନ ମଜୁରିଆ ପାଇଁ ଆସିଥାଏ କିନ୍ତୁ ଏଠି ସରକାର ଙ୍କ ନିୟମକୁ ଉଲଂଘନ କରି ମଣିଷ ବଦଳରେ ଏହି ସବୁ କାର୍ଯ୍ୟ (ଜେ ସି ବି) ମେସିନ୍ରେ ବିଭିନ୍ନ ଗ୍ରାମ ପଞ୍ଚାୟତରେ ପୋଖରୀ ଖନନ ରାତିରେ କରୁଛନ୍ତି । ରାତି ପାହି ସକାଳ ହେଲେ କିଛି ଶ୍ରମିକକୁ ନେଇ କାମରେ ନିୟୋଜିତ କରୁଛନ୍ତି। ଗ୍ରାମ ପଞ୍ଚାୟତରେ ନିୟଯିତ ବ୍ଲକ ଯନ୍ତ୍ରୀ ଜି ଆର୍ ଏସ ସବୁ ଦେଖୁଛନ୍ତି ଜାଣିଛନ୍ତି କିନ୍ତୁ ଠିକାଦାର ସହ ହାତମିଳେଇ ଅଧିକାରୀମାନେ ଅନ୍ଧ ସାଜିଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବୁର୍ଜା ପାଞ୍ଚୟତର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ୨୦୦ମିଟର ଦୂରରେ ଚାଲିଛି ଜେସିବି ମେସିନ୍ ଦ୍ୱାରା ପୋଖରୀ ଖନନ ଏହି ପଞ୍ଚାୟତର କାର୍ଯ୍ୟ ତଦାରଖ କରୁଥିବା ଯନ୍ତ୍ରୀଙ୍କ ଠାରୁ ସଠିକ୍ ଉତ୍ତର ମିଳୁନାହିଁ। ସେ କହିଛନ୍ତି ମୁଁ ନୂଆ ଆସିଛି ମୁଁ କିଛି ଜାଣିନାହିଁ ଦେଖୁଛି। ସେଭଳି ବେହେଡା ପଞ୍ଚାୟତର ନୁଆଗୁଡା ଠାରେ ମଧ ମହାବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଛି ଯେସିବି ମେସିନ୍ ଦ୍ୱାରା କିନ୍ତୁ ସେଠାକାର ଯନ୍ତ୍ରୀଙ୍କୁ ବୁଝିବାରୁ ସେ ବି ଗୋଟିଏ ଉତ୍ତର ଦେଇଛନ୍ତି ମୁଁ ଜାଣି ନାହିଁ ସେଠାରେ ମେସିନ୍ ଲାଗିଛି କି କ'ଣ। ତେବେ ଏହି ଯନ୍ତ୍ରୀ ମହାଶୟମାନେ ଘରେ ବସି କାର୍ଯ୍ୟ ତଦାରଖ କରୁଛନ୍ତି ନାଁ କ'ଣ ତାହା ବର୍ତମାନ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳୀ ଯନ୍ତ୍ରୀମାନଙ୍କ ପାଇଁ ଆଜି ଆମ ଅଞ୍ଚଳର ନିରିହ ଗରୀବ ଆଦିବାସୀମାନେ କାମ ଧନ୍ଦା ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇ ପେଟପାଟଣା କରୁଛନ୍ତି କୋଉ ଶ୍ରମିକ ହଜିଯାଇଛି ତ କିଏ ଜୀବନ ହରେଇ ନିଜ ଜନ୍ମ ମାଟିକୁ ଆସୁଛି ମୃତ ଶବ ହୋଇ । ଏହି ଦାଦନ ଶ୍ରମିକକୁ ନେଇ ବାରମ୍ବାର ବିଭିନ୍ନ ଖବର କାଗଜ ଓ ଖବର ପ୍ରସାରଣ ପରେ ବି ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳୁଛି। ତେଣୁ ଜିଲ୍ଲା ପ୍ରଶାସନ ଏହା ଉପରେ ନଜର ଦେବାକୁ ସାଧାରଣରେ ଦାବି ହଉଛି।

# ବିଶ୍ୱ ପରିବେଶ ଦିବସରେ ଚାରା ରୋପଣ




ବୋଲଗଡ,(ଭାସ୍କର ନ୍ୟୁଜ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ସ୍ଥିତ ଗୋପବନ୍ଧୁ କ୍ଲବର ପଛପଟ ପଡିଆ ଠାରେ ଅଗ୍ରଣୀ ସ୍ୱେଛସେବୀ ସଂଗଠନ ଅମୂଲ୍ୟ ଫାଉଣ୍ଡେସନ ଓ ସଂପୁର ଗ୍ରାମ୍ୟ ଯୁବ ଗୋଷ୍ଠିଙ୍କ ମିଳିତ ଭାବେ ବିଶ୍ୱ ପରିବେଶ ଦିବସ ଅବସରରେ ଚାରା ରୋପଣ ଓ ବୃକ୍ଷ ହିଁ ଜୀବନ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବାଲେଶ୍ୱର ଜିଲ୍ଲାର ବାହାନଗା ଠାରେ ମର୍ମନ୍ତୁଦ ଦୁର୍ଘଟଣାରେ ଯାତ୍ରୀ ମାନଙ୍କ ଅକାଳ ବିୟୋଗ ଉଦ୍ଦେଶ୍ୟରେ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅମୂଲ୍ୟ ଫାଉଣ୍ଡେସନର ଅଧକ୍ଷ ତଥା ଆଇନଜ୍ଞୀ ମଧୁସ୍ମିତା ଲେଙ୍କା ଯୋଗ ଦେଇ ବୃକ୍ଷ ହେଉଛି ଜୀବନ ବୃକ୍ଷ ବିନା ସୃଷ୍ଟି ସମ୍ଭବ ପର ନୁହେଁ ତେଣୁ ଜଙ୍ଗଲ ସୁରକ୍ଷା କରିବା ପାଇଁ ମତବ୍ୟକ୍ତ କରି ଥିବା ବେଳେ ସମାଜସେବୀ ନିରଞ୍ଜନ ନାୟକ, ଗ୍ରାମ୍ୟ ଭଦ୍ରବ୍ୟକ୍ତି ରବୀନ୍ଦ୍ର ସାଥୁଆ ଓ ଧନେଶ୍ୱର ସ୍ୱାଇଁ ଯୋଗଦେଇ ବିଶ୍ୱ ପରିବେଶ ଦିବସରେ ସମସ୍ତ ଉପସ୍ଥିତ ଯୁବ ଗୋଷ୍ଠି ମାନଙ୍କୁ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଚାରା ରୋପଣ କରିବା ପାଇଁ ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ହରପ୍ରସାଦ ମହାନ୍ତି, ପ୍ରିୟବ୍ରତ ଦାସ, ପ୍ରଶାନ୍ତ ଜେନା ,ଅଭିନାସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସୂର୍ଯ୍ୟକାନ୍ତ , ଚିକୁ ମହାନ୍ତି , ପବିତ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଲେଙ୍କା , ବିଭୂତି ଭୂଷଣ ଲେଙ୍କା ,ଚିନ୍ନୁ,ଗଣେଶ୍ୱର ସାହୁ ,ଦୀପକ ,ପ୍ରଦୀପ୍ତ କୁମାର ପରିଡ଼ା ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ।

# ଶ୍ରୀ ଜଗନ୍ନାଥ ସାଂସ୍କୃତିକ ମଞ୍ଚ ତରଫରୁ ଦୀପଦାନ

ଏରସମା,(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଶ୍ରୀ ଜଗନ୍ନାଥ ସାଂସ୍କୃତିକ ମଞ୍ଚ ପକ୍ଷରୁ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ଓ ଏରସମାର ବରିଷ୍ଠ ସାମ୍ବାଦିକ ସୁଶିଲ କୁମାର ମହାନ୍ତିଙ୍କ ବିୟୋଗରେ ସମୂହ ଦୀପଦାନ କରାଯାଇଛି। ଏହି ଦୀପଦାନ କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ତଥା ଜଗତସିଂହପୁର ଜିଲ୍ଲା ଏକ୍ସପୋର୍ଟ ମେମ୍ବର ଓ ରାଜ୍ୟ କାଳିଆ ଯୋଜନା ଉପଦେଷ୍ଟା ସାରଦା ପ୍ରସନ୍ନ ଜେନା, ଏରସମା ପଞ୍ଚାୟତ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ମଞ୍ଚର ସଭାପତି ଅମୂଲ୍ୟ ବିଶ୍ୱାଳ, ସମ୍ପାଦକ ବଳରାମ ସେଠୀ, କୋଷାଧକ୍ଷ କାର୍ତ୍ତିକ ସାହୁ, ପରିଚାଳନା କମିଟି ସଭ୍ୟ ଲୋକନାଥ ମହାନ୍ତି, କ୍ଲବ ସଭାପତି ଜ୍ୟୋତି ରଞ୍ଜନ କୁଅଁର, ବିଚିତ୍ରାନନ୍ଦ ଦାସ, ଅଶୋକ ସ୍ୱାଇଁ, ସଭାପତି ସୁରେନ୍ଦ୍ର ସାମଲ, ଆଲୋକ ରାଉତ, ଉପଦେଷ୍ଟା ଯୁଗଳ କିଶୋର ସ୍ୱାଇଁ, ଧ୍ରୁବ ଲେଙ୍କା, ସର୍ବେଶ୍ୱର ବେଉରା, ପ୍ରଦୀପ ସାହୁ, ବିନୋଦ ବାରିକ, ସମୀର ରଞ୍ଜନ ସ୍ୱାଇଁ, ସ୍ମୃତି ରଞ୍ଜନ ଦାସ, ନାରାୟଣ ବିଶ୍ୱାଳ, ନିର୍ମଳ ସ୍ୱାଇଁ, ପ୍ରଦୀପ ନାଥ, ସାରଦା ସେନାପତି, ସମୀର ଜେନା, ମୁକ୍ତିକାନ୍ତ ପଟ୍ଟନାୟକ, ପ୍ରବୀର ପଣ୍ଡା, ଦୀପ୍ତି ରଞ୍ଜନ ସାହୁ, ସଚିତ୍ର ଖଟୁଆ, ଚୈତନ୍ୟ ସ୍ୱାଇଁ ଓ ପର୍ଶୁରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱ ପରିବେଶ ଦିବସ ଓ ଚାରା ରୋପଣ କାର୍ଯ୍ୟକ୍ରମ

ରାଜନଗର,(ଭାସ୍କର ନ୍ୟୁଜ): ୧୯୭୪ମସିହା ଜୁନ ୫ରୁ ପ୍ରତିବର୍ଷ ନିରବ ଛିନ୍ନତା ଭାବେ ପାଳିତ ହୋଇ ଆସୁଥିବା ଏହି ଦିନଟି ଜନସାଧାରଣଙ୍କ ମଧ୍ୟରେ ପରିବେଶ ସଚେତନତା ପାଇଁ ଏକ ବିଶ୍ୱସ୍ତରୀୟ ମଞ୍ଚ। ଚଳିତ ବର୍ଷ ପରିବେଶ ଦିବସର ବିଷୟ ବସ୍ତୁ 'ପ୍ଲାଷ୍ଟିକ୍ ପଦୂଷଣର ସମାଧାନ'ଉପରେ ଗୁରୁତ୍ୱ ଦିଆଯାଇଛି। ଜୈବ ବିଘଟନ ଅକ୍ଷମ ହୋଇଥିବା ଯୋଗୁଁ ପ୍ଲାଷ୍ଟିକ୍ ପରିବେଶ ପ୍ରତି ଘୋର ବିପଦ ସୃଷ୍ଟି କରି ଅନେକ ପରିବେଶ ପ୍ରଦୂଷଣ ସମସ୍ୟାର କାରଣ ହୋଇଥାଏ। ଏହି ଅବସରରେ ଆଜି କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତର ଶୈଳେନ୍ଦ୍ରସରାଇ ଠାରେ କନିକା ରେଞ୍ଜର ମାନସ କୁମାର ଦାସଙ୍କ ଆୟୋଜିତରେ ୫୦ତମ ବିଶ୍ୱ ପରିବେଶ ଦିବସକୁ ଶତାଧିକ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଳଚୁଆ ବଜାରଠାରୁ ଶତାଧିକ ଛାତ୍ରଛାତ୍ରୀ ସାଇକେଲ ଶୋଭାଯାତ୍ରାରେ ଯାଇ ଶୈଳେନ୍ଦ୍ରସରାଇ ଜଙ୍ଗଲ ନିକଟରେ ପହଞ୍ଚି ଅତିଥିମାନଙ୍କ ସହିତ ଚାରା ରୋପଣ କରିଥିଲେ। ଡାଙ୍ଗମାଳ ନାଗାନାରାୟଣ ହାଇସ୍କୁଲର ଶିକ୍ଷକ ଓମ ପ୍ରକାଶ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ




ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ତାଙ୍କ ଭାଷଣରେ କହିଥିଲେ। ୧୯୯୯ ମସିହାରେ ହୋଇଥିବା ବାତ୍ୟା ଯେମିତି କ୍ଷତି ହେବା କଥା ତାହା ହୋଇପାରି ନାହିଁ ତାର ଏକ ମାତ୍ର କାରଣ ପରିବେଶର ସୁରକ୍ଷା କବଚ ସାଜିଛି ସୃଷ୍ଟି ହୋଇଥିବା ଜଙ୍ଗଲ, ଯାହାକି ଭିତରକନିକା ଅଧିନସ୍ଥ ହେନ୍ତାଳ ବନ ଠାରୁ ଆରମ୍ଭ କରି ନୂତନ ଭାବେ ଜଙ୍ଗଲ ସୃଷ୍ଟି ହୋଇଥିବା ପରିବେଶ ପାଇଁ ସୁଗମ ପଥ ସୃଷ୍ଟି ହୋଇଛି। କେନ୍ଦ୍ରାପଡା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ପଲିଥିନ୍ ମୁକ୍ତ କରି ଆମେ ରଖିବା ଆମର ସ୍ୱଚ୍ଛ ପରିବେଶ, ତେଣୁ ଡିଏଫଓଙ୍କ କହିବା ପ୍ରକାରେ ଜଙ୍ଗଲ ଓ ନଦୀ ନିକଟରେ ଚିଙ୍ଗୁଡ଼ି ଘେରି କରିବା ଅନୁଚିତ ବରଂ ଜଙ୍ଗଲ ସୃଷ୍ଟି କରିବା ଉଚିତ୍ , କାରଣ ଘେରୀରୁ ପ୍ଲାଷ୍ଟିକ୍ ଯୁକ୍ତ ବର୍ଜ୍ୟବସ୍ତୁ ନିର୍ଗତ ହୋଇ ଜଙ୍ଗଲ ଓ ନଦୀରେ ପଡିବା ଦ୍ୱାରା କ୍ରମସ ସମୁଦ୍ରକୁ ଯାଇ କଇଁଛମାନଙ୍କ ଖାଦ୍ୟ ମୃତ୍ୟୁର ଅନ୍ୟ ଏକ କାରଣ ହୋଇ ଥାଏ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଶିକ୍ଷକ ବାଦଲ କୁମାର ପରିଡା, ସମାଜ ସେବୀ ଉପେନ୍ଦ୍ର ନାଥ ସ୍ୱାଇଁ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ସାମ୍ବାଦିକ ସୂର୍ଯ୍ୟ ନାରାୟଣ ଲେଙ୍କା, ପରୋପକାରୀ ମଦନ ଦେବନାଥ ଯୋଗଦେଇଥିବା ବେଳେ ଲକ୍ଷ୍ମୀଧର ବାରିକ ସୁରକ୍ଷା ସମ୍ପର୍କରେ ମତ ରଖି କହିଥିଲେ ଭିତରକନିକା ବିଶେଷକରି ୭ଟି ପଞ୍ଚାୟତ ସହିତ ଜଡିତ ରହିଛନ୍ତି। ଯଦି ଏହି ପଞ୍ଚାୟତରୁ ଯୁବକ ମାନଙ୍କୁ ନିଯୁକ୍ତି ଦିଆଗଲେ ଜଙ୍ଗଲ ସୁରକ୍ଷା ରହିବା ସହ ପରିବେଶ ସୁରକ୍ଷିତ ରହିପାରିବ। ଏହି କାର୍ଯ୍ୟକ୍ରମ ସହିତ ସଂଶ୍ଳିଷ୍ଟ ଭର୍ଚ୍ୟୁଆଲ ମୋଡରେ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପିନ୍ଦ୍ର ଜାଦବଙ୍କ ଅଭିଭାଷଣ ଶୁଣିବା କେନ୍ଦ୍ର ସରକାର ଲୁଣା ଜଙ୍ଗଲର ଉନ୍ନତି ପାଇଁ ବିଭିନ୍ନ ଯୋଜନାର ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ଦେଖିଥିଲେ ଓ ପରିବେଶ ସୁରକ୍ଷା ପାଇଁ ସଚେତନ ହୋଇଥିଲେ। ଶେଷରେ ବିଭିନ୍ନ ବ୍ଲକର ଜଣେ ଜଣେ ଯୁବକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ଦିଆଯାଇଥିଲା।

# ପୋଲାଙ୍ଗରେ ବିଶ୍ୱ ପରିବେଶ ଦିବସ ପାଳିତ



କୁଜଙ୍ଗ,(ଭାସ୍କର ନ୍ୟୁଜ୍): ବିଶ୍ୱ ପରିବେଶ ଦିବସ ପ୍ରତିବର୍ଷ ଜୁନ ୫ ତାରିଖରେ ପାଳନ କରାଯାଏ ଏବଂ ପରିବେଶ ସୁରକ୍ଷା ପାଇଁ ସଚେତନତା ଏବଂ କାର୍ଯ୍ୟକୁ ଉତ୍ସାହିତ କରିଥାଏ। ମିଳିତ ଜାତିସଂଘ ସାଧାରଣ ସଭା ଜୁନ ୫କୁ ବିଶ୍ୱ ପରିବେଶ ଦିବସ ଭାବରେ ମନୋନୀତ ରହିଛି। ଯାହା ମାନବ ପରିବେଶ ଉପରେ ଷ୍ଟକହୋମ ସମ୍ମିଳନୀର ପ୍ରଥମ ଦିବସ ଅଟେ। ଚଳିତ ବର୍ଷ ଏହି ଦିବସ ପାଳନ ୫୦ତମ ବର୍ଷରେ ପଦାର୍ପଣ କରୁଛି। ଏହି ଦିବସରେ ବିଶ୍ୱବ୍ୟାପି ପରିବେଶର ସୁରକ୍ଷା ଏବଂ ପରିବେଶ ପ୍ରତିକ୍ଷତି ପହଞ୍ଚାଉଥିବା କାର୍ଯ୍ୟକଳାପ ଗୁଡିକ ପ୍ରତିହତ କରିବା ଏବଂ ସେଦିଗରେ ସଚେତନ ସୃଷ୍ଟି ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହା ନିଶ୍ଚିତ ଭାବରେ ସ୍ୱାଗତ ଯୋଗ୍ୟ। ଏହି ଉପଲକ୍ଷେ ଆଜି କୁଜଙ୍ଗ ଲୁଣା ଜଙ୍ଗଲ ବନଖଣ୍ଡ ତରଫରୁ ଏରସମା ବ୍ଲକ ଗଡ଼କୁଜଙ୍ଗ ପଞ୍ଚାୟତର ପୋଲାଙ୍ଗ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ପରିବେଶ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ରାଜନଗର ଲୁଣା ଜଙ୍ଗଲ ବନଖଣ୍ଡ ଏସିଏଫ ପୁନମ ହୀରା ହାଁସଦା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୁଲ୍ୟରେ ମିଷ୍ଟି ଯୋଜନା ମାଧ୍ୟମରେ ଉପକୂଳ ଅଞ୍ଚଳର ସୁରକ୍ଷା ପାଇଁ ହେନ୍ତାଳବଣ ସୃଷ୍ଟି କରିବା ଓ ତାହାର ଉପଯୁକ୍ତ ଯନନେବା ଓ ହେନ୍ତାଳବଣ ସମୁଦ୍ର ଉପକୂଳ ଲୋକମାନଙ୍କ ପାଇଁ ରକ୍ଷାକବଚ ହେବବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। କିନ୍ତୁ ଯୋଜନା ଓ ନୀତିପ୍ରଣୟନ ଏବଂ ତାହାର କାର୍ଯ୍ୟନୟନ ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ରହୁଛି। ମିଷ୍ଟି ଯୋଜନାରେ ଜଟାଧାର ମୁହାଣ ଓ ତଣ୍ଡାରେ ସୃଷ୍ଟି ହେବାକୁ ଥିବା ହେନ୍ତାଳ ଜଙ୍ଗଲରେ ସ୍ଥାନୀୟ ଲୋକମାନଙ୍କୁ ସାମିଲ କରାଯିବା ପାଇଁ ମତ ଦେଇଥିଲେ। ଏଥିରେ ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ ପରିଡ଼ା, ନୂଆଗାଁ ସରପଞ୍ଚ ସୁଚିତ୍ରା ମନ୍ତ୍ରୀ, ଅଧ୍ୟାପକ ଡ. ହେମନ୍ତ କୁମାର ମୁଦୁଲି, ସମାଜସେବୀ ଡ. ତମିଲ୍ ପ୍ରଧାନ, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ବିଶ୍ୱ ପରିବେଶ ଦିବସ ନୂଆଗାଁ ବନପାଳ ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସର୍ବସଶେଷରେ କୁଜଙ୍ଗ ବନ୍ୟାଅଞ୍ଚଳ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପଗଡରେ କ୍ୟାଣ୍ଡେଲ ଶୋଭାଯାତ୍ରା

କୁଜଙ୍ଗ,(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଷ୍ଟେସନ ନିକଟରେ ଘଟିଥିବା ରେଳ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ନିରୀହ ଲୋକଙ୍କ ଆତ୍ମାର ସଦ୍ଗତି ନିମନ୍ତେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ପାରାଦୀପ ଗଡ ଗ୍ରାମପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଶତାଧିକ ଲୋକ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ପାରାଦୀପଗଡ ଗ୍ରାମ ପରିକ୍ରମା କରି ଶ୍ରୀ ଲୋକନାଥ ମନ୍ଦିରରେ ଦୀପ ଦାନ କରି ଅମର ଆତ୍ମା ମାନଙ୍କର ସଦଗତି ନିମନ୍ତେ ପ୍ରଥାନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ସତ୍ୟ ନାରାୟଣ ମହାପାତ୍ର, ଦେବ ଦୁର୍ଲ୍ଲଭ କର, ଗୋଲାପ ରାଣୀ ସାହୁ, ଜସମିତା ମହାନ୍ତି, ନୀଳାଦ୍ରି ବିହାରୀ ମହାନ୍ତି ପ୍ରମୁଖ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରି ଦୀପଦାନ କରି ଅମର ଆତ୍ମାର ସଦ୍ ଗତି ନିମନ୍ତେ ପାର୍ଥନା କରିଥିଲେ।

# ମହାନଦୀ ମହୋତ୍ସବ ଉଦ୍ଘାଟିତ

କୁଜଙ୍ଗ,(ଭାସ୍କର ନ୍ୟୁଜ): କୁଜଙ୍ଗ ବ୍ଲକ ମହଲାସାହି ପଞ୍ଚାୟତ ଅନ୍ତର୍ଗତ ମହାନଦୀ ଓ ତାଳଦଣ୍ଡା କେନାଲର ମଧବର୍ତ୍ତୀ ସ୍ଥଳ ତାଳଦଣ୍ଡା ଲକ୍ ଅଞ୍ଚଳରେ ଦ୍ୱିତୀୟ ବାର୍ଷିକ ମହାନଦୀ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ ଯୋଗଦେଇ କେବଳ ଜଳସେଚନ ଦୃଷ୍ଟିରୁ ନୁହେଁ ବରଂ ରାଜ୍ୟର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ଆବେଗିକ ସମ୍ପର୍କ ବୃଦ୍ଧି ସହ ରାଜ୍ୟର ବିକାଶ ଓ ସମୃଦ୍ଧିଶାଳୀ କରିବାରେ ମହାନଦୀ ଓ ତାଳଦଣ୍ଡା କେନାଲର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏହି ମହୋତ୍ସବ କମିଟିର ସଭାପତି ଶ୍ରମିକ ନେତା ସୁବାଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ତଥା ଜଗତସିଂହପୁର ବିଧାୟକ ଓ ରାଜ୍ୟ ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ।




ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, ପାରାଦୀପ ନିର୍ବାଚନ ମଣ୍ଡଳୀର ନାରୀନେତ୍ରୀ ତଥା ସମାଜସେବୀକା ଓ କୁଜଙ୍ଗ ପଞ୍ଚାୟତ ସରପଞ୍ଚ ବନ୍ଦିତା ଦାସ, ସାଂସଦ ପ୍ରତିନିଧି ସୁଜଳ କୁମାର ସ୍ୱାଇଁ, ଶିଳ୍ପପତି ପ୍ରହ୍ଲାଦ ଚନ୍ଦ୍ର ବେହେରା, ମହଲାସାହି ପଞ୍ଚାୟତ ସରପଞ୍ଚ ଧ୍ରୁବ ଚରଣ ନାୟକ, ଜିଲ୍ଲାନାସୀ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅଭୟ କୁମାର ପରିଡା, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ଚରଣ ସାହୁ, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ଉପସଭାନେତ୍ରୀ ଆରତୀ ମହାନ୍ତି, ବିଧାୟକ ପ୍ରତିନିଧି ନିରଞ୍ଜନ ପ୍ରଧାନ,ସମାଜସେବୀ ଶରତ ଚନ୍ଦ୍ର ମହାନ୍ତି, ଜିଲ୍ଲାନାସୀ ପଞ୍ଚାୟତ ସମିତିସଭ୍ୟା ସମିତା ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମହୋତ୍ସବ କମିଟି ସମ୍ପାଦକ ଜିତେନ୍ଦ୍ର ରାୟ, ସୌଭାଗ୍ୟ ବିଶ୍ୱାଳ, ସମାଜସେବୀ ବଲ୍ଲଭ ଚରଣ ପାଣି, ବିଜେଡି ନେତା ବିଷ୍ଣୁପ୍ରସାଦ କର, ଜିଲ୍ଲାନାସୀ ପଞ୍ଚାୟତ ଯୁବ ନେତା ରାଜେନ୍ଦ୍ର ସାହୁ, ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ବିଚିତ୍ରାନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାମ୍ବାଦିକ ରଞ୍ଜିତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ମାଟ୍ରିକ୍ ପରୀକ୍ଷାରେ ଜିଲ୍ଲାରେ ସର୍ବାଧିକ ନମ୍ବର ରଖି ଜିଲ୍ଲା ଟପର୍ ହୋଇଥିବା ସାଇଲିପ୍ସା ପ୍ରଧାନଙ୍କୁ ମୁଖ୍ୟ ଅତିଥି ଡକ୍ଟର ରାଉତ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବ ପାଞ୍ଚ ଦିନ ଧରି ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ରାଶିଫଳ

ବୁଧବାର, ୭ ଜୁନ୍ ୨୦୨୩



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢିବ ଓ ପ୍ରଗତି ନିଶ୍ଚିତ ହେବ। ଆୟ ଅପେକ୍ଷା ଅଧିକ ବ୍ୟୟ ହେବ। ବ୍ୟପାରରେ ହାନି ସ୍ଥିତି ରହିବ। କୌଣସି କାମରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀମାନଙ୍କ ମନ ପଢାରେ ଲାଗିବ ନାହିଁ। ବ୍ୟପାରିକ ଯାତ୍ରା ସଫଳ ରହିପରେ। ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ। ସୁଖ ସାଧନ ଉପରେ ଖର୍ଚ୍ଚ ହେବ।



**ବୃଷ:** ବାହାରକୁ ବାହାରିବା ପରେ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। କୌଣସି ମହିଳା ମିତ୍ରର ସାହାର୍ଯ୍ୟ କରି ପାରନ୍ତି। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ। ପିଲାମାନେ ଆପଣଙ୍କୁ ଘରର କାମ କାର୍ଯ୍ୟରେ ସାହାର୍ଯ୍ୟ କରିବେ। ପୂର୍ବରୁ କରିଥିବା କାମରେ ବର୍ତ୍ତମାନ ଲାଭ ମିଳିବ।



**ମିଥୁନ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢିବେ। ଆୟ ବ୍ୟୟରେ ସନ୍ତୁଳନ ରହିବ। ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ। ଯାହା ଆପଣଙ୍କ ଚିନ୍ତା ବଢାଇ ପାରେ। କାହାର ଅପେକ୍ଷା କରନ୍ତୁ ନାହିଁ।



**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ। ଆର୍ଥିକ ସମସ୍ୟା ଆସିବ। ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ କମଜୋର ରହିପାରେ। ବ୍ୟୟ ଅଧିକ ହେବ। କୌଣସି ଖବର ମିଳିପାରେ। କୌଣସି ବି ଝଗଡାରେ ଭାଗୀଦାରୀ ହୁଅନ୍ତୁ ନାହିଁ। କେଉଁଠି ଗୁପ୍ତ ଜିନିଷରୁ ଟଙ୍କା ମିଳିପାରେ। ଲକ୍ଷ ପ୍ରାପ୍ତି ପାଇଁ ଅଗ୍ରସର ରହିବେ। ଘର ପରିବାରରେ କିଛି ସ୍ଥିତି ଖରାପ ହୋଇପାରେ।



**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ। ମିତ୍ରଙ୍କୁ ନିଜର ଦୁଃଖ ବ୍ୟଥା କୁହନ୍ତୁ। ଘରର କିଛି ପରିସ୍ଥିତି ଖରାପ ହୋଇପାରେ। ଆପଣ ନିଜର କାମକାର୍ଯ୍ୟ ପାଇଁ କାହାର ସହଯୋଗ ନେଇ ପାରନ୍ତି। ନିଷ୍ପତି ନେବା ପୂର୍ବରୁ ବୁଝି ସୁଝି ନିଅନ୍ତୁ। ସ୍ଥାୟୀ ସମ୍ପତ୍ତିରୁ ଲାଭ ମିଳିପାରେ। ପ୍ରେମ ପ୍ରସଙ୍ଗରେ ସ୍ଥିତି ଭଲ ରହିବ। ବାହାରକୁ ଯାଅନ୍ତୁ ନାହିଁ।



**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ। ବିଦ୍ୟାଧ୍ୟାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ। ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି। ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ। ନିଜ ଜୀବନସାଥିଙ୍କ ସହିତ ପ୍ରେମ କରିବେ। ସମୟ ଅନୁକୂଳ ରହିବ। ଭରପୁର ପ୍ରୟାସ କରନ୍ତୁ। ବେରୋଜଗାରି ଦୂର କରିବା ଦ୍ୱାରା ପ୍ରୟାସରେ ସଫଳ ରହିବେ।



**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। ଜୋଖିମ ଉଠାନ୍ତୁ ନାହିଁ। କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ। ଚାକିରି ଯାଇପାରେ। ଆକସ୍ମିକ ଧନଲାଭ ହୋଇପାରେ। ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ। ଆୟର ନୂତନ ସ୍ରୋତ ମିଳିପାରେ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ। ଉତ୍ସାହ ବର୍ଦ୍ଧକ ସୂଚନା ପ୍ରାପ୍ତ କରିବେ। କୌଣସି ବଡ଼ କାମ କରିବାରେ ମନ ଲାଗିବ। ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନ ସମ୍ମାନ ବଢିବ। ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ। ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ। ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ। ବ୍ୟାପାରରେ ନୂତନ ଲାଭଦାୟକ ଅଫର ମିଳିବ।



**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ ସାଧାରଣ ରହିବ। ଖାଦ୍ୟପାନରେ ରୁଚି ବଢିବ। ଅଧିକାରୀମାନଙ୍କ ସହ ସମ୍ପର୍କ ଭଲ ରହିବ। ଏକ ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ। ଅଟକିଥିବା ଟଙ୍କା ମିଳିବ। ଆର୍ଥିକ ଅବସ୍ଥା ଭଲ ହୋଇଯିବ। ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହସ ଖୁସିରେ ଦିନ ବ୍ୟତୀତ କରିବେ। ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ପୂରା ହେବ।



**ମକର:** ପ୍ରେମୀମାନଙ୍କୁ ପାଇଁ ଆଜି କିଛି ଶୁଭ ଖବର ମିଳିପାରେ। ଉଚ୍ଚ ବର୍ଗ ଲୋକମାନଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ। ଧର୍ମ ପ୍ରତି ଆସ୍ଥା ବଢିବ। ପୂଜା ପାଠରେ ମନ ଲାଗିବ। ରାଜକୀୟ ସହଯୋଗ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଲାଭରେ ବୃଦ୍ଧି ହେବ। ପାରିବାରିକ ସହଯୋଗ ପ୍ରାପ୍ତ ହେବ। ନିଜର ଚିନ୍ତାକୁ ଦୂର କରିବା ପାଇଁ ପରିବାର ଲୋକମାନଙ୍କ ସାହାର୍ଯ୍ୟ ନିଅନ୍ତୁ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ। ଦୁର୍ଘଟନାର ସମ୍ଭାବନା ଅଛି। କିଛି କାର୍ଯ୍ୟ ଖରାପ ହୋଇପାରେ। ବିବାଦକୁ ବଢାନ୍ତୁ ନାହିଁ। ଲାଭ ପାଇଁ ଅନ୍ୟଙ୍କ କ୍ଷତି କରନ୍ତୁ ନାହିଁ। ମୌସମର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ। ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ। ଆଜିର ଦିନ ଆପଣନଙ୍କୁ ବିଶ୍ରାମ କରିବା ଉଚିତ। ଧନ ପ୍ରାପ୍ତି ସୁଗମ ହେବ। ଭୂମି ଭବନ କାର୍ଯ୍ୟ ହେବ।



**ମୀନ:** ବ୍ୟାପାରିକ ଯୋଜନା ବିଫଳ ହୋଇପାରେ। ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ। ଜୀବନସାଥିଙ୍କ ମହତ୍ୱପୂର୍ଣ୍ଣ ସହଯୋଗ ମିଳିବ। ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ। ଆଜି ନିଜର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁ। ଜୋଖିମ ଉଠାନ୍ତୁ ନାହିଁ। ରଚନାତ୍ମକ କାର୍ଯ୍ୟରେ ରୁଚି ବଢିବ। କୌଣସି ଆବଶ୍ୟକ ବସ୍ତୁ ନ ମିଳିବା ଦ୍ୱାରା ଚିନ୍ତା ବଢିବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାର ଆହତଙ୍କ ଚିକିତ୍ସା ପାଇଁ ସୋମବାର ସନ୍ଧ୍ୟା ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ୟୁଥ ଓଡିଶା ଫାଉଣ୍ଡେସନ, ମା ଦୁର୍ଗା କ୍ଲବ ଓ ଗୋପବନ୍ଧୁ ସାମାଜିକ ସଙ୍ଗଠନ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଯେଉଁଥିରେ ୧୧୨ୟୁନିଟ ରକ୍ତ ସଂଗୃହିତ ହୋଇଛି। ଅନେକ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ମାନବିକତା ପରିଚୟ ଦେଇଛନ୍ତି। ରେଳ ଦୁର୍ଘଟଣା ପରେ ଶତାଧିକ ଲୋକ ମୃତ୍ୟୁବରଣ କରିବା ସହ ଅନେକ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ଯେଉଁ ମାନଙ୍କ ପାଇଁ ରକ୍ତର ଆବଶ୍ୟକତା ରହିଛି। କୁହାଯାଏ ବିପଦ ବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ। ସମସ୍ତଙ୍କ ମୁହଁରେ ଗୋଟିଏ କଥା ଦୁର୍ଘଟଣା ଜୀବନ ସହିତ ସଙ୍ଘର୍ଷ କରୁଥିବା ଲୋକେ ଯେମିତି ରକ୍ତ ଅଭାବ ରୁ ଜୀବନ ନ ହରାନ୍ତୁ। ତହସିଲଦାର ରାଜଲକ୍ଷ୍ମୀ ନାୟକ ଶିବିର ପହଂଚି ରକ୍ତଦାତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଟ୍ରେନ ଟ୍ରାଜେଡି ରେ ଶତାଧିକ ଲୋକଙ୍କ ଜୀବନ ଯାଇଛି ହେଲେ ଗୋଟିଏ ଲକ୍ଷ ରକ୍ତ ଅଭାବରୁ ଜଣଙ୍କର ବି ଜୀବନ ନ ଯାଉ। ଏହି ରକ୍ତଦାନ ଶିବିରରେ ମା ଦୁର୍ଗା କ୍ଲବ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ, ପିଙ୍କନ ପରିଡା, ରବୀନ୍ଦ୍ର ପରିଡା, ଆଦିତ୍ୟ ରାଉତ, ଯୁଗଳ କିଶୋର ମହାନ୍ତି, ପ୍ରକାଶ ବେହେରା, ସତ୍ୟବ୍ରତ ଲେଙ୍କା, ଦୁଷ୍ମନ୍ତ ପରିଡା, ଯୁବ ସାମ୍ବାଦିକ ବିନୋଦ ସେଠି, ପବିତ୍ର ମହାନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ ଲକ୍ଷ ଟଙ୍କା ଦାନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲା ବାହାନଗାଠାରେ ଚଳିତ ମାସ ୨ ତାରିଖରେ ଘଟିଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ସାରା ବିଶ୍ୱ ସ୍ତବ୍ଧ ହୋଇଯାଇଛି। ଏହାଦ୍ୱାରା ଉଭୟ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ଅନେକ ପରିବାର ପାଇଁ ଦାରୁଣ ଧକ୍କା ପହଞ୍ଚିଛି। ଏହି ଦୁଃଖଦ ଘଟଣାରେ ଅନେକ ପିଲା ଅନାଥ ହୋଇଯାଇଥିବାବେଳେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଆଉ ଅନେକ ବ୍ୟକ୍ତିଙ୍କ ପରିବାରବର୍ଗ ଦୀର୍ଘାବଧି ଶାରୀରିକ ଏବଂ ଆର୍ଥିକ ଦୁର୍ଗତିର ଶିକାର ହୋଇଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ମୃତାହତଙ୍କ ନିମନ୍ତେ କୋଣ ଅନୁକୋଣରୁ ମାନବୀୟ ସହାୟତାର ହାତ ବଢାଇବାକୁ ପ୍ରେରିତ କରିଛି। ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ତତ୍କ୍ଷଣାତ ଉଦ୍ଧାର ଓ ପୁନଃଥଇଥାନ ପ୍ରୟାସକୁ ସର୍ବତ୍ର ପ୍ରଶଂସା କରାଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ ନେତୃତ୍ୱ ଅଧୀନରେ ଓଡ଼ିଶା ସରକାର ଏହି ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ କୌଣସିଟି ଉଦ୍ୟମ ବାଦ୍ ଦେଇନାହାନ୍ତି। ସମୁଦାୟ ସରକାରୀ କଳ ପ୍ରଭାବିତ ଯାତ୍ରୀଙ୍କ ଦୁଃଖ ଦୁର୍ଦ୍ଦଶା ଲାଘବ କରିବାକୁ ଦିନ ରାତି କାମ କରିଛନ୍ତି। ଡା.ଯଦୁନାଥ ପରିଡା, ସଭାପତି, ଓଡିଏସ୍ଏ ସୂଚନା ଦେଇ କହିଛନ୍ତି ଯେ ସେମାନେ ଚଳିତ ମାସ ୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଏହି ଉଦ୍ଦେଶ୍ୟରେ ୨୦ ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ପରିମାଣ ଅର୍ଥକୁ ଏକ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଓଡିଏସ୍ଏର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟିର କାର୍ଯ୍ୟକର୍ତ୍ତାଗଣ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କ ପ୍ରଦାନ କରିଛନ୍ତି। ଏହି ଅବସରରେ ମତ୍ସ୍ୟଚାଷ, ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ। ଓଡିଏସ୍ଏର ସାଧାରଣ ସମ୍ପାଦକ ଡା.ଶଙ୍କର୍ଷଣ ମାହୁନ୍ତ ସୂଚନା ଦେଇ କହିଛନ୍ତି ଯେ, ଚଳିତ ମାସ ୩ ତାରିଖରେ ସଂଘର ଏକ ସ୍ୱତନ୍ତ୍ର ସାଧାରଣ ପରିଷଦ ବୈଠକ ଆଭାସୀ ଜରିଆରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସମସ୍ତ ସଦସ୍ୟ ଏକସ୍ୱରରେ ଦୁର୍ଗତଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ପାଣ୍ଠି ସଂଗ୍ରହ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଶିଳ୍ପ ୪.୦, ଉଦ୍ଭାବନ ଓ ଔଦ୍ୟୋଗିକତା ପ୍ରସଙ୍ଗରେ କର୍ମଶାଳା ଆୟୋଜିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଜି୨୦ର ୱାଇ୨୦ ଏନ୍‌ଗେଜ୍‌ମେଣ୍ଟ୍ ଗ୍ରୁପ୍ ଅଧିନରେ ଏଣ୍ଟରପ୍ରେନ୍ୟୋର୍‌ସିପ୍ ଡେଭ୍‌ଲପ୍‌ମେଣ୍ଟ୍ ଇନ୍‌ଷ୍ଟିଚ୍ୟୁଟ୍ (ଇଡିଆଇଆଇ), ଇଷ୍ଟର୍ଣ୍ଣ ରିଜିଓନାଲ ଅଫିସ୍ ଭୁବନେଶ୍ୱର ପକ୍ଷରୁ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର୍ ଭୁବନେଶ୍ୱର, ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଏବଂ ରିସର୍ଚ୍ଚ ଆଣ୍ଡ ଇନ୍‌ଫର୍ମେଶନ ସିଷ୍ଟମ ଫର୍ ଡେଭ୍‌ଲପିଙ୍ଗ କଣ୍ଟ୍ରିଜ୍ ସହ ମିଳିତ ଭାବେ 'ଇଣ୍ଡଷ୍ଟ୍ରୀ ୪.୦, ଇନୋଭେଶନ ଆଣ୍ଡ ଏଣ୍ଟରପ୍ରେନ୍ୟୋର୍‌ସିପ୍: ଅପର୍‌ଚ୍ୟୁନିଟିଜ୍ ଫର୍ ୟୁଥ୍ ଆଣ୍ଡ ଚ୍ୟାଲେଞ୍ଜେ' ପ୍ରସଙ୍ଗ ଉପରେ ସଫଳତାର ସହ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଆର୍‌ସିଏମ୍ ଭୁବନେଶ୍ୱରର ଅଡିଟୋରିୟମରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କର୍ମଶାଳାରେ ଇଡିଆଇଆଇର ପୂର୍ବାଞ୍ଚଳ ଆଞ୍ଚଳିକ ମୁଖ୍ୟ ଡକ୍ଟର ସୁବ୍ରତ କୁମାର ବିଶ୍ୱାଳ, ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର୍ ଭୁବନେଶ୍ୱରର ସହ ନିର୍ଦ୍ଦେଶକ ନିମେଶିକା ନଟରାଜନ, କ୍ୱୋସେଣ୍ଟର ସିଇଓ ଶାଶ୍ୱତ ପଣ୍ଡା ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ। କ୍ରକ୍ସ ପାୱାର୍‌ର ପରିଚାଳନା ନିର୍ଦ୍ଦେଶକ ଚନ୍ଦ୍ରଶେଖର ମିଶ୍ର ଆଲୋଚନାରେ ନିଜର କର୍ପୋରେଟ୍ ଓ ଔଦ୍ୟୋଗିକ ଅନୁଭୂତିକୁ ଅନ୍ତର୍ଭୁକ୍ତ କରିଥିଲେ।


GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE EXECUTIVE ENGINEER
WATER RESOURCES DIVISION KORBA
DISTT. KORBA (C.G.)

CORRIGENDUM NO. 1

IN NIT No. : 02/SAC/2023-24, Korba, Dated 15-05-2023 System Tender No. **133439** (1st Call) Whose G.No. is 01211/3 Dated 17/05/2023 following amendments are made-

| S. No. | Particulars | Previous Published | Amendment | Time |
|---|---|---|---|---|
| 1. | **Bid Due date & time** (The last date & time for submission of bid response, after which no bids can be submitted.) | 05-06-2023 | 12-06-2023 | 17.30 |
| 2. | **Bid Open, Start date & time** (The date of opening of Envelope- A & B online) | 06-06-2023 | 13-06-2023 | 11.30 |
| 3. | **Salient Features of Drawing : SL.No. 9** | Top width of weir : 2.50 m. | Top width of weir : 3.00 m. | - |

Note:- All other terms and conditions of NIT will remain unchanged.

Sd/- EXECUTIVE ENGINEER
WATER RESOURCES DIVISION
KORBA (C.G.)
for, Chief Engineer
Hasdeo Basin W.R. Department
Bilaspur (C.G.)

G-02048/ 8


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ସିକନ୍ଦରାବାଦ...

ଯଦିଓ ନିଆଁ ଲିଭି ଯାଇଥିଲା କିନ୍ତୁ ଯାତ୍ରୀମାନେ ସେହି ବଗିରେ ଯିବାକୁ ଅରାଜି ହୋଇଥିଲେ। ଏଥିସହ ବଗତ ବଦଳାଇବା ପାଇଁ ଦାବି କରିଥିଲେ। ସର୍ଟସର୍କିଟରୁ ଧୂଆଁ ବାହାରୁଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏଥିଲାଗି ବ୍ରହ୍ମପୁର ଷ୍ଟେସନରେ ଟ୍ରେନଟି ୪୫ ମିନିଟ ରହଣୀ କରିଥିଲା। ତେବେ ସବୁ କିଛି ଠିକଠାକ ହେବା ପରେ ଟ୍ରେନଟି ଗନ୍ତବ୍ୟ ପଥରେ ଯାତ୍ରା କରିଥିଲା।

## ସିବିଆଇର...

ଏହି ଅଘଟଣର ସିବିଆଇ ତଦନ୍ତ ପାଇଁ ସୁପାରିଶ କରିଥିଲା। ତେବେ ପୂର୍ବତଟ ରେଳପଥର ସିପିଆର୍‌ଓ କହିଛନ୍ତି ଯେ ବାହାନଗା ଟ୍ରେନ ଦୁର୍ଘଟଣାର ତଦନ୍ତ ସବୁ ଦିଗରୁ କରାଯିବ। ସିବିଆଇ ତଥ୍ୟ ସଂଗ୍ରହ କରିବାରେ ଲାଗିଛି। ତଦନ୍ତରେ ରେଲୱେ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରୁଥିବା ସିପିଆର୍‌ଓ କହିଥିଲେ। ସୂଚନାଯୋଗ୍ୟ ଯେ ଏହି ମର୍ମନ୍ତୁଦ ଦୁର୍ଘଟଣାରେ ମୋଟ ୨୮୮ ଜଣଙ୍କର ମୃତ୍ୟୁ ଘଟିଛି।

## ୧୫ ପରେ...

୯୨୦ କି.ମି ଦୂରରେ ସକ୍ରିୟ ରହିଛି। ୮ ତାରିଖ ସୁଦ୍ଧା ଏହା ଭୀଷଣ ବାତ୍ୟାର ରୂପ ନେବ। ୧୦ ତାରିଖ ଅପରାହ୍ନ ସୁଦ୍ଧା ଏହା ଅତି ଭୀଷଣ ବାତ୍ୟାରେ ପରିଣତ ହେବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୨୫ କି.ମି ରହିବ। ୨୪ ଘଣ୍ଟା ପରେ ବାତ୍ୟା ସମୁଦ୍ର ଭିତରେ ଦୁର୍ବଳ ହୋଇଯିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଏହାର ପ୍ରଭାବରେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ-କୋଙ୍କଣ କ୍ଷେତ୍ରରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

## ଯେକୌଣସି ମୁହୂର୍ତ୍ତରେ...

ଜଳ ଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ପୂର୍ବରୁ ୨ ଥର ସାଇରନ ବାଜିବା ସହ ବନ୍ୟାଜଳ ଛଡ଼ାଯିବ। ଫଳରେ ଆଗୁଆ ସତର୍କ ରହି ନିଜ ଜିଲ୍ଲାଗୁଡ଼ିକରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## ପଶ୍ଚିମବଙ୍ଗର...

ଲୋକଙ୍କ ଜୀବନ ଯାଇଛି। ଦୁର୍ଘଟଣାରେ ପଶ୍ଚିମବଙ୍ଗର ଯେଉଁ ଯାତ୍ରୀମାନେ ପ୍ରାଣ ହରାଇଛନ୍ତି ସେମାନଙ୍କ ପରିବାରର ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ସ୍ପେସାଲ ହୋମଗାର୍ଡ ଚାକିରି ପ୍ରଦାନ କରାଯିବ। ସେହିପରି ମୃତକଙ୍କ ପରିବାରକୁ ୫ ଲକ୍ଷ, ଆହତଙ୍କୁ ୨ ଲକ୍ଷ, ସାମାନ୍ୟ ଆହତଙ୍କୁ ୫୦ ଓ ୨୫ ହଜାର ଲେଖାଏଁ ଏବଂ ଆହତ ନହୋଇ ମାନସିକ ଆଘାତ ପାଇଥିବା ଯାତ୍ରୀଙ୍କୁ ୧୦ ହଜାର ଲେଖାଏଁ ପ୍ରଦାନ କରାଯିବ ବୋଲି ସେ କହିଥିଲେ।

## ଏକକାଳୀନ ୭ ସ୍ଥାନରେ...

କାଗଜପତ୍ର ଜବତ କରାଯାଇଛି। ସେହିପରି ଭଦ୍ରକରେ ମଧ୍ୟ ଏକ ଦୁଇ ମହଲା କୋଠା ଠାବ ହୋଇଛି। ତେବେ ଚଢଉ ଶେଷ ହୋଇନଥିବାରୁ ସବିଶେଷ ବିବରଣୀ ମିଳିପାରି ନାହିଁ। ସୂଚନାଯୋଗ୍ୟ ଯେ ରାଜ୍ୟରୁ ଦୁର୍ନୀତି ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିରୋ ଟଲେରାନ୍ସ ନୀତି ଆପଣାଇବା ନିମନ୍ତେ ଭିଜିଲାନ୍ସକୁ ନିର୍ଦ୍ଦେଶ ଦେବା ପରେ ଭିଜିଲାନ୍ସ ବିଭାଗ ସକ୍ରିୟ ହୋଇ ଉଠିଛି। ପ୍ରତିଦିନ କେହି ନା କେହି ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ଜେଲ ଯାଉଥିବା ଦେଖିବାକୁ ମିଳୁଛି।

## ଗବୋନରେ ଫସିଛନ୍ତି ୪ ଓଡିଆ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ବୈଜୟନ୍ତ ପଣ୍ଡା ଗବୋନ (ମଧ୍ୟ ଆଫ୍ରିକା)ରେ ଫସିଥିବା ୪ ଓଡିଆ ଯୁବକଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ପାଇଁ ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଏକ ଚିଠି ଲେଖି ନିବେଦନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ଗ୍ରାମର ବିଦ୍ୟାଧର ପ୍ରଧାନ, ପିତା- ବିଜୟ ପ୍ରଧାନ, ଶୁଭ୍ରକାନ୍ତ ପ୍ରଧାନ, ପିତା- ସୁଦର୍ଶନ ପ୍ରଧାନ, ପ୍ରଶାନ୍ତ କୁମାର ରାଉତ, ପିତା- ପରମେଶ୍ୱର ରାଉତ ଏବଂ ନିରଞ୍ଜନ ମହାନ୍ତି, ପିତା- ଭଗବାନ ମହାନ୍ତି ଅଧିକ ରୋଜଗାର ଆଶାରେ ଏକ ଏଜେଣ୍ଟଙ୍କ ଜରିଆରେ ଚଳିତ ବର୍ଷ ଫେବୃଆରୀ ୧୪ ତାରିଖରେ ଗବୋନ ଯାଇଥିଲେ। କମ୍ପାନୀ କର୍ତ୍ତୃପକ୍ଷ ମାସିକ ୨୫,୦୦୦/- ଟଙ୍କା ବେତନ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ୩ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କୌଣସି ପାରିଶ୍ରମିକ ନଦେଇ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦେଇ କାର୍ଯ୍ୟରେ ଲଗାଇଛନ୍ତି। ବହୁ ଅନୁରୋଧ ପରେ ମଧ୍ୟ ସେମାନେ ପାରିଶ୍ରମିକ ଦେଉନାହାଁନ୍ତି କିମ୍ବା ସ୍ୱଦେଶ ଫେରିବାକୁ ଛାଡୁନାହାଁନ୍ତି। ଉପାୟଶୂନ୍ୟ ହୋଇ ପରିବାର ଲୋକ ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ। ଅନୁରୋଧକ୍ରମେ ଶ୍ରୀପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସମସ୍ତଙ୍କୁ ସୁରକ୍ଷିତ ଭାରତ ଫେରାଇ ଆଣିବା ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି।


OFFICE OF THE MEDICAL SUPERINTENDENT - CUM - BLOCK PUBLIC HEALTH OFFICER, CHC BALUGAON, KHORDHA. E-196

Adv No. 915 — **Tender Call Notice** — Date: 01/06/2023

Sealed tenders are invited from any private individuals/ Local registered Travel Agency only having valid GSTIN/PAN for providing of vehicles on monthly hiring basis under the undersigned of office of Superintendent, CHC Balugaon, Khordha on annual ratecontract basis.

The sealed tenders should reach at office of the Superintendent-cum- BPHO, CHC Balugaon, Khordha in any working day by 21/06/2023 till 02.00 P.M along with all required documents by Speed post/Regd. post/Courier only by super scribing on the top of the envelop "Tender for hiring of Vehicles". The tender will be opened on 22/06/2023 at 1.00PM in the office of the undersigned in presence of the bidders/ authorized representative of the Bidders. Details regarding items and terms and conditions may be download from www.khordha.nic.in . The undersigned reserves the right to accept or reject any or all the quotations without assigning any reason thereof.

Place: Balugaon
Date: 01/06/2023

Sd/- Superintendent- Cum-BPHO
CHC Balugaon, Khordha

OIPR 10147/11/0001/2324



C-511

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବିଜେପୁର

OFFICE OF THE NOTIFIED AREA COUNCIL, BIJEPUR
AT/PO/PS:- Bijepur, Dist.:- Bargarh (Odisha), PIN:- 768032
Email ID:- bijepurnac2018-od@gov.in, bijepurnac2018@gmail.com, Web Site- bijepurnac.in

Letter No. 613 /NACB — Date. 06 / 06 / 2023

"e"-procurement Notice

**Bid Identification No.EO/Bijepur/01/2023-24**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

1. Nature of work : Civil works
2. No. of works : 06 Nos.
3. Estimated cost : as per NIT
4. Period of completion : As per NIT
5. Date and time of availability of the Documents in the Portal. : From 10 hours of 07.06.2023 to 17 hours of 16.06.2023
6. Last date/time for receipt of Bids in the portal. : Dt. 16.06.2023 up to 17hours.
7. Bids received online shall be opened on : Dt. 17.06.2023at 11 hours
8. Name and address of the Officer inviting Bid. : Executive Officer Bijepur NAC

Further, the details can be seen from the procurement Portal www.tendersodisha.gov.in

Sd/- Executive Officer
Bijepur NAC

OIPR 13123/11/0002/2324



GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KEONJHAR
A-212

*NOTICE INVITING TENDER e-Procurement*

*Bid ID No. 02 SEMID (KJR/ 2023-2024) Dt. 26.05.2023*

The Superintending Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | |
|---|---|
| Name of work | Civil Construction works |
| No. of Works | 5 (Five) Nos. |
| Estimated Cost | Rs. 88.81 Lakhs |
| Tender Paper Cost | Mentioned in Column No. 6 of Tender call notice |
| Period of completion | 06 (Six) calendar months |
| Availability of Bid Documents | From 07.06.2023 to 22.06.2023 during office hours in Website (www.tenderorissa.gov.in) |
| Period of receipt of Bid through online | From 07.06.2023 to 22.06.2023 through online. |
| Date of Opening of Technical Bid Documents | At 11.00 A.M. on 23.06.2023 in the office chamber of the Superintending Engineer, M.I. Division, Keonjhar |
| Date of Lottery | At 11.00 A.M. on 10.07.2023 in the office chamber of the Superintending Engineer, M.I. Division, Keonjhar |
| Digital Signature Certificate of Bidder | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT: | Superintending Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist- Keonjhar Pin-758001. E-Mail ID-eemikjr@yahoo.co.in |

**Further Details can be seen from the web site : www.tendersorissa.gov.in**

Sd/-
(Er. Sudhansu Sekhar Sahoo)
Superintending Engineer
M.I. Division, Keonjhar

OIPR 32123/11/0002/2324



GOVT. OF ODISHA, e- PROCUREMENT NOTICE
DEPARTMENT OF WATER RESOURCES
A-215

E-PROCUREMENT NOTICE

E-mail: eessdivision@gmail.com,
BID IDENTIFICATION NO- 01/2023-24

1. The Executive Engineer, Support Services Division, Bhubaneswar on behalf of Govt. of Odisha invites bid in Single Cover system in ONLINE MODE from eligible manpower service provider as detailed below :
2. Number of Works : 2 Nos
3 Date & Time of availability of Bid Documents in the Portal : 08.06.2023 to 18.06.2023 up to 05.00 PM
4. Last Date & Time of Online Bidding : 18.06.2023 up to 05.00 PM
5. Date & Time of Opening of Online Bid : 19.06.2023 at 11.30 AM
5. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/ corrigendum/ cancellation of tender can also be seen in the said site.

| Sl No | Name of Work | Bid Identification No. | Cost of Work in Lakhs of Rupees | Paper Cost | E.M.D. in Rupees (1%) | Period | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | Sweeping, cleaning and sanitation to the Secha Sadan Building premises and Annual Maintenance of Garden and Lawn of the Secha Sadan Complex, Bhubaneswar, Odisha for the period of 01.07.2023 to 31.03.2024 | EE, SSD 01(1)/23-24 | 19.80 | 6,000.00 | 20,000.00 | 9 months | Human Resources Supply |
| 02 | Sweeping, cleaning, Garden and Lawn maintenance of the HP Administrative Building, Bhubaneswar, Odisha for the period of 01.07.2023 to 31.03.2024 | EE, SSD 01(2)/23-24 | 11.61 | 6,000.00 | 12,000.00 | 9 months | Human Resources Supply |

Sd/-Executive Engineer,
Support Services Division
Bhubaneswar.

OIPR 32465/11/0005/2324



Public Works Department
Sector-19, North Block, Naya Raipur (C.G.)
E-Procurement Tender Notice
E-mail : tenders-pwd.cg@gov.in

NIT No. 086 /TC/EinC/ PWD/2023-24 — Dated 25.05.2023

**The Engineer-in-Chief, Public Works Department** on behalf of **Governor of Chhattisgarh** invites **percentage rate bids** on electronic tendering system under **RCPLWE RRP-III** in the district of **Kondagaon, Kanker & Bijapur** for construction of 13 Bridges with estimated cost amounting **Rs 4867.15 Lacs** including their maintenance for five years from the contractors registered with unified registration system (e-registration) in Chhattisgarh. Non registered bidders may submit bid; however the successful bidder must get registered in appropriate class under "Unified Registration System (e-Registration) of Chhattisgarh before signing the agreement.

The bid document shall be available to bidders online free of cost and should be submitted online e-procurement system of government of Chhattisgarh in https://eproc.cgstate.gov.in. Bids form will be available on the website from 30.05.2023 and may be submitted up to 17:00 Hrs. on 20.06.2023

For participating in bidding process, bidders are required to register in the above web-site with nominal fee of Rs 500/- to be paid online to service provider. For submission of the bids, the bidder is required to have a valid Digital Signature Certificate (DSC) from authorized certifying authorities.

The bidders are required to submit (a) original bid security in approved form and (b) original affidavit duly verified and notarized as per clause 4.4 B (a) (ii) and 4.4 B (c) to **Chief Engineer, Tender Cell, First Floor, Nirman Bhawan, PWD, North Block, Sector-19, Naya Raipur (C.G.) 492-002** as per provisions of bid document through Speed/ Registered post, failing which the bids shall be declared non-responsive.

Detailed schedule of important dates may be seen on notice board of offices and also available on website of Public Works Department http://pwd.cg.nic.in

Sd/- Chief Engineer
(Central Tender Cell)
Office of Engineer-In-Chief
P.W.D. Nava Raipur Atal Nagar (C.G.)

G-02009/ 8



OFFICE OF THE DIVISIONAL FOREST OFFICER: SAMBALPUR FOREST DIVISION
MM-47
Mobile No:-9437018866, Email ID:- dfo.sambalpur@odisha.gov.in

Sambalpur Forest Division is inviting tender for procurement of planting materials for taking up plantation work in Sambalpur Forest Division during 2023-24 Financial year. The tenderers having eligibility criteria are required to apply.

For details & Tender documents, please visit the following website: www.odisha.gov.in (tenders.gov.in), www.odishaforest.in & https://sambalpur.nic.in

- Last date for submission of bids 16.06.2023, 5.30 pm
- Date of Opening of Tender 17.06.2023, 5.30 pm

Sd/-Divisional Forest Officer
Sambalpur Forest Division

OIPR 08104/11/0001/2324



GOVERNMENT OF ODISHA, "e"-PROCUREMENT NOTICE
WORKS DEPARTMENT
B-298

E-mail: ceroads.bbsr@gmail.com

**RFP Identification No. CE-DPI & R – 01/2023-24**

1. The Chief Engineer, D.P.I. & Roads, Odisha (Authority) on behalf of the Works Department, Govt. of Odisha is engaged in the Development of State Roads and Highways in Odisha, and, as part of this endeavour, Govt. of Odisha has decided to undertake the following **"Projects"** under **EPC Contract** (Engineering, Procurement and Construction) basis, and has decided to carry out the bid process for selection of the parties/Joint Ventures to whom the Project may be awarded eventually.
2. Nature of project : Road work
3. No. of project : 1No.
4. Tender Paper cost : Rs.10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 05.06.2023 to 11.00 A.M. of 26.06.2023
7. Date of Pre-Application conference : 16.06.2023 at 12.30 P.M.
8. Date of opening of Bid : Dt.26.06.2023 at 11.30 A.M.
9. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

OIPR 34111/11/0010/2324 — Sd/-Chief Engineer (DPI & Roads), Odisha



ବିଜ୍ଞାପିତ ଅଂଚଳ ପରିଷଦ, ରେଢାଖୋଲ
OFFICE OF THE NOTIFIED AREA COUNCIL, REDHAKHOL.
(ODISHA), DIST- SAMBALPUR
E-mail:- eonacrdl@gmail.com, Ph.No/ Fax No. 06644- 253466

C-520

No. 875 /NAC — Dated. 01.06.2023

QUOTATION CALL NOTICE

Sealed quotations are invited from the interested parties/suppliers having GSTIN for supply of the following sanitation materials to Redhakhol NAC for the year 2023-2024. The quotations should reach the undersigned on or before 11.30 A.M of dtd 09.06.2023 which shall be opened on the same day at 12.00 P.M in the presence of the quotationers / their representatives/ authorized agent. The quotation shall accompany Xerox copy of GSTIN and PAN. EMD for Rs 5000/- in shape of Bank draft/ Cash in favour of Executive Officer, NAC, Redhakhol. The successful quotationers should effect delivery of the materials to the Executive Officer, NAC within 07 days from the issue of the supply order, failing which the order shall stand cancelled. The materials should reach this office safe and sound. The transportation cost will be borne by the supplier.

| Sl. No | Name of the item | unit | Price |
|---|---|---|---|
| 1 | Bleaching Powder (G-I) | Per bag (25 kg) | |
| 2 | Phenyle (Black) | Ltr | |
| 3 | Phenyle (White) | Ltr | |
| 4 | Malaria Oil | Ltr | |
| 5 | Malathine | Ltr | |
| 6 | Gum Boot PVC without steel toe (IS 12254:1993 | Per pair | |
| 7 | Nitrile Gloves- length 13" (EN ISO 374-1:2016) | Per pair | |
| 8 | Broom stick/Jhadu | Per No | |
| 9 | Wheel borrower | Per No | |
| 10 | Sodium Hyprochloride | Ltr | |
| 11 | Lime | Per bag | |
| 12 | Jacket Apron/Safety coveralls (EN 13034:2005+A1:2009) | Per No | |
| 13 | N 95 Mask(without air vent)- NIOSH filter approval rating:N95 | Per No | |
| 14 | Sanitizer | Per ltr | |
| 15 | Helmet with air vents (IS 2925:1984 certified) | Per No | |
| 16 | Safety eyewear (IS 5983:1980 certified) | Per No | |
| 17 | Tricycle | Per No | |

The undersigned shall reserve the right to reject any or all quotation without assigning any reason thereof.

Sd/- Executive Officer,
NAC, Redhakhol

OIPR 13175/11/0002/2324



ସାଲେପୁର, (ଭାସ୍କର ନ୍ୟୁଜ୍): କଟକ ଏନ୍‌ସିସି ଗ୍ରୁପ୍ ପକ୍ଷରୁ ବିବେକାନନ୍ଦ ବିଦ୍ୟାପୀଠ ବହୁଗ୍ରାମ ଠାରେ ଫାଷ୍ଟ ଓଡ଼ିଶା ଆର୍ଟିଲେରି ବ୍ୟାଟେରୀ ଏନ୍‌ସିସି ଦ୍ୱାରା ଆୟୋଜିତ ହୋଇଥିବା ମିଳିତ ପ୍ରଶିକ୍ଷଣ ଶିବିରରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ୫ଶହ କନିଷ୍ଠ ତଥା ବରିଷ୍ଠ ବିଭାଗର ଏନ୍ ସିସି କ୍ୟାଡ଼େଟ୍, ୧୦ଜଣ ଏନ୍‌ସିସି ଅଧିକାରୀ, ୧୨ଜଣ ସେନାବାହିନୀର ଅଧିକାରୀ ଯୋଗ ଦେଇଛନ୍ତି। ବନ୍ଧୁକ ଚାଳନା, ମାନଚିତ୍ର ଅଧ୍ୟୟନ, ଡ୍ରିଲ, ଦୁର୍ବିପାକ ପରିଚାଳନା, ସଡ଼କ ସୁରକ୍ଷା ସଚେତନତା ଶିକ୍ଷା ଦେବା ସହ ସ୍ୱଚ୍ଛ ଭାରତ ଅଭିଯାନ, ପରିବେଶ ସୁରକ୍ଷା, ଅଗ୍ନିନିର୍ବାପକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କଟକ ସେନା ଭର୍ତ୍ତି କାର୍ଯ୍ୟାଳୟ ଦ୍ୱାରା କର୍ମଶାଳା ଆୟୋଜନ କରାଯାଇ ସେନାବାହିନୀ ନିଯୁକ୍ତି ସମ୍ପର୍କରେ କ୍ୟାଡ଼େଟ୍ ମାନଙ୍କୁ ଅବଗତ କରାଯାଇଛି। ମଇ ମାସ ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ଜୁନ୍ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କମାଣ୍ଡିଂ ଅଫିସର କର୍ଣ୍ଣେଲ ସୌମ୍ୟ ପ୍ରକାଶ ଓତା ପ୍ରକାଶ କରିଛନ୍ତି। କର୍ଣ୍ଣେଲ ଓତାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କ୍ୟାପଟେନ୍ ଅକ୍ଷୟ କୁମାର ଦାଶ, ପଞ୍ଚାନନ ମଲ୍ଲ, ଜିତନ ରାଉତ, ପାର୍ଥସାରଥୀ ମଲ୍ଲିକ, ସୌମେନ୍ଦ୍ର ସେଠୀ, ରାହୁନାଥ ସାହୁ, ଗୋଲକ ବିହାରୀ ମହାପାତ୍ର, ସୁବେଦାର ସତ୍ୟନାରାୟଣ, ହାବିଲଦାର ସୁଶାନ୍ତ ବିଶୋଇ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

## ବଜ୍ରପାତରେ ଜଳିଗଲା ଘର

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାହି ଗ୍ରାମ ପଞ୍ଚାୟତ ଅଧିନସ୍ଥ ବଡ ନାଉକୋଣା ଗ୍ରାମରେ ମନୋରଞ୍ଜନ ବାରିକ, ସୁରେନ୍ଦ୍ର ବାରିକ, ଅଲେଖ ବାରିକ ଓ ପରମାନନ୍ଦ ବାରିକଙ୍କର ଆଜି ସନ୍ଧ୍ୟା୬ ଘଟିକା ସମୟରେ କାଳବୈଶାଖୀର କରାଳ ରୂପରେ ବ୍ରଜପାତ ସାଙ୍ଗକୁ ଝଡବର୍ଷାରେ ବିଦ୍ୟୁତ ତାର ଛିଡିବା ଦ୍ୱାରା ନିଆଁ ଲାଗି ସଂପୂର୍ଣ୍ଣ ୬ ବଖରା ଘର ପୋଡି ଯାଇଛି। ଫଳରେ ଲକ୍ଷାଧିକ ସମ୍ପତ୍ତି ନଷ୍ଟ ହୋଇଯାଇଛି। ଖବର ପାଇ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ଆରଆଇ, ସରପଞ୍ଚ ପ୍ରତିନିଧି ପ୍ରମୋଦ ପ୍ରଧାନ, ସମିତି ସଭ୍ୟ ରବିନ ମଳିକ, ସୋସିଆଲ ମିଡିଆ କୋଡିନେଟର ରୋହିତ ରାଉତ, ବଡ଼ ନାଉକୋଣା କୃଷି ସମବାୟ ସଭାପତି ନରେଶ ବେହେରା ପ୍ରମୁଖ ପହଞ୍ଚି ସହାୟତା ଯୋଗାଇଛନ୍ତି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

ଗୋପ, (ଭାସ୍କର ନ୍ୟୁଜ୍): ଆଜି ପୂର୍ବାହ୍ନ ପ୍ରାୟ ୧୧ ଟା ସମୟରେ ଗୋପ- ବାଲିଘାଇ ରାସ୍ତାର ଷୋଳପୁର ବ୍ରିଜ ନିକଟରେ ଜଣେ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ଯୁବକ ଜଣକ ଗୋପ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଏନେଇ ଯୁବକ ଜଣକ ଗୋପ ଥାନାରେ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଅଭିଯୋଗମୁତାବକ ଗୋପ ଥାନା ଅଧିନ ଷୋଳପୁର ଗ୍ରାମର ରାକେଶ ଭୋଇ କୌଣସି କାର୍ଯ୍ୟରେ ନାଗପୁର ଯାଇ ଘରକୁ ଫେରୁଥିବା ସମୟରେ ଷୋଳପୁର ବ୍ରିଜ ନିକଟରେ ସେହି ଗ୍ରାମର ରାମ ଚନ୍ଦ୍ର ବେହେରା କୌଣସି କାରଣକୁ ନେଇ ତାକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଏହାକୁ ରାକେଶ ପ୍ରତିବାଦ କରିବାରୁ ରାମଚନ୍ଦ୍ର କୌଣସି ଏକ ଧାରୁଆ ଅସ୍ତ୍ରରେ ତାକୁ ଆକ୍ରମଣ କରିଥିଲା। ଫଳରେ ରାକେଶର ଡାହାଣ ହାତ ଓ କାନ୍ଧରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାକୁ ଚିକିତ୍ସା ନିମନ୍ତେ ଗୋପ ଡାକ୍ତରଖାନାକୁ ଆଣିଥିବା ବେଳେ ଏନେଇ ଗୋପ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ରାକେଶଙ୍କ ସମର୍ଥକ କେତକ ବ୍ୟକ୍ତି ଷୋଳପୁରରେ ଥିବା ରାମଚନ୍ଦ୍ରଙ୍କ ଜଳଖିଆ ଦୋକାନକୁ ଭାଙ୍ଗିଦେଇଥିବା ଥାନାରେ ପାଲଟା ଅଭିଯୋଗ ହୋଇଛି।

## ମାଙ୍କଡ ଆତଙ୍କ, ୨୦ ଆହତ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଜୋରକଣି ଗ୍ରାମରେ ମାଙ୍କଡଙ୍କ ଉତ୍ପାତ ଯୋଗୁଁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଆଜକୁ ୧୫ଦିନ ଧରି ଗୋଟିଏ ଉତ୍ପାତିଆ ମାଙ୍କଡ କାମୁଡାରେ ୨୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିବା ଜଣାପଡିଛି। ମାଙ୍କଡ ଭୟରେ ସ୍କୁଲ, କଲେଜ୍ ଛାତ୍ରଛାତ୍ରୀ, ଛୋଟ ପିଲାଙ୍କ ସମେତ ମହିଳା ଓ ବୟସ୍କ ଲୋକେ ଘରୁ ବାହାରିବାକୁ ଆଦୌ ସୁରକ୍ଷିତ ମଣୁନାହାନ୍ତି। ଏହି ମାଙ୍କଡ କାମୁଡିବା ଯୋଗୁଁ ଜୋରକଣି ଗ୍ରାମର ସୁକାନ୍ତ କୁମାର ପୃଷ୍ଟି, ରୋଜାଲିନ୍ ସୁନ୍ଦରାୟ, ରୂପେନ୍ଦ୍ର ସୁନ୍ଦରାୟ, କାଳୁଚରଣ ଦାଶ, ଅଚ୍ୟୁତାନନ୍ଦ ସାହୁ, ଦୀପ୍ତିରଞ୍ଜନ ସାହୁ, କୃଷ୍ଣଚନ୍ଦ୍ର ନାୟକ, ନିରଞ୍ଜନ ତରାଇ ଓ ଚନ୍ଦ୍ରଶେଖର ସାହୁଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ଡେଲାଙ୍ଗ ଉପବନାଞ୍ଚଳ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରୁ ସେ କୁହନ୍ତି, ଜୋରକଣିରେ ମାଙ୍କଡ ଉପଦ୍ରବ କରିବା ଖବର ସମ୍ପର୍କରେ ଆମେ ଅବଗତ ଅଛୁ। ମାଙ୍କଡକୁ ଟ୍ରାଙ୍କୁଲାଇଜ୍ (ନିଶ୍ଚେତକ ପ୍ରୟୋଗ)କରିବା ପାଇଁ ଆମେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କୁ ପତ୍ର ଲେଖିଛୁ। ତେବେ ଆଗାମୀ ଦିନେ ଦୁଇଦିନ ମଧ୍ୟରେ ଆମେ ନିଶ୍ଚିତ ଭାବେ ମାଙ୍କଡଟିକୁ ଟ୍ରାଙ୍କୁଲାଇଜ୍ କରି କାବୁ କରିବୁ ବୋଲି ଉପବନାଞ୍ଚଳ ଅଧିକାରୀ ଶ୍ରୀ ଦଳାଇ ପ୍ରତିଶ୍ରୁତି ଦେଇଛନ୍ତି।

## ୨ ହାଇୱା ଜବତ, ୫୬ ହଜାର ଜରିମାନା

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ତହସିଲ୍ ପକ୍ଷରୁ ଚଢ଼ାଉ କରାଯାଇ ଆଜି ଦୁଇ ହାଇୱା ଜବତ କରାଯିବା ସହିତ ୫୬ ହଜାର ଟଙ୍କା ଜୋରିମାନା ଆଦାୟ ହୋଇଥିବା ତହସିଲ୍ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ ଆଜି ଅପରାହ୍ନ ପ୍ରାୟ ତିନିଟା ସମୟରେ ବାଲିପାଟଣା ଠାରେ ଏକ ଓଭର୍ ଲୋଡିଂ ବାଲି ବୋଝେଇ ହାଇୱା ଯାଉଥିବା ବେଳେ ବାଲିପାଟଣା ଅତିରିକ୍ତ ତହସିଲ୍‌ଦାର ପର୍ଶୁରାମ ମଲ୍ଲିକ୍ ଚଢ଼ାଉ କରି ଉକ୍ତ ଓଭର ଲୋଡ଼ିଙ୍ଗ ହାଇୱା କୁ ଜବତ କରି ୨୬ ହଜାର ଟଙ୍କା ଜୋରିମାନା ଆଦାୟ କରିଥିଲେ। ଅନୁରୂପ ଭାବେ ଆଜି ତହସିଲ୍ ପାଖ ଦେଇ ଗୋଟିଏ ବାଲି ବୋଝେଇ ହାଇୱା ଓଭର୍ ଲୋଡିଂ ସହିତ ଦ୍ରୁତ ଗତି ରେ ଯାଉଥିବା ବେଳେ ତହସିଲ୍‌ଦାର ବୁଲ୍‌ବୁଲ୍ ବେହେରା ଗୋଟିଏ ହାଇୱାକୁ ଜବତ କରି ୩୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ତହସିଲ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



# ନଦୀ ପଠାରେ ଯୁବକଙ୍କୁ ହତ୍ୟା, ୨ ଅଟକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଗତକାଲି ରାତିରେ ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳୋ ଗ୍ରାମପଂଚାୟତ ଏରକଣା ସାମିଲ ପଙ୍କପାଳ ଗ୍ରାମର ଜଣେ ଯୁବକକୁ ସ୍ଥାନୀୟ ଚିତ୍ରୋତ୍ପଳା ନଦୀ ପଠାରେ ଯୋଜନାବଦ୍ଧଭାବେ ହତ୍ୟା କରାଯାଇଥିବାର ଅଭିଯୋଗ ହୋଇଛି। ଏହି ହତ୍ୟା ଘଟଣାରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଦୁଇଜଣ ବ୍ୟକ୍ତିଙ୍କୁ ଧରିଆଣି ଥାନାରେ ଅଟକ ରଖି ପଚରା ଉଚରା ଜାରି ରଖିଛନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କ ଠାରୁ ବ୍ୟବହୃତ ଗୋଟିଏ ଛୁରୀକୁ ପୋଲିସ ଜବତ କରିଥିବାର ଜଣାଯାଇଛି। ଏରକଣାସାମିଲ ପଙ୍କପାଳ ଗ୍ରାମର ସନ୍ତୋଷ କୁମାର ଦାସଙ୍କୁ ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ତାଙ୍କ ଘରଠାରୁ ଅନତୀ ଦୂରରେଥିବା ଚିତ୍ରୋତ୍ପଳା ନଦୀ ପଠାର ନାଗାମଠସ୍ଥିତ ଚଣ୍ଡି ମନ୍ଦିର ସମ୍ମୁଖରେ ନିର୍ମମଭାବେ ହତ୍ୟା କରାଯାଇ ତାଙ୍କ ଶବକୁ ନଦୀ ଶଯ୍ୟାକୁ ଫିଙ୍ଗି ଦିଆଯାଇଥିଲା। ତେବେ ତାଙ୍କ ଶରୀରର ଛାତି ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଏକାଧିକ ସ୍ଥାନରେ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରାଯିବା ସହ ମୁଣ୍ଡକୁ ପଥରରେ ଛେଚି ଦିଆଯାଇଥିବାର ଦେଖିବାକୁ ମିଳିଥିଲା। ତେବେ ତାଙ୍କର ସାର୍ଟ ଟିକୁ ମନ୍ଦିର ସମ୍ମୁଖରେ ଥିବା ଗଛରେ ଟାଙ୍ଗି ଦିଆଯାଇଥିଲା ବେଳେ ମନ୍ଦିର ସମ୍ମୁଖରେ ତାଙ୍କୁ ହତ୍ୟା କରାଯାଇଥିବା ସ୍ଥାନରେ ରକ୍ତ ଜମାଟ ବାନ୍ଧିଥିବାର ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଆଜି ସକାଳେ ନଦୀକୁ ଯାଇଥିଲା ବେଳେ କ୍ଷତ ବିକ୍ଷତ ଅବସ୍ଥାରେ ତାଙ୍କର ମରଶରୀର ପଡିଥିବାର ଦେଖିବାକୁ ପାଇଥିଲେ। ଏହି ଘଟଣା ପ୍ରଚାରିତ ହେବା କ୍ଷଣି ଘଟଣାସ୍ଥଳକୁ ଶହ ଶହ ଲୋକଙ୍କ ସୁଅ ଛୁଟିଥିଲା। ଏସମ୍ପର୍କରେ ତାଙ୍କର ପତ୍ନୀ ସସ୍ମିତା ଦାସ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପୋଲିସ କେଶ ନଂ ୧୦୩/୨୦୨୩ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି। ଅପରପକ୍ଷରେ ଏହି ଘଟଣାରେ ସମ୍ପୃକ୍ତ ଥିବା ବୁହାଳୋ ଗ୍ରାମର ଦିପକ କୁମାର ପ୍ରଧାନ ଓ ବାଲିଆପଦା ଗ୍ରାମର ଜୟନ୍ତ ଦାସଙ୍କୁ ପୋଲିସ ସନ୍ଦେହରେ ଅଟକ ରଖିଥିଲା ବେଳେ ଦିପକ ପାଖରୁ ଏକ ଛୁରୀକୁ ପୋଲିସ ଜବତ କରିଛନ୍ତି। ଅପରପକ୍ଷରେ ମୃତ ସନ୍ତୋଷ ନାମରେ ରାଜ୍ୟର ବହୁ ଥାନାରେ ଏକାଧିକ ଅପରାଧିକ ମାମଲା ଥିବାର ଜଣାଯାଇଛି। ତେବେ ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଖୁବ ଶୀଘ୍ର ଏହି ହତ୍ୟାକାଣ୍ଡର ପର୍ଦ୍ଦା ଫାର୍ସ କରାଯିବ ବୋଲି ଆଇଆଇସି ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି। ତେବେ ଏହି ହତ୍ୟାକାଣ୍ଡ ପଛରେ ବହୁ ଲୁକାୟିତ ରହସ୍ୟ ରହିଥିବାର ସାଧାରଣରେ ଚାପାଗୁଞ୍ଜରଣ ପ୍ରକାଶ ପାଇଛି।



ଫାଇଲ୍ ଫଟୋ

## ସନ୍ଦେହଘେରରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ଗ୍ରାମପଂଚାୟତ କୋଇଲିରଙ୍ଗ ବ୍ରାହ୍ମଣ ସାହି ନିକଟରେ ଥିବା କରାଣ୍ଡିଆ ଶାଖା କେନାଲ ର ଏକ ସେତୁ ଉପରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଛି। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ମୃତ୍ୟୁ ହୋଇଛି। ଗତକାଲି ରାତ୍ରରେ ଜଣେ ଅଚିହ୍ନା ବ୍ୟକ୍ତି ଛିଟଲୁଙ୍ଗୀ ଓ ଏକ ସାର୍ଟ ପିନ୍ଧି ଗୁରୁତର ଅବସ୍ଥାରେ ପଡିରହି କରୁଣ ଚିତ୍କାର କରୁଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ସ୍ଥାନୀୟ ନେମାଳ ଥାନାକୁ ଖବର ଦେଇଥିଲେ। ପୋଲିସ ୧୦୮ ଯୋଗେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ତେବେ ଏହି ବ୍ୟକ୍ତିଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ କେହି ଆକ୍ରମଣ କରି ଏଠଶରେ ପକାଇ ଦେଇଥିବାର ସନ୍ଦେହ କରାଯାଉଛି। ଏସମ୍ପର୍କରେ ନେମାଳ ଥାନାରେ ୫/୨୦୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିବାର କାର୍ଯ୍ୟ ନିର୍ବାହୀ ଆଇଆଇସି ଗୌରାଙ୍ଗ ବିଶ୍ୱାଳଙ୍କ ସୂତ୍ରରୁ ପ୍ରକାଶ। ତେବେ ରିପୋର୍ଟ ଲେଖାହେଲା ବେଳକୁ ମୃତ ବ୍ୟକ୍ତିଙ୍କର କୌଣସି ପରିଚୟ ମିଳିପାରିନାହିଁ। ଅପରପକ୍ଷରେ ସମ୍ପୃକ୍ତ ବ୍ୟକ୍ତି ଜଗତସିଂହପୁର ଜିଲ୍ଲା ଅଂଚଳର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



## ନିମାପଡା ତହସିଲରେ ଅଣକର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ କାର୍ଯ୍ୟକୁ ନେଇ ତେଜୁଛି ଅସନ୍ତୋଷ

ନିମାପଡା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଦୁର୍ନୀତିକୁ ରୋକିବା ପାଇଁ ଦୁର୍ନୀତି ନିବାରଣ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିବା ବେଳେ କୌଣସି ଠାରେ ଦୁର୍ନୀତି ହେଉନାହିଁ କହି ସରକାର ଡିଣ୍ଡିମ ପିଟୁଛନ୍ତି। ମାତ୍ର ନିମାପଡା ତହସିଲରେ ବିନା ଦରମାରେ ଅଣ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀ ସିଟରେ ବସିରହି କାର୍ଯ୍ୟ କରୁଛନ୍ତି। ବାବୁମାନଙ୍କ ପାଖରେ ପୁଳା ପୁଳା ଟଙ୍କା କେଉଁ ଠାରୁ ଆସୁଛି ବିଭିନ୍ନ କାର୍ଯ୍ୟ ନାମରେ ଅର୍ଥ ଆଦାୟ ହେଉଥିବା କୁହାଯାଉଛି। ବାରମ୍ବାର ଏ ସଂପର୍କରେ ଅଭିଯୋଗ କରାଯାଉଥିବା ବେଳେ କଣ ପାଇଁ ତହସିଲଦାର ଅଣକର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କୁ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ପାଇଁ ଆଦେଶ ଦେଇଛନ୍ତି, ଚାରିଆଡେ କାର୍ଯ୍ୟାଳୟର ସିସି ଟିଭି ଲାଗିଥିବା ବେଳେ କଣ ପାଇଁ ସିସି ଟିଭି ଯାଞ୍ଚ କରାଯାଉନାହିଁ, ତାହା ଏକ ବିଡମ୍ବନାର ବିଷୟ ପାଲଟିଛି। ଏହାକୁ ନେଇ ଜନସାଧାରଣ ରାଜସ୍ୱ ସଚିବ ଜିଲ୍ଲାପାଳ ପୁରୀଙ୍କୁ ଲିଖିତ ଅଭିଯୋଗ ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିବା ସହ ବହୁ ପୁରାତନ ନିମାପଡା ତହସିଲକୁ ଦୁର୍ନୀତୀମୁକ୍ତ କରିବା ପାଇଁ ମଧ ଦାବି ଉଠାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ତହସିଲ ରେକର୍ଡ ରୁମ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବା ବେଳେ ରେକର୍ଡ ରୁମ ଭିତରେ ପ୍ରବେଶ କରିବାକୁ ବାହାର ଲୋକଙ୍କୁ ବାରଣ କରାଯାଇଛି। ମାତ୍ର ଏହି ତହସିଲ ରେକର୍ଡ ରୁମରେ ଅଣ କର୍ମଚାରୀ ଦୀର୍ଘ ୧୦ ବର୍ଷ ହେବ କିପରି କାମ କରୁଅଛି। ସେହି ଅଣକର୍ମଚାରୀର ପରିବାର କିପରି ଚଳୁଛନ୍ତି, ଏହାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ବିଗତ ଦିନରେ ଜଣେ ତହସିଲଦାରଙ୍କୁ ଓଡିଶା ଭାସ୍କର ଖବର ମହଙ୍ଗା ପଡିଥିଲା। ଭିଜିଲାନସ ଦ୍ୱାରା ଗିରଫ ହୋଇ ପୂର୍ବତନ ତହସିଲଦାର ଚାକିରୀ ହରାଇଛନ୍ତି। ବର୍ତ୍ତମାନ ଅଣ କର୍ମଚାରୀ ବ୍ୟତିତ ଦୁଇଜଣ କର୍ମଚାରୀଙ୍କୁ ଭୋଜିଭାତ ଦେଇ ତହସିଲ କର୍ମଚାରୀମାନେ ଉପହାର ପ୍ରଦାନ କରି ଅବସର ଦିବସ ପାଳନ କରି ଘରକୁ ପଠାଇଦେଇଥିବା ବେଳେ ଅବସରପ୍ରାପ୍ତ କର୍ମଚାରୀ ତହସିଲ କାର୍ଯ୍ୟାଳୟରେ ବସି ରହି ଗୁରତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ସହ ମୋଟାଅଙ୍କ ଆଦାୟ କରୁଥିବା ଚର୍ଚ୍ଚା ହେଉଛି। କଣ ପାଇଁ ଏପରି ବିଶୃଙ୍ଖଳିତ କାର୍ଯ୍ୟ ଘଟୁଛି, ଏଥିପାଇଁ କିଏ ଦାୟୀ ଏପରି ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି ଘଟଣାକୁ ତଦନ୍ତ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି।

**କାର୍ଯ୍ୟାନୁଷ୍ଠାନ କେବେ ?**

## ମିଳିତ ଅମଲା ମଞ୍ଚର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ



ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗତ ଜୁନ ୧ ତାରିଖ ଠାରୁ ଜିଲ୍ଲା ମିଳିତ ମଞ୍ଚ ଆନୁକୂଲ୍ୟରେ ପରଜଙ୍ଗର ବିଭିର୍ନ ଅଫିସର ଅମଲା ମାନେ ଆନ୍ଦୋଳନରେ ବସିଥିବା ଦେଖାଯାଇଛି। ଓଡିଶା ସରକାରଙ୍କର ବୈମାତୃକ ମନୋଭାବ ଓ ଟାଳଟୁଳା ନୀତି ପ୍ରତିବାଦରେ ଜିଲ୍ଲାସ୍ତରୀୟ ଅବହେଳିତ ଅମଲା ମାନେ ସମୂହ ଛୁଟିରେ ରହି ସରକାରଙ୍କ ଉଦେଶ୍ୟରେ ଧାରଣାରେ ବସିଛନ୍ତି। ଓଡ଼ିଶାରେ କାର୍ଯ୍ୟରତ ଜିଲ୍ଲାସ୍ତରୀୟ ଅମଲାମାନଙ୍କ ଏକମାତ୍ର ଦାବି ଓଡିଶା ସରକାରଙ୍କ ୨୦୧୭ ନିୟମ ଅନୁଯାୟୀ ଲେବଲ ୯ ଏବଂ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହ କମ୍ପୁଟର ଜ୍ଞାନ ଭିତିରେ କନିଷ୍ଠ ଅମଲାଙ୍କ ଦରମା ନିର୍ଧାରଣ ଉପରେ ରଖିଥିଲେ। ଏହି ଧାରଣାରେ ବ୍ଲକ କାର୍ଯ୍ୟାଳୟର ଅମଲା ଦିଲୀପ କୁମାର ସିଂହ, ପରଜଙ୍ଗ ମହାବିଦ୍ୟାଳୟର କର୍ମଚାରୀ ଭବାନୀ ଶଙ୍କର ଦଳବେହେରା, ତହସିଲ କାର୍ଯ୍ୟାଳୟର କର୍ମଚାରୀ କାମାକ୍ଷା ପ୍ରସାଦ ରାଉଳ, ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର କର୍ମଚାରୀ ଅକ୍ଷୟ ସାହୁଙ୍କ ସମେତ ୧୫ ଜଣରୁ ଉର୍ଦ୍ଧ ଅମଲା କର୍ମଚାରୀ ଏଥିରେ ସାମିଲ ହୋଇଥିଲେ।

## ଧାରଣାସ୍ଥଳରେ ଅମଲାଙ୍କ ମହନତା: ରେଳ ଦୁର୍ଘଟଣାରେ ଆହତଙ୍କ ପାଇଁ ରକ୍ତଦାନ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଜିଲ୍ଲା ସ୍ତରୀୟ ମିଳିତ ଅମଲା ମଞ୍ଚ ସଦସ୍ୟ ସଦସ୍ୟାଙ୍କ ସମୁହଁ ଛୁଟି ଓ ଶାନ୍ତିପୂର୍ଣ୍ଣ ଧାରଣା ଆଜି ପାଞ୍ଚପୀଢ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଷଷ୍ଠ ଦିନରେ ପଦାର୍ପଣ କରିଛି। ଓଡ଼ିଶା ସରକାରଙ୍କ ଅଧିନରେ କାର୍ଯ୍ୟରତ ଥିବା ଅମଲାଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ଓ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଯୋଗୁଁ ଅମଲା ମାନେ ସମୁହଁ ଛୁଟି ଓ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବାକୁ ବାଧ୍ଯ ହୋଇଛନ୍ତି। ତେଣୁ ଯଥାଶୀଘ୍ର ସେମାନଙ୍କ ଦାବି ପୂରଣ ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରନ୍ତୁ ବୋଲି ସେମାନେ କହିଛନ୍ତି। ତେବେ ଏହି ଧାରଣା ଅବସରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାନବିକତାର ପରିଚୟ ଦେଇ ମୟୂରଭଞ୍ଜ ଜିଲ୍ଲା ମିଳିତ ଅମଲା ମଞ୍ଚ ପାଞ୍ଚପୀଢ ଶାଖାର ସଦସ୍ୟ ସଦସ୍ୟା ମାନେ ବାଲେଶ୍ୱର ଜିଲ୍ଲାର ବାହାନଗା ଠାରେ ଭୟାଭ୍ୱ ରେଳ ଦୁର୍ଘଟଣାରେ ଆହତଙ୍କ ସେବା ଶୁଶ୍ରୂଷା ପାଇଁ ଆବଶ୍ୟକ ଥିବା ରକ୍ତ ସକାଶେ ଆଜି ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ରକ୍ତଦାନ କରିଥିବା ଅମଲା ମାନଙ୍କ ମଧ୍ୟରେ ଚନ୍ଦନ କୁମାର ମଣ୍ଡଳ, ଶାନ୍ତନୁ କୁମାର ବେହେରା, ଶଶି ଭୂଷଣ ମହାନ୍ତ, ବସନ୍ତ କୁମାର ପାତ୍ର, ସତ୍ୟ ନାରାୟଣ ଦାସ, ପ୍ରଭାତ କୁମାର, ସୁନିଲ କୁମାର ମହାନ୍ତ, ଦିଲ୍ଲୀପ କୁମାର ପଲେଇ, କନକଲତା ପୂର୍ତ୍ତି, ଆନପା କିସ୍କୁ, କପିଳେନ୍ଦ୍ର ମହାନ୍ତ, ଅଶ୍ୱିନୀ ମହାନ୍ତ, ଲକ୍ଷ୍ମୀ ନାରାୟଣ ମହାକୁଡ଼, ଗୀତାରାଣୀ ମହାନ୍ତ, ସଞ୍ଜୟ କୁମାର ନାଏକ, ଏସ କେ ଜାଭେଦ, ଶଶାଙ୍କ ଶେଖର ସେଠୀ, ଗୁରୁ ଚରଣ ସାମଲ, ନିହାର ରଞ୍ଜନ ସେଠୀ, ବସନ୍ତ ବାବୁ, ଭୀଷ୍ମ ନାରାୟଣ ଗଣ୍ଡ, ହିମାଂଶୁ ଶେଖର ଦଣ୍ଡ, ଜୟନ୍ତ କୁମାର ମହାନ୍ତ, ଜବାମଣୀ ହେମ୍ବ୍ରମ, ନନ୍ଦିତା ମହାନ୍ତ, ହରେକୃଷ୍ଣ ମହାନ୍ତ ଅନ୍ତର୍ଭୁକ୍ତ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ତେବେ ଅମଲା ମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ମନ ମଧ୍ୟରୁ ପାସୋରି ଅମଲା ମାନେ ଯେଉଁ ମାନବିକତାର ପରିଚୟ ଦେଇଛନ୍ତି ସେମାନଙ୍କୁ କରଞ୍ଜିଆ ଜନସାଧାରଣ ସାଧୁବାଦ ଜଣାଇଛନ୍ତି। ଏହି ରକ୍ତଦାନ କାର୍ଯ୍ୟକ୍ରମକୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ରକ୍ତକେନ୍ଦ୍ର ପରିଚାଳକ ଡ଼ଃ ଗୌରାଙ୍ଗ ଚରଣ ନାୟକ ପରିଚାଳନା କରିଥିବା ବେଳେ ଏଲଟି ଗାୟତ୍ରୀ ସାହୁ ଓ କ୍ଷିତିଶ କୁମାର ସେଠୀ, ରଜତ କୁମାର ମହାକୁଡ଼, ସୁମନ୍ତ ମହାନ୍ତ, ତ୍ରିଲୋଚନ ମହାନ୍ତ ଏବଂ ଅଭିଜିତ ମୁଖି ସହଯୋଗ ପ୍ରଦାନ କରିଥିଲେ।



● ଅସହ୍ୟ ହେଲା ମାନସିକ ନିର୍ଯାତନା ●

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଭଦ୍ରେଶ୍ୱର ଥାନା ପାଣ୍ଡିଆ ଗ୍ରାମର ମଦନ ମୋହନ ରାଉଳଙ୍କ ବିବାହିତ ପୁତ୍ର ଧର୍ମେନ୍ଦ୍ର ନିଜ ଶାଶୁ ଶ୍ୱଶୁର ଓ ଶାଳକଙ୍କ ନିର୍ଯ୍ୟାତନାରେ ମାନସିକ ସ୍ତରରେ ଆଘାତ ପାଇ ବିଷପାନ କରି ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଛି। ପାଣ୍ଡିଆ ଗ୍ରାମର ମଦନ ମୋହନ ରାଉଳଙ୍କ ସାନପୁତ୍ର ଧର୍ମେନ୍ଦ୍ର ଦୀର୍ଘ ଦିନ ହେଲା ତାଙ୍କ ପତ୍ନୀ ସହ ଅନ୍ୟତ୍ର ରହି ଆସୁଥିଲେ। ତେବେ ବହୁ ସମୟରେ ପତି ପତ୍ନୀଙ୍କ ମଧ୍ୟରେ କଳି ଝଗଡା ଲାଗି ରହୁଥିଲା। ଏହି ଘଟଣାର ଏକାଧିକ ବାର ସମାଧାନ କରାଯାଇଥିଲା। ତେବେ ଗତ ୧ ତାରିଖ ଦିନ ପତି ପତ୍ନୀଙ୍କ ମଧ୍ୟରେ କଳି ଝଗଡା ହୋଇଥିଲା। ଗତ ୨ ତାରିଖ ଦିନ ଧର୍ମେନ୍ଦ୍ରଙ୍କ ଶ୍ୱଶୁର ବିଜୟ ଦାସ, ଶାଶୁ ଲକ୍ଷ୍ମୀପ୍ରିୟା ଓ ଶାଳକ ବିକାଶ ତାଙ୍କ ଘରେ ପହଂଚି ଧର୍ମେନ୍ଦ୍ରଙ୍କୁ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିବା ସହ ଧମକ ଚମକ ଦେଇଥିଲେ। ଏଥିରେ ମାନସିକ ସ୍ତରରେ ଆଘାତ ପାଇ ଧର୍ମେନ୍ଦ୍ର ଗତ ୨ ତାରିଖ ଦିନ ବିଷପାନ କରିଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏସମ୍ପର୍କରେ ତାଙ୍କର ପିତା ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ଭଦ୍ରେଶ୍ୱର ଥାନା ପୋଲିସ ନାମକୁ ମାତ୍ର ମାମଲା ରୁଜୁ କରି ହାତବାନ୍ଧି ବସିଥିଲେ। ଆଜି ଚିକିତ୍ସାଧିନ ଅବସ୍ଥାରେ ଧର୍ମେନ୍ଦ୍ରଙ୍କ କଟକ ବଡ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ତେବେ ପୋଲିସ ଏହି ଘଟଣା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଯୋଗୁ ତାଙ୍କର ପିତା କଟକ ଜିଲ୍ଲା ଗ୍ରାମାଂଚଳ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ନିମନ୍ତେ ଦୃଢ ଦାବି କରିଛନ୍ତି।

## ଶାଖା କେନାଲରେ ଆପ୍ରୋଚ୍ ୱାଲ୍ ନିର୍ମାଣ ଦାବି

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ବ୍ଲକ୍ ରାମେଶ୍ୱର ଠାରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ବାହାରି ଥିବା ୨-ଏ ଶାଖା କେନାଲରେ କୁଣ୍ଡି ନଈ ଉପରେ ଲଳିତାଯୋରୀ ଠାରେ କେନାଲତୋ ଆପ୍ରୋଚ ୱାଲ ଅଧା ନିର୍ମାଣ ହୋଇ ରହିଅଛି। ୨୦୨୦ ମସିହାରେ ଏଠାରେ ପକ୍କା ଡ୍ରେନ୍ ନିର୍ମାଣ କରାଯାଇଛି। ମାତ୍ର ଆପ୍ରୋଚ ୱାଲ ଅଧା ନିର୍ମାଣ ହୋଇ ରହିଥିବାରୁ ଶାଖା କେନାଲରେ ପାଣି ଆସିପାରୁ ନାହିଁ। ରାମେଶ୍ୱର ଠାରୁ ୧୫/୨୦ କି.ମି. ଦୂରତା ପର୍ଯ୍ୟନ୍ତ ଚାଷ ଜମିରେ ଏହି ଶାଖା କେନାଲ ଦ୍ୱାରା ଜଳସେଚିତ ହୋଇଥାଏ। ୱାଲ ନିର୍ମାଣ ଅଧା ରହିଥିବାରୁ କେନାଲର ତଳମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚି ପାରୁନାହିଁ। ଫଳରେ ବହୁ ଖରିଫ୍ ଚାଷ ଜମି ମରୁଡ଼ିର ସମ୍ମୁଖୀନ ହେଉଅଛି। ଚାଷୀମାନଙ୍କ ପକ୍ଷରୁ ଜଳ ସଂପଦ ବିଭାଗକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ଅଦ୍ୟାବଧି ଦାବି କାର୍ଯ୍ୟକାରୀ ହୋଇନାହିଁ। ତୁରନ୍ତ ଆପ୍ରୋଚ ୱାଲ ନିର୍ମାଣ କରାଯିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଜଳସଂପଦ ବିଭାଗ ନିକଟରେ ଦାବି କରିଛନ୍ତି।

## ଶିଡ଼ିରୁ ଖସି ଠିକା ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଚୌଦ୍ୱାର ଟାଟା ପାୱାର ସବ୍‌ଡିଭିଜନରେ କାର୍ଯ୍ୟରତ ଜନୈକ ଠିକା କର୍ମଚାରୀ ସଂଗ୍ରାମ କେଶରୀ ସାହୁଙ୍କର ଶିଡ଼ିରୁ ପଡ଼ି ମୃତ୍ୟୁବରଣ ହୋଇଯାଇଥିବା ଜଣାପଡ଼ିଛି। ସୂଚନାଥାଉକି, ଗତକାଲି ରାତିରେ କପାଳେଶ୍ୱର ନୂଆସାହି ଅଂଚଳରେ ବିଦ୍ୟୁତ୍ ମରାମତି କାର୍ଯ୍ୟ କରିବାକୁ ଯାଇଥିବା ବେଳେ କୌଣସି କାରଣରୁ ସେ ସିଡ଼ିରୁ ଖସି ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ଘର ନରସିଂହପୁର ଥାନା ଅନ୍ତର୍ଗତ ପାଇକବାରବାଟୀ ଅଂଚଳର ବୋଲି ଜଣାପଡ଼ିଛି। ସେ ଗତ ଫେବୃୟାରୀ ମାସରେ ବିବାହ କରିଥିବା ବେଳେ ଚୌଦ୍ୱାରରେ ଘରଭଡ଼ା ନେଇ ରହୁଥିଲେ। ତାଙ୍କର ଏହି ଆକସ୍ମିକ ମୃତ୍ୟୁରେ ସମଗ୍ର ଚୌଦ୍ୱାର ସବ୍‌ଡିଭିଜନର କାର୍ଯ୍ୟରତ ସମସ୍ତ ବିଦ୍ୟୁତ୍ କର୍ମଚାରୀମାନେ ଦୁଃଖରେ ଭାଙ୍ଗିପଡ଼ିଥିବା ବେଳେ ସେ କାର୍ଯ୍ୟକରୁଥିବା ବୁଦ୍ଧମ୍ ବିଲଡରସ୍ ଠିକା ସଂସ୍ଥା ତାଙ୍କ ପରିବାରକୁ କିଛି ଆର୍ଥିକ ସାହାଯ୍ୟ କରିଥିବା ଜଣାପଡ଼ିଛି। ବିଦ୍ୟୁତ୍ ବିଭାଗରେ କାର୍ଯ୍ୟ କରୁଥିବାରୁ ତାଙ୍କର ବୀମା ମାଧ୍ୟମରେ ମୃତ୍ୟୁକାଳୀନ ପ୍ରାପ୍ୟ ପାଇବେ ବୋଲି ଠିକା ସଂସ୍ଥାର ମ୍ୟାନେଜର ପ୍ରକାଶ କରିଛନ୍ତି।



ଫାଇଲ୍ ଫଟୋ

## ବଜ୍ରାଘାତରେ ମହିଳା ଗୁରୁତର

ବାଣପୁର, (ଭାସ୍କର ନ୍ୟୁଜ୍): ଜଣେ ମହିଳା ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରାପାତ ହେବାରୁ ଗୁରୁତର ଆହାତ ହୋଇ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ଅନ୍ୟତ୍ର ଚିକିତ୍ସାପାଇଁ ସ୍ଥାନାନ୍ତରିତ କରାଯାଇଛି। ଖବର ନେବାରେ ଜଣାଯାଏ ବାଣପୁର ବ୍ଲକ ଭବାନିପୁର ଗ୍ରାମ ନୂଆସାହିର ଗୌତମ ପଲେଇଙ୍କ ସ୍ତ୍ରୀ ମୀରା ପଲେଇ ତାଙ୍କ ଘର ପଛପଟ ବିଲକୁ କାମ କରିବାକୁ ଯାଇଥିଲେ। ସେଠାରେ ମିରା କାମ କରୁଥିବା ବେଳେ ହଠତ ବଜ୍ରାଘାତ ହେବାରୁ ସେ ଗୁରୁତର ଆହାତ ହୋଇ ବିଲରେ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ଗ୍ରାମର କିଛିଲୋକ ତାଙ୍କର ଏପରି ଅବସ୍ଥା ଦେଖି ସଙ୍ଗେସଙ୍ଗେ ଚିକିତ୍ସାପାଇଁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି।

# ମଦ୍ରସାରେ ଦିଆଯାଉଛି ଅପ୍ରାକୃତିକ ଯୌନ ନିର୍ଯାତନା

● ଦୁଇ ନାବାଳକ ଫେରାର ପରେ ପଦାକୁ ଆସିଲା ରହସ୍ୟ

● ଦୁଇଦିନ ଧରି ନିଖୋଜ ପରେବି ଥାନାରେ ହୋଇନି ଅଭିଯୋଗ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନ ମଝିଖଣ୍ଡ ନଳିତାପାରି ବସ୍ତିରେ ଥିବା ମଦ୍ରସା ଚାଲିଥିବା କଳାକାରନାମାର ଖୋଲୁଛି ଗୁମର। ମଦର୍ଶାରେ ନାବାଳକଙ୍କୁ ଦିଆଯାଉଛି ଅକଥନୀୟ ନିର୍ଯ୍ୟାତନା କରାଯାଉଛି ଅପ୍ରାକୃତିକ ଯୌନ ଶୋଷଣ। ନିର୍ଯ୍ୟାତନା ସହିନପାରି ମଦର୍ଶା ଛାଡି ଫେରାର ହେଉଥିବାବେଳେ ବାଲିପାଟଣା ଥାନା ଅପୂଜା ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହୋଇ ଚାଇଲ୍ଡ ହେଲ୍ପଲାଇନ ହସ୍ତଗତ ହେଲେ ଦୁଇ ନାବାଳକ। ଦୁଇନାବାଳକ ମଧ୍ୟରୁ ଜଣେ ବିହାର ଓ ଅନ୍ୟଜଣକ ଝାଡଖଣ୍ଡର ବୋଲି ଜଣାପଡିଛି। ଖବର ଅନୁଯାୟୀ ଉକ୍ତ ନଳିତାପାରି ବସ୍ତିରେ ଦିର୍ଘ ଦିନଧରି ରହିଛି ଏକ ମଦର୍ଶା। ଯେଉଁଥିରେ ଏବେ ବିହାର ଓ ଝାଡଖଣ୍ଡର ୧୭ ଜଣ ନାବାଳକ ରହିଛନ୍ତି। ସେମାନଙ୍କୁ ପାଠପଢାଉଛନ୍ତି ଦୁଇ ଜଣ ମୌଳବୀ। ଯୁବ ମୌଳବୀ ଜଣକ କୁନୀ କୁନୀ ପିଲାଙ୍କୁ ମାଡମାରିବା ରୋଷେଇ କରାଇବା ଆଦି କଷ୍ଟ ଦେଉଥିବାବେଳେ ରାତିରେ ସେମାନଙ୍କ ସହିତ ଯୋର ଜବରଦସ୍ତ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥାଏ। ଏହି ନିର୍ଯ୍ୟାତନା ସହିନପାରି ଦୁଇଜଣ ନାବାଳକ ଦୁଇଦିନ ତଳେ ଖସି ପଳାଇଥିଲେ ଏହି ମଦର୍ଶାରୁ। ଯାହାଙ୍କୁ ଉଦ୍ଧାର କରି ଚାଇଲ୍ଡ ହେଲ୍ପଲାଇନ୍ ଜିମା ଦେଇଛନ୍ତି ଅପୂଜା ଗ୍ରାମବାସୀ। ଚାଇଲ୍ଡ ହେଲ୍ପଲାଇନ୍ ମଧ୍ୟ ଏନେଇ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯେଉଁ ଘଟଣା ଏବେ ନିଆଳୀ ଓ ବାଲିପାଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସେହି ନାବାଳକ ମାନଙ୍କୁ ଏଠାରେ କାହିଁକି ଓ କଣ ପାଇଁ ରଖାଯାଇଛି। ଏଥିପାଇଁ ସରକାରଙ୍କଠାରୁ ଅନୁମତି ମିଳିଛି କି ନାହିଁ? ଆନ୍ତେବାସୀ ଦ୍ୱୟ ହଜିବାର ଦୁଇଦିନ ପରେବି ନିଆଳୀ ଥାନାରେ ଏନେଇ ଅଭିଯୋଗ କରାଯାଇ ନାହିଁ କାହିଁକି? ଉକ୍ତ ବସ୍ତିରେ ଶହ ଶହ ଗରୀବ ଲୋକ ରହୁଥିବାବେଳେ ସେମାନଙ୍କ ପିଲାଙ୍କୁ ଏଠାରେ ପାଠପଢା ନଯାଇ କଣପାଇଁ ବାହାର ରାଜ୍ୟରୁ ମୁସଲିମ୍ ପିଲାମାନଙ୍କୁ ଅଣାଯାଇ ଏଠାରେ ଆବାସିକ ବିଦ୍ୟାଳୟ ମଦ୍ରସାରେ ରଖାଯାଇ ପାଠପଢା ଯାଉଥିଲା। କେବଳ ପାଠ ପଢା ନାଁ ଅନ୍ୟକିଛି ଉଦ୍ଦେଶ୍ୟ ବୋଲି ଏବେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସେହିପରି ଏହି ପିଲାମାନଙ୍କୁ ବୁଲି ବୁଲି ଟଙ୍କା ଆଦାୟ କରିବାରେ ମଧ୍ୟ ନିୟୋଜିତ କରାଯାଉଥିବାର ସଂଘାତିକ ଅଭିଯୋଗ ରହିଛି। ପ୍ରଶାସନ ନାକ ତଳେ ଏପରି କାର୍ଯ୍ୟକରାଯାଉଥିଲେବି କଣ ପାଇଁ ପ୍ରଶାସନ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉନଥିଲା ତାହା ବିସ୍ମୟ ସୃଷ୍ଟି କରିଛି। ଏହି ଘଟଣା ପଛରେ କାହାର ହାତ ରହିଛି ସେମାନଙ୍କୁ ରଖିବା ଖୁଆଇବା ପିନ୍ଧାଇବାରେ ଖର୍ଚ୍ଚ କରୁଥିଲା କିଏ ଓ କାହିଁକି ତାହା ମଧ୍ୟ ଲୋକଲୋଚନକୁ ଆସିବା ଦରକାର ବୋଲି ମତ ପ୍ରକାଶ ପାଉଛି।



## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଉଦ୍ୟମ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅଂଚଳରେ ବଧୂ ନିର୍ଯାତନା ବେଳକୁ ବେଳ ବଢିଚାଲିଥିବା ବେଳେ ଏ ଦିଗରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଜଣେ ମହିଳାଙ୍କୁ ଶାଶୁଘର ଲୋକ ନିର୍ଯାତନା ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବଳଙ୍ଗା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଯୌତୁକ ଲୋଭୀମାନଙ୍କୁ ଗିରଫ କରିନଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଭରତପୁର ଅଂଚଳର ସୁରେଶକୁମାର ସାହୁଙ୍କ ପତ୍ନୀ ତୃପ୍ତିମୟୀ ସାହୁ ଥାନାରେ ଅଭିଯୋଗ କରିଛନ୍ତି ୨ହଜାର ୧୭ ମସିହାରେ ତୃପ୍ତିମୟୀ ବୈଦିକ ରୀତିରେ ସୁରେଶଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରଘର ଦାବି ମୁତାବକ ୨ଲକ୍ଷ ଟଙ୍କା ସୁନା ଅଳଙ୍କାର ସହ ସମସ୍ତ ଆସବାବପତ୍ର ପ୍ରଦାନ କରାଯାଇଥିଲା। ବିବାହର କିଛିଦିନ ଭଲରେ ଚଳିବା ପରେ ସ୍ୱାମୀ ଶାଶୁ ନଣନ୍ଦ ମିଶି ବାପଘରୁ ଅଧିକ ଏକ ଲକ୍ଷ ଟଙ୍କା ଆଣିବା ପାଇଁ ଦାବୀ କରି ମହିଳାଙ୍କୁ ନିର୍ଯାତନା ଦେବା ସହ ମାଡମାରି ଭୋକ ଉପାସରେ ରଖିଥିଲେ। ଅନେକ ସମୟରେ ମହିଳାଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ ଜାରି ରଖିଥିଲେ। ମହିଳା ୪ବର୍ଷ କନ୍ୟାର ଭବିଷ୍ୟତକୁ ଚାହିଁ ନୀରବ ରହିଆସୁଥିଲେ। ଏକ ସପ୍ତାହ ତଳେ ତୃପ୍ତିମୟୀଙ୍କ ଉପରେ ଗରମ ତେଲ ଢାଳି ଶାଶୁଘର ଲୋକେ ମାରିବାକୁ ଉଦ୍ୟମ କରିଥିବାରୁ ତୃପ୍ତିମୟୀଙ୍କ ବାପା ସୁରେନ୍ଦ୍ର ଝିଅଘରେ ପହଞ୍ଚି ନିଜଘରକୁ ନେଇଆସିଥିଲେ। ସୋମବାର ରାତ୍ର ୧୦ଟା ସମୟରେ ମହିଳାଙ୍କ ସ୍ୱାମୀ ଶାଶୁ ନଣନ୍ଦ ମହିଳାଙ୍କ ବାପଘରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଘର ଗେଟକୁ ଭାଙ୍ଗି ଦେଇଥିଲେ। ମହିଳାଙ୍କ ସହିତ ଝଗଡା ହେଉଥିବା ବେଳେ ମହିଳାଙ୍କୁ ସେଠାରେ ମଧ ମାରିଦେବାକୁ ଉଦ୍ୟମ କରିଥିଲେ। ଜୋରଜବରଦସ୍ତ ଅପହରଣ କରିନେବାକୁ ଉଦ୍ୟମ କରିଥିବା ବେଳେ କେତକ ବ୍ୟକ୍ତିଙ୍କ ସହାୟତାରେ ସେମାନଙ୍କ କବଳରୁ ରକ୍ଷା ପାଇଥିଲେ। ପରେ ମହିଳା ବଳଙ୍ଗା ଥାନାରେ ଅଭିଯୋଗ କରିଛନ୍ତି।

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ : ଭାରତ-ଚୀନ ସୀମା ବିବାଦକୁ ନେଇ ଆମେରିକା ତରଫରୁ ଜାରି ରହିଛି ବୟାନବାଜି। ଏହାରି ମଧ୍ୟରେ ଭାରତକୁ ନାଟୋରେ ସାମିଲ କରିବା ପାଇଁ ମଧ ପ୍ରସ୍ତାବ ଦିଆଯାଇଛି। ଆଉ ଏବେ ଭାରତ-ଚୀନ ବିବାଦରେ ଆମେରିକାର ହସ୍ତକ୍ଷେପକୁ ନେଇ କଡ଼ା ଆଭିମୁଖ୍ୟ ପ୍ରକାଶ କରିଛନ୍ତି ଚୀନ ପ୍ରବକ୍ତା । ଭାରତ ଗସ୍ତରେ ଥିବା ଚୀନ୍ ଦୂତାବାସର ଜଣେ ପ୍ରବକ୍ତା ଭାରତ-ଚୀନ୍ ମାମଲାରେ ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ ବରଦାସ୍ତ କରାଯିବନି ବୋଲି କହିଛନ୍ତି। ପ୍ରବକ୍ତା ଆମେରିକାକୁ କଡ଼ା ସମାଲୋଚନା କରିବା ସହ 'ଆମେରିକା ସବୁ ସ୍ଥାନରେ ନିଜର ସ୍ଥିତି କାଏମ ରହିବାକୁ ଚେଷ୍ଟା କରୁଛି' ବୋଲି କହିଛନ୍ତି। ଆମେରିକାକୁ ଟାର୍ଗେଟ କରି ଭାରତରେ ଚୀନ୍ ଦୂତାବାସର ପ୍ରବକ୍ତା ୱାଙ୍ଗ ଶିୟାଜିୟାନ କହିଛନ୍ତି 'ଚୀନ୍ ବିଶ୍ୱ ଶାନ୍ତି ଏବଂ ସମୃଦ୍ଧିରେ ଯୋଗଦାନ କରୁଛି। କେବଳ ଆମେରିକା ବଳପୂର୍ବକ ଭାବରେ ନିଜର ସ୍ଥିତି କାଏମ କରିବାକୁ ଚେଷ୍ଟା କରୁଛି। ଆମେରିକା ନିଜ ସହଯୋଗୀଙ୍କ ଉପରେ ଚାପ ପକାଇଥାଏ, ଡରାଇ-ଧମକାଇଥାଏ ଯାହାର ବିକାଶଶୀଳ ଦେଶକୁ ଭୋଗୁଛନ୍ତି।'

## ଧରଣୀ ପୋର୍ଟାଲର ସୁରକ୍ଷା ପାଇଁ କେସିଆର୍‌ଙ୍କ ଆହ୍ୱାନ



ନଗରକର୍ଣ୍ଣୁଲ: ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ରାଓ ବିରୋଧୀ କଂଗ୍ରେସ ଉପରେ ନିଜର ଆକ୍ରମଣ ଜାରି ରଖିଛନ୍ତି ଏବଂ ରାଜ୍ୟରେ ଧରଣୀ ପୋର୍ଟାଲର ସୁରକ୍ଷା ପାଇଁ ଉଦ୍ୟମ କରିବାକୁ କୃଷି କ୍ଷେତ୍ରକୁ ସ୍ପଷ୍ଟ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ନଗରକର୍ଣ୍ଣୁଲ ଜିଲ୍ଲା ମୁଖ୍ୟ କ୍ୱାର୍ଟରରେ ଏକ ବିପୁଳ ଜନସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ଗତ କିଛି ସପ୍ତାହ ମଧ୍ୟରେ ସାଧାରଣରେ ବିରୋଧୀ କଂଗ୍ରେସର କିଛି କିଛି ନେତା ଜନାଭିମୁଖୀ ଧରଣୀ ପୋର୍ଟାଲ ବିରୋଧରେ ଅପପ୍ରଚାର ଚଳାଇଛନ୍ତି ଏବଂ ବଙ୍ଗୋପସାଗରରେ ଧରଣୀକୁ ପକାଇବାକୁ ଘୋଷଣା କରୁଛନ୍ତି। "ଧରଣୀକୁ ଡମ୍ପିଂ କରିବା ଅର୍ଥ କୃଷକମାନଙ୍କୁ ଡମ୍ପିଂ କରିବା ଛଡା ଆଉ କିଛି ନୁହେଁ। ସାଧାରଣ କୃଷକଙ୍କ ଜମି ରେକର୍ଡକୁ ସୁରକ୍ଷିତ ଭାବରେ ଲାଭ କରିବାରେ ଏହା କିପରି ସାହାଯ୍ୟ କରିଛି ମୁଖ୍ୟମନ୍ତ୍ରୀ ବିସ୍ତୃତ କହିବା ସହ ଧରଣୀର ଅଭିନବ ଧାରଣା କୃଷକଙ୍କୁ ମଧ୍ୟବିତ୍ତଙ୍କଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଛି। ମୁଖ୍ୟମନ୍ତ୍ରୀଙ୍କ କ୍ୟାଲିବରର ଜଣେ ବ୍ୟକ୍ତି ମଧ ଧରଣୀରେ ଜମିର ସବିଶେଷ ତଥ୍ୟ ବଦଳାଇ ପାରିବେ ନାହିଁ ଏବଂ ଏହା ୯୯ ପ୍ରତିଶତ ଚାଷୀଙ୍କୁ ସେମାନଙ୍କର ରେକର୍ଡ ସଂରକ୍ଷଣ କରିବାରେ ସାହାଯ୍ୟ କରୁଛି। ଧରାଣୀକୁ ବିରୋଧ କରୁଥିବା ନେତାମାନଙ୍କ କଥାକୁ ଯଦି ବିଚାର କରଯିବ ତେବେ ପୁନର୍ବାର କୃଷକମାନେ ଗୁରୁତର ଆହ୍ୱାନର ସମ୍ମୁଖୀନ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେ.ଆର.ସି ତାଙ୍କର ତିରିଶ ମିନିଟ୍ ଲମ୍ବା ଭାଷଣରେ ମହାବୁବନଗରର ଅବିକଶିତ ଶୁଷ୍କ ପଡ଼ିଥିବା ଜୋନ୍ ଗୁଡିକ ଜଳସେଚନ ଯୋଜନା ଏବଂ ଟାଙ୍କି ପୁନଃ ନିର୍ମାଣରେ ଲାଭ ପାଇଛି ବୋଲି କହିଥିଲେ। ସେହିପରି ପାଲାମପୁର ଜିଲ୍ଲା ପାଞ୍ଚଟି ମେଡିକାଲ କଲେଜ ପାଇଛି ଏବଂ ଏହା ରାଜ୍ୟ ସରକାରଙ୍କ ଯୋଜନା ଏବଂ ନୀତି ସାହାଯ୍ୟରେ ଏକ ନିର୍ଦ୍ଦିଷ୍ଟ ଅଗ୍ରଗତି ଆଡକୁ ଗତି କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବି.ଆର.ଏସ୍ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ଏବଂ କଲ୍ୟାଣମୂଳକ ଯୋଜନାଗୁଡିକ ବିଷୟରେ କେ.ସି.ଆର ବିସ୍ତୃତ ଭାବରେ କହିଥିଲେ ଏବଂ ଯଦି ଲୋକମାନେ ପୁଣିଥରେ ବିଆର୍‌ଏସ୍‌କୁକୁ ସମର୍ଥନ କରନ୍ତି ତେବେ ପ୍ରଗତିର ରାସ୍ତା ଜାରି ରହିବ ବୋଲି ସେ କହିଥିଲେ। ରାଜ୍ୟରେ ନିର୍ମିତ ୩୦ଟି କଲେକ୍ଟରେଟ୍ ଶୃଙ୍ଖଳରେ ନଗରକୁର୍ଣ୍ଣୁଲ୍ କଲେକ୍ଟରେଟ୍ କମ୍ପ୍ଲେକ୍ସ ୧୯ ତମ ସ୍ଥାନରେ ଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ ବିସ୍ତୃତ ଭାବରେ କହିଛନ୍ତି ଯେ ମାନବ ସୂଚକାଙ୍କ ବିକାଶରେ ଅନେକ ସଫଳତା ସହିତ ରାଜ୍ୟ ଅଭିବୃଦ୍ଧି ହାସଲ କରୁଛି।

## 'ଖୁବ୍‌ଶୀଘ୍ର ୧୫୫୦ କନେଷ୍ଟବଲ ପଦବୀରେ ନିଯୁକ୍ତି ମିଳିବ'




ଡେରାଡୁନ୍: ପ୍ରଶାସନିକ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଉତ୍ତରାଖଣ୍ଡ ସରକାର ଲଗାତାର ପ୍ରୟାସ କରୁଛନ୍ତି। ଏପରିକି ପୋଲିସ ସେବାକୁ ଉନ୍ନତ କରିବା ଓ ଅଧିକ ପୋଲିସ କର୍ମଚାରୀ ନିଯୁକ୍ତି କରିବାକୁ ନେଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସଦାସର୍ବଦା ତତ୍ପର। ଖୁବ୍‌ଶୀଘ୍ର ଉତ୍ତରାଖଣ୍ଡ ପୋଲିସର ୧୫୫୦ ଜଣ କନଷ୍ଟେବଲ ପଦବୀରେ ନୂତନ ନିଯୁକ୍ତି ମିଳିବ। ପୋଲିସ ଲାଇନରେ ଅନୁଷ୍ଠିତ ନିଯୁକ୍ତି ପତ୍ର ବଣ୍ଟନ ସମାରୋହରେ ସିଏମ୍ ପୁଷ୍କର ସିଂ ଧାମି ମଙ୍ଗଳବାର ଏହା ଘୋଷଣା କରିଛନ୍ତି। ଏହି ସମୟରେ ସିଏମ ଧାମି ଉତ୍ତରାଖଣ୍ଡ ପୋଲିସର କନଷ୍ଟେବଲ, ଜିଲ୍ଲା ପୋଲିସ କନଷ୍ଟେବଲ ପିଏସି/ଆଇଆରବି ଏବଂ ଫାୟାରମ୍ୟାନ ପଦବୀ ପାଇଁ ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଥିଲେ।

## 'ଯୁବକଙ୍କୁ ବେକାରୀ ଭତ୍ତା ଦେବା ପରିବର୍ତ୍ତେ ସେମାନଙ୍କୁ ଚାକିରି ଦେଲେ ଅଧିକ ଖୁସି ହେବେ'



ରାୟପୁର: ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଯୁବକମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ବେକାରୀ ଭତ୍ତା ପାଇବା ପରିବର୍ତ୍ତେ ସେମାନଙ୍କ ହାତରେ ଚାକିରୀ ହେଲେ ସେ ଅଧିକ ଖୁସି ହେବେ। ଆଜି କୋଣ୍ଡାଗାଓଁ ଜିଲ୍ଲାର ବେଡମା ଗ୍ରାମରେ ୫୧୫ ଯୁବକଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଖୁସି ସ୍ପଷ୍ଟ ବାରି ହେଉଥିଲା। ଏହି ଯୁବକମାନଙ୍କ ମଧ୍ୟରେ ୪୬ ଜଣ ପୂର୍ବରୁ ବେକାରୀ ଭତ୍ତା ପାଇଥିଲେ। ଯୁବକମାନଙ୍କୁ ରୋଜଗାର ସହିତ ଯୋଡିବା ପାଇଁ ଏହି ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି। ଏହି ସମୟ ମଧ୍ୟରେ ଯୁବକମାନେ ସେମାନଙ୍କର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଯେତିକି ଉତ୍ସାହିତ ଥିଲେ, ଶ୍ରୀ ବାଘେଲ ମଧ ସେମାନଙ୍କୁ ସମାନ ଉତ୍ସାହରେ ଭେଟିଥିଲେ। ସେମାନଙ୍କ ସହ ଆଲୋଚନା କରିଥିଲେ ଏବଂ ସେମାନଙ୍କର ମନୋବଳ ବଢ଼ାଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ବାଘେଲ ଯୁବକମାନଙ୍କୁ ସେମାନଙ୍କ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇବା ସହ ଜୀବନରେ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଛତିଶଗଡକୁ ବିକାଶ ଦିଗରେ ଆଗେଇ ନେବାରେ ଯୁବକଙ୍କ ଶକ୍ତି ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବନ୍ଧୁତ୍ୱପୂର୍ଣ୍ଣ ତଥା ଆଭିମୁଖ୍ୟକୁ ଯୁବକମାନେ ସ୍ୱାଗତ କରିଥିଲେ। ଜିଲ୍ଲା ପ୍ରଶାସନର ଉଦ୍ୟମ ଦ୍ୱାରା ସମସ୍ତ ବିକାଶ ବ୍ଲକରେ ମେ ୨୬ ରୁ ମେ ୩୧, ୨୦୨୩ ପର୍ଯ୍ୟନ୍ତ ପ୍ଲେସମେଣ୍ଟ କ୍ୟାମ୍ପ ଆୟୋଜନ କରାଯାଇଥିଲା, ଯେଉଁଥିରେ ଯୁବକମାନଙ୍କୁ ରୋଜଗାରର ସୁଯୋଗ ଖୋଜିବାରେ ସାହାଯ୍ୟ କରାଯାଇଥିଲା । ଆଜି ୫୧୫ ମନୋନୀତ ଯୁବକ ମୁଖ୍ୟମନ୍ତ୍ରୀଙ୍କଠାରୁ ନିଯୁକ୍ତି ପତ୍ର ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୪୬ ଜଣ ଯୁବକ ଅଛନ୍ତି ଯେଉଁମାନେ ସରକାରଙ୍କ ବେକାରୀ ଭତ୍ତା ଯୋଜନାରେ ମଧ ହିତାଧିକାରୀ ଥିଲେ, କିନ୍ତୁ ବର୍ତ୍ତମାନ ସେମାନେ ଚାକିରୀ ମଧ ପାଇଛନ୍ତି।

## ଏମ୍‌ଏସ୍‌ଏମ୍‌ଇ ନୀତି ପ୍ରସ୍ତାବକୁ ହେମନ୍ତ ସୋରେନ୍‌ଙ୍କ ମଞ୍ଜୁରି



ରାଞ୍ଚି: ଏମ୍‌ଏସ୍‌ଏମ୍‌ଇ ନୀତି ପ୍ରସ୍ତାବକୁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମଞ୍ଜୁରୀ ଦେଇଛନ୍ତି। ଏବେ ଏହାକୁ ଅର୍ଥ ଓ ବିଧି ବିଭାଗ ନିକଟକୁ ମଞ୍ଜୁରୀ ପାଇଁ ପ୍ରସ୍ତାବ ପଠାଯିବ। ଏହାପରେ କ୍ୟାବିନେଟ୍‌ରେ ପାରିତ ପାଇଁ ଆଗତ ହେବ। ଝାଡ଼ଖଣ୍ଡ ସରକାର ଏମ୍‌ଏସ୍‌ଏମ୍‌ଇ ପାଇଁ କେବଳ ଯେ ନୀତି ପ୍ରସ୍ତୁତ କରିଛନ୍ତି ତା' ନୁହେଁ ବରଂ ଏଥିପାଇଁ ଭିନ୍ନ ନିର୍ଦ୍ଦେଶାଳୟର ବି ଗଠନ କରିବାକୁ ଯାଉଛନ୍ତି। ନିର୍ଦ୍ଦେଶାଳୟ ଗଠନର ପ୍ରସ୍ତାବ ପ୍ରଶାସନିକ ପଦବର୍ଗ ସମିତିର ମଞ୍ଜୁରୀ ପାଇଁ ପଠାଯିବ। ସରକାର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ୧୦ କୋଟି ଟଙ୍କାର ସବ୍‌ସିଡି ଦେବେ। ଝାଡ଼ଖଣ୍ଡ ସରକାର ଏମ୍‌ଏସ୍‌ଏମ୍‌ଇ ନୀତି ପ୍ରସ୍ତାବରେ ଲେଖିଛନ୍ତି କି ଝାଡ଼ଖଣ୍ଡରେ ପୂର୍ବରୁ ୨.୩୩ ଲକ୍ଷ ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟରତ ରହିଛି। ଏମ୍‌ଏସ୍‌ଏମ୍‌ଇ ସେକ୍ଟରରେ ଅଧିକ ରୋଜଗାର ମିଳିଥାଏ ଓ ଏହାକୁ ଧାନରେ ରଖି ଏମ୍‌ଏସ୍‌ଏମ୍‌ଇ ପାଇଁ ଭିନ୍ନ ନୀତି ପ୍ରସ୍ତୁତ କରାଯାଇଛି ଯାହାର ନାମ ଏମ୍‌ଏସ୍‌ଏମ୍‌ଇ ପଲିସି ୨୦୨୩ ରଖାଯାଇଛି। ସରକାର ଏହାର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଛନ୍ତି କି ଏହି ନୀତିର ମୁଖ୍ୟ ଉଦ୍ଦେଶ୍ୟ ଏହା କି ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗକୁ ବିକାଶ କରିବା ଯାହାକି ରୋଜଗାରର ଅପାର ସୁଯୋଗ ମିଳିବ।

## 'ଗୋଟିଏ ପରିବାର ଗୋଟିଏ ପରିଚୟ' ପାଇଁ ନୂତନ ପୋର୍ଟାଲର ଶୁଭାରମ୍ଭ



ଲକ୍ଷ୍ନୌ: ଉତ୍ତର ପ୍ରଦେଶ ସରକାର ଶେଷରେ 'ଗୋଟିଏ ପରିବାର ଗୋଟିଏ ପରିଚୟ' ଯୋଜନା ଅଧୀନରେ ପରିବାର ପରିଚୟ ସୃଷ୍ଟି ପାଇଁ ପୋର୍ଟାଲ୍ (https://familyid.up.gov.in) ଆରମ୍ଭ କରିଛନ୍ତି। ରାଜ୍ୟର ଏକ ପରିବାରରେ ଏକ ଜୀବନ୍ତ ବିସ୍ତୃତ ଡାଟାବେସ୍ ପ୍ରତିଷ୍ଠା କରିବା ଏବଂ ପ୍ରତ୍ୟେକ ପରିବାରର ଅତି କମରେ ଜଣେ ସଦସ୍ୟଙ୍କୁ ରୋଜଗାର ସହିତ ସଂଯୋଗ କରିବା ପାଇଁ ମଙ୍ଗଳବାର ଏକ ସରକାରୀ ବିବୃତ୍ତିରେ କୁହାଯାଇଛି। ଏପରି ସମସ୍ତ ପରିବାର, ଯେଉଁମାନଙ୍କ ପାଖରେ ରେସନ କାର୍ଡ ନାହିଁ ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ନାହିଁ, ସେମାନଙ୍କୁ ଫ୍ୟାମିଲି ଆଇଡି ପାଇଁ ଆବେଦନ କରିବାକୁ ପଡ଼ିବ, ଯେଉଁମାନଙ୍କ ପାଇଁ ରେସନ କାର୍ଡ ଅଛି, ସେମାନଙ୍କ ରେସନ କାର୍ଡଗୁଡିକ ନିଜେ ସେମାନଙ୍କର ଫ୍ୟାମିଲି ଆଇଡି ଭାବେ ଗ୍ରହଣ କରାଯିବ । ସଂଗୃହିତ ଡାଟାବେସ୍ ହିତାଧିକାରୀ ଯୋଜନାଗୁଡିକର ଉତ୍ତମ ପରିଚାଳନା, ସ୍ୱଚ୍ଛ କାର୍ଯ୍ୟ ଏବଂ ଯୋଗ୍ୟ ବ୍ୟକ୍ତିଙ୍କୁ ଏହି ଯୋଜନାର ଶତପ୍ରତିଶତ ସୁବିଧା ଯୋଗାଇବାରେ ସହାୟକ ହେବ। ଏହି ସୁବିଧା ସାଧାରଣ ଲୋକଙ୍କ ପାଇଁ ଅଧିକ ସହଜ ହେବ। ଫ୍ୟାମିଲି ଆଇଡି ମାଧ୍ୟମରେ ପ୍ରାପ୍ତ ଇଣ୍ଟିଗ୍ରେଟେଡ୍ ଡାଟାବେସ୍ ଆଧାରରେ, ଚାକିରୀରୁ ବଞ୍ଚିତ ପରିବାରଗୁଡିକ ଚିହ୍ନଟ କରାଯାଇପାରିବ ଏବଂ ପ୍ରାଥମିକ ନିଯୁକ୍ତି ସୁଯୋଗ ସେମାନଙ୍କ ପାଇଁ ଉପଲବ୍ଧ ହେବ। ବିବୃତ୍ତି ଅନୁଯାୟୀ, ପରିବାର ପରିଚୟ ପ୍ରସଙ୍ଗରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରିବାବେଳେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ପରିବାର ଦ୍ୱାରା ପ୍ରାପ୍ତ ସରକାରୀ ଯୋଜନାର ଲାଭ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଦର୍ଶାଇ ଏକ ପରିବାର ପାସବୁକ୍ ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବାର ସମ୍ବନ୍ଧୀୟ ସମସ୍ତ ସୂଚନା ପାସବୁକ୍ ଏବଂ ଫ୍ୟାମିଲି ଆଇଡି ଦେବା ପୂର୍ବରୁ ଯଥାର୍ଥ ଭାବରେ ପ୍ରାମାଣିକୃତ ହେବ। ବର୍ତ୍ତମାନ ଉତ୍ତରପ୍ରଦେଶରେ ରହୁଥିବା ପ୍ରାୟ ୩.୬୧ କୋଟି ପରିବାରର ୧୫.୦୬ କୋଟି ଲୋକ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ଲାଭ ପାଇଛନ୍ତି। ଫ୍ୟାମିଲି ଆଇଡି ସିଷ୍ଟମ ଅନୁଯାୟୀ, ଏହି ପରିବାରର ରେସନ କାର୍ଡ ନମ୍ବର ସେମାନଙ୍କ ଫ୍ୟାମିଲି ଆଇଡି ଭାବରେ ପରିଗଣିତ ହେବ ।

# ବାଣିଜ୍ୟ



ନୂଆଦିଲ୍ଲୀ: ବିନା ଏଟିଏମ୍ କାର୍ଡରେ ଆପଣ ଏଟିଏମ୍ ମେସିନ୍‌ରୁ ଟଙ୍କା ଉଠାଇ ପାରିବେ। ୟୁନାଇଫାଇଡ୍ ପେମେଣ୍ଟ ଇଣ୍ଟରଫେସ୍ ବା ୟୁପିଆଇ ବ୍ୟବହାର କରି ଏପରି କରି ହେବ। ସୋମବାର ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ଇଣ୍ଟରଅପରେବଲ କାର୍ଡଲେସ୍ କ୍ୟାସ୍ ୱିଡ୍ର((ଓଉଉଡ) ନାଁରେ ଏକ ନୂଆ ସେବା ଆରମ୍ଭ କରିବା ନେଇ ଘୋଷଣା କରିଛି। ଏହାଦ୍ୱାରା ଗ୍ରାହକ ୟୁପିଆଇ ଦ୍ୱାରା ଏଟିଏମ୍ ମେସିନ୍‌ରୁ ଟଙ୍କା ଉଠାଇପାରିବେ। ପ୍ରଥମ ପବ୍ଲିକ ସେକ୍ଟର ବ୍ୟାଙ୍କ ଭାବେ ବ୍ୟାଙ୍କ ଅଫ୍ ବରୋଦା ଏହି ସେବା ଆରମ୍ଭ କରିଛି। ଏହି ସର୍ଭିସ୍ ବ୍ୟବହାର କରି ଗ୍ରାହକ ଦିନକରେ କେବଳ ୨ ହଜାର ଟଙ୍କା ଟ୍ରାନ୍ସଫର କରିପାରିବେ। ମାତ୍ର ଥରେ ଟ୍ରାଞ୍ଜାକ୍ସନ୍‌ର ଲିମିଟ୍ ୫ ହଜାର ଟଙ୍କା ରଖାଯାଇଛି। ଗ୍ରାହକ ଏହି ସେବା ମାଧ୍ୟମରେ ଦୁଇଥର ଟ୍ରାଞ୍ଜାକ୍ସନ କରି ସର୍ବାଧିକ ୧୦ ହଜାର ଟଙ୍କା ଉଠାଇପାରିବେ।

## ବେଦାନ୍ତ ଆଲୁମିନିୟମର ଉତ୍ପାଦକୁ ଆନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ସ୍ୱୀକୃତି




ନୂଆଦିଲ୍ଲୀ : ବିଶ୍ୱ ପରିବେଶ ଦିବସ ଅବସରରେ ବେଦାନ୍ତ ଆଲୁମିନିୟମ ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ଏହାର ଉତ୍ପାଦ ପରିସର ପାଇଁ ପରିବେଶ ଉତ୍ପାଦ ଘୋଷଣାନାମା (ଇପିଡି) ପ୍ରମାଣପତ୍ର ଗ୍ରହଣ କରିଥିବା ଘୋଷଣା କରିଛି। ଏକ କଠୋର ଜୀବନ ଚକ୍ର ଆକଳନ (ଏଲସିଏ) ଅତିକ୍ରମ କରି ବେଦାନ୍ତର ପ୍ରାଥମିକ ଆଲୁମିନିୟମ ଉତ୍ପାଦ ଗୁଡ଼ିକ ଶକ୍ତି ବ୍ୟବହାର, ଗ୍ରୀନ ହାଉସ ଗ୍ୟାସ ନିର୍ଗମନ, ଜଳ ବ୍ୟବହାର ଓ ବର୍ଜ୍ୟ ବସ୍ତୁ ସୃଷ୍ଟି ମାପଦଣ୍ଡରେ ଭଲ ପ୍ରଦର୍ଶନ କରିଛି ଯାହା ଉନ୍ନତ ଉତ୍ପାଦନ ଅଭ୍ୟାସ ଓ ସବୁଜ ଉଦ୍ଭାବନକୁ ସ୍ୱୀକୃତି ପ୍ରଦାନ କରେ। ଏକ ପରିବଶ ଉପଯୋଗୀ ଉତ୍ପାଦ ଘୋଷଣାନାମା (ଇପିଡି) ହେଉଛି ଏକ ମାନକ ଏବଂ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ଡକ୍ୟୁମେଂଟ ଯାହା ଏକ ଉତ୍ପାଦର ପରିବେଶ ଉପଯୋଗିତା ଉପରେ ସୂଚନା ପ୍ରଦାନ କରିଥାଏ। ଏକ ବିସ୍ତୃତ ଜୀବନ ଚକ୍ର ମୂଲ୍ୟାୟନ (ଏଲସିଏ) ଉପରେ ଆଧାରିତ ଓ କଂଚାମାଲ ଉତୋଳନ, ଉତ୍ପାଦନ, ବ୍ୟବହାର ଓ ଶେଷ ନିଷ୍ପାଦନ ସହିତ ଉତ୍ପାଦର ପରିବଶେ ଉପରେ ତଥ୍ୟ ପ୍ରଦାନ କରିଥାଏ। ବେଦାନ୍ତ ଦ୍ୱାରା ଉତ୍ପାଦିତ ସାମଗ୍ରୀ ଓ ଇପିଡି ଦ୍ୱାରା ପ୍ରମାଣିତ ହୋଇଥିବା ପ୍ରାଥମିକ ଆଲୁମିନିୟମ ଉତ୍ପାଦରେ ବିଲେଟ, ପ୍ରାଥମିକ ଫାଉଣ୍ଡ୍ରି ଆଲୋଏ (ପିଏଫଏ), ଓ୍ୟାର ରଡ ଓ ସବୁ ବର୍ଗର ଇନଗଟ ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡ଼ିକରେ ଉଚ୍ଚ ପ୍ରୟୋଗ ହାଇ ଟେକ ଉତ୍ପାଦନ, ଅକ୍ଷୟ ଶକ୍ତି, ବ୍ୟାଟେରି ପ୍ରଯୁକ୍ତି ବିଦ୍ୟା ପ୍ରଭୃତି ସନ ରାଇଜ ଉଦ୍ୟୋଗ ଅନୁଯାୟୀ ଅନ୍ତର୍ଭୁକ୍ତ। କୌତୂହଳର ବିଷୟ ହେଉଛି ଯେ ବିଶ୍ୱ ପରିବେଶ ଦିବସ ପାଇଁ ଏହି ବର୍ଷର ବିଶ୍ୱସ୍ତରୀୟ ଥିମ୍ ହେଉଛି ବିଟ୍ ପ୍ଲାଷ୍ଟିକ୍ ପ୍ରଦୂଷଣ । ଭଲ ଶକ୍ତି, ହାଲୁକା ଓଜନ, କ୍ଷୟ-ପ୍ରତିରୋଧ ଏବଂ ଅସୀମ ପୁନ ବ୍ୟବହାରର ଆଲୁମିନିୟମ୍ ଏହାର ଅ'ର୍ନିହିତ ଗୁଣ ସହିତ ନିଜକୁ ପ୍ଲାଷ୍ଟିକ୍ ପାଇଁ ଏକ ଉପଯୋଗୀ ବିକଳ୍ପ ଭାବରେ ଉପସ୍ଥାପନ କରେ।

## ନିବଭ୍ ଭୁବନେଶ୍ୱରକୁ ଆଣିଲା ବିଳାସପୂର୍ଣ୍ଣ ବାୟୁ ଚାଳିତ ହୋମ୍‌ଲିଫ୍ଟ ବର୍ଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍):ଭାରତର ସର୍ବବୃହତ୍ ହୋମ୍ ଲିଫ୍ଟ ବ୍ରାଣ୍ଡ ନିବଭ୍ ଭୁବନେଶ୍ୱରରେ ଏହାର ପ୍ରଥମ ଫ୍ଲାଗସିପ ଏକ୍ସପେରିଏନ୍ସ ସେଣ୍ଟର ଉଦ୍‌ଘାଟନ ସହିତ ମହାନଗରରେ ତାହାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। ଚନ୍ଦକା ଶିଳ୍ପାଞ୍ଚଳରେ ଅବସ୍ଥିତ ଏହି ବ୍ରାଣ୍ଡ ନୂଆ ଏକ୍ସପେରିଏନ୍ସ ସେଣ୍ଟରକୁ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ପ୍ରିନ୍‌ସିପାଲ ଡ଼.ସଞ୍ଜୟ ସୁଆର କମ୍ପାନୀର ବହୁ ବରିଷ୍ଠ ପ୍ରତିନିଧିଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱରରେ ଉଦ୍‌ଘାଟିତ ଏକ୍ସପେରିଏନ୍ସ ସେଣ୍ଟର ବାସଗୃହ ମାଲିକଙ୍କୁ ନିରାପଦ ଓ ସୁନ୍ଦର ଭାବରେ ଡିଜାଇନ କରାଯାଇଥିବା ନିବଭ୍‌ର ସିରିଜ୍ ୨ ଏସ୍, ସିରିଜ ୩ ଏବଂ ସିରିଜ୍ ୩ ମାକ୍ସ ଭଳି ବାୟୁ ଚାଳିତ ହୋମ୍ ଲିଫ୍ଟ ମଡେଲଗୁଡିକ ଯୋଗାଇଦେବ। ବିଶ୍ୱର ସର୍ବବୃହତ ଦୃଶ୍ୟମାନ କ୍ୟାବିନ ରଖିବାର ଉପାଧି ହାସଲ କରିଥିବା ସିରିଜ୍ ୩ ମାକ୍ସ ନିବଭ୍‌ର ଅନ୍ୟତମ ସର୍ବାଧୁନିକ ମଡେଲ ଯେଉଁଥିରେ ହ୍ୱିଲ୍‌ଚେୟାରରେ ମଧ୍ୟ ଯାଇହେବ ଏବଂ ଏଥିପାଇଁ ଏହା ଏହି ଧରଣର ଅନ୍ୟତମ ସ୍ୱତନ୍ତ୍ର ହୋଇଛି। ଏହି ଲିଫ୍ଟ ପାଇଁ ପିଟ୍ ଅଥବା ମେସିନ୍ ପ୍ରକୋଷ୍ଠ ଆବଶ୍ୟକ ନାହିଁ ଏବଂ ବାସଗୃହର ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟ ସହିତ ଖାପଖୁଆଇବା ପାଇଁ ଏହା ସ୍ୱତନ୍ତ୍ର ଭାବରେ ସଜ୍ଜିତ ହୋଇଛି ଏବଂ ସମ୍ପୂର୍ଣ୍ଣ ଭାବରେ ଆତ୍ମ ସମର୍ଥିତ। ୧୬୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ନୂଆକରି ଆରମ୍ଭ କରାଯାଇଥିବା ଏକ୍ସପେରିଏନ୍ସ ସେଣ୍ଟରରେ ନିବଭ୍ ହୋମ୍ ଲିଫ୍ଟର ସମସ୍ତ କାର୍ଯ୍ୟକ୍ଷମ ମଡେଲଗୁଡିକ ଗ୍ରାହକଙ୍କ ନିମନ୍ତେ ମୂଲ୍ୟାୟନ ଏବଂ ସୁଚିନ୍ତିତ କ୍ରୟ ନିଷ୍ପତ୍ତି ନିମନ୍ତେ ସ୍ଥାନ ପାଇଛି।

## ଆର୍‌ଏସ୍‌ପିର ସର୍ବକାଳୀନ ଶ୍ରେଷ୍ଠ ରେକର୍ଡ
## ଅପ୍ରେଲ-ମଇରେ ଉଲ୍ଲେଖନୀୟ ପ୍ରଦର୍ଶନ

ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି । ଇସ୍ପାତ କାରଖାନା ଅପ୍ରେଲ-ମଇ ମାସରେ ୭୬୭୬୦୫ ଟନ୍ ଉତ୍ତପ୍ତ ଧାତୁ , ୬୯୨୩୩୩ ଟନ୍ ଅଶୋଧିତ ଇସ୍ପାତ ଏବଂ ୬୪୪୬୭୩ ଟନ ବିକ୍ରୀଯୋଗ୍ୟ ଇସ୍ପାତ ଉତ୍ପାଦନ କରି ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ମଇ ପ୍ରଦର୍ଶନ ହାସଲ କରିବା ସହିତ ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ଯଥାକ୍ରମେ ୨.୬%, ୩.୩% ଓ ୭.୬% ଅଭିବୃଦ୍ଧି ହାସଲ କରିଛି। ସିଣ୍ଟର ପ୍ଲାଣ୍ଟଗୁଡିକ ମଧ ସମତାଳରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଅପ୍ରେଲ-ମଇ ମାସରେ ସର୍ବଶ୍ରେଷ୍ଠ ୧୨୧୮୬୧୪ ଟନ୍ ସିଣ୍ଟର ଉତ୍ପାଦନ ହାସଲ କରିଥିଲେ। ସେହିଭଳି କୋକ ଓଭେନ ବ୍ୟାଟେରୀ ୬ ମଧ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ହାରାହାରି ୯୧.୩ ପୁସିଙ୍ଗ ସହିତ ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିଲା ଏବଂ ଏହାର ୨୦୨୨ ବର୍ଷର ଅନୁରୂପ ଅବଧି ପାଇଁ ଏହାର ପୂର୍ବ ରେକର୍ଡ ୯୦.୪ ପୁସିଙ୍ଗରେ ଉନ୍ନତି ଆଣିଥିଲା। ସେହିଭଳି ଚାଲାଣ କ୍ଷେତ୍ରରେ, ଆରଏସପି ଅପ୍ରେଲ-ମଇ ମାସରେ ସର୍ବକାଳୀନ ଶ୍ରେଷ୍ଠ ୬୩୫୫୪୪ ଟନ୍ ବିକ୍ରୟ ଯୋଗ୍ୟ ଇସ୍ପାତ ଚାଲାଣ ହାସଲ କରି ଅନୁରୂପ ପୂର୍ବ ବର୍ଷ ଅବଧି ତୁଳନାରେ ୬.୫% ଅଭିବୃଦ୍ଧି ହାସଲ କରିଛି । ଏଥିସମେତ ଆରଏସପି ଯଥାକ୍ରମେ ୩୯୪୧୨୧ ଟନ୍ ଉତ୍ତପ୍ତ ଧାତୁ, ୩୪୯୯୧୨ ଟନ୍ ଅଶୋଧିତ ଇସ୍ପାତ ଏବଂ ୩୩୩୨୫୭ ଟନ୍ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନ ସହକାରେ ଏହାର ସର୍ବୋତ୍ତମ ମଇ ଉତ୍ପାଦନ ପ୍ରଦର୍ଶନ ପଞ୍ଜୀକୃତ କରିଛି। ଉଲ୍ଲେଖଯୋଗ୍ୟ ଯେ ଆରଏସପି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ



୪.୬ ନିୟୁତ ଟନ ଉତ୍ତପ୍ତ ଧାତୁ, ୪.୩ ନିୟୁତ ଟନ ଅଶୋଧିତ ଇସ୍ପାତ ଏବଂ ୪.୩୨ ନିୟୁତ ଟନ ବିକ୍ରିଯୋଗ୍ୟ ଇସ୍ପାତ ଉତ୍ପାଦନର ଉଚ୍ଚାକାଙ୍କ୍ଷୀ ବାର୍ଷିକ ବ୍ୟବସାୟ ଯୋଜନା ବା ଏବିପି ଲକ୍ଷ୍ୟ ଧାର୍ଯ୍ୟ ରଖିଛି। ଆରଏସପି ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ସାମୂହିକଙ୍କୁ ପ୍ରମୁଖ କ୍ଷେତ୍ରଗୁଡିକରେ ନିରନ୍ତର ଉନ୍ନତି ସାଧନ ପାଇଁ ଅଭିନନ୍ଦନ ଜଣାଇ ସେମାନଙ୍କୁ ଉତ୍ପାଦନର ସମତାଳରେ ସୁରକ୍ଷା, ବ୍ୟୟ ନିପୁଣତା ଏବଂ ବୈଷୟିକ ଅର୍ଥନୈତିକ ପରିମାପକତାଗୁଡ଼ିକୁ ମଧ ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଛନ୍ତି ଯାହା ବଜାର ଜନିତ ଅସ୍ଥିରତାକୁ ପ୍ରତିହତ କରିବାରେ ତଥା ଏକ ପ୍ରତିଯୋଗିତାମୂଳକ ଅନୁକୂଳତା ପ୍ରଦାନରେ ସହାୟକ ହେବ।

## ଆର୍କଟିକ ପରିଷଦ ଅଧକ୍ଷ ଭାବରେ ରୁଷିଆର କାର୍ଯ୍ୟକାଳ ସମାପ୍ତ

ନୂଆଦିଲ୍ଲୀ: ଆର୍କଟିକ ପରିଷଦର ଅଧ୍ୟକ୍ଷ ଭାବରେ ରୁଷିଆର କାର୍ଯ୍ୟକାଳ ସମାପ୍ତ ହୋଇଛି। ଏହା ସାଲେଖାର୍ଦଠାରେ ଗତ ମେ ମାସ ୧୧ ତାରିଖରେ ଆୟୋଜିତ ତ୍ରୟୋଦଶ ଅଧିବେଶନ କାଳରେ ଉକ୍ତ ଦାୟିତ୍ୱ ନରୱେକୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ ଯେ ଆର୍କଟିକ ପରିଷଦର ଅଧ୍ୟକ୍ଷ ଦାୟିତ୍ୱ ରୁଷିଆ ନିକଟକୁ ୨୦୨୧ ମେ ୨୦ ତାରିଖରେ ଆସିଥିଲା। ରେକ୍‌ଜାଭିକଠାରେ ଆୟାଜିତ ଏକ ମନ୍ତ୍ରିସ୍ତରୀୟ



ଅଧିବେଶନରେ ରୁଷିଆ ଏହି ଦାୟିତ୍ୱ ଗ୍ରହଣ କରିଥିଲା। ରୁଷିଆର ଉପ ପ୍ରଧାନମନ୍ତ୍ରୀ ସୁଦୂର ପ୍ରାଚ୍ୟ ସଂଘୀୟ ଜିଲ୍ଲାରେ ଥିବା ରୁଷିଆ ରାଷ୍ଟ୍ରପତିଙ୍କ ପ୍ରତିନିଧି ୟୁରୀ ଟ୍ରୁଟ୍‌ନେଭ କହିଥିଲେ, ଆର୍କଟିକ ଏକ ରଣକୌଶଳାତ୍ମକ ଅଞ୍ଚଳ। ଉକ୍ତ ଅଞ୍ଚଳ ରୁଷିଆ ପାଇଁ ବିଶ୍ୱସ୍ତରୀୟ ଗୁରୁତ୍ୱ ବହନ କରୁଛି ଏବଂ ଆନ୍ତର୍ଜାତିକ ସହଯୋଗକୁ ବ୍ୟାପକ କରିବା ନିମନ୍ତେ ଏହାର ପ୍ରମୁଖ ଭୂମିକା ରହିଛି। ଆର୍କଟିକ ପରିଷଦର ବିଧିବ୍ୟବସ୍ଥା ମଧ୍ୟରେ ରୁଷିଆ ତାହାର ସମସ୍ତ ପ୍ରତିଶ୍ରୁତି ପୂରଣ କରିଛି। ରୁଷିଆର ପ୍ରମୁଖ ଦୃଷ୍ଟି ଚାରିଟି ଅଗ୍ରାଧିକାର ବିଷୟ ଉପରେ କେନ୍ଦ୍ରୀଭୂତ ଥିଲା। ସେଗୁଡିକ ହେଉଛି ଆର୍କଟିକର ମୂଳନିବାସୀଙ୍କ ସମେତ ସମସ୍ତ ଜନସାଧାରଣ, ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗ ସହିତ ପରିବେଶ ସୁରକ୍ଷା, ସାମାଜିକ ଅର୍ଥନୈତିକ ବିକାଶ ଏବଂ ଆର୍କଟିକ ସହଯୋଗ ସୁଦୃଢ଼ୀକରଣ। ଦୁଇବର୍ଷ ଅବଧି ମଧ୍ୟରେ ରୁଷିଆ ପ୍ରାୟ ୯୦ଟି କାର୍ଯ୍ୟକ୍ରମ ଆୟୋଜନ କରିଛି। ସେଥିମଧ୍ୟରେ ଗୋଲଟେବୁଲ ଆଲୋଚନା, ସମ୍ମିଳନୀ, ଫୋରମ୍, ଉତ୍ସବ ଏବଂ କ୍ରୀଡା ପ୍ରତିଯୋଗିତା ଆଦି ଅ'ର୍ଭୁକ୍ତ। ଏହାର ଅଧ୍ୟକ୍ଷତା ସମ୍ପର୍କିତ କାର୍ଯ୍ୟକ୍ରମ ରୁଷ ମହାସଂଘର ସମସ୍ତ ନଅଟି ଅଞ୍ଚଳ ସମେତ ଦେଶର ୨୪ଟି ସହର ଓ ମହାନଗରରେ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମ ରୁଷିଆର ସୁଦୂର ଉତ୍ତରାଞ୍ଚଳରେ ବିକାଶ ପ୍ରକ୍ରିୟା ପାଇଁ ସହାୟକ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଆର୍କଟିକ ପରିଷଦର ଅଧ୍ୟକ୍ଷ ଭାବରେ ରୁଷିଆ ପାଇଁ ସର୍ବାଧିକ ଗୁରୁତ୍ୱ ଥିଲା ଆର୍କଟିକ ଅଞ୍ଚଳର ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ଏକ ଦାୟିତ୍ୱସମ୍ପନ୍ନ ଶାସନ ବ୍ୟବସ୍ଥା ସୁନିଶ୍ଚିତ କରିବା। ଆନ୍ତର୍ଜାତିକ ଆଇନକୁ ସମ୍ମାନ ପ୍ରଦର୍ଶନ କରି ଆର୍କଟିକ ଅଞ୍ଚଳର ବିକାଶ ନିମନ୍ତେ ଏକ ସାମଗ୍ରିକ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ରୁଷିଆ ନିଜର ଅବଦାନ ରଖିଥିଲା, ଯେଉଁଥିରେ ସାମାଜିକ, ଅର୍ଥନୈତିକ ଏବଂ ପରିବେଶଗତ ସନ୍ତୁଳନ ବଜାୟ ରଖିବାକୁ ଗୁରୁତ୍ୱ ଦିଆଯାଇଛି।

## ମାତ୍ର ୪୬ ମାସ ମଧ୍ୟରେ ୫ ଲକ୍ଷ ବିକ୍ରି ସଫଳତା ଅତିକ୍ରମ କରିଛି ସେଲଟସ୍

ନୂଆଦିଲ୍ଲୀ: ଭାରତର ସବୁଠାରୁ ଲୋକପ୍ରିୟ ଏସୟୁଭି ଏବଂ କିଆ ଇଣ୍ଡିଆର ପ୍ରଥମ ବେଷ୍ଟ ସେଲିଂ ପ୍ରିମିୟମ ଏସୟୁଭି ସେଲଟସ୍, ଏହାର ଶୁଭାରମ୍ଭ




ହେବାର ମାତ୍ର ୪୬ ମାସ ମଧ୍ୟରେ ୫ଲକ୍ଷ ବିକ୍ରି ଅତିକ୍ରମ କରିଛି। ୨୦୧୯ ଅଗଷ୍ଟରେ କିଆ ଇଣ୍ଡିଆ ସହିତ ନିଜର ଯାତ୍ରା ଆରମ୍ଭ କରିଥିବା ଏହି ଅତ୍ୟାଧୁନିକ ଗାଡ଼ି ଖୁବ କମ ସମୟ ମଧ୍ୟରେ ଏସୟୁଭି ଭଳି ସେଗମେଂଟରେ ଗ୍ରାହକମାନଙ୍କର ଅତି ପ୍ରିୟ ହୋଇପାରିଛି। ଏହା ଭାରତରେ ଅଟୋମୋଟିଭ ଇଣ୍ଡଷ୍ଟ୍ରିରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଏବଂ ଏଥିରେ ଅନେକ ଗୁଡ଼ିଏ ସେଗମେଂଟ ପ୍ରଥମ ବୈଶିଷ୍ଟ୍ୟ ରହିଛି । ଏହା ସହିତ ଏଥିରେ ରହିଛି ଅତୁଳନୀୟ କାର୍ଯ୍ୟଦକ୍ଷତା, ଶ୍ରେଷ୍ଠ ବର୍ଗର କନେକ୍ଟିଭିଟି ଏବଂ ଭବିଷ୍ୟତମୁଖୀ ଡିଜାଇନ । ସେଲଟସ୍, କିଆ ଇଣ୍ଡିଆର ନେଟ ବିକ୍ରିରେ ୫୫% ଯୋଗଦାନ କରି କମ୍ପାନୀର ସଫଳତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଯେଉଁଥିରେ କମ୍ପାନୀର ରପ୍ତାନୀ ଏବଂ ଘରୋଇ ବିକ୍ରି ଅ'ର୍ଭୁକ୍ତ ରହିଛି । ଘରୋଇ ବଜାରରେ ଟପ ସେଲିଂ ଏସୟୁଭି ହେବା ସହିତ ୧,୩୫,୮୮୫ ୟୁନିଟ ସେଲଟସ୍ କୁ ଭାରତରେ ନିର୍ମାଣ କରାଯାଇଛି ଓ ଏହା ସହିତ ୧୦୦ ବିଦେଶୀ ବଜାରକୁ ରପ୍ତାନୀ କରାଯାଇଛି ।



ଭୁବନେଶ୍ୱର/କଟକ (ଭାସ୍କର ନ୍ୟୁଜ୍) : କଟକର ଜେଏନ୍ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ଯୁବ ଚେସ୍ (୧୩ ବର୍ଷରୁ କମ୍ ଓପନ୍ ଓ ବାଳିକା) ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବାଳକ ବିଭାଗରେ କଟକର ଶ୍ରୀଯାଂଶ ଦେ, ପୁରୀର ଆୟୁଷ୍ମାନ ମହାନ୍ତି ବାଳକ ବର୍ଗରେ ଯଥାକ୍ରମେ ବିଜେତା ଓ ଉପ ବିଜେତା ହୋଇଛନ୍ତି। ବାଳିକାରେ ମଧ୍ୟ କଟକ-ପୁରୀ ଯୋଡ଼ି ପ୍ରତ୍ୟାଶା ଜେନା ଓ ସୃଷ୍ଟି ଶ୍ରେୟସୀ ପ୍ରଥମ ଦୁଇ ସ୍ଥାନ ଦଖଲ କରିଛନ୍ତି। ସଂଯୋଗବଶତଃ ଉଭୟ ବର୍ଗରେ ଶୀର୍ଷ ଦୁଇ ଖେଳାଳି ମଧ୍ୟ ୭.୫ ଓ ୭ ପଏଣ୍ଟ ପାଇ ଏହି ଗୌରବ ଅର୍ଜନ କରିଛନ୍ତି। ବାଳକ ବର୍ଗରେ ଆୟୁଷ ଆର୍ଯ୍ୟନ ମହାପାତ୍ର, ଶ୍ରୀହନ ସାବତ, ପ୍ରତ୍ୟୁଷ ନାୟକ, ଆଦିତ୍ୟ ବିକ୍ରମ ମିଶ୍ର, ତନ୍ମୟ ତଲିନ ବେହେରା, ଜ୍ଞାନଜ୍ୟୋତି ସିଂହ (ସଭିଏଁ ୬.୫ ପଏଣ୍ଟ) ଓ ଜୟଦିତ୍ୟ ପାଢ଼ୀ, ବିଶ୍ୱପ୍ରୀତ୍ ରାୟ (ଉଭୟ ୬ ପଏଣ୍ଟ) ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ବାଳିକାରେ ସଦୀପା ପ୍ରିୟଦର୍ଶିନୀ ସାହୁ (୬.୫ ପଏଣ୍ଟ), ଈଶାନି ଦାସ, ପ୍ରତିଶା ମିତ୍ର, ଶ୍ରଦ୍ଧା ସ୍ବରଣିକା ନନ୍ଦ, ଜ୍ୟୋତିକା ସାହୁ, ମେକ୍ତିକା ନାୟକ, ଆୟୁଷୀ ମହାନ୍ତି (ପ୍ରତ୍ୟେକ ୬ ପଏଣ୍ଟ), ଇ ରାଗିଣୀ (୫.୫ ପଏଣ୍ଟ) ଯଥାକ୍ରମେ ତୃତୀୟରୁ ଦଶମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ପୁରସ୍କାର ପ୍ରଦାନ ଉତ୍ସବରେ ନିଖିଳ ଓଡ଼ିଶା ଚେସ୍ ସଂଘ (ଏଓସିଏ) ସାଧାରଣ ସମ୍ପାଦକ ଦେବବ୍ରତ ଭଞ୍ଜ, ପୂର୍ବତନ ବିଧାୟକ ପ୍ରଭାତ କୁମାର ବିଶ୍ୱାଳ, ଏସ୍ଆର୍ ଚେସ୍ ସଂଘ ନିର୍ଦ୍ଦେଶକ ସତ୍ୟରଂଜନ ପଟ୍ଟନାୟକ, ବିଶିଷ୍ଟ ପ୍ରଶିକ୍ଷକ ବିଶ୍ୱଜିତ ରାୟ ଏବଂ ଆୟୋଜକ ଟ୍ରିପଲ୍ 'ସି' କ୍ଲବ୍ ଯୁଗ୍ମ ସମ୍ପାଦକ ଅର୍ଘ୍ୟ ଅର୍ପଣ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ଶିପ୍ ଫାଇନାଲ ଜିତିବା ବଡ ଅହ୍ୱାନ

# ଗତ ୧୦ ବର୍ଷ ଧରି ଭାରତ ଜିତି ପାରିନି ଆଇସିସି ଟାଇଟଲ

ନୂଆଦିଲ୍ଲୀ: ପୂର୍ବତନ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ନେତୃତ୍ୱରେ ଭାରତ ୨୦୧୩ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିଥିଲା। ଭାରତ ଆୟୋଜନ କରିଥିବା ୨୦୧୧ ଦିନିକିଆ ବିଶ୍ୱ କପରେ ମଧ୍ୟ ଧୋନିଙ୍କ ଅଧିନାୟକତ୍ୱରେ ଭାରତ ଟାଇଟଲ ହାସଲ କରିଥିଲା। ତେଣୁ ୨୦୧୩ ଚାମ୍ପିଅନ୍ସ ଟ୍ରଫି ବିଜୟ ପରଠାରୁ ଭାରତ ଗତ ୧୦ ବର୍ଷ ମଧ୍ୟରେ ଆଉ କୌଣସି ଆଇସିସି ଟାଇଟଲ ଜିତିବା ସମ୍ଭବ ହୋଇ ପାରିନାହିଁ। ଧୋନିଙ୍କ ପରେ ବିରାଟ କୋହଲି ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ମାତ୍ର କୌଣସି ଫର୍ମାଟରେ ଭାରତକୁ କେବେ ଆଇସିସି ଟ୍ରଫି ଜିତାଇ ପାରିଲେ ନାହିଁ। ବର୍ତ୍ତମାନ ରୋହିତ ଶର୍ମା ଭାରତୀୟ ଦଳର ଅଧିନାୟକ ଅଛନ୍ତି। ତେବେ ୩୫ ବର୍ଷ ବୟସରେ ପଦାର୍ପଣ କରିଥିବା ରୋହିତ ଗତ କେତେ ଦିନ ଧରି ଭଲ ଫର୍ମରେ ନାହାନ୍ତି। ତେଣୁ ସେ ଆଉ ଅଧିକ ଦିନ ଭାରତୀୟ ଦଳର ନେତୃତ୍ୱ ନେବା ସମ୍ଭାବନା ନାହିଁ। । କାରଣ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିସିସିଆଇ ତିନି ଫର୍ମାଟ ପାଇଁ ଯୁବ ଖେଳାଳିଙ୍କୁ ନେତୃତ୍ୱଭାର ଦେବା ଲକ୍ଷ୍ୟରେ ରହିଛି। ତେଣୁ ରୋହିତ ଶର୍ମା ଭାରତକୁ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଟାଇଟଲ ବିଜୟୀ କରାଇ ପାରିଲେ ବଡ ସଫଳତା ବିବେଚନା କରା ଯାଇ ପାରିବ। ମାତ୍ର ଅଷ୍ଟ୍ରେଲିଆ ପରି ଲଢୁଆ ତଥା ଶକ୍ତିଶାଳୀ ଦଳକୁ ହରାଇବା ରୋହିତଙ୍କ ପାଇଁ ବଡ ଚାଲେଞ୍ଜ। ଏହି ଆହ୍ୱାନକୁ ରୋହିତଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ




କେତେଦୂର ମୁକାବିଲା କରି ପାରିବେ, ତାହା ଅପେକ୍ଷାର ବିଷୟ। ସେହିପରି ଗତ ୧୦ ବର୍ଷ ଧରି ଭାରତର ଆଇସିସି ଟ୍ରଫି ଟାଇଟଲ ଜିତିବା ମରୁଡି ପରିସ୍ଥିତିରେ ସୁଧାର ଆଣିବା ପାଇଁ ଟିମ ଇଣ୍ଡିଆର ପ୍ରୟାସ ସଫଳ ହେଉଛି କି ନାହିଁ, ତାହା ମଧ୍ୟ ଆଉଏକ ବଡ ପ୍ରଶ୍ନ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ପୂର୍ବତନ ଅଧିନାୟକ କପିଳ ଦେବଙ୍କ ନେତୃତ୍ୱରେ ଭାରତ ୧୯୮୩ରେ ପ୍ରଥମ ଥର ପାଇଁ ଜିତି ଥିଲା ଦିନିକିଆ ବିଶ୍ୱକପ। ଏହା ପରେ ୨୦୧୧ରେ ପୁଣି ଜିତିଲା ଦିନିକିଆ ବିଶ୍ୱକପ। ସେହିପରି ୨୦୦୭ରେ ଅନୁଷ୍ଠିତ ପ୍ରଥମ ଟି-୨୦ ବିଶ୍ୱକପରେ ମଧ୍ୟ ଭାରତ ଟାଇଟଲ ହାସଲ କରିଥିଲା। ମହେନ୍ଦ୍ର ସିଂ ଧୋନି ଭାରତର ଏକମାତ୍ର ସଫଳ ଅଧିନାୟକ ଭାବେ ଭାରତକୁ ଟି-୨୦ ବିଶ୍ୱକପ, ୨୦୧୧ ଦିନିକିଆ ବିଶ୍ୱକପ ଓ ୨୦୧୩ରେ ଇଂଲଣ୍ଡରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଭାରତକୁ ବିଜୟ ଉପହାର ଦେଇଥିଲେ। ତେବେ ଗତ ୧୦ ବର୍ଷ ମଧ୍ୟରେ ଭାରତ ଏକାଧିକ ବିଶ୍ୱକପରେ ଭଲ ପ୍ରଦର୍ଶନ କରି ଶେଷ ପର୍ଯ୍ୟାୟରେ ପ୍ରବେଶ କରିଥିଲେ ହେଁ ଟାଇଟଲ ହାସଲ କରିବା ସମ୍ଭବ ହୋଇ ପାରିନି। ସେହିପରି ନିଜ ଦେଶରେ ଏକାଧିକ ଆଇସିସି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇ ଥିଲେ ହେଁ ଭାରତ ଏହାର କୌଣସି ଫାଇଦା ଉଠାଇ ପାରିନି। ତିନିଥର ପୃଥକ ଟୁର୍ଣ୍ଣାମେଣ୍ଟର ଫାଇନାଲ ହାରି ଥିବା ବେଳେ ଚାରିଥର ସେମିଫାଇନାଲରୁ ବିଦା ହୋଇଛି। ଗତ ୨୦୧୯ ଦିନିକିଆ ବିଶ୍ୱକପ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଠାରୁ ପରାସ୍ତ ହୋଇ ଥିବା ବେଳେ ୨୦୨୧ ଓ ୨୦୨୨ ଟି-୨୦ ବିଶ୍ୱକପର ନକ୍ ଆଉଟ ପର୍ଯ୍ୟାୟ ପୂର୍ବରୁ ବିଦାୟ ନେଇ ଥିଲା। ତେବେ ଆଇସିସି ପକ୍ଷରୁ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଆରମ୍ଭ ହେବା ପରେ ଭାରତ ଲଗାତର ଦୁଇଥର ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି। ଦୁଇ ବର୍ଷ ତଳେ ଅନୁଷ୍ଠିତ ହୋଇଥିବା ପ୍ରଥମ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚରେ ନ୍ୟୁଜିଲାଣ୍ଡ ଠାରୁ ଭାରତ ହାରି ଥିଲା। ୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚରେ ବିରାଟ କୋହଲି ଭାରତୀୟ ଦଳର ଅଧିନାୟକ ଥିଲେ ହେଁ ନ୍ୟୁଜିଲାଣ୍ଡକୁ ହରାଇବା ସମ୍ଭବ ହୋଇ ନ ଥିଲା। ଚଳିତ ବର୍ଷର ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚ ବୁଧବାର ଠାରୁ ସ୍ଥାନୀୟ ଲଣ୍ଡନର ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଅଷ୍ଟ୍ରେଲିଆ ପ୍ରଥମ ଥର ପାଇଁ ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ବିଜୟୀ ହେବା ଲକ୍ଷ୍ୟ ରଖିଛି। କାରଣ ଭାରତ ଗତ ଏକ ଦଶନ୍ଧି ଧରି କୌଣସି ଆଇସିସି ଟାଇଟଲ ଜିତିବା କଷ୍ଟକର ହେଉଥିବା ଦୃଷ୍ଟିରୁ ଅଷ୍ଟ୍ରେଲିଆ ଏହାର ଫାଇଦା ଉଠାଇବା ଲକ୍ଷ୍ୟ ରଖିଛି। ଘରୋଇ ପରିବେଶରେ ଭାରତ ୬ ଟେଷ୍ଟ ସିରିଜ ଖେଳି କେବଳ ଦକ୍ଷିଣ ଆଫ୍ରିକା ଠାରୁ ହାରି ଥିବା ବେଳେ ଅନ୍ୟ ସମସ୍ତ ସିରିଜରେ ସଫଳ ହୋଇ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ଖେଳିବା ସୁଯୋଗ ସୃଷ୍ଟି କରିଛି। ତେବେ ଇଂଲଣ୍ଡ ପରିବେଶରେ ଭାରତ କିପରି ଏହି ଚାଲେଞ୍ଜକୁ ମୁକାବିଲା କରିବ ,ତାହା ଅପେକ୍ଷାର ବିଷୟ। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଯେ ୧୪୩ ବର୍ଷର ଟେଷ୍ଟ କ୍ରିକେଟ ଇତିହାସରେ ଲଣ୍ଡନର ଓଭାଲ ଗ୍ରାଉଣ୍ଡ ପ୍ରଥମ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚ ଆୟୋଜନ କରୁଛି। ତେବେ ଏହି ଗ୍ରାଉଣ୍ଡରେ ଉଭୟ ଭାରତ ଓ ଅଷ୍ଟ୍ରେଲିଆର ଟେଷ୍ଟ ରେକର୍ଡ ଭଲ ନାହିଁ। କାରଣ ଅଷ୍ଟ୍ରେଲିଆ ଏହି ଗ୍ରାଉଣ୍ଡରେ ୩୪ ଟେଷ୍ଟ ଖେଳି ୭ ବିଜୟ ହାସଲ କରିଥିବା ବେଳେ ଭାରତ ଏଠାରେ ୧୪ ମ୍ୟାଚ ଖେଳି କେବଳ ୨ ବିଜୟ ସ୍ୱାଦ ଚାଖିଛି। ତେଣୁ ଏହି ଗ୍ରାଉଣ୍ଡରେ ଉଭୟ ଦଳର ଭାଗ୍ୟ ପରୀକ୍ଷା ସହ କଡା ସଂଘର୍ଷ କରିବାକୁ ହେବ। କାରଣ ମ୍ୟାଚର ପ୍ରଥମ ଭାଗରେ ପେସ୍ ବୋଲରଙ୍କୁ ଓଭାଲ ପିଚ ସୁହାଇବ। ପରବର୍ତ୍ତୀ ସମୟରେ ସ୍ପିନର ସଫଳ ହେବେ ବୋଲି ଅନୁମାନ କରା ଯାଉଛି। ସେହି ଦୃଷ୍ଟିରୁ ଏଥିରେ କିଏ ଜିତାପଟ ମାରିବ, ତାହା ଅପେକ୍ଷାର ବିଷୟ।

## ରୋହିତ ଶର୍ମାଙ୍କ ବୁଢ଼ା ଅଙ୍ଗୁଳିରେ ଆଘାତ

ଲଣ୍ଡନ: ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଅଭ୍ୟାସ କରୁଥିବା ବେଳେ ବଲ ଆଘାତରେ ତାଙ୍କର ବାମହାତ ବୁଢ଼ା ଅଙ୍ଗୁଳିରେ ଆଘାତ ଲାଗିଥିବା ସୂଚନା ମିଳିଛି। ଦଳର ସମସ୍ତ ପ୍ରମୁଖ ଖେଳାଳି ବିରାଟ କୋହଲି, ରବିନ୍ଦ୍ର ଜାଡେଜା, ଶୁବମନ ଗିଲ୍, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାଣେ,ମହମ୍ମଦ ସାମି, ମହମ୍ମଦ ସିରାଜ ଓ ଶାର୍ଦ୍ଦୁଳ ଠାକୁର ପ୍ରମୁଖ ନେଟ ସେସନକୁ ଯାଇ ନ ଥିବା ବେଳେ ରୋହିତ ଶର୍ମା,କେଏସ ଭରତ ,ରବିଚନ୍ଦ୍ରନ ଅଶ୍ୱିନ ଓ ଉମେଶ ଯାଦବ ଅତିରିକ୍ତ ନେଟ ସେସନରେ ଉପସ୍ଥିତି ଥିଲେ। ତେଣୁ ବ୍ୟାଟିଂ କରିବା ବେଳେ ରୋହିତଙ୍କ ବୃଦ୍ଧ ଅଙ୍ଗୁଳିରେ ଆଘାତ ଲାଗିଥିଲା।


एनएचपीसी NHPC
NHPC Limited
(A Government of India Enterprise)
ପଞ୍ଜିକୃତ କାର୍ଯ୍ୟାଳୟ : ଏନ୍‌ଏଚ୍‌ପିସି କାର୍ଯ୍ୟାଳୟ ପରିସର ସେକ୍ଟର-୩୩, ଫରୀଦାବାଦ-୧୨୧୦୦୩ (ହରିୟାଣା)
ସିଆଇଏନ୍ ନଂ-ଏଲ୍‌୪୦୧୦୧ଏଚ୍‌ଆର୍‌୧୯୭୫ଜିଓଆଇ୦୩୨୫୬୪
G20
ବସୁଧୈବ କୁଟୁମ୍ବକମ୍
ଏକ ପୃଥିବୀ-ଏକ ପରିବାର-ଏକ ଭବିଷ୍ୟତ

ଏନ୍‌ଏଚ୍‌ପିସି ସହିତ ରୋମାଞ୍ଚକ ଚାଲେଞ୍ଜର ସାମ୍ନା କରିବା ପାଇଁ ଅଗ୍ରସର



ଏନ୍‌ଏଚ୍‌ପିସି ଲିମିଟେଡ, ଭାରତ ସରକାରଙ୍କ ଏକ ପ୍ରମୁଖ ଅନୁସୂଚୀ- 'କ' ମିନି ରତ୍ନ କମ୍ପାନି ଅଟେ। ମୋଟ ୭୦୯୭.୨୦ ମେଗାୱାଟର ସଂସ୍ଥାପିତ କ୍ଷମତା ସହିତ କମ୍ପାନି ସମଗ୍ର ଦେଶରେ ବିଶେଷ ଭାବେ ହିମାଳୟ କ୍ଷେତ୍ରର ସୁରମ୍ୟ ବାତାବରଣ ଓ ମନୋମୁଗ୍ଧକର ଦୃଶ୍ୟରେ ଆଚ୍ଛାଦିତ ସ୍ଥଳ ଉପରେ ଜଳ ବିଦ୍ୟୁତ, ସୌର ଏବଂ ପବନ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ ପ୍ଲାଣ୍ଟ ନିର୍ମାଣ ଏବଂ ସଂଚାଳନର କାର୍ଯ୍ୟ କରୁଅଛି।
ଏନ୍‌ଏଚ୍‌ପିସି ଲିମିଟେଡ ଜଳ ବିଦ୍ୟୁତ୍ ପ୍ଲାଣ୍ଟର ଅପରେସନ ଏବଂ ଡିଜାଇନ୍, ନିର୍ମାଣ ଏବଂ ସଞ୍ଚାଳନ କ୍ଷେତ୍ରରେ ଭାରତର ସବୁଠାରୁ ବଡ ଜଳବିଦ୍ୟୁତ୍ କମ୍ପାନି। ଏନ୍‌ଏଚ୍‌ପିସି ଲିମିଟେଡ ଆହୁରି ଆଗକୁ ବଢ଼ିବା ପାଇଁ ରୋମାଞ୍ଚକ ଅବସର ଏବଂ ଚାଲେଞ୍ଜ ପ୍ରଦାନ କରୁଛି। ନିମ୍ନରେ ଖାଲି ପଦବୀର ବିବରଣୀ:

| କ୍ର. ନଂ. | ପଦବୀ | ପଦବୀ ସଂଖ୍ୟା |
|---|---|---|
| ୧. | ଜୁନିୟର ଇଞ୍ଜିନିୟର (ସିଭିଲ) / ଏସ୍୧/ ଟ. ୨୯,୬୦୦-୧, ୧୯,୫୦୦ (ଆଇଡିଏ) | ୧୪୯ |
| ୨. | ଜୁନିୟର ଇଞ୍ଜିନିୟର (ଇଲେକ୍ଟ୍ରିକାଲ) / ଏସ୍୧/ ଟ. ୨୯,୬୦୦-୧, ୧୯,୫୦୦ (ଆଇଡିଏ) | ୭୪ |
| ୩. | ଜୁନିୟର ଇଞ୍ଜିନିୟର (ମେକାନିକାଲ) / ଏସ୍୧/ ଟ. ୨୯,୬୦୦-୧, ୧୯,୫୦୦ (ଆଇଡିଏ) | ୬୩ |
| ୪. | ଜୁନିୟର ଇଞ୍ଜିନିୟର (ଇଏଣ୍ଡସି) / ଏସ୍୧/ ଟ. ୨୯,୬୦୦-୧, ୧୯,୫୦୦ (ଆଇଡିଏ) | ୧୦ |
| ୫. | ସୁପର ଭାଇଜର (ଆଇଟି) / ଏସ୍୧/ ଟ. ୨୯,୬୦୦-୧, ୧୯,୫୦୦ (ଆଇଡିଏ) | ୯ |
| ୬. | ସୁପର ଭାଇଜର (ସର୍ଭେ) / ଏସ୍୧/ ଟ. ୨୯,୬୦୦-୧, ୧୯,୫୦୦ (ଆଇଡିଏ) | ୧୯ |
| ୭. | ସିନିୟର ଆକାଉଣ୍ଟାଣ୍ଟ / ଏସ୍୧/ ଟ. ୨୯,୬୦୦-୧, ୧୯,୫୦୦ (ଆଇଡିଏ) | ୨୮ |
| ୮. | ହିନ୍ଦି ଟ୍ରାନ୍ସଲେଟର / ଡବ୍ଲ୍ୟୁ୦୬ / ଟ. ୨୭,୦୦୦-୧, ୦୫,୦୦୦ (ଆଇଡିଏ) | ୧୪ |
| ୯. | ଡ୍ରାଫ୍ଟସମ୍ୟାନ୍ (ସିଭିଲି) / ଡବ୍ଲ୍ୟୁ ୦୪/ ଟ. ୨୫,୦୦୦-୮୫,୦୦୦ (ଆଇଡିଏ) | ୧୪ |
| ୧୦. | ଡ୍ରାଫ୍ଟସମ୍ୟାନ୍ (ଇଲେକ୍ଟ୍ରିକାଲ/ମେକାନିକାଲ)/ଡବ୍ଲ୍ୟୁ୦୪/ ଟ. ୨୫,୦୦୦-୮୫,୦୦୦ (ଆଇଡିଏ) | ୮ |
| | ମୋଟ | ୩୮୮ |

ପ୍ରାର୍ଥୀମାନେ ବିଜ୍ଞାପନର ସର୍ବିଶେଷ ବିବରଣୀ ସହିତ ପଦବୀ ଓ କାଟେଗୋରୀ ଅନୁଯାୟୀ ଖାଲି ଥିବା ପଦବୀ, ଯୋଗ୍ୟତା ମାନଦଣ୍ଡ ଓ ଅନ୍‌ଲାଇନ୍‌ରେ ଦରଖାସ୍ତ ପୂରଣ ପାଇଁ ନିର୍ଦ୍ଦେଶ ଏନ୍‌ଏଚ୍‌ପିସି ଭିଜିଟିଂ କ୍ୟାରିୟର ସେକ୍ସସନ ୱେବ୍‌ସାଇଟ୍ : https://www.nhpcindia.com/career.htim. ଦେଖିପାରିବେ। କେବଳ ଅନ୍‌ଲାଇନ୍ ମୋଡରେ ଦରଖାସ୍ତ ଗ୍ରହଣ କରାଯିବ।

ଅନ୍‌ଲାଇନ୍ ପୋର୍ଟାଲର ଓପନିଂ ତାରିଖ : ୦୯.୦୬.୨୦୨୩ (୧୦:୦୦ ପୂର୍ବାହ୍ନ)
ଅନ୍‌ଲାଇନ୍ ପୋର୍ଟାଲର କ୍ଲୋଜିଂର ଶେଷ ତାରିଖ : ୩୦.୦୬.୨୦୨୩ (ରାତି ୧୧:୫୫)

ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମର ୱେବ୍‌ସାଇଟ https://www.nhpcindia.com/career.htim. ଦେଖନ୍ତୁ। କେବଳ ଅନ୍‌ଲାଇନ୍ ମୋଡରେ ଦରଖାସ୍ତ ଗ୍ରହଣ କରାଯିବ।
https://www.nhpcindia.com
CBC34128/12/0002/2324


### ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ପୂର୍ବରୁ ଭାରତର ପ୍ରଦର୍ଶନ

| ବିପକ୍ଷ ଦଳ | ମ୍ୟାଚ | ବିଜୟ | ପରାଜୟ | ଡ୍ର |
|---|---|---|---|---|
| ଇଂଲଣ୍ଡ | ୫ | ୨ | ୨ | ୧ |
| ଅଷ୍ଟ୍ରେଲିଆ | ୪ | ୨ | ୧ | ୧ |
| ଦକ୍ଷିଣ ଆଫ୍ରିକା | ୩ | ୧ | ୨ | ୦ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ |
| ଶ୍ରୀଲଙ୍କା | ୨ | ୨ | ୦ | ୦ |
| ବାଂଲାଦେଶ | ୨ | ୨ | ୦ | ୦ |
| **ମୋଟ** | **୧୮** | **୧୦** | **୫** | **୩** |

### ଭାରତୀୟ ଦଳର ଅଗ୍ରଣୀ ରନ ସଂଗ୍ରହକାରୀ

| ବ୍ୟାଟର | ଇନିଂସ | ରନ | ସର୍ବାଧିକ | ଶତକ | ଅର୍ଦ୍ଧଶତକ |
|---|---|---|---|---|---|
| ଚେତେଶ୍ୱର ପୂଜାରା | ୩୦ | ୮୮୭ | ୧୦୨ | ୧ | ୬ |
| ରୋହିତ ଶର୍ମା | ୧୭ | ୭୦୦ | ୧୨୭ | ୨ | ୨ |
| ରବିନ୍ଦ୍ର ଜାଡେଜା | ୧୯ | ୬୭୩ | ୧୭୫ | ୨ | ୩ |
| ଶୁବମନ ଗିଲ | ୧୩ | ୪୭୬ | ୧୨୮ | ୨ | ୧ |
| ଅକ୍ଷର ପଟେଲ | ୧୪ | ୪୫୮ | ୮୪ | ୦ | ୪ |

ଭାରତୀୟ ଦଳ- ରୋହିତ ଶର୍ମା(ଅଧିନାୟକ) ରବିନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ,କେଏସ ଭରତ(ୱିକେଟ କିପର) ଶୁବମନ ଗିଲ, ବିରାଟ କୋହଲି, ଇଶାନ କିଶାନ,ଚେତେଶ୍ୱର ପୂଜାରା, ଅକ୍ଷର ପଟେଲ, ଅଜିଙ୍କ୍ୟ ରାହାଣେ, ମହମ୍ମଦ ସାମି, ମହମ୍ମଦ ସିରାଜ, ଶାର୍ଦ୍ଦୁଳ ଠାକୁର, ଜୟଦେବ ଉନାଦକତ, ଉମେଶ ଯାଦବ। (ରିଜର୍ଭ ଖେଳାଳି- ଯଶସ୍ୱି ଜୟସ୍ୱାଲ, ମୁକେଶ କୁମାର, ସୂର୍ଯ୍ୟକୁମାର ଯାଦବ)। ଅଷ୍ଟ୍ରେଲିଆ ଦଳ- ପ୍ୟାଟ କ୍ୟୁମିନ୍ସ(ଅଧିନାୟକ)ମାର୍କସ ହ୍ୟାରିସ, ଟ୍ରେଭିସ ହେଡ, ଉସମାନ ଖାୱଜା, ଷ୍ଟିଭ୍ ସ୍ମିଥ୍, ଡେଭିଡ ୱାର୍ଣ୍ଣର, ମାର୍ନସ ଲାବୁସେନେ, କାମେରୁନ ଗ୍ରିନ, ଆଲେକ୍ସ କେରେ, ଜୋଶ ଇଙ୍ଗଲିଶ,ସ୍କଟ ବୋଲାଣ୍ଡ, ନାଥନ ଲିୟୋନ, ଟୋଡ ମର୍ଫି, ମିଚେଲ ଷ୍ଟାର୍କ, ମିଚେଲ ନେଶେର।

# ଅଷ୍ଟ୍ରେଲିଆକୁ ଆମର ଭୟ ନାହିଁ:କୋହଲି





ଲଣ୍ଡନ: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ରନ ମେସିନ ଭାବେ ପରିଚିତ ବିରାଟ କୋହଲି କହିଛନ୍ତି ଯେ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲରେ ଅଷ୍ଟ୍ରେଲିଆକୁ ମୁକାବିଲା କରିବା ପାଇଁ ଆମର ଭୟ ନାହିଁ। ଅବଶ୍ୟ ଅଷ୍ଟ୍ରେଲିଆ ଏକ ଶକ୍ତିଶାଳୀ ତଥା ଲଢୁଆ ଦଳ। ତେଣୁ ଏହି ଦଳ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି। ଅବଶ୍ୟ ନିରପେକ୍ଷ ଗ୍ରାଉଣ୍ଡରେ ଏହି ମ୍ୟାଚ ଅନୁଷ୍ଠିତ ହେବା ପାଇଁ ଯାଉଥିବା ବେଳେ ଉଭୟ ଦଳ ବିଜୟୀ ହେବା ପାଇଁ ନିଶ୍ଚିତ ସଂଘର୍ଷ କରିବେ। ମାତ୍ର ଅଷ୍ଟ୍ରେଲିଆକୁ ଆମେ ଭୟ କରିବାର କୌଣସି କାରଣ ନାହିଁ। କାରଣ ନିକଟ ଅତୀତରେ ଏହି ଦଳକୁ ଆମେ ତିନି ଥର ପରାସ୍ତ କରି ସିରିଜ ଜିତିଛୁ। ଏଠାରେ ପୁଣି ସ୍ମରଣ କରାଇ ଦିଆ ଯାଇ ପାରେ ଯେ ୨୦୧୮-୧୯ ଓ ୨୦୨୦-୨୧ ବର୍ଡର-ଗାଭାସ୍କର ଟ୍ରଫିର ଦୁଇ ସଂସ୍କରଣରେ ଅଷ୍ଟ୍ରେଲିଆକୁ ସେମାନଙ୍କ ମାଟିରେ ଭାରତ ପରାସ୍ତ କରି ଐତିହାସିକ ଟେଷ୍ଟ ସିରିଜ ବିଜୟ ହାସଲ କରିଥିଲା। ସେହିପରି ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ୪ ମ୍ୟାଚ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜରେ ମଧ୍ୟ ଭାରତ ୨-୧ରେ ହରାଇ ଥିବା ନଜିର ରହିଛି। ତେଣୁ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚରେ ଅଷ୍ଟ୍ରେଲିଆ ଯଦି ଭାରତକୁ ହେୟ ଜ୍ଞାନ ମନେ କରିବ ,ତେବେ ଶେଷରେ ବହୁ ମୂଲ୍ୟ ଦେବାକୁ ପଡିପାରେ। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚକୁ ଆମେ ସବୁବେଳେ ସମ୍ମାନ ଦେଇ ଖେଳିଥାଉ। ତେଣୁ ଏହି ମ୍ୟାଚରେ ନିଶ୍ଚିତ କଡା ସଂଘର୍ଷ କରିବା ପାଇଁ ପଛଘୁଞ୍ଚା ଦେବୁ ନାହିଁ ବୋଲି କୋହଲି କହିଛନ୍ତି। ସିମିଂ କଣ୍ଡିସନରେ ନିୟନ୍ତ୍ରଣ ରକ୍ଷା କରି ବ୍ୟାଟିଂ କରିବାକୁ ପଡିବ। ତେଣୁ ଅଷ୍ଟ୍ରେଲିଆ ପେସ୍ ବୋଲରଙ୍କୁ ମୁକାବିଲା କରିବା ପାଇଁ ସ୍ୱତନ୍ତ୍ର ରଣନୀତି ନେଇ ଆମେ ମଇଦାନକୁ ଓହ୍ଲାଇବୁ। ସୂଚନା ଯୋଗ୍ୟ ଯେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚରେ ସବୁବେଳେ ନିଆରା ମନୋଭାବ ନେଇ କୋହଲି ଲଢ଼େଇ କରିଥାନ୍ତି। ତେଣୁ ଏହି ମ୍ୟାଚରେ ମଧ୍ୟ ଅନୁରୂପ ଚିନ୍ତାଧାରା ବିନିଯୋଗ କରି ଖେଳିବା ଲକ୍ଷ୍ୟ ରଖିଛନ୍ତି କୋହଲି। ଭାରତର ଅଭିଜ୍ଞ ଖେଳାଳି ସଚିନ ତେନ୍ଦୁଲକର କହିଛନ୍ତି ଯେ, ଓଭାଲ ପିଚ୍ ବ୍ୟାଟିଂ ପାଇଁ ସୁଯୋଗ ସୃଷ୍ଟି କରିବ। ତେବେ ସ୍ପିନରମାନେ ପ୍ରଭାବ ବିସ୍ତାର କରିବା ପୂର୍ଣ୍ଣ ସମ୍ଭାବନା ରହିଛି। ତେଣୁ ଭାରତର ଦୁଇ ଅଭିଜ୍ଞ ସ୍ପିନର ନିଶ୍ଚିତ ସଫଳ ହେବେ। ସୂଚନାଯୋଗ୍ୟ ଯେ, କୋହଲି ଭଲ ପ୍ରଦର୍ଶନ କଲେ ସଚିନଙ୍କ ରେକର୍ଡ ଅତିକ୍ରମ କରିବାରେ ସଫଳ ହେବେ।


कार्यपालक अभियंता का कार्यालय लघु सिंचाई प्रमण्डल,जामताड़ा
पुनः ई– निविदा आमंत्रण सूचना

Re e-Tender Refrence No. : WRD/MID/Jamtara/F2-05/2023-24
विभाग का नाम :– जल संसाधन (लघु सिंचाई विभाग) झारखण्ड ।
विज्ञापन दाता का नाम :– कार्यपालक अभियंता, लघु सिंचाई प्रमण्डल, जामताड़ा । Date:– 03-06-2023

| क0 सं0 | योजना का नाम | प्राक्कलित राशि (लाख में) | अग्रधन की राशि (रू0में) | परिमाण विपत्र का मूल्य (रू0में) | वेवसाइट पर ई–निविदा प्रकाशन की तिथि | ई–निविदा प्राप्ति की अंतिम तिथि | ई–निविदा खोलने की तिथि | निविदा आमंत्रित करने वाले पदाधिकारी के कार्यालय का नाम एवं पता | कार्य पूर्ण करने की अवधि | ई– निविदा आमंत्रित करने वाले पदाधिकारी का संपर्क नम्बर |
|---|---|---|---|---|---|---|---|---|---|---|
| 1 | जामताड़ा प्रखण्ड अन्तर्गत धोबना जोरिया पर एकल चेकडैम निर्माण | 66.033 | 133000.00 | 10000.00 | 12.06.2023 | 27.06.2023 | 01.07.2023 | कार्यपालक अभियंता का कार्यालय लघु सिंचाई प्रमण्डल जामताड़ा | 11 माह | 9304384785 सम्पर्क समय : 10.00 AM to 5.00 PM (कार्यालय अवधि) |
| 2 | कुण्डहित प्रखण्ड अन्तर्गत गायपाथर जोरिया पर एकल चेकडैम निर्माण | 61.365 | 123000.00 | 10000.00 | 12.06.2023 | 27.06.2023 | 01.07.2023 | | 11 माह | |
| 3 | नाला प्रखण्ड अन्तर्गत कुसुमदाहा जोरिया पर श्रृंखलाबद्ध चेकडैम | 233.34 | 467000.00 | 10000.00 | 12.06.2023 | 27.06.2023 | 01.07.2023 | | 11 माह | |
| 4 | नारायणपुर प्रखण्ड अन्तर्गत चन्दाडीह लखनपुर जोरिया पर श्रृंखलाबद्ध चेकडैम निर्माण | 122.268 | 245000.00 | 10000.00 | 12.06.2023 | 27.06.2023 | 01.07.2023 | | 11 माह | |

नोट :– 1. केवल ई– निविदा ही स्वीकार किया जायेगा । 2. प्राक्कलित राशि घट–बढ़ सकती है। 3. परिमाण विपत्र एवं अग्रधन की राशि दिनांक–12.06.2023 के 11.30 बजे पूर्वाह्न से दिनांक–27.06.2023 3.00 बजे तक लघु सिचाई प्रमण्डल,जामताड़ा के कार्यालय कक्ष एवं दिनांक 28.06.2023 के पूर्वाहन् 10.30 बजे से 3:00 बजे अपराह्न तक जिला नियंत्रण कक्ष, जामताड़ा में जमा ली जायेगी । 4. सरकार द्वारा निर्गत सभी अद्यतन परिपत्र, अधिसूचना निविदा में लागू रहेंगे ।
विस्तृत जानकारी के लिए वेवसाइट http:// Jharkhandtenders.gov.in पर लॉगईन किया जा सकता है।

कार्यपालक अभियंता
लघु सिंचाई प्रमण्डल,जामताड़ा
PR 299308 Minor Irrigation(23-24)D


## ବଲ୍‌ଗାର୍ଲଙ୍କ ମୁଣ୍ଡରେ ବଲ୍ ବାଜିବା ନେଇ ଖେଳାଳି ଅଯୋଗ୍ୟ ଘୋଷିତ




ପ୍ୟାରିସ: ଏଠାରେ ଚାଲିଥିବା ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍ ଅବସରରେ ବଲ୍‌ଗାର୍ଲଙ୍କ ଦେହରେ ବଲ ଆଘାତ କରିବାରୁ ଦଣ୍ଡସ୍ୱରୂପ ଜାପାନର ମିୟୁ କୋଟୋ ଓ ତାଙ୍କର ଇଣ୍ଡୋନେସିଆ ଯୋଡିଦାର ଏଲଡିଲା ସୁତ୍‌ଜାଦୀଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା। କୋଟୋଙ୍କ ବଲ ଭୁଲକ୍ରମେ ବଲଗାର୍ଲଙ୍କ ଆଡକୁ ଚାଲିଯାଇଥିଲା। ବଲଟି ତାଙ୍କ ମୁଣ୍ଡରେ ବାଜିବା ପରେ ବଲଗାର୍ଲ ଯନ୍ତ୍ରଣାରେ କାନ୍ଦି ପକାଇଥିଲେ। ବିପକ୍ଷ ଟିମ ଯୋଡି ଖେଳାଳି ଚେକ ଗଣରାଜ୍ୟର ବୋଜକୋୱା ଓ ସ୍ପେନର ଟୋର୍ମି ଏହା ପରେ ରେଫରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ତେଣୁ ରେଫରୀ କୋଟୋ-ଏଲଡିଲାଙ୍କୁ ଅଯୋଗ୍ୟ ଘୋଷିତ କରିଥିଲେ। ଏହାସହିତ ବିପକ୍ଷ ଟିମକୁ ବିଜୟୀ ଘୋଷିତ କରାଯାଇଥିଲା । କୋଟୋ-ଏଲଡିଲା ୭-୬, ୧-୩ରେ ଆଗୁଆ ରହିଥିଲେ ହେଁ ଏହା ବେକାର ହୋଇଥିଲା। ସେମାନେ ବଲ୍‌ଗାର୍ଲଙ୍କୁ କ୍ଷମା ମାଗିବା ସତ୍ୱେ ଏହି ଯୋଡିଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା । ବଲଗାର୍ଲଜଣଙ୍କ ୧୫ ମିନିଟ ଧରି କାନ୍ଦିବା ଦେଖିବା ପରେ ଆମେ ବାଧ ହୋଇ ଅଭିଯୋଗ କରିଥିଲୁ ବୋଲି ରେଫରୀ ବୋଜକାୱା କହିଛନ୍ତି ।

## ଇଣ୍ଟର କଣ୍ଟିନେଣ୍ଟାଲ କପ୍ : ଭାରତୀୟ ଦଳର ଅଭ୍ୟାସ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଆସନ୍ତା ୯ତାରିଖରୁ କଳିଙ୍ଗ ଷ୍ଟାଡିୟମ୍‌ରେ ହିରୋ ଇଣ୍ଟର କଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଥିବାବେଳେ ଅଧିନାୟକ ସୁନୀଲ ଛେତ୍ରୀଙ୍କ ନେତୃତ୍ୱଧୀନ ଭାରତୀୟ ଦଳ ଅଭ୍ୟାସ ଜାରି ରଖିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୯ ରୁ ୧୮ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଭାରତୀୟ ଦଳ ଘରୋଇ ପରିବେଶରୁ ଫାଇଦା ଉଠାଇ ପାରିବେ ବୋଲି ଅନୁମାନ। ଏଥିରେ ଭାରତ ସହିତ ଲେବାନାମ, ଭାନୁଆଟୁ ଓ ମଙ୍ଗୋଲିଆ ଦଳ ଅଂଶ ଗ୍ରହଣ କରିବେ। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ଅଭ୍ୟାସ ଓ ତାଲିମ କେନ୍ଦ୍ର ଉଦ୍‌ଘାଟନ କରିଥିବା ବେଳେ ସମସ୍ତ ବ୍ୟବସ୍ଥାକୁ ନେଇ ସୁନୀଲ ଛେତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି।


MANAPPURAM ASSET FINANCE LTD. Regd. Office: Door No. III/105, Opp: Nattika Firka Co -Op Rural Bank, Valapad (P O)-680567 Thrissur Dt Kerala CIN : U65921KL1987PLC004810

ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନୀନ ନିଲାମ ନିମ୍ନଲିଖିତ ଶାଖାରେ ଏବଂ ଧାର୍ଯ୍ୟ ତାରିଖରେ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି। ଆମେ ସେହି ବକେୟାଦାର ଗ୍ରାହକ ମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜୀକୃତ ପତ୍ର ଜରିଆରେ ସୂଚିତ କରାଇବା ପରେ ମଧ ସେମାନେ ସେମାନଙ୍କର ଋଣରାଶି ପୈଠ କରିବାରେ ବିଫଳ ହୋଇଛନ୍ତି। ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ (www.maafin.in) ପ୍ରଦର୍ଶିତ କରାଯିବ। ଧାର୍ଯ୍ୟ ତାରିଖରେ ନିଲାମ ନକରାଯାଇଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡିକ ଆଗାମୀ ଦିନ ମାନଙ୍କରେ ନିଲାମ କରାଯିବ, ଯାହାର ବିଶଦବିବରଣୀ ନିଲାମ କେନ୍ଦ୍ରରେ ତଥା ୱେବସାଇଟ୍‌ରେ ପ୍ରଦର୍ଶିତ କରାଯିବ।
ତାଲିକାଭୁକ୍ତ ସ୍ୱର୍ଣ୍ଣ ଋଣ ଗୁଡିକ ଆମର ନିମ୍ନଲିଖିତ ଶାଖାରେ 15.06.2023 ତାରିଖ ଦିନ ସକାଳ ୧୦ ଘଟିକା ଠାରୁ ନିଲାମ କରାଯିବ।

BALICHANDRAPUR:0433690700007145, 7187, 7437, 7692,7880, 8064.ବନମାଳିପୁର:0433560700010686, 10889, 10967, 11093, 11447.BRAHMAGIRI:0433570700019331, 19359, 19364, 19417, 19420, 19423, 19442, 19443, 19490.ଚାନ୍ଦପୁର:0433350700109055, 9390, 9449, 9466, 9567, 9696, 9951, 10021, 10022, 10030, 10251, 10337, 10343, 10399, 10527, 10674, 10677, 10707, 10763, 10830, 10906, 10982, 10992, 11018, 11021, 11080, 11087, 11130, 11142, 11159, 11195, 11196. ଚନ୍ଦ୍ରଶେଖରପୁର:0431590700060755, 60766, 60767, 60768, 60774, 60793, 60801, 60809, 60840, 60845, 60849, 60861, 60888, 60990, 60992, 61021, 61022, 61023, 61024, 61051, 61055, 61056, 61058, 61068, 61083, 61090, 61107, 61114, 61131, 61132, 61134, 61138, 61149, 61151, 61153, 61161, 61163, 61164, 61170, 61175, 61177, 61181, 61208, 61213, 61228, 61240, 61274, 61278, 61329, 61332, 61333, 61334, 61360.DUMDUMA : 0433790700006662, 6668, 6874, 7027, 7028, 7165, 7167, 7194, 7226.ଏରସାମା:0433370700060254, 60256, 60271, 60356, 60371, 60391, 60419, 60611, 60676, 60743, 60771, 60890, 60901, 60914, 60963, 61000, 61001, 61002, 61003, 61006, 61036, 61037, 61292, 61295, 61306, 61369, 61374, 61376, 61408, 61469, 61475, 61533, 61588, 61589, 61633.ବ୍ରହ୍ମେଶ୍ୱରପୁର:0432000700112487, 112987, 112988, 112989, 113130, 113272, 113318.KALAPATHAR:0433820700005916, 5918.ଖୋର୍ଦ୍ଧା: 0433050700100274, 100434, 100435, 100723, 100724, 100959.କୁଜଙ୍ଗ:0433030700080298, 80299, 80304, 80324, 80325, 80340, 80377, 80378, 80379, 80388, 80403, 80451, 80452, 80454, 80524, 80541, 80567, 80573, 80574, 80594, 80614, 80633, 80671, 80674, 80697, 80705, 80706, 80707, 80774, 80775, 80899, 80915, 80918, 80925, 80967, 81005, 81069, 81091, 81100, 81132, 81133, 81135, 81136, 81153, 81224, 81264, 81275, 81312, 81323, 81348, 81351, 81357, 81358, 81362, 81394. ମଧୁପାଟଣା: 0431580700058804, 58805, 58806, 58854, 58989, 59093, 59140, 59159, 59160,59221, 59238, 59246, 59283.MARSHAGHAI:0433680700006166, 6199, 6240, 6248, 6294, 6296, 6309, 6335, 6387, 6411, 6452. NACHUNI:0433810700024924, 25133, 25917.ନିଶିଣ୍ଟାକୋଇଲି:0433360700014509, 14576, 14615, 14724, 14849, 14850, 14851, 14950, 14964.ପୁରୁଣାଘାଟ: 0431800700059977, 59997, 60003, 60008, 60016, 60019, 60062, 60080, 60142, 60159, 60162, 60167, 60189, 60203, 60226, 60227, 60235, 60261, 60262, 60270, 60271, 60302, 60304, 60318, 60328, 60330, 60341, 60342, 60356, 60361, 60396, 60405, 60407, 60408, 60430, 60431, 60432, 60445, 60455, 60463, 60465, 60470, 60520. ରଘୁନାଥପୁର:0433130700028163, 28305, 28397, 28429, 28461, 28559, 28560, 28562.eûjûcû: 0433040700060867, 61212, 61284, 61293,61356, 61398, 61399, 61410, 61415, 61461, 61475, 61516, 61542, 61609, 61739, 61744, 61745, 61749, 61767, 61803, 61840, 61841, 62140.ରଣପୁର: 0433150700079417, 79422, 79495, 79511, 79513, 79521, 79522, 79525, 79526, 79553, 79736, 79930, 79942, 80018, 80020, 80092, 80112, 80113, 80117, 80168, 80194, 80295, 80380, 80402, 80594, 80596, 80661, 80683, 80684, 80709, 80756, 80805, 80806, 80827, 80859, 80860, 80871, 80977, 81055, 81056, 81165, 81253, 81265, 81290, 81347, 81388, 81407, 81428.ସାକ୍ଷୀଗୋପାଳ:0431900700117739, 117767, 117768, 117777, 117836, 117842, 117875, 117893, 117905,117907, 117913, 117945, 117948, 117967, 117973, 118019, 118021, 118089, 118091, 118095, 118141, 118145, 118214, 118247, 118274, 118282, 118328, 118331, 118332, 118334, 118360, 118395, 118488, 118489, 118505, 118512, 118521, 118556, 118562, 118571, 118604, 118617, 118631, 118632, 118635, 118673, 118675, 118712, 118723. ସାମନ୍ତରାପୁର:0431600700064960, 64987, 64990, 65005, 65056,65057,65058, 65086, 65106, 65127, 65192, 65195, 65205, 65207, 65212, 65250, 65283, 65284, 65291, 65299, 65319, 65333, 65334, 65335, 65340, 65342, 65344, 65349, 65359, 65368, 65375, 65381, 65392, 65405, 65419, 65420, 65432, 65443, 65451, 65474, 65488, 65494, 65495, 65503, 65504, 65517, 65537, 65546, 65583, 65596, 65605, 65607, 65612, 65621, 65652, 65653, 65657, 65658.

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :- ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/- ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 7894922339 ନମ୍ବରକୁ ଯୋଗାଯୋଗ କରନ୍ତୁ ।
ମାନାପୁରମ୍ ଆସେଟ୍ ଫାଇନାନ୍ସ ଲିମିଟେଡ୍‌ର
କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ



ଯେକୌଣସି ଖାଦ୍ୟରେ ଭୃସଙ୍ଗ ପତ୍ରକୁ ପକାଇବା ଦ୍ୱାରା ଏହା ଖାଦ୍ୟର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । ଏଥିରେ ପ୍ରଚୁର ପରିମାଣର ଫସଫରସ୍, କ୍ୟାଲସିୟମ୍, ଆଇରନ୍, କପର୍, ମ୍ୟାଗ୍ନେସିୟମ୍, ଭିଟାମିନ୍ ପରି ବହୁ ନ୍ୟୁଟ୍ରିଏଣ୍ଟସ ରହିଥାଏ । ଯାହା ଆମ ଶରୀରକୁ ଅନେକ ଉପାୟରେ ଲାଭ ଦେଇଥାଏ । ଭୃସଙ୍ଗ ପତ୍ର ଖାଇବା ଦ୍ୱାରା ହଜମ ସମ୍ବନ୍ଧୀୟ ସମସ୍ୟାକୁ ଦୂର ହୋଇଥାଏ । ଏହାକୁ ଖାଇବା ଦ୍ୱାରା ଗ୍ୟାସ୍, ଏସିଡ଼ିଟି ଓ ପେଟ ଫୁଲିବା ଭଳି ସମସ୍ୟାରୁ ମୁକ୍ତି ମିଳିଥାଏ । ଏହା ବ୍ୟତୀତ ଏହି ପତ୍ର ହଜମକାରୀ ଏନଜାଇମକୁ ବଢାଇବାରେ ସାହାଯ୍ୟ କରିଥାଏ । ଏଥିପାଇଁ ପ୍ରତିଦିନ ସକାଳୁ ଖାଲି ପେଟରେ ୪ରୁ ୫ଟି ଭୃସଙ୍ଗ ପତ୍ର ଚୋବାନ୍ତୁ । ଏମେଦବହୁଳତା ମଧ ଆଜିକା ଦିନର ବଡ ସମସ୍ୟା । ଭୃସଙ୍ଗ ପତ୍ରକୁ ଖାଦ୍ୟରେ ସାମିଲ କରିବା ଦ୍ୱାରା ମେଟାବୋଲିଜିମ୍ ରେ ଉନ୍ନତି ଆସିଥାଏ । ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଭୃସଙ୍ଗ ପତ୍ର ପାଟି ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ ଉପଯୋଗୀ ହୋଇଥାଏ । ଏହି ପତ୍ରକୁ ଚୋବାଇ ଦ୍ୱାରା ଦାନ୍ତରୁ ଜୀବାଣୁ ବାହାରିବା ସହ ଦାନ୍ତ କ୍ଷୟ ଦୂର ହୋଇଥାଏ । ଯଦି ସକାଳୁ ଉଠିବା ପରେ ଆପଣ ଅସୁସ୍ଥ ଅନୁଭବ କରୁଛନ୍ତି, ତାହାଲେ ସକାଳୁ ଭୃସଙ୍ଗ ପତ୍ର ଖାଆନ୍ତୁ । ଏହାକୁ ଖାଇବା ଦ୍ୱାରା ବହୁ ରୋଗରୁ ମୁକ୍ତି ମିଳିଥାଏ ।

## 'ଅଜମେର- ୯୨' ରିଲିଜ୍ ପୂର୍ବରୁ ବିବାଦ




ଗତ କିଛି ହେବ 'କେରଳ ଷ୍ଟୋରୀ'ଫିଲ୍ମକୁ ନେଇ ବିବାଦ ଘନେଇଥିଲା। ପୁଣି ଏବେ ଆଉ ଏକ ଆଗାମୀ ଚଳଚ୍ଚିତ୍ର ବିବାଦ ଭିତରକୁ ଆସିଛି । ଯାହାକୁ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହା ହେଉଛି ନୂଆ ହିନ୍ଦୀ ଚଳଚ୍ଚିତ୍ର 'ଅଜମେର -୯୨'। ଯାହା ଆସନ୍ତା ମାସରେ ରିଲିଜ ହେବାକୁ ଯାଉଛି । ଖବର ଅନୁଯାୟୀ ଏହି ଚଳଚ୍ଚିତ୍ର ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଟାର୍ଗେଟ କରିଛି ଏବଂ ୩୦ ବର୍ଷ ପୂର୍ବେ ଅଜମେରରେ କିଶୋରୀ ବାଳିକାଙ୍କ ଉପରେ ହୋଇଥିବା ଅପରାଧିକ ଆକ୍ରମଣ ଉପରେ ଆଧାରିତ। ଅନ୍ୟପକ୍ଷରେ ଜାମିଆତ୍ ଉଲେମା-ଇ-ହିନ୍ଦ ଫିଲ୍ମର ବିଷୟବସ୍ତୁକୁ ନେଇ 'ଅଜମେର -୯୨' ବିରୋଧରେ ଏକ ମୋର୍ଚ୍ଚା ଖୋଲିଛନ୍ତି । ଏହାକୁ ନିଷିଦ୍ଧ କରିବାକୁ ଦାବି କରୁଛନ୍ତି। ଜାମିଆତ୍ ଅଧକ୍ଷ ମୌଲାନା ମହମୁଦ ମଦନୀ କହିଛନ୍ତି, 'ଅଜମେର ସରିଫ୍ ଦରଗାହକୁ ବଦନାମ କରିବା ପାଇଁ ନିର୍ମିତ ଫିଲ୍ମକୁ ତୁରନ୍ତ ନିଷିଦ୍ଧ କରାଯିବା ଉଚିତ। ଅପରାଧିକ ଘଟଣାକୁ ଧର୍ମ ସହ ଯୋଡିବା ପରିବର୍ତ୍ତେ, ଅପରାଧ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ଏହି ଚଳଚ୍ଚିତ୍ର ସମାଜରେ ବିବାଦ ସୃଷ୍ଟି । ଅଜମେର ସହରରେ ଯେପରି ଅପରାଧିକ ଘଟଣା ଘଟୁଛି, ଏହା ସମଗ୍ର ସମାଜ ପାଇଁ ଘୃଣ୍ୟ କାର୍ଯ୍ୟ। ସେ ଆହୁରି ମଧ କହିଛନ୍ତି ଯେ ଅଭିବ୍ୟକ୍ତିର ସ୍ୱାଧୀନତା ହେଉଛି ଯେକୌଣସି ଗଣତନ୍ତ୍ରର ଶକ୍ତି। କିନ୍ତୁ ଏହାର ଉପଦେଶରେ ଦେଶକୁ ଭାଙ୍ଗୁଥିବା ଚିନ୍ତାଧାରା ଏବଂ ଧାରଣାକୁ ପ୍ରୋତ୍ସାହିତ କରାଯାଇପାରିବ ନାହିଁ ବୋଲି କହିଛନ୍ତି। କେରଳ ଷ୍ଟୋରୀ ପରେ ସାମ୍ନାକୁ ଆସିବ ଆତଙ୍କବାଦର କଳା କାହାଣୀ, '୭୨ Hoorain'ର ଦମ୍ଦାର ଟିଜର ରିଲିଜ୍ ଏନେଇ ପୁଷ୍ପେନ୍ଦ୍ର ସିଂ ନିର୍ଦ୍ଦେଶିତ ଫିଲ୍ମ 'ଅଜମେର ୯୨' ଏକ ପ୍ରକୃତ ଘଟଣା ଉପରେ ଆଧାରିତ କାହାଣୀ । ଏହି ଚଳଚ୍ଚିତ୍ରରେ ୧୦୦ରୁ ଅଧିକ ଯୁବକ ଯୁବତୀଙ୍କୁ ବ୍ଲାକମେଲ କରାଯିବା ସହ ଅଜମେରରେ ସିରିଏଲ୍ ସେକ୍ସୁଆଲ ନିର୍ଯାତନାର ଶିକାର ହୋଇଥିବା କାହାଣୀ ଦର୍ଶାଯାଇଛି। ପୀଡିତଙ୍କ ମଧ୍ୟରୁ ଅଧିକାଂଶ ସ୍କୁଲ ଯାଉଥିବା ଝିଅ ଥିଲେ । ଏହା ପରେ ଅନେକ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାଯାଇଛି। ତେଣୁ ଫିଲ୍ମର ଏହି ସବୁ ବିଷୟବସ୍ତୁକୁ ନେଇ ବିବାଦ ଘନଉଛି।

## ଲିଙ୍ଗଗତ ସମାନତା ଉପରେ ସ୍ପିଚ୍ ଦେଇ ଆଲିଆ ଟ୍ରୋଲ୍



ହିନ୍ଦୀ ସିନେମାର ଶ୍ରେଷ୍ଠ ହେଉଛନ୍ତି ଅଭିନେତ୍ରୀ ଆଲିଆ ଭଟ୍ଟ । ସେ ଖୁବ୍ କମ୍ ସମୟ ମଧ୍ୟରେ ନାମ କମାଇଛନ୍ତି। କିଛି ଦିନ ପୂର୍ବରୁ ଆଲିଆଙ୍କୁ ଏକ ଫ୍ୟାଶନ ବ୍ରାଣ୍ଡ 'ଗ୍ଲୋବାଲ୍'ର ବ୍ରାଣ୍ଡ ଆମ୍ବାସାଡର କରାଯାଇଛି । ନିକଟରେ ଆଲିଆ ଏହି ଫ୍ୟାଶନ ବ୍ରାଣ୍ଡର ଏକ ଇଭେଣ୍ଟରେ ପହଞ୍ଚିଥିଲେ। ସେତେବେଳେ ସେ ସେଠାରେ ଏକ ସ୍ପିଚ୍ ଦେଇଥିଲେ, ଯାହାକୁ ନେଇ ଟ୍ରୋଲ୍ ହୋଇଥିଲେ ଆଲିଆ। ସେହି ଇଭେଣ୍ଟରେ ଜଡିତ ଥିବା ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଫ୍ୟାଶନ ବ୍ରାଣ୍ଡ ସେୟାର କରିଥିଲା। ଭିଡିଓରେ ଅଭିନେତ୍ରୀ ଲିଙ୍ଗଗତ ସମାନତା ଉପରେ ଭାଷଣ ଦେଉଥିବାର ନଜର ଆସିଥିଲେ। ଏହି ସମୟରେ ଆଲିଆ ଭଟ୍ଟ ଏକ କଳା ରଙ୍ଗର ପୋଷାକ ପିନ୍ଧି ବହୁତ ସୁନ୍ଦର ଦେଖାଯାଉଥିଲେ । ଆଲିଆ ଏକ ଲେଖାଥିବା ସ୍କ୍ରିପ୍ଟକୁ ଦେଖି ଭାଷଣ ଦେଉଥିଲେ। ତାଙ୍କ ଭାଷଣ ଶୁଣି ୟୁଜରମାନେ ଟ୍ରୋଲ୍ କରିବା ଆରମ୍ଭ କରିଦେଇଥିଲେ। ଟ୍ରୋଲରସମାନେ ବିଭିନ୍ନ ପ୍ରକାର କମେଣ୍ଟ ଦେଇଥିଲେ। ଆଲିଆ ଭଟ୍ଟ ନିକଟରେ ୭୬ ତମ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଭାଗ ନେଇଥିଲେ । ଏହା ତାଙ୍କର ପ୍ରଥମ କାନ୍ସ ଡେବ୍ୟୁ । ଏହି ସମୟରେ ଅଭିନେତ୍ରୀ ଏକ ଧଳା ଗାଉନରେ ସୁନ୍ଦର ଦେଖାଯାଉଥିଲେ । ୱାର୍କ ଫ୍ରଣ୍ଟରେ ଆଲିଆ ଭଟ୍ଟଙ୍କ ଫିଲ୍ମ ରକି ଔର ରାନୀ କି ପ୍ରେମ କାହାଣୀ ଖୁବ ଶୀଘ୍ର ରିଲିଜ ହେବାକୁ ଯାଉଛି। ଏହି ଚଳଚ୍ଚିତ୍ରରେ ରଣଭୀର ସିଂ ମଧ ତାଙ୍କ ସହ ନଜର ଆସିବେ।

## ନୂଆ ପ୍ରେମିକଙ୍କ ସହ ନଜର ଆସିଲେ ନୱାଜୁଦ୍ଦିନଙ୍କ ପୂର୍ବ ପତ୍ନୀ



ବଲିଉଡ ଜଗତରେ ଦମଦାର ଅଭିନୟ କରି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିବା ନୱାଜୁଦ୍ଦିନ ସିଦ୍ଦିକି ନିଜ ବୈବାହିକ ଜୀବନକୁ ନେଇ ଅନେକ ଦିନ ହେବ ବିବାଦରେ ରହିଥିଲେ। ତାଙ୍କ ବିରୋଧରେ ପତ୍ନୀ ଆଲିଆ ଘରୋଇ ହିଂସାର ଅଭିଯୋଗ ଆଣିଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ଦୁଷ୍କର୍ମ ଅଭିଯୋଗ ବି ଆଣିଥିଲେ। ତେବେ ବହୁ ବାଦବିବାଦ ପରେ ଏବେ ସେମାନଙ୍କର ବିବାହ ବିଚ୍ଛେଦ ହୋଇସାରିଛି। ସେଲିବ୍ରିଟି ଦମ୍ପତିଙ୍କ ଡିଭୋର୍ସ ଖବର ଚର୍ଚ୍ଚାରେ ଥିବା ବେଳେ ଏବେ ଆଲିଆ ଏକ ବିରାଟ ଖବର ଦେଇଛନ୍ତି। ସେ ନୱାଜୁଦ୍ଦିନ ସିଦ୍ଦିକିଙ୍କଠାରୁ ଅଲଗା ହେବା ପରେ ତାଙ୍କୁ ଦ୍ୱିତୀୟ ପ୍ରେମିକ ମିଳିଯାଇଛନ୍ତ ବୋଲି ଏବେ ନିଜେ ଏକ ସୋସିଆଲ୍ ମିଡିଆ ପୋଷ୍ଟ ଜରିଆରେ କହିଛନ୍ତି। ସେ ତାଙ୍କ ଇନ୍ଷ୍ଟାଗ୍ରାମ୍ ଆକାଉଣ୍ଟରେ ତାଙ୍କର ନୂତନ ପ୍ରେମିକଙ୍କ ସହ ଏକ ଫଟୋ ସେୟାର କରିଛନ୍ତି। ସେ ଫଟୋ ସେୟାର କରିବା ସହ କ୍ୟାପସନ ବି ଦେଇଛନ୍ତି। ସେ କ୍ୟାପସନରେ ଲେଖିଛନ୍ତି ଟଙ୍କା ନୁହେଁ, ମଣିଷ ହିଁ ଆପଣଙ୍କୁ ଖୁସି ରଖିପାରେ ବୋଲି ଲେଖିଛନ୍ତି। ମୋର କ'ଣ ଖୁସି ହେବାର ଅଧିକାର ନାହିଁ? ବୋଲି ଶେଷରେ ପ୍ରଶ୍ନ ବି କରିଛନ୍ତି।

## ଭାତୁଡ଼ି ହଟାଇବାର ସହଜ ଉପାୟ






ଖାଦ୍ୟପେୟରେ ଅନିୟମିତତା ସହିତ ପାଣିପାଗରେ ପରିବର୍ତ୍ତନ ଯୋଗୁ ଶରୀରରେ ଦାଗ ଆଉ ବିଭିନ୍ନ ସମସ୍ୟା ମଧ ଦେଖଯାଉଛି। ଆଉ ବର୍ତ୍ତମାନ ସମୟରେ ଭାତୁଡି ମଧ ଏକ ସାଧାରଣ ସମସ୍ୟା ହୋଇପଡ଼ିଛି। ତେବେ ଏଥିରୁ ମୁକ୍ତି ପାଇବା ପାଇଁ ଏବେ ବଜାରରେ ବିଭିନ୍ନ ପ୍ରକାରର ଔଷଧ ମଧ ମିଳୁଛି କିନ୍ତୁ ଏହାକୁ ଖାଇବା ଦ୍ୱାରା ଶରୀରରେ ସାଇଡ ଇଫେକ୍ଟ ପଡ଼ିପାରେ। ତେଣୁ ଆଜି ଆମେ ଆପଣଙ୍କୁ କିଛି ଏଭଳି ଘରୋଇ ଉପାୟ କହିବୁ ଯାହା ଦ୍ୱାରା ଆପଣଙ୍କର ଭାତୁଡି ସମସ୍ୟା ଦୂର ହୋଇପାରିବ। ତେବେ ଆସନ୍ତୁ ଜାଣିବା ଏହି ଟିପ୍ସ ବିଷୟରେ...

◆ **ଆପଲ୍ ସାଇଡର ଭିନେଗାର:** ଆପଲ୍ ଭିନେଗାର ବ୍ୟବହାର କରି, ଆପଣଙ୍କର ଭାତୁଡି ଦୂର କରିପାରିବେ। ଏହା ପାଇଁ ଆପଣଙ୍କୁ ୩ ଦିନ ପାଇଁ ଭାତୁଡି ଉପରେ ଆପଲ୍ ସାଇଡର ଭିନେଗାର ଲଗାନ୍ତୁ। ଆପଲ୍ ସାଇଡର୍ ଭିନେଗାର ବ୍ୟବହାର କରିବା ଦ୍ୱାରା ଭାତୁଡି ରଙ୍ଗ ଶୁଖି ବାହାରି ଯାଏ। ଯଦି ଏହାକୁ ବ୍ୟବହାର କରିବା ଦ୍ୱାରା କେ?ଣସି ଜଳିଲା ଭଳି ଅନୁଭବ ହେଉଛି, ତେବେ ଆଲୋ ଭେରା ଜେଲ୍ ବ୍ୟବହାର କରି ଏହାକୁ ଧୀରେ ଧୀରେ ଭଲ କରିପାରିବେ।

◆ **ରସୁଣ:** ଭାତୁଡିକୁ ସମ୍ପୂର୍ଣ୍ଣ ଭାବେ ହଟାଇବା ପାଇଁ, ରସୁଣକୁ ଗ୍ରାଇଣ୍ଡ୍ କରନ୍ତୁ ଏବଂ ରସୁଣ ଗୁଣ୍ଡକୁ ବ୍ୟବହାର କରନ୍ତୁ। ପ୍ରଥମେ ଏହାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ଏବଂ ଏହାକୁ ଭାତୁଡିରେ ଲଗାନ୍ତୁ। କ୍ରମାଗତ ଭାବରେ ଏହା କରିବା ଦ୍ୱାରା, ଭାତୁଡି ଆପେ ଆପେ ଖସିଯିବ।

◆ **ଲେମ୍ବୁ ରସ:** ଲେମ୍ବୁ ରସ ଲଗାଇବା ଦ୍ୱାରା ମଧ ଭଲ ଫଳ ମିଳେ। ଏକ ସୂତା ନିଅନ୍ତୁ, ଏହାକୁ ଲେମ୍ବୁ ରସରେ ବୁଡ଼ାଇ ଭାତୁଡିରେ ଲଗାନ୍ତୁ। କ୍ରମାଗତ ଭାବରେ ଏହା କରିବା ଦ୍ୱାରା, ତୁମର ଭାତୁଡି ଖସିଯିବ।

◆ **ଆଳୁ ରସ:** ଆଳୁକୁ କାଟି ଏହାକୁ ଭାତୁଡିରେ ଘଷନ୍ତୁ ଏବଂ ୧୦ ଦିନ ପର୍ଯ୍ୟନ୍ତ କ୍ରମାଗତ ଭାବରେ ଏହା କରିବା ଦ୍ୱାରା ଆପଣଙ୍କ ଭାତୁଡି କିଛି ସମୟ ପରେ ଖସି ପଡ଼ିଯିବ। ଏହାସହ ଆପଣ ଆଳୁର ରସ ବାହାର କରି ସେଥିରେ ଲେମ୍ବୁ ରସ ମିଶାନ୍ତୁ ଏବଂ ଏହାକୁ ଭାତୁଡିରେ ଲଗାନ୍ତୁ। ଏହା ଦ୍ୱାରା ଆପଣ ଶୀଘ୍ର ଭାତୁଡିରୁ ରକ୍ଷା ପାଇପାରିବେ।

◆ **ଜଡ଼ା ତେଲ:** ଆପଣ କାଷ୍ଟର ତେଲ ତଥା ଜଡ଼ା ବ୍ୟବହାର କରି ଭାତୁଡି ହଟାଇପାରିବେ। ଏହା ଉପରେ ବେକିଂ ପାଉଡର ମଧ ମିଶାଇପାରିବେ। ଯାହା ଦ୍ୱାରା ଭାତୁଡି ଶରୀରରୁ ହଟାଇପାରିବା। ଏହା ହେଉଛି କିଛି ଘରୋଇ ଉପାୟ ଯାହା ଦ୍ୱାରା ଆପଣ ଏହି ସମସ୍ୟାର ସମାଧାନ କରିପାରିବେ।



## ଆପଣଙ୍କ ସ୍ମାର୍ଟଫୋନ୍ ଅତ୍ୟଧିକ ଗରମ ହେଉଛି କି? ଆଣିପାରେ ବିପଦ

ବର୍ତ୍ତମାନ ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି। ଏହି ସ୍ମାର୍ଟ ଫୋନ୍‌ରେ କଲ କରିବା ଠାରୁ ଆରମ୍ଭ କରି ଅନଲାଇନ୍ ପେମେଣ୍ଟ ପର୍ଯ୍ୟନ୍ତ, ଛୋଟ ବଡ କାମ ପାଇଁ ସ୍ମାର୍ଟଫୋନ୍ ଉପରେ ସମସ୍ତେ ନିର୍ଭର । କିନ୍ତୁ ଫୋନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ଏହା ଖୁବଶୀଘ୍ର ଗରମ ହୋଇଯାଏ । ଏହା ଅତ୍ୟଧିକ ଗରମ ହେଲେ ଆପଣ ଜାଣି ରଖନ୍ତୁ ଏହା ବିପଦର କାରଣ ପାଲଟିପାରେ। ଏମିତିକି ଫୋନର ବ୍ୟାଟେରୀ ମଧ ଫାଟିଯାଇପାରେ । ଆସନ୍ତୁ ଜାଣିବା ଏଥିରୁ କେମିତି ବଞ୍ଚିବା...

ଫୋନକୁ ସୂର୍ଯ୍ୟକିରଣଠାରୁ ଦୂରେଇ ରଖିବା ଉଚିତ୍ । ସୂର୍ଯ୍ୟକିରଣ ଫୋନକୁ ଶୀଘ୍ର ଗରମ କରିପାରେ । ଏହାକୁ ଛାଇରେ ବ୍ୟବହାର କରିବା ଉଚିତ୍ । ଯଦି ଆପଣ ନିଜ ଫୋନକୁ ପ୍ରାୟତଃ ଆର୍ଦ୍ର ଏବଂ ଗରମ ପରିବେଶରେ ବ୍ୟବହାର କରୁଛନ୍ତି, ତେବେ ମୋବାଇଲର କଭରକୁ ବାହାର କରିଦିଅନ୍ତୁ । ଫୋନକୁ ବାହାରେ ଚାର୍ଜ କରନ୍ତୁ ନାହିଁ ଏବଂ ଚାର୍ଜ କରିବା ବେଳେ କଭର ବାହାର କରି ଚାର୍ଜ କରନ୍ତୁ । ଏହାବ୍ୟତୀତ ଫୋନକୁ ଗରମ କାରରେ ଛାଡନ୍ତୁ ନାହିଁ । କାର ଭିତରର ତାପମାତ୍ରା ଫୋନ ପାଇଁ ହୋଇପାରେ ବେଶ୍ ବିପଜ୍ଜନକ । ସେହିପରି ବ୍ୟାଟେରୀ ସଞ୍ଚୟ କରିବା ଏବଂ ଫୋନକୁ ଅତ୍ୟଧିକ ଗରମ ହେବାରୁ ରୋକିବା ପାଇଁ ଗେମ୍, ଭିଡିଓ ଷ୍ଟ୍ରିମିଂ ଆପ୍, ବ୍ଲୁଟୁଥ୍, ୱାଇ-ଫାଇ ଏବଂ ଜିପିଏସ୍କୁ ବ୍ୟବହାର ନହେବା ବେଳେ ଏହାକୁ ବନ୍ଦ ରଖନ୍ତୁ । ଫୋନକୁ କେବେବି ଫ୍ରିଜରେ ରଖନ୍ତୁ ନାହିଁ । କାରଣ ଫ୍ରିଜରେ ଥିବା ଜଳ ଏବଂ ଆର୍ଦ୍ରତା ଏହାର ଉପାଦାନଗୁଡ଼ିକୁ କ୍ଷତି ପହଞ୍ଚାଇପାରେ ।

ଫୋନରେ ବ୍ୟାଟେରୀ ସେଭିଙ୍ଗ୍ ମୋଡ୍ ଅନ କରନ୍ତୁ । ବ୍ୟାଟେରୀ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିଥାଏ ଏବଂ ଆପଣଙ୍କ ଫୋନକୁ ଅଧିକ ଗରମରୁ ରକ୍ଷା କରିଥାଏ । ଆପଣଙ୍କର ଡିଭାଇସ୍ର ସଫ୍ଟୱେର୍ ନିୟମିତ ଅପଡେଟ୍ କରନ୍ତୁ ।



## 'ଆଦିପୁରୁଷ' ରିଲିଜ୍ ପୂର୍ବରୁ ରୋଜଗାର କଲାଣି ୪୩୨ କୋଟି




ଜୁନ୍ ୧୬ ରେ ପ୍ରେକ୍ଷାଳୟରେ ହେବ ରିଲିଜ୍ ଓମ୍ ରାଓତଙ୍କ ମେଗା ବଜେଟ୍ ଫିଲ୍ମ 'ଆଦିପୁରୁଷ' । ପ୍ରଭାସ, ସୈଫ୍ ଅଲି ଖାନ, କ୍ରିତି ସାନନ, ସନୀ ସିଂହଙ୍କ ଏହି ଫିଲ୍ମକୁ ନେଇ ଦର୍ଶକ ବେଶ୍ ଉତ୍ସାହିତ ଅଛନ୍ତି । ଟିଜର ଆସିବା ଦିନଠାରୁ ଏହି ଫିଲ୍ମକୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି। ଫିଲ୍ମ 'ଆଦିପୁରୁଷ' ରିଲିଜ୍ ହେବା ପୂର୍ବରୁ ପ୍ରାୟ ୬୫ ପ୍ରତିଶତ ରୋଜଗାର କରିସାରିଛି । ମୋଟ ୭୦୦ କୋଟି ଟଙ୍କାରେ ନିର୍ମାଣ ହେଉଛି ଏହି ଫିଲ୍ମ । ଏକ ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମ ରିଲିଜ୍ ହେବା ପୂର୍ବରୁ ମଧ କୋଟି କୋଟି ଟଙ୍କା ରୋଜଗାର କରିସାରିଲାଣି । ଚଳଚ୍ଚିତ୍ରଟି ୪୩୨ କୋଟି ଟଙ୍କାର ପ୍ରି-କଲେକ୍ସନ୍ କରିଛି । ଅର୍ଥାତ୍ ଫିଲ୍ମଟି ଏହାର ବଜେଟର ପ୍ରାୟ ୬୫ ପ୍ରତିଶତ ରୋଜଗାର କରିସାରିଲାଣି। ସୂଚନା ଅନୁଯାୟୀ ଏହି ଫିଲ୍ମଟି ସାଟେଲାଇଟ୍, ମ୍ୟୁଜିକ୍, ଡିଜିଟାଲ୍ ଏବଂ ଅନ୍ୟାନ୍ୟ ଅଧିକାରଗୁଡିକରେ ପ୍ରାୟ ୨୪୭ କୋଟି ଟଙ୍କାରେ ବିକ୍ରି ହୋଇଛି । ଏହା ବ୍ୟତୀତ୍ ସାଉଥ ବେଲ୍ଟରେ ଏହାର ସର୍ବନିମ୍ନ ଗ୍ୟାରେଣ୍ଟି ଥିଏଟର ରେଭନ୍ୟୁ ୧୮୫ କୋଟି ଟଙ୍କା ରଖାଯାଇଛି । କାରଣ ସେଠାରେ ପ୍ରଭାସଙ୍କ ଚଳଚ୍ଚିତ୍ର ପାଇଁ କ୍ରେଜ୍ ରହିଛି। 'ଆଦିପୁରୁଷ'କୁ ମିଳୁଥିବା ପ୍ରତିକ୍ରିୟାକୁ ଦେଖି ବାଣିଜ୍ୟ ବିଶ୍ଳେଷକମାନେ ଆଶା କରୁଛନ୍ତି ଫିଲ୍ମ ପ୍ରଥମ ଦିନରେ ୧୦୦ କୋଟିରୁ ଅଧିକ ରୋଜଗାର କରିବ ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

# ରାଜ୍ୟ ଖବର




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଗନ୍ଦିଆ ବ୍ଲକ୍ ଅଧୀନସ୍ଥ ଲେଥକା ପଞ୍ଚାୟତର ରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ନେହେରୁ ଯୁବ କେନ୍ଦ୍ର ଢେଙ୍କାନାଳ ଓ ପ୍ରିୟ ସ୍ୱେଚ୍ଛାସେବୀ ସଂଗଠନ ମିଳିତ ସହଯୋଗରେ ଅଦ୍ୟ ତା-୦୫.୦୬.୨୦୨୩ ରିଖ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଅଛି। ଉକ୍ତ ଦିବସରେ ଯୁବକ ଯୁବତୀ ମାନଙ୍କୁ ନେଇ ଏକ ସଚେତନତା ରାଲି କରାଯାଇଥିଲା। ତତ୍ ସହ ବିଦ୍ୟାଳୟ ପରିସରରେ ଫଳ ଓ ଫୁଲ ଗଛ ଲଗାଯାଇଥିଲା। ଉକ୍ତ ଦିବସରେ ଅତିଥି ରୂପେ ସରପଞ୍ଚ ଲେଥକା ଓମ୍ ପ୍ରକାଶ ଦାସ, ସମିତି ସଭ୍ୟ ଅକ୍ଷୟ କୁମାର ମହାନ୍ତି, ଉଜଉ ଅର୍ଜୁନ ଓଝା ବୃକ୍ଷ ରୋପଣ କରିଥିଲେ। ଏହା ସହ ଅତିଥି ରୂପେ ନିବେଦିତା ନାୟକ, ପ୍ରଧାନ ଶିକ୍ଷକ କାମାକ୍ଷା ପ୍ରସାଦ ସ୍ୱାଇଁ, ପ୍ରିୟ ନିର୍ଦ୍ଦେଶକ ଟଙ୍କଧର ବାରିକ, ଇଲନ ପ୍ରଭା ସେନାପତି, ଅନ୍ନପୂର୍ଣ୍ଣା ଧଳ, ସୌଭାଗ୍ୟଲକ୍ଷ୍ମୀ ତରାଇ ପିଲାମାନଙ୍କୁ ସଚେତନ କରିଥିଲେ। ଏହାକୁ ଦିବ୍ୟାରଞ୍ଜନ ବେହେରା, ପର୍ଶୁରାମ ଦାସ ସହଯୋଗ କରିଥିଲେ।



## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଦିନେ ନୁହେଁ କି ମାସେ ନୁହେଁ ବର୍ଷ ବର୍ଷ ଧରି ଶିକ୍ଷାଦାନକୁ ନିଜର ବ୍ରତ ରୂପେ ଗ୍ରହଣ କରିଥିବା ଜଣେ ଶିକ୍ଷକ ବିଦ୍ୟାଳୟରେ ନିଜର କାର୍ଯ୍ୟ ସମାପନ କରିବା ଗୋଟିଏ ଯୁଗର ଅବସାନ କହିଲେ ଅତ୍ୟୁକ୍ତି ହେବନାହିଁ । ଅଗଣତି ଛାତ୍ରଛାତ୍ରୀଙ୍କୁ ହାତଧରି ବାଟ କଢ଼ାଇବା ,ସେମାନଙ୍କୁ ସଠିକ ମାର୍ଗ ପ୍ରଦର୍ଶନ କରିବା ତଥା ଉତ୍ତମ ନାଗରିକ ରୂପେ ଗଢି ଆସୁଥିବା ଶୁକୁଳି ବ୍ଲକର ଜଣେ ଆଦର୍ଶ ଛାତ୍ର ବତ୍ସଳ ଶିକ୍ଷକ ଡଃ ଚନ୍ଦ୍ର ଶେଖର ଦାସ ସରକାରୀ ବୃତ୍ତିରୁ ଅବସର ଗ୍ରହଣ କରି ଅଛନ୍ତି ।୧୯୯୮ମସିହାରୁ ଶିକ୍ଷକତା ଜୀବନ ଆରମ୍ଭ କରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଳଦିଆରେ ସେ ତାଙ୍କର କାର୍ଯ୍ୟକାଳ ସମାପନ କରି ଅଛନ୍ତି ।ବିଦ୍ୟାଳୟ ତରଫରୁ ଆୟୋଜିତ ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ସଭାରେ ସଭାପତି ରୂପେ ଶିକ୍ଷକ କେଦାର କୁମାର ଭୋଇ,ମୁଖ୍ୟ ଅତିଥି ରୂପେ ରରୁଆଁ ବ୍ଲକର ଅତିରିକ୍ତ ଶିକ୍ଷା ଗୋଷ୍ଠୀ ଅଧିକାରୀ ସୁରେନ୍ଦ୍ର ନାଥ ରାଉତ ,ମୁଖ୍ୟ ବକ୍ତା ରୂପେ ଶିକ୍ଷକ ତଥା ଶୁକୁଳି ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ମୋହିନୀ ପାତ୍ର, ସମ୍ମାନିତ ଅତିଥି ରୂପେ ଶିବକ୍ଷନୀ ଦାସ ଓ କିଶୋର ନାଏକ ଯୋଗ ଦେଇ ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କ ଗୁଣଗାନ କରି ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି କରିଥିଲେ ।ଶିକ୍ଷକ କାମିନୀ କାନ୍ତ ମହାକୁଡ଼ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବନମାଳୀ ନାଏକ କୃତଜ୍ଞତଷ ଜ୍ଞାପନ କରିଥିଲେ ।

## ରେଳ ଦୁର୍ଘଟଣାରେ ମୃତ ହରିହରଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ସାଂସଦ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ କୁବେରା ଗ୍ରାମର ହରିହର ସାହୁ ନାମକ ଜଣେ ବ୍ୟକ୍ତିଙ୍କର ବାହାନଗଲା ରେଳ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହି ଖବର ପାଇବା ପରେ ମଙ୍ଗଳବାର ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ କୁବେରା ଗ୍ରାମକୁ ଯାଇ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ସାଂସଦ ଶ୍ରୀମତୀ ମଣ୍ଡଳଙ୍କ ସହିତ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତ୍‌ଲତା ନାୟକ, ବରିଷ୍ଠ ବିଜେଡି ନେତା ତଥା ଆଇନଜୀବୀ ଚିନ୍ତାମଣି ଦାସ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ଯତୀନ୍ଦ୍ର ବେହେରା ପ୍ରମୁଖଙ୍କ ସହିତ କେତେକ ଗ୍ରାମବାସୀ ଉପସ୍ଥିତ ଥିଲେ।

## କଳଖ ସେତୁ-ପଳସା ନଦୀବନ୍ଧ ରାସ୍ତା ନିର୍ମାଣ ଦାବି

ନିଆଳୀ, (ଭାସ୍କର ନ୍ୟୁଜ୍): ନିଆଳୀ ବ୍ଲକ ଦ୍ୱୀପାଞ୍ଚଳ ଏକ ବେରୁଆ ପଞ୍ଚାୟତ କଳଖ ସେତୁଠାରୁ ନାଟୀ ଦେଇ ପଳସା ନଦୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ ଦାବି ହେଉଛି। ଏକବେରୁଆଁ ପଞ୍ଚାୟତକୁ ଏହି ରାସ୍ତାଟି ନିଆଳୀ ସଦର ମହକୁମାକୁ ଏକ ସଟକଟ ସିଧା ରାସ୍ତା ଅଟେ। ଏହି ରାସ୍ତାଟି ନିଆଳୀରୁ ପହଙ୍ଗା କଳଖ ସେତୁ ନାଟୀ ଗ୍ରାମଦେଇ ଏକବେରୁଆଁ ପଞ୍ଚାୟତକୁ ସଂଯୋଗ କରୁଛି। ରାସ୍ତାଟି ନିର୍ମାଣ କରାଗଲେ ସିଠାଳୋ, ବାଲିକୁଦ, ଏକବେରୁଆଁ, ପଳସା, ନାଟୀ ଓ ସୁଧାନଗର ଗ୍ରାମବାସୀ ମାନେ ଉପକୃତ ହୋଇପାରିବେ। ଏହି ରାସ୍ତାଟି ବର୍ତ୍ତମାନ କେବଳ ମାଟିରାସ୍ତା ଅଟେ। ଅସରାଏ ବର୍ଷାହେଲେ ଏହି ରାସ୍ତାଦେଇ ଯିବା ଆସିବା କରିବା ସମ୍ଭବ ନୁହେଁ। ବ୍ଲକ, ତହସିଲ, ନିଆଳୀ କଲେଜ, ବଜାର, ପହଙ୍ଗା ବଜାର, ଡାକ୍ତରଖାନା ଆଦି ଜରୁରୀ କାର୍ଯ୍ୟରେ ଯିବା ଅସମ୍ଭବ ହୋଇପଡୁଛି। ଏହି ରାସ୍ତାଟିକୁ ତୁରନ୍ତ ନିର୍ମାଣ କରିବା ନିମନ୍ତେ ସମାଜସେବୀ ସଂଗ୍ରାମ କେଶରୀ ବଡ୍ଡୁ, କୈଳାସ ନାୟକ, ଶ୍ରୀଜଗନ୍ନାଥ ଦ୍ୱୀପାଞ୍ଚଳ କୃଷକ ଉତ୍ପାଦକ ସଂସ୍ଥା ମୁଖ୍ୟ ଅକ୍ଷୟ କୁମାର ନାୟକ, ସାମ୍ବାଦିକ ସରୋଜ ନାୟକ ପ୍ରମୁଖ ସରକାରଙ୍କ ନିକଟରେ ଦୃଢଦାବୀ କରିଛନ୍ତି।

# ରେଳ ଦୁର୍ଘଟଣା: ନିରବ ପ୍ରାର୍ଥନା ଓ ମହମବତୀ ଶୋଭାଯାତ୍ରା




ବୋଲଗଡ଼, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ବାହାନଗା ଠାରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମୃତକ ମାନଙ୍କ ଅମର ଆତ୍ମାର ସଦଗତି କାମନା ନିମନ୍ତେ ଓ ମେଡ଼ିକାଲରେ ଚିକିତ୍ସାଧୀନ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା ଉଦ୍ଦେଶ୍ୟରେ ପିଚୁକୁଳି ବଣିକ ସଂଘ ପକ୍ଷରୁ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱରଙ୍କ ପୀଠ ସଭାପତି ପବିତ୍ର ମୋହନ ମାଝୀଙ୍କ ଆହ୍ୱାନରେ ପବିତ୍ର ଚୌଧୁରୀ,ଚିତ ରଂଜନ ସାମନ୍ତ,ରୁଦ୍ର ନାରାୟଣ ବହିନୀପତି ସମେତ ଶତାଧିକ ସଭ୍ୟ ଯୋଗଦେଇ ନିରବ ପ୍ରାର୍ଥନା କରିଥିଲେ । ସେହିପରି ସାନପଦର ଗୁରୁସେବା କୋଚିଂ ସେଣ୍ଟର ଶିକ୍ଷକ ଅଶୋକ କୁମାର ନାୟକଙ୍କ ଆହ୍ୱାନରେ ଛାତ୍ରଛାତ୍ରୀ ମାନେ ନିରବ ପ୍ରାର୍ଥନା କରି ଥିଲେ । ପରେପରେ ସାନପଦର ଗ୍ରାମପଞ୍ଚାୟତ ଆନୁକୁଲ୍ୟରେ ମହମବତୀ ଶୋଭାଯାତ୍ରା ଓ ଶୋକସଭା ସାନପଦର ଗ୍ରାମପଞ୍ଚାୟତର ପ୍ରଭୁ ବାବା ତାରେଶ୍ୱର ଦେବଙ୍କ ପୀଠ ରୁ ଏକ ମହମବତୀ ଶୋଭାଯାତ୍ରା ଆରମ୍ଭ ହୋଇ ସାନପଦର ଗ୍ରାମ କୁ ପରିକ୍ରମା କରି କବିପୀଠ ଓ ଗ୍ରାମଦେବତୀ ମା ବଘେଇ ଙ୍କ ମନ୍ଦିର ପର୍ଯ୍ୟନ୍ତ ପରିକ୍ରମା କରାଯାଇଥିଲା ଓ ପରେ ପରେ ଭକ୍ତଚରଣ ସ୍ମୃତିସଦନ (ଦୁର୍ଗା ମଣ୍ଡପ )ଠାରେ ଶୋଭାଯାତ୍ରା ଶେଷ କରି ଏକ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ସାନପଦର ଗ୍ରାମପଞ୍ଚାୟତ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର,ସାହିତ୍ୟିକ ରାଜକିଶୋର ବ୍ରହ୍ମା , ଶିକ୍ଷାବିତ ବିଜୟ କୁମାର ସାହୁ, ସମାଜ ସେବୀ ଅଜୟ କୁମାର ମଙ୍ଗରାଜ,ଜିତେନ କୁମାର ବେହେରା , ଦୁର୍ଗାଚରଣ ସାହୁ ,ରୁନା ମହାନ୍ତି , ପ୍ରଶାନ୍ତ ପରିମାଣିକ , ଦେବୀପ୍ରସାଦ ସିଂ ତଥା ସାନପଦର ଗ୍ରାମପଞ୍ଚାୟତର ରାସୋଳ, ବାୟାପଲ୍ଲୀ, କୃଷ୍ଣଶରଣପୁର ର ବହୁ ଯୁବକ ତଥା ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ କୁ ଶିକ୍ଷକ ଶ୍ରୀକାନ୍ତ କୁମାର ନାୟକ ସଂଯୋଜନା ଓ ପରିଚାଳନା କରିଥିଲେ । ପରିଶେଷ ରେ ସରପଞ୍ଚ ଶ୍ରୀ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚେନ୍ ପକାଇ ବିଦ୍ୟୁତ୍ କାଟିଲେ ଲୋକ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଥିବା କେତେକ ଗ୍ରାମରେ ସୋମବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ବିଦ୍ୟୁତ୍ ଖୁଣ୍ଟ ନଇଁ ପଡ଼ିବା ସହିତ ତାର ମଧ୍ୟ ଛିଡ଼ି ଯାଇଥିଲା। ବିଦ୍ୟୁତ୍ ବିଭାଗର କର୍ମଚାରୀ ମରାମତି ପାଇଁ ଗ୍ରାମାଞ୍ଚଳକୁ ଯାଇଥିଲେ। କାଳ ବୈଶାଖୀରେ ସୟା ଓ ଶେରପୁର ଅଞ୍ଚଳରେ କେତେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ନଇଁ ପଡ଼ିବା ସହିତ ତାର ମଧ୍ୟ ଛିଡ଼ି ଯାଇଥିଲା। ଖବର ପାଇ ପ୍ରଥମେ ବିଦ୍ୟୁତ ବିଭାଗ କର୍ମଚାରୀ ସୟା ଅଞ୍ଚଳକୁ ଯାଇ ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ସେଠାରେ ମରାମତି ଶେଷ ହେଉ ହେଉ ରାତି ପ୍ରାୟ ୧୧ଟାରୁ ଅଧିକ ସମୟ ହୋଇ ଯାଇଥିଲା। ପରେ ବିଦ୍ୟୁତ୍ କର୍ମଚାରୀମାନେ ଶେରପୁର ଅଞ୍ଚଳରେ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ଶେରପୁରରେ ରାତି ଅଧିକ ହେବା ସହ କର୍ମଚାରୀମାନେ କ୍ଳାନ୍ତ ହୋଇପଡ଼ିବାରୁ ମାରାମତି କାର୍ଯ୍ୟ ଶେଷ କରିବା ସମ୍ଭବ ହୋଇ ପାରିନଥିଲା। ଏଥିପାଇଁ ସେଠାକାର ସ୍ଥାନୀୟ ଲୋକମାନେ ମରାମତି କାର୍ଯ୍ୟ ଶେଷ କରି ସେହିଦିନ ବିଦ୍ୟୁତ୍ ଚାର୍ଜ କରିବାକୁ ଅଡ଼ି ବସିଥିଲେ। କର୍ମଚାରୀମାନେ ଏଥିରେ ଅସମ୍ମତ ହେବାରୁ ସେମାନଙ୍କୁ ସେଠାରେ କେତେକ ଲୋକ ଅଟକ ରଖି ଭଦ୍ରକରୁ ସବ୍‌ଡିଭିଜନକୁ ଆସିଥିବା ୧୧ କେ.ଭି. ତାର ଉପରେ ଚେନ୍ ପକାଇ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରି ଦେଇଥିଲେ। ଫଳରେ ରାତି ୧୧ଟା ଠାରୁ ସଂପୂର୍ଣ୍ଣ ତିହିଡ଼ି ଉପଖଣ୍ଡ ଅଧୀନରେ ଥିବା ଗ୍ରାମ ଗୁଡ଼ିକରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇ ଯାଇଥିଲା। ଯାହାଫଳରେ ଲୋକମାନେ ଅସହ୍ୟ ଗୁଳୁଗୁଳି ଓ ଗରମରେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ତିହିଡ଼ି ବିଦ୍ୟୁତ୍ ଉପଖଣ୍ଡ ଏସଡିଓ ଭାଗିରଥି ପଣ୍ଡା ଏ ସମ୍ପର୍କରେ ଜାଣିବା ପରେ ଶେରପୁରରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ। ମାତ୍ର ଲୋକମାନେ ତାଙ୍କ ଗ୍ରାମରେ ବିଦ୍ୟୁତ୍ ନଜଳିଲେ କେଉଁଠିକୁ ବିଦ୍ୟୁତ୍ ସରବରାହ କରାଇ ଦେବେ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ତେବେ ଏସଡିଓ ଶ୍ରୀ ପଣ୍ଡା ବାଧ ହୋଇ ତିହିଡ଼ି ପୁଲିସ ଓ ସାବରଙ୍ଗ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ତିହିଡ଼ି ଓ ସାବରଙ୍ଗ ପୁଲିସ ପହଞ୍ଚି ବିଦ୍ୟୁତ୍ ତାରରେ ପକା ଯାଇଥିବା ଚେନ୍‌କୁ ଉଠାଇବା ପରେ ପ୍ରାୟ ରାତି ୧.୪୦ ସମୟରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିବା ଜଣାଯାଇଛି।

## ଜିନ୍ଦଲ ଷ୍ଟେନଲେସରେ ବିଶ୍ୱ ପରିବେଶ ଦିବସ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଭାରତର ବୃହତ୍ତମ ଷ୍ଟେନଲେସ ଷ୍ଟିଲ ଉତ୍ପାଦକ ଜିନ୍ଦଲ ଷ୍ଟେନଲେସର ଶହ ଶହ କର୍ମଚାରୀ ଗତକାଲି ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ହିସାର ଏବଂ ଯାଜପୁରରେ କର୍ପୋରେଟ ଅଫିସ ତଥା ଉତ୍ପାଦନ କାରଖାନାଗୁଡ଼ିକରେ ଆୟୋଜିତ ଏକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଡ୍ରାଇଭରେ ଅଂଶଗ୍ରହଣ କରିଥିଲେ। ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ସହିତ ମିଳିତ ଭାବରେ ପରିଚାଳିତ ଏହି ପଦକ୍ଷେପ ମାଧ୍ୟମରେ, କମ୍ପାନୀ ଏହାର ସ୍ଥିରତା କୁ ନେଇ ପଦକ୍ଷେପ ଏବଂ ଦାଇତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ହ୍ରାସ ଉପରେ ଚାଲିଥିବା ନିରନ୍ତର ପ୍ରୟାସ ଉପରେ ଧ୍ୟାନ ଆକର୍ଷଣ କରିବା ଏବଂ ସଚେତନତା ବିସ୍ତାର କରିବା ଲକ୍ଷ ରଖିଛି ।ଏହି ପଦକ୍ଷେପ ବିଷୟରେ ସୂଚନା ଦେଇ, ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ ଜିନ୍ଦଲ ଷ୍ଟେନଲେସ କହିଛନ୍ତି "ମୁଁ ଆମ କମ୍ପାନୀର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ ଡ୍ରାଇଭ୍ର ଦ୍ୱିତୀୟ ସଂସ୍କରଣକୁ ସମାପ୍ତ କରି ଖୁସି, ଯାହା ଚଳିତ ବର୍ଷ ଆମର କାରଖାନାଗୁଡିକ ପର୍ଯ୍ୟନ୍ତ ବିସ୍ତାର କରାଯାଇଥିଲା ଏବଂ ଫଳସ୍ୱରୂପ ୨ ଟନ୍ରୁ ଅଧିକ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା। ଜିନ୍ଦଲ ଷ୍ଟେନଲେସରେ, ସ୍ଥିରତା ଉପରେ ଆମର ପ୍ରତିବଦ୍ଧତା ଆମ କାର୍ଯ୍ୟକୁ ଆଗକୁ ବଢ଼ାଇଥାଏ ଓ ତାହା, ସମାଜରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିବାକୁ ଆମର ଚେଷ୍ଟାକୁ ଆହୁରି ସଶକ୍ତ କରିଥାଏ । ଭାରତୀୟ ଷ୍ଟେନଲେସ ଷ୍ଟିଲ ଶିଳ୍ପରେ ଅଗ୍ରଦୂତ ଭାବରେ ଆମେ ଭବିଷ୍ୟତ ପାଇଁ ଏକ ସ୍ଥାୟୀ ଏବଂ ସକରାତ୍ମକ ପ୍ରଭାବ ଛାଡିବାକୁ ଉତ୍ସର୍ଗୀକୃତ ଅଟୁ। "ଗତକାଲିର ପ୍ଲାଷ୍ଟିକ୍ ସଂଗ୍ରହ ଡ୍ରାଇଭ୍ ରେ ୧୫୦୦ ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ । ଯାଜପୁରରୁ ୧୧୦୦ କିଲୋଗ୍ରାମରୁ ଅଧିକ, ହିସାରରୁ ୭୫୦ କିଲୋଗ୍ରାମରୁ ଅଧିକ ଏବଂ ଗୁରୁଗାଓଁର କର୍ପୋରେଟ କାର୍ଯ୍ୟାଳୟରୁ ପ୍ରାୟ ୧୫୦ କିଲୋଗ୍ରାମ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତାର ଏକ ଉପହାର ପ୍ରଦାନ କରାଯାଇଥିଲା ।ଗତ ବର୍ଷ ପରି, ଏହି ଅଭିଯାନରେ ସଂଗୃହିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ଚେୟାର, ବେଞ୍ଚ ଏବଂ ଡଷ୍ଟବିନ ଭଳି ଉପଯୋଗୀ ଦ୍ରବ୍ୟରେ ପରିଣତ କରାଯିବ ।ଅବଶ୍ୟ, ଏଥର ଏକ ସ୍ଥାୟୀ ତଥା ପରିବେଶ ଅନୁକୂଳ ସଂଗଠନର ବ୍ରାଣ୍ଡ ଭାବମୂର୍ତ୍ତିକୁ ଆଗକୁ ବଢ଼ାଇବା ପାଇଁ ସ୍ଥାନୀୟ ସରକାରୀ ସଂସ୍ଥାଗୁଡ଼ିକ ସହିତ ପରାମର୍ଶ କରିବା ପରେ ଏହି ସୌନ୍ଦର୍ଯ୍ୟ ସ୍ଥାପନକୁ ସର୍ବସାଧାରଣ ସ୍ଥାନରେ ରଖିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ଏଥିସହ ଯାଜପୁର ପ୍ଲାଣ୍ଟର କର୍ମଚାରୀମାନେ ବିଶ୍ୱ ପରିବେଶ ଦିବସର ସାକ୍ଷୀ ହେବା ପାଇଁ ପ୍ଲାଣ୍ଟ ଭିତରେ ୨୦୦ ରୁ ଅଧିକ ଗଛ ଲଗାଇଛନ୍ତି। ଆର୍ଥିକ ବର୍ଷ ୨୨/୨୩ ସମୟରେ, ଉଭୟ ଯାଜପୁର ଏବଂ ହିସାର ପ୍ଲାଣ୍ଟରେ କେନ୍ଦ୍ରିତ ଶକ୍ତି ଦକ୍ଷତା ଏବଂ ସଂରକ୍ଷଣ ପଦକ୍ଷେପ ସହିତ ବିସ୍ତୃତ ଶକ୍ତି ଅଡିଟ୍ ଫଳସ୍ୱରୂପ ୧୪୫ ଲକ୍ଷ ୟୁନିଟ୍ ବିଦ୍ୟୁତ୍ ଏବଂ ୧୭,୫୪୨ ବିଲିୟନ କ୍ୟାଲୋରୀ ତାପଜ ଶକ୍ତି ସଞ୍ଚୟ ହୋଇଥିଲା । ଅନ୍ୟାନ୍ୟପଦକ୍ଷେପ ମଧ୍ୟରେ ଅପ୍ଟିମାଇଜଡ୍ ବର୍ଜ୍ୟ ଉତ୍ତାପ ପୁନରୁଦ୍ଧାର ପ୍ରଣାଳୀ, ଅକ୍ଷୟ ଶକ୍ତିର ବ୍ୟବହାର, ଏକ ଶକ୍ତି ସଂରକ୍ଷଣ ପ୍ରକଳ୍ପ, ସଡକ ପରିବହନରୁ ରେଳକୁ ଯିବା, ବର୍ଜ୍ୟବସ୍ତୁ ପୁନଃ ବ୍ୟବହାର ଏବଂ ଉତ୍ପଜ କାର୍ଯ୍ୟକଳାପରେ ଜଳ ସୁବିଧା ବୃଦ୍ଧି ଅନ୍ତର୍ଭୁକ୍ତ । ୨୦୫୦ ସୁଦ୍ଧା ଏହାର ନିଟ୍ ଜିରୋ କାର୍ବନ ନିର୍ଗମନ ଲକ୍ଷ୍ୟଠାରୁ ଆରମ୍ଭ କରି ମାସିକ ପରିବେଶ ଅଡିଟ୍ କରିବା, ଅତ୍ୟାଧୁନିକ ସୁବିଧାଗୁଡ଼ିକ ସ୍ଥାପନ କରିବା ଯେପରିକି ଧୂଳି ନିଷ୍କାସନ ପ୍ରଣାଳୀ, ଇଲେକ୍ଟ୍ରୋଷ୍ଟାଟିକ୍ ବର୍ଷା, ବ୍ୟାଗ୍ ଫିଲ୍ଟର୍ ଏବଂ ବାୟୁ ନିର୍ଗମନକୁ ଟ୍ରିଟମେଣ୍ଟ କରିବା ପାଇଁ ଶୃଙ୍ଖଳା କୁହୁଡି ପ୍ରଣାଳୀ, ପୃଥକ ପ୍ରବାହର ମାଲିକାନା, ଟ୍ରିଟମେଣ୍ଟ ପ୍ଲାଣ୍ଟ ଏବଂ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ଯାହା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିନ୍ଦଲ ଷ୍ଟେନଲେସ୍ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମକୁ ଅନୁସରଣ କରେ, ଏକ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟ ଭାବରେ, ଏହାର ସ୍ଥିରତା ପ୍ରୟାସ ପାଇଁ ସକ୍ରିୟ ଭାବରେ ଉଦ୍ୟମ କରେ ।

## ଆଚାର୍ଯ୍ୟା ପ୍ରଶିକ୍ଷଣ ଶିବିର

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଦିନ ସାଇଗୁରୁକୂଳ ଆବାସିକ ବିଦ୍ୟାଳୟ,ଭଂଜନଗର ଠାରେ ଆଚାର୍ଯ୍ୟା/ଆଚାର୍ଯ୍ୟା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଉଦ୍‌ଘାଟକଙ୍କ ଶୁଭେଂଦୁ ରଂଜନ ରାୟ, ଆଂଚଳିକ ପରିବହନ ଅଧିକାରୀ ଓ ମୁଖ୍ୟ ଅତିଥିଭାବେ ଶ୍ରୀଯୁକ୍ତ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ ଯୋଗଦାନ କରିଥିଲେ । ଶିକ୍ଷାର ବିକାଶ ଦିଗରେ ଆଚାର୍ଯ୍ୟ/ଆଚାର୍ଯ୍ୟାମାନଂକୁ ମାର୍ଗ ଦର୍ଶନ କରାଇଥଲେ । ରାଷ୍ଟ୍ରୀୟଶିକ୍ଷା ସଂସ୍ଥାନ ଗଂଜାମ ଜିଲ୍ଲାର ମୋଟ ୨୦ ଟି ବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ସଭାପତି ଶ୍ରୀ ଶୂଳପାଣି ଶତପଥି ଏଥିରେ ସଭାପତିତ୍ୱ କରିଥିଲେ । ସଂପାଦକ ଶ୍ରୀ ଅଜିତ୍ କୁମାର ଶତପଥି ଓ ନିର୍ଦ୍ଦେଶକ ତଥା ସଂସ୍ଥାନର ସଂପାଦକ ସୂର୍ଯ୍ୟନାରାୟଣ ପାତ୍ର, ଶ୍ରୀ ରମାକାଂତ ପାଢୀ ଏଥିରେ ଯୋଗଦାନ କରିଥିଲେ । ପ୍ରଶିକ୍ଷକ ଭାବରେ ଦିପ୍ତାଂଶୁ ଦେବୀ, ଛାୟାକାଂତ ମହାପାତ୍ର, ମଂଜୁଳା ପ୍ରଧାନ ଓ ହୃଷୀକେଶ ବିଶ୍ୱାଳ ଯୋଗଦାନ କରିଥିଲେ । ସାଇଗୁରୁକୂଳ ଆବାସିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ ଏବଂ ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଯୋଗମାୟା ଭାଗବତ ପ୍ରତିଯୋଗିତା : ଫତେଗଡ ଚାମ୍ପିଅନ



ବୋଲଗଡ଼, (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ହାଟବସ୍ତ ଗ୍ରାମ ରାମଲୀଳା ଥିଳି ପ୍ରାଙ୍ଗଣରେ ଚାଲିଥିବା ମା' ଯୋଗମାୟା ଭାଗବତ ପ୍ରତିଯୋଗିତା ରବିବାର ମଧ୍ୟ ରାତ୍ରରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନି ରାତ୍ରରେ ଫତେଗଡ ଭାଗବତ ମଣ୍ଡଳୀ ଓ ପିଠାଖାଇ ଭାଗବତ ମଣ୍ଡଳୀ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ଫତେଗଡ ଭାଗବତ ମଣ୍ଡଳୀ ଚାମ୍ପିୟନ ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ରୂପେ ସମାଜସେବୀ ବଂଶୀଧର ସାହୁ ଯୋଗଦେଇ ଚାମ୍ପିୟନ ଫତେଗଡ ଭାଗବତ ମଣ୍ଡଳୀଙ୍କୁ ସିଲ୍ ଓ ପିଠାଖାଇ ଭାଗବତ ମଣ୍ଡଳୀଙ୍କୁ ରନର୍ସ କପ୍ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା ଗତ ୨ତାରିଖରୁ ଆରମ୍ଭ ହୋଇଥିଲା। ପୂର୍ବରୁ କଣ୍ଟିଲୋ ବେଣାଗାଡ଼ିଆ ଓ ଭାପୁର ମହୁଲିଆ ଭାଗବତ ମଣ୍ଡଳୀ ରହିଥିଲେ। ବିଚାରକ ଭାବେ ଦାଶରଥି ପଟ୍ଟନାୟକ, ଯଦୁମଣୀ ବିଶାଳ, ପୁରୁଷୋତ୍ତମ ମହାରଣା, ମାଟିଆ ମାଝୀ ରହିଥିବା ବେଳେ ପ୍ରତି ସଂଧ୍ୟାକୁ ଅଧ୍ୟାପକ ପଦ୍ମନାଭ ଖଟେଇ ଓ ରମେଶ ଭୋଳ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ବିଭାଗର ପ୍ରଶାସନିକ କର୍ମଚାରୀମାନଙ୍କ ଗ୍ରେଡ୍ ପେ' ୪୨୦୦କୁ ବୃଦ୍ଧି ପାଇଁ ଆନ୍ଦୋଳନ

ଖୋର୍ଦ୍ଧା, (ଭାସ୍କର ନ୍ୟୁଜ୍): ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟରତ ପ୍ରଶାସନିକ କର୍ମଚାରୀମାନେ ୪୨୦୦ ଗ୍ରେଡ୍ ପେ ପାଇଁ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଚାରିଗୋଟି ଡିସକମ୍ ଯଥା- ଟିପିସିଓଡିଏଲ୍, ଟିପିଡବ୍ଲୁଡିଏଲ୍, ଟିପିଏସଓଡିଏଲ୍, ଟିପିଏନ୍‌ଓଡିଏଲ୍ ସହିତ ଓପିଟିସିଏଲ୍ ରେ କାର୍ଯ୍ୟ କରୁଥିବା ପ୍ରଶାସନିକ କର୍ମଚାରୀମାନେ ଏକ ମିଳିତ କାର୍ଯ୍ୟ କମିଟି "ଓଡ଼ିଶା ଇଲେକ୍ଟ୍ରିସିଟି ଏମ୍ପ୍ଲଇଜ୍ ଜଏଂଟ୍ ଫୋରମ" ନାମରେ ଗଠନ କରିଛନ୍ତି । ପ୍ରମୁଖ ୩ ୟୁନିୟନ୍ ଯଥା-ଓଏସଇବି ମିନିଷ୍ଟ୍ରିୟାଲ ଏମ୍ପ୍ଲଇଜ୍ ୟୁନିୟନ୍, ଓଡ଼ିଶା ପାୱାର ଏମ୍ପ୍ଲଇଜ୍ ୟୁନିୟନ୍ ଏବଂ ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ଅମଲା ସଂଘ ମିଳିତ ଫୋରମରେ ପ୍ରତିନିଧିତ୍ୱ କରୁଛନ୍ତି ଏବଂ ଏହି ପରିପ୍ରେକ୍ଷୀରେ ମିଳିତ ଫୋରମ୍ ଦ୍ୱାରା ସି.ଏମ୍.ଡି., ଓପିଟିସିଏଲ୍ ଏବଂ ନିର୍ଦ୍ଦେଶକ (ଏଚ୍.ଆର୍.ଡି) ଓପିଟିସିଏଲ୍ ଙ୍କୁ ବିଦ୍ୟୁତ୍ କ୍ଷେତ୍ରରେ କାର୍ଯ୍ୟରତ ପ୍ରଶାସନିକ କର୍ମଚାରୀମାନଙ୍କ ଗ୍ରେଡ ପେ ୪୨୦୦ କୁ ବୃଦ୍ଧି କରିବାକୁ ଏକ ସ୍ମାରକ ପତ୍ର ତା୦୫.୦୬.୨୦୨୩ ରିଖରେ ଦିଆଯାଇଅଛି। ଯଦି ସେମାନଙ୍କ ଦାବି ପୂରଣ ନହୁଏ ତେବେ ଆଗାମୀ ଦିନରେ ଏକ ବୃହତ ଆନ୍ଦୋଳନ ପାଇଁ ଏହି ଫୋରମ୍ ଓପିଟିସିଏଲ୍ ର ମ୍ୟାନେଜ୍‌ମେଂଟ କୁ ଚେତାବନୀ ଦେଇଛି।

## ସିଆର୍‌ପି, ଏମ୍‌ବିକେ ନିଯୁକ୍ତି ଅନିୟମିତତା ଅଭିଯୋଗ

କାକଟପୁର, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁର ବ୍ଲକ ମିଶନ ଶକ୍ତି ଯୋଜନା କାର୍ଯ୍ୟକାରୀ ପାଇଁ ସିଆରପି, ଏମବିକେ ଓ ବ୍ୟାଙ୍କ ମିତ୍ର ନିଯୁକ୍ତି ପ୍ରକ୍ରିୟା ରେ ବ୍ୟାପକ ଜାଲିଆତି ଓ ଚଞ୍ଚକତା ହୋଇଥିବା ବାରଟି ପଞ୍ଚାୟତ ର ତିନିଶହରୁ ଉର୍ଦ୍ଧ ଆଶାୟୀ ପାର୍ଥୀ କାକଟପୁର ବ୍ଲକ ମିଶନ ଶକ୍ତି ଗୃହ କୁ ଘେରାଉ କରିବାକୁ ଆସିଥିବା ବେଳେ ସେଠାରେ କେହି ନଥିବାରୁ ବିଡିଓ ଓ ଅଧ୍ୟକ୍ଷ ଙ୍କ ନିକଟରେ ଦାବି ପତ୍ର ପ୍ରଦାନ କରିଛନ୍ତି । ଖବରରୁ ପ୍ରକାଶଯେ କାକଟପୁର ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତ ରେ (୧୫୪) ଜଣ ସିଆରପି (୧୧)ଜଣ ଏମବିକେ ଓ ୯ ଜଣ ବ୍ୟାଙ୍କମିତ୍ରଙ୍କୁ ମିଶାଇ ମୋଟ (୧୭୪) ଜଣଙ୍କୁ ନିଯୁକ୍ତି ଦିଆଯାଇଛି କ୍ଷ କିନ୍ତୁ କିଛି ଆଶାୟୀ ଅଭିଯୋଗ କରିଛନ୍ତି ଯେ ନିଯୁକ୍ତି ରେ ବ୍ୟାପକ ଅନିୟମିତତା ହୋଇଅଛି। ସେମାନେ ଆଜି ଏକତ୍ରିତ ହୋଇ ମିଶନ ଶକ୍ତି ଗୃହ କୁ ଘେରାଉ କରିବାକୁ ଗଲାବେଳେ କୌଣସି ଅଧିକାରୀ ସେଠାରେ ଉପସ୍ଥିତ ନଥିଲେ। ଫଳରେ ସେମାନେ ସେମାନଙ୍କ ଅଭିଯୋଗ ପତ୍ର ବିଡ଼ିଓ ତୁଷାର ଜ୍ୟୋତି ରଞ୍ଜନ ଓ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଙ୍କୁ ପ୍ରଦାନ କରିଥିଲେ। ସେମାନଙ୍କର ଅଭିଯୋଗ ହେଲା କି ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରାଯାଇନାହିଁ। କିଛି ପ୍ରାର୍ଥୀ ନକଲି ସାର୍ଟିଫିକେଟ ଦେଇଛନ୍ତି। ଆଉ କିଛି ପ୍ରାର୍ଥୀଙ୍କର ଆବେଦନ ପତ୍ରକୁ ଗାୟବ କରାଯାଇଛି କ୍ଷ କିଛି ପ୍ରାର୍ଥୀ ମଧ୍ୟ ମୋଟା ଆକାରର ଅର୍ଥ ମଧ୍ୟ ଦେଇଛନ୍ତି। ଏ ସବୁ ଅଭିଯୋଗ ଶୁଣିଲା ପରେ ବିଡ଼ିଓ ଦୁଇ ଦିନ ଭିତରେ ଉପଯୁକ୍ତ ପଦକ୍ଷେପ ନେବେବୋଲି ମହିଳା ମାନଙ୍କୁ ପ୍ରତିସ୍ରୁତି ଦେବାପରେ ସେମାନେ ଧାରଣାରୁ ଉଠିଥିଲେ। ମହିଳା ମାନଙ୍କ ଦାବିକୁ ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ ଗତ ପଞ୍ଚାୟତ ସମିତି ବୈଠକ ରେ ଉପଯୁକ୍ତ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରସ୍ତାବ ରଖିବା ସହ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ। ଆସନ୍ତା ଦୁଇ ଦିନ ମଧ୍ୟରେ ନିଯୁକ୍ତି ପାଇଥିବା ଜାଲ ସାର୍ଟିଫିକେଟଧାରୀଙ୍କୁ ଯାଞ୍ଚ କରାଯାଇ ନିଯୁକ୍ତି ରଦ୍ଦ କରିବା ସହ ଉପଯୁକ୍ତ ପ୍ରାର୍ଥୀ ଙ୍କୁ ନିଯୁକ୍ତି ଦିଆ ନ ଯାଏ ତେବେ ଆଶାୟୀ ପ୍ରାର୍ଥୀ ମାନେ ରାଜ ରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ନଦୀରେ ବୁଡି ସପ୍ତମ ଶ୍ରେଣୀ ଛାତ୍ରର ମୃତ୍ୟୁ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ବାଲି ମାଫିଆଙ୍କ ଦାୟୀତ୍ୱ ହୀନତା ଯୋଗୁ ଆଜି ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ ଅଣସରପୁର ଗ୍ରାମର ଜଣେ ସପ୍ତମ ଶ୍ରେଣୀ ଛାତ୍ର ଲୁଣାନଦୀରେ ବୁଡି ପ୍ରାଣ ହରାଇଛନ୍ତି। ଅଣସରପୁର ଗ୍ରାମର ମନୋଜ କୁମାର ସାହୁଙ୍କ ଜ୍ୟେଷ୍ଠପୁତ୍ର ସୌମ୍ୟ ରଞ୍ଜନ(୧୨) ସ୍ଥାନୀୟ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ଅଧ୍ୟୟନ କରନ୍ତି। ଆଜି ସକାଳେ ସୌମ୍ୟ ରଞ୍ଜନ ନିଜର ବଡ ବାପା ଅଜୟ ଓ ଦୁଇ ଭାଇଙ୍କ ସହ ସ୍ଥାନୀୟ କୁଳଗାଁଇଶାଳୋ ଠାରେ ଥିବା ଲୁଣାନଦୀ କୁ ଗାଧେଇବା ନିମନ୍ତେ ଯାଇଥିଲେ । ତେବେ ଏହି ସ୍ଥାନକୁ ବାଲି ମାଫିଆମାନେ ଜେସିବି ମେସିନ ସାହାଯ୍ୟରେ ଗଭୀର କରି ଖୋଳିଦେଇଥିବା କାରଣରୁ ସ୍ଥାନଟି ଗଭୀର ହୋଇପଡିଥିଲା। ଏହି ସ୍ଥାନରେ ସୌମ୍ୟରଞ୍ଜନ ଗାଧୋଉଥିଲା ବେଳେ ତାଙ୍କର ଗୋଡ ଖସି ଯାଇଥିଲା। ଫଳରେ ସେ ପାଣିରେ ବୁଡି ଯାଇଥିଲେ। ତାଙ୍କର ଅନ୍ୟ ଦୁଇ ଭାଇ ମଧ୍ୟ ପାଣିରେ ବୁଡି ଯାଇଥିଲେ। ତାଙ୍କର ବଡ ବାପା ନଦୀକୁ ଡେଇଁ ଦୁଇ ଜଣଙ୍କୁ ଉଦ୍ଧାର କରିଥିଲା ବେଳେ ସୌମ୍ୟକୁ ଉଦ୍ଧାର କରିପାରିନଥିଲେ। ଖବର ପାଇ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ନଦୀରୁ ସୌମ୍ୟକୁ ମୂର୍ଚ୍ଛିତ ଅବସ୍ଥାରେ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏସମ୍ପର୍କରେ ତାଙ୍କର ପିତା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା ବେଳେ ପୋଲିସ ତାଙ୍କର ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି।

## ତାଣ୍ଡବ ରଚିଲା କାଳବୈଶାଖୀ

ନିଆଳି, (ଭାସ୍କର ନ୍ୟୁଜ୍): କଣ୍ଟାପଡା ନିଆଳୀ ବ୍ଲକରେ ଦିନ ୩ଟା ରୁ ୪ ଟା ପର୍ଯ୍ୟନ୍ତ କାଳବୈଶାଖି ତାଣ୍ଡବ ରଚିଲା। ପ୍ରବଳ ବେଗରେ ପବନ ବହିବା ସହିତ କୁଆପଥର ବର୍ଷା ହୋଇଥିଲା। ପବନରେ ବହୁ ଘଳଛପର ଘର ଉଡିବା ସହ ମୋଟା ମୋଟା ଗଛ ଉପୁଡି ରାସ୍ତା ଅବରୋଧ ହୋଇଥିଲା। ମୁଖ୍ୟତଃ ତଣ୍ଡିକଣା କସରଦା ରାସ୍ତା, ତଣ୍ଡିକଣା ଏରଣ୍ଟ ରାସ୍ତା ବାହ୍ୟ ଜଗତରୁ ବିଛିନ୍ନ ହୋଇଥିଲା। ରାସ୍ତାରେ ବିଦ୍ୟୁତ୍ ତାର ଛିଡିବାରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଏପରିକି ରାସ୍ତା ସଫାକରିବା ନିମନ୍ତେ ଅଡସପୁର ଅଗ୍ନିସେବା ବାହିନୀ ଉଦ୍ଧାର କାର୍ଯ୍ୟରେ ଲାଗିଥିବା ବେଳେ ପ୍ରତି ଗ୍ରାମର ଯୁବକମାନେ ରାସ୍ତାରୁ ଗଛକାଟି ସଫାକରୁଥିବା ଦେଖିବାକୁ ମିଳିଥିଲା। କେତେକ ଯାଗାରେ ଗାଡି ଉପରେ ଗଛର ଡାହି ପଡିଯିବାରୁ ଗାଡିର କାଚ ଭାଙ୍ଗିଥିବା ଦେଖିବାକୁ ମିଳିଥିଲା। ବହୁ ଫସଲ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ତୁରନ୍ତ କ୍ଷୟକ୍ଷତି ଅକଳନ କରି ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଉତ୍ତାରଣ ପଞ୍ଚାୟତ ସରପଞ୍ଚ ହେମନ୍ତ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ସ୍ଥାନୀୟ ଯୁବକ ମାନଙ୍କ ସହଯୋଗରେ ରାସ୍ତା ସଫା କାର୍ଯ୍ୟ କରାଯାଇଥିଲା।

## 'ମହାଦେବ ବାହିନୀ' ଉଦ୍‌ଘାଟିତ

ଢେଙ୍କାନାଳ,(ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲାର ଶୈବ ଭକ୍ତ ମାନଙ୍କୁ ନେଇ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ତଥା ଜଗନ୍ନାଥ ମହାପ୍ରଭୁଙ୍କର ଜନ୍ମଦିନ ଅବସରରେ ଗୁରୁଦେବଜୀ ଫାଉଣ୍ଡେସନ ପକ୍ଷରୁ ଏକ ନୂତନ ଆଧାତ୍ମିକ ପ୍ରତିଷ୍ଠାନ "ମହାଦେବ ବାହିନୀ" ଜନ କଲ୍ୟାଣ ଉଦ୍ଦେଶ୍ୟ ନିମନ୍ତେ ଢେଙ୍କାନାଳ ପ୍ରସିଦ୍ଧ ଶୈବପୀଠ କପିଳାସ ମହାପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ପାଖରେ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା ଏହା ପରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁ, ଭକ୍ତଗଣ, ସାଧୁସନ୍ଥ, ସେବାୟତ, ପୂଜକ, ଗୁରୁଦେବଜୀ ଫାଉଣ୍ଡେସନର ସଦସ୍ୟ, ଜନସାଧାରଣଙ୍କ ଉପସ୍ଥିତିରେ ମହାଦେବ ବାହିନୀର ପ୍ରତୀକ ଲୋଗୋ ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଋଷି ସମ୍ବିଧାନର ସାଧୁ, ବାହିନୀର ଆବାହକ ଯୁଧିଷ୍ଠିର ସାହୁ, ଗୁରୁଦେବଜୀ ଫାଉଣ୍ଡେସନର ଅଧ୍ୟକ୍ଷ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ, ସଦସ୍ୟ ଡାର୍ଲିଂନ ଡାଲଟନ, ଆଶୁତୋଷ ପାଢ଼ୀ, ସୁଶୀଲ ବେହେରା, ସତ୍ୟଜିତ ରାଉତ, ସୌଭାଗ୍ୟ ବରାଳ, କାହ୍ନୁଜି ମହାରଣା, ବିଶ୍ୱଜିତ ପ୍ରଧାନ, ରୁଦ୍ରନାରାୟଣ ଶତପଥୀ, ସତ୍ୟଜିତ ଦଳେଇ ପ୍ରମୁଖ ଉପସ୍ଥିତ ରହି ହର ହର ମହାଦେବ ଜୟ ବାବା ଚନ୍ଦ୍ର ଶେଖର ନାରା ଦେବା ସହ ସମସ୍ତ ଶ୍ରଦ୍ଧାଳୁଙ୍କୁ ଏହି ବାହିନୀର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ଅବଗତ କରାଇଥିଲେ ।

ସେହିପରି ଅପରାହ୍ନରେ ଢେଙ୍କାନାଳ ଗୁଡ଼ିଆନାଳି ୩ ନଂ ୱାର୍ଡ ସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ଶିବ ମନ୍ଦିର ପରିସରରେ ଗୁରୁଦେବଜୀ ଫାଉଣ୍ଡେସନ ଓ ଋଷି ସମ୍ବିଧାନ ପକ୍ଷରୁ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ଆଲୋଚନା ଚକ୍ର ଏବଂ ଶିବ କଥା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ବାହିନୀ, ପୁରୀ ଗୋବର୍ଦ୍ଧନ ପୀଠର ରାଷ୍ଟ୍ରୀୟ ମାର୍ଗଦର୍ଶକ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଦି ଦଧିଜି ଫାଉଣ୍ଡେସନ ସପ୍ତଶଯ୍ୟାର ମୁଖ୍ୟ ସ୍ୱାମୀ ରାମଶରଣା ନନ୍ଦ, କୈଳାସ ଆଶ୍ରମ ଋଷିକେଶର ସନ୍ଥ ସ୍ୱାମୀ ବିଶ୍ୱାମିତ୍ର ନନ୍ଦ, ହରିବାଚକ ପଣ୍ଡିତ ପ୍ରତାପ କିଶୋର ନନ୍ଦ, ୱାର୍ଡ କାଉନସିଲର ତଥା ସଂସ୍କୃତ ଶିକ୍ଷକ ଅଭିମନ୍ୟୁ ପଣ୍ଡା, ମନ୍ଦିର ପରିଚାଳନା କମିଟିର ସମ୍ପାଦକ ପ୍ରଭାଷ ଚନ୍ଦ୍ର ମିଶ୍ର ଏହି ଆଲୋଚନା ଚକ୍ରରେ ସାମିଲ ହୋଇ ମହାଦେବ ବାହିନୀ ଗଠନ କରିଥିବା ଯୁବ ମାନଙ୍କୁ ପ୍ରଶଂସା କରିବା ସହ ସମସ୍ତ ସଦସ୍ୟାସଦସ୍ୟ ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ଏହି ବାହିନୀକୁ ଆଗକୁ ବଢ଼ାଇବା ନିମନ୍ତେ ପ୍ରେରଣା ପ୍ରଦାନ କରିଥିଲେ। ଆବାହକ ମହାଦେବ ବାହିନୀର ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ସମସ୍ତଙ୍କୁ ଜଣାଇବା ସହ ସ୍ୱାଗତ କରିଥିବା ବେଳେ ଗୁରୁଦେବଜୀ ଫାଉଣ୍ଡେସନର ଅଧ୍ୟକ୍ଷ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁ ଏହି ଆଧାତ୍ମିକ ଅନୁଷ୍ଠାନର ଲକ୍ଷ, ଉଦ୍ଦେଶ୍ୟ ଓ କାର୍ଯ୍ୟ ଉପରେ ଅବଗତ କରାଇବା ସହ ଏହି ବାହିନୀ ଆଧାତ୍ମିକ ଶିକ୍ଷା ନିମନ୍ତେ କାର୍ଯ୍ୟ କରିବ ବୋଲି ମତପ୍ରକାଶ କରିଥିଲେ । ସମାଜସେବୀ ସୌମ୍ୟା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ମନ୍ଦିର ପୂଜକ ଓ ସଂକୀର୍ତ୍ତନ ଗୁରୁଙ୍କୁ ସମ୍ମାନିତ କରାଯାଇ ହରିନାମସଂକୀର୍ତ୍ତନରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ସନ୍ଧ୍ୟା ସମୟରେ ସମସ୍ତ ଉପସ୍ଥିତ ଶ୍ରଦ୍ଧାଳୁ ମହାଦେବଙ୍କ ଦିବ୍ୟ ଆଳତୀ ଦର୍ଶନ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ମହାଦେବ ବାହିନୀର ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଆହତ ହରିଣ ଉଦ୍ଧାର

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଚୌଦ୍ୱାର ଥାନା ଅନ୍ତର୍ଗତ ଇନ୍ଦ୍ରାଣୀପାଟଣା ପଂଚାୟତରେ ଅବସ୍ଥିତ ଚୌଦ୍ୱାର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ର ଏକ କାରଖାନା ପରିସର ମଧ୍ୟକୁ ନିକଟସ୍ଥ ଜଙ୍ଗଲରୁ ଦୁଇଟି ହରିଣ ହଠାତ୍ ପଶି ଆସିଥିବା ବେଳେ ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ପ୍ରଥମ ଏହାକୁ ଦେଖିଥିଲେ । ଗୋଟିଏ ହରିଣ କୌଶଳକ୍ରମେ ସେଠାରୁ ଖସି ଚାଲିଯାଇଥିବା ବେଳେ ଅନ୍ୟ ହରିଣଟି ଆହତ ଅବସ୍ଥାରେ ପଡ଼ି ରହିଥିବା ବେଳେ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ହରିଣଟିକୁ ଉଦ୍ଧାର କରାଯାଇଥିଲା । ପୂର୍ବତନ ସରପଂଚ ତୀର୍ଥାନନ୍ଦ ସୁବୁଦ୍ଧିରାୟ ଏ ସମ୍ପର୍କରେ ଚୌଦ୍ୱାର ବନବିଭାଗକୁ ଖବର ଦେବା ପରେ ବନକର୍ମଚାରୀମାନେ ସେଠାରେ ପହଂଚି ଆହତ ହରିଣକୁ ବନବିଭାଗ କାର୍ଯ୍ୟାଳୟକୁ ନେଇଯାଇ ସେଠାରେ ତାର ଚିକିତ୍ସା କରାଇଥିବା ଜଣାପଡ଼ିଛି ।

## ଜଳ ସଙ୍କଟକୁ ନେଇ ଜିଲ୍ଲାପାଳଙ୍କୁ ଫେରାଦ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ସଦର ବ୍ଲକ୍ ଅନ୍ତର୍ଗତ ଶୁଆଖାଇକାଟେଣୀ ଗ୍ରାମରେ ଜଳ ସଙ୍କଟ । ଅଦ୍ୟ ୨ ଓ ୩ ନମ୍ବର ୱାର୍ଡର ୧୪୦ ପରିବାରର ପୁରୁଷ ଓ ମହିଳାମାନେ ଜଳ ସଙ୍କଟର ତ୍ୱରିତ ପଦକ୍ଷେ ନିମନ୍ତେ ଜିଲ୍ଲାପାଳ ସରୋଜ କୁମାର ସେଠୀଙ୍କ ନିକଟରେ ଗୁହାରୀ ଜଣାଇଛନ୍ତି। ପ୍ରକଶା ଯେ, ବହୁଦିନ ଧରି ଜଳ ସଙ୍କଟର ସମ୍ମୁଖୀନ ହୋଇ ପ୍ରତିନିଧିମାନଙ୍କୁ ଆପତି କରିଥିଲେ ମଧ୍ୟ ଏହାର ସମାଧାନ ହୋଇପାରିନାହିଁ। ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ଅଦ୍ୟ ଜିଲ୍ଲାପାଳ ଶ୍ରୀ ସେଠୀଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏହାର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ନିଷ୍ପତି ନେଇଛନ୍ତି । ଏହି ଅଭିଯୋଗ ବେଳେ ଗ୍ରାମର ଦେବନାରାୟଣ ସାହୁ, ସତ୍ୟବାଦୀ ଦାସ, ଦୀପକ ନାୟକ, ବିଭୁତି ଭୂଷଣ ବେହେରା, ଅମ୍ବୁଜ ବେହେରା, ନିର୍ମଳ ନାୟକ, ରୋହିତ ଚୌଧୁରୀ ଓ ଅଞ୍ଜନ ସାମଲଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପରକୀୟା ପ୍ରୀତିରୁ ପରିବା ବ୍ୟବସାୟୀଙ୍କୁ ଆକ୍ରମଣ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ କଟକ ଜିଲ୍ଲାର ସର୍ବ ବୃହତ ଆଦର୍ଶ ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟରେ ଏକ ଅଭାବନୀୟ ଘଟଣା ଘଟିଛି। ପରକୀୟା ପ୍ରୀତିକୁ ନେଇ ଜଣେ ପରିବା ବ୍ୟବସାୟୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣକାରୀ ଉତ୍ୟକ୍ତ ଜନତାଙ୍କ ମାଡରେ ଲହୁ ଲୁହାଣ ହୋଇଥିଲା ବେଳେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ତାଙ୍କୁ ଥାନାରେ ଅଟକ ରଖିଥିବାର ଜଣାଯାଇଛି। ବଡକ୍ଷୀର ଗ୍ରାମ ପଂଚାୟତ ଗୋପପୁର ଗ୍ରାମର ହୃଷିକେଶ ସାହୁ ଦୀର୍ଘ ବର୍ଷ ହେଲା ସ୍ଥାନୀୟ ନିଶ୍ଚିନ୍ତକୋଇଲି ହାଟରେ ପନିପରିବା ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ତେବେ ପରକୀୟା ପ୍ରୀତିକୁ ନେଇ ତାଙ୍କ ସ୍ଥାନୀୟ ନିଶ୍ଚିନ୍ତକୋଇଲି ଗ୍ରାମର ରଞ୍ଜନ କୁମାର ସାହୁଙ୍କ ସହ ବିବାଦ ରହିଆସିଥିଲା। ଗତ କାଲି ରାତ୍ର ପ୍ରାୟ ୧୧ ଟା ବେଳେ ହୃଷିକେଶ ହାଟରେ ପନିପରିବା ବ୍ୟବସାୟ କରୁଥିଲା ବେଳେ ଆକସ୍ମିକ ଭାବେ ରଞ୍ଜନ ଘଟଣାସ୍ଥଳରେ ପହଂଚି ତାଙ୍କୁ ଏକ କଟୁରୀ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲା। ହୃଷିକେଶଙ୍କ ଚିତ୍କାର ଶୁଣି ସ୍ଥାନୀୟ ବ୍ୟବସାୟୀମାନେ ଘଟଣାସ୍ଥଳରେ ପହଂଚି ଆକ୍ରମଣକାରୀ ରଞ୍ଜନକୁ କାବୁ କରିବା ସହ ଉତମ ମଧ୍ୟମ ଦେଇଥିଲେ। ଉତ୍ୟକ୍ତ ବ୍ୟବସାୟୀଙ୍କ ଆକ୍ରମଣରେ ରଞ୍ଜନ ଲହୁ ଲୁହାଣ ହୋଇଥିବାର ଜଣାଯାଇଛି। ସ୍ଥାନୀୟ ବ୍ୟବସାୟୀମାନେ ଗୁରୁତର ଅବସ୍ଥାରେ ହୃଷିକେଶଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏସମ୍ପର୍କରେ ହୃଷିକେଶଙ୍କ ପୁତ୍ର ସାରଦାଙ୍କ ଅଭିଯୋଗକୁ ଭିତି କରି ନିଶ୍ଚିନ୍ତକୋଇଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଏହି ଘଟଣାରେ ରଞ୍ଜନକୁ ଧରି ଥାନାରେ ଅଟକ ରଖିଛନ୍ତି।